DHARITRI
ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୨୧ /୨୦୧୯ (୧୬ ପୃଷ୍ଠା) | Bhubaneswar, Thursday, February 21/ 2019 | ★★★★
୪୫ଶ ଭାଗ ୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



## ସେମିଫାଇନାଲରେ ଅଂଶୁ

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ଚାଲିଥିବା ଟେନିସ ଟୁର୍ଣ୍ଣାମେଣ୍ଟର ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଅଂଶୁକୁମାର ଭୂୟାଁ।

୧୫ ୦୩

## ପ୍ରତିଜ୍ଞାରେ ଅଟଳ ସଲମାନ

ବଲିଉଡ୍‌ର ଦବଙ୍ଗଷ୍ଟାର ସଲମାନ ଖାନ ଫିଲ୍ମ ଦୁନିଆକୁ ଆସିବା ପୂର୍ବରୁ କିସିଂ ସିନ୍ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ। ଆଜି ପର୍ଯ୍ୟନ୍ତ ସେ ତାଙ୍କ ପ୍ରତିଜ୍ଞାରେ ଅଟଳ ରହିଛନ୍ତି।






# ସ୍କୁଲ ଯିବା ବେଳେ ଛାତ୍ରୀଙ୍କୁ ବଳାତ୍କାର

ରାମଗିରି,୨୦।୨(ଡି.ଏନ.ଏ.)

ଗଜପତି ଜିଲା ରାମଗିରି ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ନାବାଳିକା ଛାତ୍ରୀଙ୍କୁ ମଙ୍ଗଳବାର ଜଣେ ନାବାଳକ ସ୍କୁଲ ଯିବା ବେଳେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ନାବାଳିକା ଜଣକ ସବୁଦିନ ଭଳି ମଙ୍ଗଳବାର ସକାଳ ପ୍ରାୟ ୮.୪୫ମିନିଟ୍‌ରେ ଘରୁ ବାହାରି ବିଦ୍ୟାଳୟକୁ ଯାଉଥିଲେ । ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଜଣେ ନାବାଳକ ଛାତ୍ରୀଙ୍କୁ ରାସ୍ତା ଉପରୁ ନିକଟସ୍ଥ ଜଙ୍ଗଲକୁ ଉଠାଇ ନେଇ ବଳାତ୍କାର କରିବା ସମୟରେ ସେ ପାଟି କରିବାରୁ ନିକଟରେ କାମ କରୁଥିବା ଲୋକମାନେ ଘଟଣାସ୍ଥଳକୁ ଯାଇ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ । ପରେ ତାଙ୍କ ପରିବାରକୁ ଖବର ଦେଇ ଛାତ୍ରୀଙ୍କୁ ହସ୍ତାନ୍ତର କରିଥିଲେ ।

☞ ପୃଷ୍ଠା-୪

■ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

# ବୃଦ୍ଧା ନିଖୋଜ, ଅନ୍ୟ ଜଣେ ଅସୁସ୍ଥ

ବ୍ରହ୍ମପୁର ଅଫିସ,୨୦।୨

ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ବୁଧବାର ଶେଷ ହୋଇଛି । ଫେରିବା ବେଳେ ସୋମବାର ଜଣେ ବୃଦ୍ଧା ନିଖୋଜ ହୋଇଯାଇଛନ୍ତି । ତିରୁଚିରାପଲ୍ଲୀର ଏକ ମନ୍ଦିରରୁ ଦର୍ଶନ ସାରି ବସ୍‌ରେ ବସିବା ସମୟରେ ବୃଦ୍ଧା ଜଣକ ନିଖୋଜ ଥିବା ଜଣାପଡିଥିଲା ବୋଲି ଆଇଆରସିଟିସି କର୍ମଚାରୀ ଅଙ୍କିତ ଚୌଧୁରୀ ସୂଚନା ଦେଇଛନ୍ତି । ସେ ହେଲେ ରଙ୍ଗେଇଲୁଣ୍ଡା ବ୍ଲକ ଡୁରା ଗ୍ରାମର ଲକ୍ଷ୍ମୀ ବେହେରା । ଘଟଣା ସମ୍ପର୍କରେ ନିକଟସ୍ଥ ଥାନାରେ ଖବର ଦିଆଯିବା ସହ ପୋଲିସ ଅନୁସନ୍ଧାନ ଜାରି ରଖିଥିବା ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି ।

☞ ପୃଷ୍ଠା-୪

■ ରାଜ୍ୟ ସରକାରଙ୍କୁ ଯୋଗୀ ଆଦିତ୍ୟନାଥଙ୍କ କଡ଼ା ସମାଲୋଚନା

# କେନ୍ଦ୍ରୀୟ ଯୋଜନାକୁ ଭଣ୍ଡୁର କରାଯାଉଛି

ଭବାନୀପାଟଣା/ଖୋର୍ଦ୍ଧା ଅଫିସ,୨୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ଓ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ନାଚୁଣୀ ହାଇସ୍କୁଲ ଖେଳପଡ଼ିଆରେ ବୁଥସ୍ତରୀୟ ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ସମ୍ମିଳନୀରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯୋଗଦେଇ ଏକ ଶ୍ରେଷ୍ଠ ନୂତନ ଭାରତର ସ୍ୱପ୍ନ ଦେଖୁଛନ୍ତି । ଏଥିପାଇଁ ସମଗ୍ର ପୂର୍ବ ଭାରତରେ ଭାଜପା ସରକାର ଗଠନ କରିବାକୁ ସେ ଆହ୍ୱାନ କରିଛନ୍ତି। ଭବାନୀପାଟଣା ସଭାରେ ଯୋଗୀ ରାଜ୍ୟ ସରକାରଙ୍କ ପ୍ରତି ନରମ ମନୋଭାବ ପୋଷଣ କରିବା ସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ । ହେଲେ ନାଚୁଣୀରେ ଆୟୋଜିତ ସଭାରେ ସେ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ।

ଭବାନୀପାଟଣାରେ ଆୟୋଜିତ ସମ୍ମିଳନୀରେ ଯୋଗଦେଇ ଯୋଗୀ କଳାହାଣ୍ଡିର ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝି, ବଲାଙ୍ଗୀର ଓ ନୂଆପଡ଼ାର ସ୍ୱାଧୀନତା ସଂଗ୍ରାମୀଙ୍କ ସହ ବୀର ସୁରେନ୍ଦ୍ର ସାଏଙ୍କୁ ସମ୍ମାନ ଜଣାଇ ବକ୍ତବ୍ୟ ଆରମ୍ଭ କରିଥିଲେ। ପ୍ରଥମରୁ ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କହିଥିଲେ। ବିଶେଷକରି ପ୍ରଧାନମନ୍ତ୍ରୀ ଧନଜନ ଯୋଜନା, ଉଜ୍ଜ୍ୱଳା ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଲେ କଂଗ୍ରେସ ଦୀର୍ଘବର୍ଷ ଧରି ସରକାରରେ ଥିଲେ ମଧ୍ୟ ଦେଶର ମାତ୍ର ୧୨ କୋଟି ଲୋକ ଏଲ୍‌ପିଜି ସଂଯୋଗ ପାଇଥିଲେ। ହେଲେ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରୀ ହେବା ପରଠାରୁ ୨୦୧୪ରୁ ୨୦୧୮ ମଧ୍ୟରେ ୧୨ କୋଟିରୁ ଊର୍ଦ୍ଧ୍ୱ ଲୋକ ଏଲପିଜି ସଂଯୋଗ ପାଇଛନ୍ତି । ସେଥିମଧ୍ୟରୁ ସାଢେ ୬ ହଜାର କୋଟି ଲୋକଙ୍କୁ ନିଃଶୁଳ୍କ ଏଲପିଜି ସଂଯୋଗ ଦିଆଯାଇଛି । ଆୟୁଷ୍ମାନ ଭାରତ ଯୋଜନା

☞ ପୃଷ୍ଠା-୪



ନାଚୁଣୀ ସମାବେଶରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

## ବୁଥସ୍ତରୀୟ ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ

■ ଡଙ୍କାରୀ ପାହାଡ଼ରେ ବେଆଇନ ଖନନ ମାମଲା

# ଅଧିକାରୀଙ୍କ ପାଇଁ ଅଡୁଆରେ ସରକାର

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୨୦।୨

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନସ୍ଥ ଲଘୁ ଖଣିଜ ସମ୍ପଦ ଉପରେ ଆଖି ପକାଇ ସରକାର ଏବେ ହରଡ଼ଘଣାରେ ପଡ଼ିଛନ୍ତି। ୨୦୦୨ରୁ ୨୦୧୮ ପର୍ଯ୍ୟନ୍ତ କୌଣସି ପରିବେଶଗତ ଅନୁମତି ନ ଥାଇ କୋଟି କୋଟି ଟଙ୍କାର କଳାପଥର ଉତ୍ତୋଳନ କରାଯାଇଛି। ଏଥିରେ ସମ୍ପୃକ୍ତ ଅଧିକାରୀମାନେ ଶାସକ ଦଳର କେତେଜଣ କର୍ମୀ ଓ ନେତାଙ୍କ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଇ ବେଆଇନ ଲିଜ୍ ପ୍ରଦାନ କରିଛନ୍ତି। ତେଣୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ରାଜ୍ୟ ସରକାରଙ୍କୁ ଦାୟୀ କରି ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ ୨୫କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ଏଥିରୁ କିପରି ମୁକୁଳି ପାରିବ ସେ ନେଇ ଯାଜପୁର ଅତିରିକ୍ତ ଜିଲାପାଳ ଓ ଧର୍ମଶାଳା ତହସିଲଦାର ଗତ ୧୮ତାରିଖରୁ ଦିଲ୍ଲୀରେ ଡେରା ପକାଇଛନ୍ତି। ସାଧାରଣ ଲୋକଙ୍କ ଟିକସ ଅର୍ଥରୁ କୋର୍ଟ କଚେରି ବାବଦକୁ ଖର୍ଚ୍ଚ କରି ପଥର ମାଫିଆ ଓ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ ଦିଲ୍ଲୀ ଗସ୍ତ ହୋଇଥିବା ଏବେ ଆଲୋଚନା ହେଉଛି।

୪।୧।୨୦୧୯ରେ ଏନଜିଟିରେ ୬୦୪/୨୦୧୮ ନମ୍ବରରେ ହୋଇଥିବା ମାମଲାର ଶୁଣାଣି କରି କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ପାଖରେ ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ ୧ମାସ ମଧ୍ୟରେ ୨୫କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିପାଇଁ ରାଜ୍ୟ ସରକାର ସମ୍ପୃକ୍ତ ଅଧିକାରୀ କିମ୍ବା ବେଆଇନ ଖାଦାନ ବ୍ୟବସାୟୀଙ୍କଠାରୁ

☞ ପୃଷ୍ଠା-୪



■ ୨୫କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏନ୍‌ଜିଟି

■ ଧାର୍ଯ୍ୟ ସମୟ ପୂରଣ ହୋଇଥିଲେ ସୁଦ୍ଧା ଜମା ହୋଇପାରିନି ଅର୍ଥ

■ ସୁରକ୍ଷା ଦେବାକୁ ଦିଲ୍ଲୀରେ ଅଧିକାରୀଙ୍କ ଡେରା

# ଆଜି ଓଡ଼ିଶା ବନ୍ଦ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

କୃଷକଙ୍କୁ ଉପଯୁକ୍ତ ମୂଲ୍ୟ(ପ୍ରାଇସ୍), ସମ୍ମାନ(ପ୍ରେଷ୍ଟିଜ୍) ଏବଂ ପେନ୍‌ସନ୍(ଭତ୍ତା) ପ୍ରଦାନ ଦାବିରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଗୁରୁବାର ବନ୍ଦ ଡାକରା ଦିଆଯାଇଛି। ଆସନ୍ତା ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଥିବାରୁ ରାଜ୍ୟ ସରକାର ଦୁଇଥର ଆନ୍ଦୋଳନରୁ ନିବୃତ୍ତ ରହିବା ପାଇଁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ନବ ନିର୍ମାଣ କୃଷକ ସଙ୍ଗଠନ ନିଜର ଆଭିମୁଖ୍ୟ ପରିବର୍ତ୍ତନ କରିନାହିଁ। ସଙ୍ଗଠନର ଆବାହକ ଅକ୍ଷୟ କୁମାର ବୁଧବାର ଖବରଦାତା ସମ୍ମିଳନୀ କରି ଆନ୍ଦୋଳନ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି।

ଅକ୍ଷୟ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ କହିବାନୁଯାୟୀ ଗୁରୁବାର ସକାଳ ସୁଦ୍ଧା ସବୁ ପରୀକ୍ଷା ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିବ। ସଙ୍ଗଠନ ପକ୍ଷରୁ ସକାଳ ୬ଟାରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିବାରୁ କୌଣସି ବାଧା ଉପୁଜିବ ନାହିଁ। ସରକାର ଚାହିଁଲେ ପ୍ରଶ୍ନପତ୍ର ଗୁରୁବାର ସକାଳ ସୁଦ୍ଧା ପହଞ୍ଚାଇ ପାରିବେ। ବନ୍ଦ ସମୟରେ ପ୍ରଶ୍ନପତ୍ର ଯାନବାହନ, ପରୀକ୍ଷାର୍ଥୀ ଏବଂ ଅଭିଭାବକମାନଙ୍କୁ ସୁରକ୍ଷିତ

☞ ପୃଷ୍ଠା-୪

■ ଶାନ୍ତିପୂର୍ଣ୍ଣ ପାଳନ ପାଇଁ ନବ ନିର୍ମାଣ କୃଷକ ସଙ୍ଗଠନର ପ୍ରତିଶ୍ରୁତି

■ ପ୍ରଭାବିତ ହେବନି ମାଟ୍ରିକ ପରୀକ୍ଷା

■ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ସ୍ଥଗିତ

■ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

### ଆଜିର ସମ୍ପାଦକୀୟ

## ପ୍ରାଣୀ ଦେବତା

### ଆଜିର ମନ୍ତବ୍ୟ

" ଭାରତ ସୀମାପାର ସମର୍ଥିତ ଓ ଆଶ୍ରିତ ଆତଙ୍କବାଦର ଶିକାର ହୋଇଛି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଚଳିତ ବର୍ଷ ଜାନୁୟାରୀରେ ଘରୋଇ ବିମାନ ଯାତ୍ରୀ ଟ୍ରାଫିକ ୯.୧% ବଢ଼ି ୧.୨୫ କୋଟି ଛୁଇଁଛି। -ଡିଜିସିଏ

NECC NATIONAL EGG CO-ORDINATION COMMITTEE | 20.02.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 82 | 135 | 145 |
| BLS | 84 | 137 | 147 |
| ANG | 78 | 129 | 139 |

*Conditions Apply
Eggs Retail Price- 54/-Dozen
Issued in the Interest of Consumers




■ ଅନିଲ ଅମ୍ବାନୀଙ୍କୁ ସୁପ୍ରିମକୋର୍ଟଙ୍କ ଚେତାବନୀ

# ଟଙ୍କା ନ ଦେଲେ ଜେଲ ଯିବ



■ ଅନିଲ ଓ ଦୁଇ ଅଧିକାରୀ ଅଦାଲତ ଅବମାନନା ଅଭିଯୋଗରେ ଦୋଷୀ ସାବ୍ୟସ୍ତ

■ ଅର୍ଥ ପାଇଁ ୪ ସପ୍ତାହ ମହଲତ

■ ଏରିକସନକୁ ଦେବାକୁ ହେବ ୪୫୩ କୋଟି

■ ବକେୟା ନ ଦେଲେ ୩ ମାସ ଜେଲ



ନୂଆଦିଲ୍ଲୀ,୨୦।୨

ଏରିକସନ ମାମଲାରେ ସୁପ୍ରିମକୋର୍ଟ ବୁଧବାର ରିଲାଏନ୍ସ କମ୍ୟୁନିକେଶନ(ଆର୍‌କମ୍) ଅଧ୍ୟକ୍ଷ ଅନିଲ ଅମ୍ବାନୀ ଓ ଅନ୍ୟ ଦୁଇ ଶୀର୍ଷ ଅଧିକାରୀଙ୍କୁ ଅଦାଲତ ଅବମାନନା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ୪ ସପ୍ତାହ ମଧ୍ୟରେ ଉକ୍ତ କମ୍ପାନୀକୁ ୪୫୩ କୋଟି ଟଙ୍କା ବକେୟା ପ୍ରଦାନ କରା ନ ଗଲେ ଅନିଲ ଓ ଅନ୍ୟ ଦୁଇ ଅଧିକାରୀଙ୍କୁ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଶୀର୍ଷ ଅଦାଲତ ସ୍ପଷ୍ଟ କରିଛନ୍ତି। ସମସ୍ତଙ୍କୁ ଆସନ୍ତା ଏକ ମାସ ମଧ୍ୟରେ ୧ କୋଟି ଟଙ୍କା ଲେଖାଏ ଜରିମାନା ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ଜରିମାନା ଦାଖଲ ନ ହେଲେ ଅଧିକ ଏକ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ କହିଛନ୍ତି।

ଜଷ୍ଟିସ ଆର.ଏଫ୍. ନରିମନ ଏବଂ ବିନୀତ ଶରଣଙ୍କୁ ନେଇ ଗଠିତ ଖଣ୍ଡପୀଠ

☞ ପୃଷ୍ଠା-୪





ଜମ୍ମୁ-କଶ୍ମୀରର ପୁଲୱାମାରେ ଆତଙ୍କବାଦୀ ଆକ୍ରମଣକୁ ନେଇ ଦେଶବ୍ୟାପୀ ଆକ୍ରୋଶ ଦେଖାଦେଇଛି। ଏହାକୁ ନେଇ କୌଣସି ଶିକ୍ଷାନୁଷ୍ଠାନରୁ କଶ୍ମୀରୀ ଛାତ୍ରଛାତ୍ରୀଙ୍କୁ ବାହାର କରାଯିବ ନାହିଁ। ବିଦ୍ୟାର୍ଥୀମାନେ ଭୟଭୀତ ହେବା ଆବଶ୍ୟକ ନାହିଁ।
- ପ୍ରକାଶ ଜାଭଡେକର, ମାନବ ସମ୍ବଳ ବିକାଶ ମନ୍ତ୍ରୀ



## ■ ପୁଲୱାମା ଆକ୍ରମଣ: ପାକିସ୍ତାନ ଉପରେ ବଢ଼ିଲା ଚାପ

# ଭାରତକୁ ସହଯୋଗ କରିବ ସୌଦି

**ଜମ୍ମୁ-କଶ୍ମୀରର ପୁଲୱାମା ଆକ୍ରମଣ ପରେ ପାକିସ୍ତାନକୁ ଏକଘରିକିଆ କରିବା ପାଇଁ ଭାରତ କୂଟନୈତିକ ଉଦ୍ୟମ ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ଆକ୍ରମଣକୁ ବିଶ୍ୱ ସମୁଦାୟ ନିନ୍ଦା କରିବା ସହ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଇସ୍‌ଲାମାବାଦ ଉପରେ ଚାପ ପକାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ପର୍ଯ୍ୟନ୍ତ ସମସ୍ତେ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଭାରତକୁ ସମର୍ଥନ ଜଣାଇଛନ୍ତି।**



ଖବରଦାତା ସମ୍ମିଳନୀରେ ସୌଦି ଆରବ ଯୁବରାଜ ମହମ୍ମଦ ବିନ ସଲମନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

ନୂଆଦିଲ୍ଲୀ,୨୦।୨(ପି.ଟି.)

ଆତଙ୍କବାଦ ଭାରତ ପାଇଁ ଚିନ୍ତାର ବିଷୟ। ଏହାର ମୁକାବିଲା ପାଇଁ ସୌଦି ଆରବ ଗୋଇନ୍ଦା ସୂଚନା ସମେତ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରସ୍ତୁତ ବୋଲି ବୁଧବାର ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଏହାର ଯୁବରାଜ ମହମ୍ମଦ ବିନ ସଲମନ କହିଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏକ ମିଳିତ ଖବରଦାତା ସମ୍ମିଳନୀରେ ସେ କହିଥିଲେ, ତାଙ୍କ ଦେଶ ଭାରତକୁ ରାଜନୈତିକ ସହଯୋଗ ଯୋଗାଇଦେବାକୁ ଆଗ୍ରହୀ। ଆତଙ୍କବାଦ ନିରୋଧୀ ଲଢ଼େଇରେ ସୌଦି ସହିତ ସହଯୋଗକୁ ଆହୁରି ମଜଭୁତ କରିବା ଭାରତ ଚାହେଁ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ଆତଙ୍କବାଦକୁ ସମର୍ଥନ କରୁଥିବା ଦେଶଗୁଡ଼ିକ ଉପରେ ସମସ୍ତ ସମ୍ଭାବ୍ୟ ଚାପ ବଢ଼ାଇବାର ଆବଶ୍ୟକତା ରହିଛି ବୋଲି ଦୁଇଦେଶ ରାଜି ହୋଇଥିଲେ। ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଚାଲିଥିବାବେଳେ ଭାରତ ଓ ସୌଦି ଆରବ ମଧ୍ୟରେ ସାମରିକ ସମ୍ପର୍କକୁ ମଜଭୁତ କରିବା ଲାଗି ଉଭୟ ନେତା ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପୁଲୱାମାରେ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣ ବିଶ୍ୱରେ ଅମାନବୀୟ ବିପଦର ପ୍ରସାର ଘଟାଇଥିବା ସଂଗଠନଗୁଡ଼ିକର ନିଷ୍ଠୁରତାର ପ୍ରତୀକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଆତଙ୍କବାଦର ଭିତ୍ତିଭୂମି ଧ୍ୱଂସ କରିବା ସହିତ ଆତଙ୍କବାଦୀ ଏବଂ ସେମାନଙ୍କର ସମର୍ଥକମାନଙ୍କୁ ଦଣ୍ଡିତ କରିବା ଅତି ଗୁରୁତ୍ୱପୂର୍ଣ୍ଣ। ଉଗ୍ରବାଦୀ ଶକ୍ତି ଯେପରି ଯୁବସମାଜକୁ ବିଭ୍ରାନ୍ତ କରି ନ ପାରିବ ସେଥିପାଇଁ ଦୃଢ଼ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ମଧ୍ୟ ସୌଦି ଯୁବରାଜଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିଥିଲେ। ଦୁଇଦେଶ ମଧ୍ୟରେ ସାମରିକ ସହଯୋଗକୁ ଆହୁରି ଆଗେଇନେବା ସହିତ ବାଣିଜ୍ୟ ଏବଂ ପୁଞ୍ଜିନିବେଶ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଉପରେ ସୁଷମା ଜୋର ଦେଇଥିଲେ। ସୌଦି ଆରବର ସାମୂହିକ ବିକାଶରେ ଲକ୍ଷ ଲକ୍ଷ ଭାରତୀୟଙ୍କର ଅବଦାନ ରହିଛି। ୨୦୧୬ରୁ ସୌଦି ଭାରତରେ ୪୪ ବିଲିୟନ ଡଲାର ପୁଞ୍ଜିନିବେଶ କରି ଲାଭବାନ ହୋଇଛି। ଏଠାରେ ବିଭିନ୍ନ ସେକ୍ଟରରେ ଆଗାମୀ ଦିନରେ ୧୦୦ ବିଲିୟନ ଡଲାର ପୁଞ୍ଜିନିବେଶର ସୁଯୋଗ ରହିଥିବା ଯୁବରାଜ କହିଛନ୍ତି।



ବେଙ୍ଗାଲୁରୁସ୍ଥିତ ୟେଲାହାଙ୍କା ବାୟୁସେନା ଘାଟିରେ ଏରୋ ଇଣ୍ଡିଆର ଦ୍ୱାଦଶ ସଂସ୍କରଣରେ ବୁଧବାର ଭାରତୀୟ ବାୟୁସେନା ପକ୍ଷରୁ ସାରଙ୍ଗ୍‌ର କୌଶଳ ପ୍ରଦର୍ଶନ।

## ମୋଦିଙ୍କୁ କଂଗ୍ରେସର ସମାଲୋଚନା

ନୂଆଦିଲ୍ଲୀ,୨୦।୨(ପି.ଟି.)



**ପୁଲୱାମା ଆକ୍ରମଣର ଶହୀଦଙ୍କୁ ମନେପକାଇବାର ଏହା କ'ଣ ତରିକା?**

ସୌଦି ଆରବ ଯୁବରାଜ ମହମ୍ମଦ ବିନ୍ ସଲମନଙ୍କୁ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଳାଗ୍ରତ କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବାକୁ ନେଇ କଂଗ୍ରେସ ସମାଲୋଚନା କରିଛି। ପାକିସ୍ତାନର ଆତଙ୍କବାଦ ନିରୋଧୀ ଉଦ୍ୟମକୁ ପ୍ରଶଂସା କରି ଫେରିବା ବାଟରେ ପୁଲୱାମା ଆକ୍ରମଣର ଶହୀଦଙ୍କୁ ମନେପକାଇବାକୁ ଆସିଥିବା ବ୍ୟକ୍ତିଙ୍କୁ ଏଭଳି ଭବ୍ୟ ସମ୍ବର୍ଦ୍ଧନା ଉପରେ କଂଗ୍ରେସ ପ୍ରଶ୍ନ ଉଠାଇଛି। ମଙ୍ଗଳବାର ରାତିରେ ପ୍ରଧାନମନ୍ତ୍ରୀ ବିମାନବନ୍ଦର ଯାଇ ସଲମନଙ୍କୁ ସ୍ୱାଗତ କରିଥିଲେ। ଯିଏ ପାକିସ୍ତାନକୁ ୨୦ ବିଲିୟନ ଡଲାର ସହାୟତାର ପ୍ରତିଶ୍ରୁତି ଦେଇ ଏବଂ ପ୍ରଶଂସା କରି ଆସିଲେ ପ୍ରୋଟୋକଲ ଭାଙ୍ଗି ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ଜାତୀୟ ସ୍ୱାର୍ଥ ନା ମୋଦିଙ୍କ ଆଲିଙ୍ଗନ କୂଟନୀତି? ପୁଲୱାମା ଶହୀଦଙ୍କୁ ମନେପକାଇବାର ଏହା କ'ଣ ତରିକା କି ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଦୁହିଙ୍କ ଆଲିଙ୍ଗନ ଫଟୋ ସହ ଟୁଇଟ୍ କରିଛନ୍ତି। ଜେଇଏମ୍ ମୁଖ୍ୟ ମାସୁଦ ଆଝାରକୁ ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ କରିବା ଲାଗି ଭାରତ ଉଦ୍ୟମ ଚଳାଇଥିବାବେଳେ ଏହାର ରାଜନୀତୀକରଣ କରା ନ ଯାଉ ବୋଲି ପାକିସ୍ତାନରେ ସୌଦି ଯୁବରାଜ କହିଥିଲେ। ମୋଦିଙ୍କର ସାହସ ଥିଲେ ତାଙ୍କୁ ବିବୃତି ପ୍ରତ୍ୟାହାର ପାଇଁ କୁହନ୍ତୁ ବୋଲି ସୁର୍ଜେୱାଲା ଆହ୍ୱାନ ଦେଇଛନ୍ତି।

## ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ଲାଗି ଜାତିସଂଘ ଯିବ ଫ୍ରାନ୍ସ

ପ୍ୟାରିସ୍, ୨୦।୨:

ପୁଲୱାମା ଆକ୍ରମଣର ଷଡ଼ଯନ୍ତ୍ରକାରୀ ତଥା ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜେଇଏମ୍‌ର ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ଲାଗି ଫ୍ରାନ୍ସ ଜାତିସଂଘକୁ ଯିବ। ଏହି ପଦକ୍ଷେପ ସଫଳ ହେଲେ ପାକିସ୍ତାନରେ ପୁଞ୍ଜିନିବେଶ ପାଇଁ ଅନ୍ୟ ଦେଶକୁ ଲୋଭ ଦେଖାଉଥିବା ଇସ୍‌ଲାମବାଦକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି କୂଟନୀତିଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ପ୍ରଥମେ ପଠାନ୍‌କୋଟ, ପରେ ଉରି ଓ ଏବେ ପୁଲୱାମା। ଏପରି ଅନେକ ଆକ୍ରମଣର ଷଡ଼ଯନ୍ତ୍ରକାରୀ ହେଉଛନ୍ତି ପାକିସ୍ତାନରେ ଲୁଚିଥିବା ଜେଇଏମ୍ ମୁଖ୍ୟ ଆଝାର। ଜାତିସଂଘ ଦ୍ୱାରା ତାଙ୍କୁ ବିଶ୍ୱସ୍ତରୀୟ ଆତଙ୍କବାଦୀ ଘୋଷଣା କରାଇବା ନେଇ ଭାରତ ପକ୍ଷରୁ ପୂର୍ବରୁ ଅନେକଥର ଉଦ୍ୟମ କରାଯାଇଛି। ହେଲେ ପ୍ରତିଥର ଚାଇନା ଏଥିରେ ବାଧକ ହୋଇଛି। ୨୦୧୭ରେ ଆମେରିକା ଓ ବ୍ରିଟେନ ସହ ମିଶି ଫ୍ରାନ୍ସ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଏହି ପ୍ରସଙ୍ଗ ଉଠାଇଥିଲା, ଯାହାକୁ ବେଜିଂ ବିରୋଧ କରିଥିଲା। ଫ୍ରାନ୍ସ ଏବେ ଦିନେ ଦୁଇଦିନ ମଧ୍ୟରେ ଆଝାରଙ୍କ ବିରୋଧରେ ଜାତିସଂଘରେ ନେତୃତ୍ୱ ନେଇ ପ୍ରସ୍ତାବ ଆଗତ କରିବାକୁ ଯାଉଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରଁଙ୍କ କୂଟନୈତିକ ଉପଦେଷ୍ଟା ଫିଲିପ ଏଟିନେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କୁ ମଙ୍ଗଳବାର ଫୋନ୍ କରି ଏହି ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଛନ୍ତି।



## 'ଆତଙ୍କବାଦୀଙ୍କୁ କାଠଗଡ଼ାକୁ ଟାଣ'

ଜାତିସଂଘ, ୨୦।୨



ମିଶେଲ ବାଚେଲେଟ୍

ପୁଲୱାମା ଆକ୍ରମଣକୁ ଜାତିସଂଘ କଡ଼ା ନିନ୍ଦା କରିଛି। ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ (ୟୁଏନ୍‌ଏଚ୍‌ସିଏଚ୍‌ଆର୍) ମିଶେଲ ବାଚେଲେଟ୍ ପୁଲୱାମା ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଆଇନର କାଠଗଡ଼ାରେ ଛିଡ଼ାକରାଇବା ପାଇଁ ବୁଧବାର ପାକିସ୍ତାନ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଛନ୍ତି। । ସେହିପରି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି, ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନାକୁ ପ୍ରଶମିତ କରିବା ଲାଗି ଦୁଇଦେଶ ସର୍ବାଧିକ ସଂଯମ ଅବଲମ୍ବନ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ଉଭୟ ପକ୍ଷ ସହଯୋଗ ଲୋଡ଼ିଲେ ଜାତିସଂଘ ସହାୟତା ଦେବା ପାଇଁ ପ୍ରସ୍ତୁତ।

## ଟ୍ରମ୍ପ୍ କହିଲେ 'ଭୟଙ୍କର'

ୱାଶିଂଟନ, ୨୦।୨

ଗତ ୧୪ ତାରିଖରେ ପାକିସ୍ତାନର ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀମାନେ ଜମ୍ମୁ-କଶ୍ମୀରର ପୁଲୱାମାସ୍ଥିତ ଅୱନ୍ତିପୋରା ନିକଟସ୍ଥ ଲେଥ୍‌ପୋରାରେ ଆକ୍ରମଣ କରିଥିଲେ। ଏଥିରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହା ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧିପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଟ୍ରମ୍ପ୍ ପ୍ରଶାସନ ଆତଙ୍କବାଦ ନିରୋଧୀ ଲଢ଼େଇରେ ଭାରତକୁ ପୂର୍ଣ୍ଣ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛି। ଏହାସହ ଏଭଳି 'ଘୃଣ୍ୟ କାଣ୍ଡ' ପାଇଁ ଦାୟୀ ବ୍ୟକ୍ତିଙ୍କୁ ଦଣ୍ଡିତ କରିବାକୁ ପାକିସ୍ତାନକୁ ପରାମର୍ଶ ଦେଇଥିବା ଆମେରିକା ପରରାଷ୍ଟ୍ର ବିଭାଗ ଉପ ମୁଖପାତ୍ର ରବର୍ଟ ପାଲ୍ଲାଡିନୋ କହିଛନ୍ତି। ହ୍ୱାଇଟ୍ ହାଉସ୍‌ର ଓଭାଲ୍ ଅଫିସ୍‌ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ପୁଲୱାମା ଆକ୍ରମଣକୁ 'ଭୟଙ୍କର ସ୍ଥିତି' ବୋଲି ଅଭିହିତ କରିଛନ୍ତି।



## ୨୬ରେ ଅଯୋଧ୍ୟା ଶୁଣାଣି

ନୂଆଦିଲ୍ଲୀ,୨୦।୨(ପି.ଟି.)



ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି ଆସନ୍ତା ୨୬ ତାରିଖରେ ହେବ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ମାମଲାର ଶୁଣାଣି କରିବ ବୋଲି ବୁଧବାର ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇଛନ୍ତି। ଜାନୁୟାରୀ ୨୯ରେ ମାମଲାର ଶୁଣାଣି ହେବାକୁ ଥିବାବେଳେ ଜଷ୍ଟିସ ଏସ.ଏ.ବୋବଡେଙ୍କ ଅନୁପସ୍ଥିତି କାରଣରୁ ଏହାକୁ ବାତିଲ କରାଯାଇଥିଲା। ଖଣ୍ଡପୀଠରେ ଥିବା ଅନ୍ୟ ବିଚାରପତିମାନେ ହେଲେ ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର। ସାମ୍ବିଧାନିକ ଖଣ୍ଡପୀଠ ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟ ବିରୋଧରେ ଆବେଦନର ଶୁଣାଣି କରିବ। ୨.୭୭ ଏକର ବିବାଦୀୟ ଅଯୋଧ୍ୟା ଜମିକୁ ତିନିପକ୍ଷ ସୁନ୍ନି ୱାକଫ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିବାକୁ ହାଇକୋର୍ଟ ୨୦୧୦ରେ ରାୟ ଦେଇଥିଲେ।

## ବ୍ରୋଏକରଙ୍କ ପରଲୋକ



### 'ଗ୍ଲୋବାଲ ୱାର୍ମିଂ' ଶବ୍ଦକୁ ଲୋକପ୍ରିୟ କରାଇଥିଲେ

ନ୍ୟୁୟର୍କ,୨୦।୨(ପି.ଟି.)

ଗ୍ଲୋବାଲ ୱାର୍ମିଂ (ବିଶ୍ୱ ଉତ୍ତାପୀକରଣ ଶବ୍ଦକୁ ଲୋକପ୍ରିୟ କରାଇଥିବା ଜଳବାୟୁ ବୈଜ୍ଞାନିକ ୱାଲାସେ ସ୍ମିଥ୍ ବ୍ରୋଏକରଙ୍କର ୮୭ ବର୍ଷ ବୟସରେ ସୋମବାର ପରଲୋକ ହୋଇଯାଇଛି। କିଛିମାସ ହେଲା ସେ ଅସୁସ୍ଥ ଥିଲେ। କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଦୀର୍ଘବର୍ଷ ଧରି ପ୍ରଫେସର ଭାବେ କାର୍ଯ୍ୟ କରିଥିବା ବ୍ରୋଏକର ୧୯୭୫ରେ ଗବେଷଣା ସନ୍ଦର୍ଭ ମାଧ୍ୟମରେ ବିଶ୍ୱ ଉତ୍ତାପୀକରଣ ଶବ୍ଦକୁ ସାଧାରଣ ବ୍ୟବହାରକୁ ଆଣିଥିଲେ।

## ଲେଖକ ନାମବର ସିଂଙ୍କ ବିୟୋଗ

ନୂଆଦିଲ୍ଲୀ,୨୦।୨(ପି.ଟି.)



ହିନ୍ଦୀ ସାହିତ୍ୟର ଖ୍ୟାତନାମା ଲେଖକ, କବି ତଥା ସମାଲୋଚକ ନାମବର ସିଂଙ୍କର ମଙ୍ଗଳବାର ରାତିରେ ଏମ୍ସରେ ପରଲୋକ ହୋଇଯାଇଛି। ସେ ତିନିସପ୍ତାହ ହେଲା ଭେଣ୍ଟିଲେଟରରେ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ନାମବର ତାଙ୍କ ପୁସ୍ତକ 'ଛାୟାବାଦ', 'ଇତିହାସ ଔର ଆଲୋଚନା', 'କହାନୀ ନୟୀ କହାନୀ', କବିତା କେ ନୟେ ପ୍ରତିମାନ' ଏବଂ 'ଦୁସ୍‌ରି ପରମ୍ପରା କୀ ଖୋଜ' ମାଧ୍ୟମରେ ସେ ହିନ୍ଦୀ ସାହିତ୍ୟରେ ସମାଲୋଚନାକୁ ନୂତନ ଦିଗ ଦେଇଥିଲେ। ତାଙ୍କ ବିୟୋଗରେ ଗୋଟିଏ ଯୁଗର ଅବସାନ ହେଲା। ତାଙ୍କର ପରଲୋକ କେବଳ ହିନ୍ଦୀ ଭାଷା ନୁହେଁ ଅନ୍ୟ ଭାରତୀୟ ଭାଷା ପାଇଁ ମଧ୍ୟ ବିପୁଳ କ୍ଷତି ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରି ନାମବର ହିନ୍ଦୀ ଭାଷାର ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ ବୋଲି କହିଛନ୍ତି। ଭାରତୀୟ ଭାଷା ଏକ ବଳିଷ୍ଠ ସ୍ୱରକୁ ହରାଇଲା ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୋକବାର୍ତ୍ତାରେ କହିଛନ୍ତି।

## ରବର୍ଟଙ୍କୁ ପୁଣି ଇଡି ଜେରା

ନୂଆଦିଲ୍ଲୀ,୨୦।୨(ପି.ଟି.)

ମନିଲଣ୍ଡରିଂ ମାମଲାର ତଦନ୍ତରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭିଣୋଇ ରବର୍ଟ ଭଦ୍ରା ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଛନ୍ତି। କେନ୍ଦ୍ରୀୟ ଦିଲ୍ଲୀର ଜାମନଗର ହାଉସ୍ ଅଫିସରରେ ରବର୍ଟ ତାଙ୍କ ଓକିଲଙ୍କ ସହ ପହଞ୍ଚିଥିଲେ। ବିଦେଶରେ ସମ୍ପତ୍ତି କିଣିବାରେ ମନିଲଣ୍ଡରିଂ ହୋଇଥିବା ଅଭିଯୋଗରେ ମଙ୍ଗଳବାର ତାଙ୍କୁ ହାଜର ହେବା ଲାଗି ସମନ ହୋଇଥିଲେ ହେଁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ହାଜର ହୋଇପାରି ନ ଥିଲେ।

## ■ ସୁପ୍ରିମକୋର୍ଟରେ ସାରଦା ଚିଟଫଣ୍ଡ୍ ମାମଲା

# ଶୁଣାଣିରୁ ଓହରିଲେ ଜଷ୍ଟିସ ରାଓ

ନୂଆଦିଲ୍ଲୀ,୨୦।୨(ପି.ଟି.)



ବହୁ କୋଟି ଟଙ୍କା ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତରେ ପଶ୍ଚିମବଙ୍ଗ ସରକାର ପ୍ରତିବନ୍ଧକ ସାଜୁଥିବା ସିବିଆଇ ଅଭିଯୋଗର ଶୁଣାଣିରୁ ସୁପ୍ରିମକୋର୍ଟ ବିଚାରପତି ଏଲ୍. ନାଗେଶ୍ୱର ରାଓ ବୁଧବାର ଓହରିଯାଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ ରାଓ ଏବଂ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ନେଇ ୩ ଜଣିଆ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିବାର ଥିଲା। ଜଷ୍ଟିସ ରାଓ ଓହରିଯିବା ଫଳରେ ଖଣ୍ଡପୀଠ ଶୁଣାଣି ସ୍ଥଗିତ ରଖିଛନ୍ତି। ଜଷ୍ଟିସ ରାଓ କହିଛନ୍ତି ଉକ୍ତ ମାମଲାରେ ସେ ରାଜ୍ୟ ତରଫରୁ ପୂର୍ବରୁ ଓକିଲାତି କରୁଥିଲେ। ତେଣୁ ମାମଲା ଶୁଣାଣିରେ ସାମିଲ ହେବା ଠିକ୍ ହେବନାହିଁ। ଫଳରେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୭ରେ ଉପଯୁକ୍ତ ଖଣ୍ଡପୀଠରେ କରିବା ଲାଗି କୋର୍ଟ ନିଷ୍ପତ୍ତି ନେଇଛନ୍ତି।

### ଇତିହାସର ଆଇନାରେ

**ଫେବୃୟାରୀ ୨୧ର ପ୍ରମୁଖ ଘଟଣା**

୧୯୭୩ ଫେବୃୟାରୀ ୨୧ରେ ଲିବିୟାନ ଆରବ ଏୟାରଲାଇନ୍ସ (ଏଲ୍‌ଏନ୍ ୧୧୪)ର ବୋଇଙ୍ଗ୍ ୭୨୭-୨୦୦ ବିମାନକୁ ଇସ୍ରାଏଲ ଆକ୍ରମଣ କରିଥିଲା। ଏଥିରେ ୧୦୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଲିବିୟାର ଉତ୍ତର-ପଶ୍ଚିମ ତ୍ରିପୋଲିସ୍ଥିତ ବିମାନ ବନ୍ଦରରୁ କାଇରୋ ଅଭିମୁଖେ ବାହାରିଥିବା ଏହି ବିମାନ ଉତ୍ତରପୂର୍ବ ବେଂଘାଜି ବନ୍ଦରରେ ଦେଇ ଯାଉଥିବାବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବାଟବଣା ହୋଇ ସିନାଇ ଉପଦ୍ୱୀପକୁ ପ୍ରବେଶ କରିଥିଲା। ଇସ୍ରାଏଲ୍‌ର ଲଢୁଆ ବିମାନ ଏହାକୁ ଗୁଳିମାଡ଼ କରି ତଳକୁ ଖସାଇ ଦେଇଥିଲେ।

୧୯୨୫ ଫେବୃୟାରୀ ୨୧ରେ ଆମେରିକାନ୍ ମାଗାଜିନ 'ଦି ନ୍ୟୁ ୟର୍କର'ର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା। ନ୍ୟୁୟର୍କ ଟାଇମ୍ସ ରିପୋର୍ଟର ଜେନ୍ ଗ୍ରାଣ୍ଟ ଏବଂ ତାଙ୍କ ସ୍ୱାମୀ ହାରୋଲ୍ଡ ରସ୍ ଏହାକୁ ପ୍ରତିଷ୍ଠା କରିଥିଲେ। ମାନ୍‌ହାଟନସ୍ଥିତ ୨୫ ପଶ୍ଚିମ ୪୫ତମ ଷ୍ଟ୍ରିଟ୍‌ରେ ମାଗାଜିନର ପ୍ରଥମ କାର୍ଯ୍ୟାଳୟ ଖୋଲାଯାଇଥିଲା।

## ଗାଁରେ ୪ ଶହ ବର୍ଷ ଧରି ହୋଇନି ଶିଶୁଙ୍କ ଜନ୍ମ

**ନୂଆଦିଲ୍ଲୀ:** ଭାରତରେ ଏଭଳି ଅନେକ ରହସ୍ୟ ରହିଛି ଯାହାର ଉତ୍ତର ଦେବାକୁ ଆଧୁନିକ ବିଜ୍ଞାନ ମଧ୍ୟ ସକ୍ଷମ ହୋଇପାରି ନାହିଁ। ଏଭଳି ରହସ୍ୟକୁ ନେଇ କେବଳ ଚର୍ଚ୍ଚା ଜାରି ରହିଛି। ମାତ୍ର ଏହାର ସମାଧାନ ହୋଇ ପାରିନାହିଁ। ମଧ୍ୟପ୍ରଦେଶ ରାଜଗଡ଼ ଜିଲା ସଙ୍କ୍ ଶ୍ୟାମ୍ ଜୀ ଗାଁରେ ଗତ ୪ ଶହ ବର୍ଷ ଧରି କୌଣସି ଶିଶୁଙ୍କ ଜନ୍ମ ହୋଇନି। ଭୋପାଳଠାରୁ ଏହି ଗାଁର ଦୂରତା ପ୍ରାୟ ୧୩୦ କିଲୋମିଟର। ପ୍ରସବ ସମୟ ହେଲେ ଗର୍ଭବତୀ ମହିଳାଙ୍କୁ ଗାଁ ବାହାରେ ଥିବା ଏକ ଘରକୁ ନିଆଯାଇଥାଏ, ଯାହାକି କେବଳ ପ୍ରସବ ପାଇଁ ନିର୍ମିତ ହୋଇଛି। ଗାଁରେ ପ୍ରସବ ହେଲେ ମା' କିମ୍ବା ଶିଶୁଙ୍କର ମୃତ୍ୟୁ ଘଟିଥାଏ, ନଚେତ୍ ଶିଶୁ ବିକଳାଙ୍ଗ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି। ଏପରି କାହିଁକି ହୋଇଥାଏ। ଏହା ପଛର ରହସ୍ୟ କ'ଣ ତାହା ଗ୍ରାମବାସୀଙ୍କୁ ଅଜଣା। ତେବେ ପ୍ରସବଜନିତ ମୃତ୍ୟୁ ଘଟଣା ଘଟିଥିବାରୁ ଏହି ପରମ୍ପରା ଏପର୍ଯ୍ୟନ୍ତ ଏଠାରେ ଜାରି ରହିଛି ବୋଲି ସରପଞ୍ଚ ନରେନ୍ଦ୍ର ଗୁର୍ଜର କୁହନ୍ତି। ୯୦ ପ୍ରତିଶତ ପ୍ରସବ ହସ୍ପିଟାଲରେ ହୋଇଥାଏ। ଅତି ଜରୁରୀ କ୍ଷେତ୍ରରେ ଗାଁ ବାହାରେ ଥିବା ପ୍ରସବ ଘରେ ଶିଶୁ ଜନ୍ମ ନେଇଥାଏ। ଗାଁରେ ଆମିଷ ଓ ମଦ୍ୟପାନକୁ ବାରଣ କରାଯାଇଛି। ଅଭିଶାପ ଯୋଗୁ ତାଙ୍କ ଗାଁରେ କେହି ମଦ କିମ୍ବା ଧୂମପାନ କରି ନଥାନ୍ତି। ଏହା ଗାଁ ପାଇଁ ବରଦାନ ପାଲଟିଛି ବୋଲି ସରପଞ୍ଚ କୁହନ୍ତି।



## ୧୬ ବର୍ଷରେ ୭୯୩ ଫିଲ୍ମକୁ ମିଳିନି ରିଲିଜ୍ ଅନୁମତି

ନୂଆଦିଲ୍ଲୀ

ଗତ ୧୬ ବର୍ଷ ମଧ୍ୟରେ ୭୯୩ ଫିଲ୍ମ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ(ସିବିଏଫ୍‌ସି) ପକ୍ଷରୁ ରିଲିଜ୍ ପାଇଁ ଅନୁମତି ଦିଆଯାଇନାହିଁ। ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ଏହା ଜଣାପଡ଼ିଛି। ୨୦୦୦ ଜାନୁୟାରୀରୁ ୨୦୧୬ ମାର୍ଚ୍ଚ ମଧ୍ୟରେ ଅନୁମତି ପାଇ ନ ଥିବା ଫିଲ୍ମ ମଧ୍ୟରେ ୫୮୬ ଭାରତୀୟ ଏବଂ ୨୦୭ ବିଦେଶୀ ସିନେମା ରହିଛି। ଭାରତୀୟ ଫିଲ୍ମ ମଧ୍ୟରେ ୨୩୧ ହିନ୍ଦୀ, ୯୬ ତାମିଲ୍, ୫୩ ତେଲୁଗୁ, ୩୯ କନ୍ନଡ଼ ଓ ୧୭ ପଞ୍ଜାବୀ ଫିଲ୍ମ ରହିଛି। ୨୦୧୫-୧୬ରେ ଅଧିକ ଫିଲ୍ମକୁ ବ୍ୟାନ୍ କରାଯାଇଛି। ଚଳିତବର୍ଷ ୧୫୩ ଫିଲ୍ମକୁ ରିଲିଜ୍ ସାର୍ଟିଫିକେଟ୍ ମିଳିନି। ୨୦୧୪-୧୫ରେ ୧୫୨, ୨୦୧୩-୧୪ରେ ୧୧୯ ଏବଂ ୨୦୧୨-୧୩ରେ ୮୨ ଫିଲ୍ମକୁ ରିଲିଜ୍ ସାର୍ଟିଫିକେଟ୍ ମିଳି ନାହିଁ। ଆପତ୍ତିଜନକ ଏବଂ ଅପରାଧିକ ଦୃଶ୍ୟ ପାଇଁ ଫିଲ୍ମଗୁଡ଼ିକୁ ସାର୍ଟିଫିକେଟ୍ ମିଳି ନ ଥିବା କୁହାଯାଉଛି।



ଡେନ୍‌ମାର୍କର କେପେନ୍‌ହେଗନ୍‌ସ୍ଥିତ ଚିଡ଼ିଆଖାନାରେ ୮ ମାସର ସିଂହ ଶାବକଙ୍କୁ ପ୍ରଥମଥର ପାଇଁ ବାହାରକୁ ଅଣାଯାଇଛି।

## ସଂକ୍ଷେପରେ

### ଏଏସ୍‌ପି ର୍‌ୟାଙ୍କ୍‌ର ୩ ଅଧିକାରୀଙ୍କୁ ପଦୋନ୍ନତି

**କଟକ ଅଫିସ,୨୦।୨:** ଓଡ଼ିଶା ପୋଲିସରେ କାର୍ଯ୍ୟରତ ଆଡିଶନାଲ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଏଏସ୍‌ପି) ର୍‌ୟାଙ୍କ୍‌ର ୩ଜଣ ଅଧିକାରୀଙ୍କୁ ପଦୋନ୍ନତି ମିଳିଛି। କଟକ ଏସ୍‌ପି (ଇନ୍‌ଚାର୍ଜ)ଥିବା ରାଧା ବିନୋଦ ପାଣିଗ୍ରାହୀଙ୍କୁ ଏସ୍‌ପି ଭାବେ ପଦୋନ୍ନତି ମିଳିଛି। ସେହିପରି ମେରାଇନ ଆଣ୍ଡ୍ କୋଷ୍ଟାଲ୍ ସିକ୍ୟୁରିଟି ଭୁବନେଶ୍ୱରର ପୋଲିସ ଏଆଇଜି (ଇନ୍‌ଚାର୍ଜ) ଥିବା ଶ୍ରୀକ୍ରିଷ୍ଣା ବେହେରାଙ୍କୁ ଉକ୍ତ ବିଭାଗର ଏଆଇଜିପି ଓ ରାଜ୍ୟ ପୋଲିସ ମୁଖ୍ୟାଳୟ କଟକର ଏଆଇଜିପି (ଇନ୍‌ଚାର୍ଜ) ଥିବା ବସନ୍ତ କୁମାର ପାଣିଗ୍ରାହୀଙ୍କୁ ଏଆଇଜିପି ଭାବେ ପଦୋନ୍ନତି ମିଳିଛି। ଏ ସଂକ୍ରାନ୍ତରେ ଗୃହ ବିଭାଗ ପକ୍ଷରୁ ବୁଧବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ଚାଲାଣବେଳେ ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ ଘଟଣା

### ତଦନ୍ତ କରିବ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୨୦।୨ (ବ୍ୟୁରୋ):** କଟକରୁ ଉତ୍ତର ପ୍ରଦେଶର ଆଗ୍ରାକୁ ଚାଲାଣବେଳେ ଛତିଶଗଡ଼ର ମହାସମୁଦ ପୋଲିସ ମଙ୍ଗଳବାର ୧୦କୋଟି ୯୦ ଲକ୍ଷ ୫ଶହ ଟଙ୍କା ଜବତ କରିଥିଲା। ସାଧାରଣ ନିର୍ବାଚନ ପୂର୍ବରୁ ଏତେ ପରିମାଣର ଟଙ୍କା ବାହାର ରାଜ୍ୟକୁ ଯିବା ଘଟଣାକୁ ବେଶ୍ ଗୁରୁତ୍ୱ ଦେଇଛି ଓଡ଼ିଶା ପୋଲିସ। ଏହି ଘଟଣାର ଆପରାଧିକ ପୃଷ୍ଠଭୂମିକୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତଦନ୍ତ କରିବ ବୋଲି ବୁଧବାର ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି। ଛତିଶଗଡ଼ ପୋଲିସର ସୂଚନାକୁ ଆଧାର କରି ଡିଜିପି ଡା. ଶର୍ମା କହିଛନ୍ତି, ନିର୍ବାଚନକୁ ଆଖିରେ ରଖି ମହାସମୁଦ ପୋଲିସ ସୀମାରେ ଯାନବାହନ ଯାଞ୍ଚ କରୁଥିବାବେଳେ ଏକ ଟୟୋଟା ଇଟିଏସ୍ କାର୍ (ନଂ. ୟୁପି୮୦ଇକ୍ୟୁ୯୬୮୧) ପଛ ସିଟ୍‌ରେ ଥିବା ସିକ୍ରେଟ ଲକରରୁ ଉକ୍ତ ଟଙ୍କା ମିଳିଥିଲା। କାର୍‌ରେ ଯାଉଥିବା ଜଣେ ମହିଳା ଓ ତିନିଜଣ ପୁରୁଷ ଏ ସଂକ୍ରାନ୍ତରେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପୋଲିସ ଟଙ୍କା, କାର୍ ସହ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା ପରେ ଘଟଣା ସାମ୍ନାକୁ ଆସିଥିଲା। ଆଗ୍ରାର ରୁପା ଚାନ୍ଦି ବ୍ୟବସାୟୀଙ୍କ ନିର୍ଦ୍ଦେଶକ୍ରମେ ଗତ ୧୭ ତାରିଖରେ କାର୍ ଧରି କଟକ ଅଭିମୁଖେ ବାହାରିଥିଲେ। କଟକରେ ଥିବା ତାଙ୍କ ସହଯୋଗୀ ଅବଧେଶ ଅଗ୍ରୱାଲଙ୍କଠାରୁ ଏକ ବ୍ୟାଗ୍ ତାଙ୍କ ନିକଟରେ ପହଞ୍ଚାଇବା ଦାୟିତ୍ୱ ଦିଆଯାଇଥିଲା। ଗ୍ୱାଲିୟର, ଝାନ୍ସି ଓ ରାୟପୁର ଦେଇ କଟକରେ ପହଞ୍ଚିଥିବା ପରେ ହ୍ୱାଟ୍‌ସ ଆପ୍ ଜରିଆରେ ସେମାନଙ୍କ ମୋବାଇଲକୁ ଏକ ଲାଇଭ୍ ଲୋକେଶନ ମିଳିଥିଲା। ସେଠାରେ ପହଞ୍ଚିବା ପରେ ଏକ ସ୍କୁଟିରେ ଅପେକ୍ଷା କରିଥିବା ଜଣେ ଲୋକ ତାଙ୍କୁ ଏକ ଫାର୍ମ ହାଉସକୁ ନେଇ ଏକ ବ୍ୟାଗକୁ କାର୍‌ରେ ଲୋଡ୍ କରିଥିଲେ। ପରେ ୟୁପି ବ୍ୟବସାୟୀଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଟଙ୍କାକୁ କାର୍ ସିଟ୍‌ର ସିକ୍ରେଟ ଲକରରେ ରଖାଯିବା ପରେ ଆଗ୍ରା ଅଭିମୁଖେ ଯାଉଥିଲେ। ଛତିଶଗଡ଼ ପୋଲିସ ଟଙ୍କା ଜବତ ସଂକ୍ରାନ୍ତରେ ଆୟକର ବିଭାଗକୁ ଜଣାଇଛି। ଦେଶରେ ଆତଙ୍କବାଦୀ, ମାଓବାଦୀ କାର୍ଯ୍ୟକଳାପ ଜାରି ରହିଥିବାବେଳେ ଏହି ବିପୁଳ ଟଙ୍କା ଚାଲାଣର ପ୍ରକୃତ ରହସ୍ୟ ଖୋଜି ପାଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ଡିଜିପି ଡା. ଶର୍ମା କହିଛନ୍ତି।

■ ହିଜ୍‌ବୁଲର ଆକ୍ରମଣ ଧମକ

# କଶ୍ମୀରରେ ଆହୁରି ହେବ ଆତ୍ମଘାତୀ ବିସ୍ଫୋରଣ

**ଶ୍ରୀନଗର,୨୦।୨**

ଜମ୍ମୁ-କଶ୍ମୀରର ପୁଲୱାମା ଆକ୍ରମଣ ପରି ଆହୁରି ଅନେକ ଆତ୍ମଘାତୀ ବିସ୍ଫୋରଣ ଉପତ୍ୟକାରେ ହେବ ବୋଲି ଆତଙ୍କବାଦୀ ସଙ୍ଗଠନ ହିଜ୍‌ବୁଲ୍ ମୁଜାହିଦ୍ଦିନ ଧମକ ଦେଇଛି। ଉପତ୍ୟକାରେ ଯିଏ ବନ୍ଧୁକ ଧରିବ ସିଏ ମରିବ ବୋଲି ସେନା ପକ୍ଷରୁ ଚେତାବନୀ ଦିଆଯିବା ପରେ ବୁଧବାର ହିଜ୍‌ବୁଲ ପୋଷ୍ଟରବୟ ରିୟାଜ୍ ନାଇକୁ ସୁରକ୍ଷା ବଳ ବିରୋଧରେ ଏକ ଅଡିଓ ଟେପ୍ ଜାରି କରିଛନ୍ତି। ଏହାକୁ ନେଇ କଶ୍ମୀରରେ ସୁରକ୍ଷା ବ୍ୟବସ୍ଥା ଆହୁରି କଡ଼ାକଡ଼ି କରାଯିବା ସହ ଆକ୍ରମଣ ଏଡାଇବା ଲାଗି ତତ୍ପରତା ପ୍ରକାଶ ପାଇଛି।

ହିଜ୍‌ବୁଲ୍ ମୁଜାହିଦ୍ଦିନର ଅପରେଶନାଲ କମାଣ୍ଡର ରିୟାଜ୍ ନାଇକୁ ସୋସିଆଲ୍ ମିଡିଆରେ ୧୭ ମିନିଟ୍‌ର ଏକ ଅଡିଓ ଜାରି କରିଛନ୍ତି। ଏଥିରେ ସେ କହିଛନ୍ତି, ନିକଟରେ ହୋଇଥିବା ସବୁ ଆକ୍ରମଣ କଶ୍ମୀରୀ ଲୋକଙ୍କ ଉପରେ ଚାଲିଥିବା ଅତ୍ୟାଚାରର ପରିଣାମ। ଆମେ ଆତ୍ମବଳିଦାନ ଦେବା ଜାରି ରଖିବୁ। କଶ୍ମୀରୀ କିଶୋରମାନେ ସେମାନଙ୍କ ଜୀବନ ଦେବାକୁ ପ୍ରସ୍ତୁତ ଅଛନ୍ତି। ସେହି ସମୟ ବେଶି


ରିୟାଜ୍ ନାଇକୁ

ଦୂର ନାହିଁ, ଯେତେବେଳେ ଆମର ୧୫ ବର୍ଷୀୟ ନାବାଳକମାନେ ନିଜ ଦେହରେ ବିସ୍ଫୋରକ ଖଞ୍ଜି ତୁମ ସେନାର ଯାନବାହନଗୁଡ଼ିକୁ ଉଡାଇଦେବାକୁ ଆସିବେ। କାରଣ ଆମେ ଆତ୍ମସମର୍ପଣ ଅପେକ୍ଷା ଆତ୍ମବଳିଦାନ ଦେବାକୁ ପସନ୍ଦ କରୁ।

ଉପତ୍ୟକାରେ ଆଗକୁ ପୁଲୱାମା ଭଳି ଅନେକ ଆକ୍ରମଣ କରାଯିବ ବୋଲି ନାଇକୁ ଧମକ ଦେଇଛନ୍ତି। ସେ ଆହୁରି କହିଛନ୍ତି, କଶ୍ମୀରରେ ସେନା ଥିବା ଯାଏ ଯବାନଙ୍କ ମୃତଦେହ ଦେଖୁଥିବ। ଆମେ ତୁମକୁ ବଞ୍ଚିବାକୁ ଦେବୁନାହିଁ।

ପ୍ରକାଶ ଯେ, ହିଜ୍‌ବୁଲରେ ଅଧିକାଂଶ ସ୍ଥାନୀୟ ଯୁବକ ରହିଛନ୍ତି। ସେମାନେ ପୂର୍ବରୁ କେବେ ସେନା ବିରୋଧରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଏବଂ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଭଳି ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି) କିମ୍ବା ଆତ୍ମଘାତୀ ବିସ୍ଫୋରଣ ଘଟାଇନାହାନ୍ତି। ୧୩ ଆତଙ୍କବାଦୀ ସଙ୍ଗଠନକୁ ନେଇ ଗଠିତ ୟୁନାଇଟେଡ୍ ଜେହାଦ୍ କାଉନ୍‌ସିଲ (ୟୁଜେସି)ର ନେତୃତ୍ୱ ହିଜ୍‌ବୁଲ ନେଉଛି। ୨୦୦୬ରେ ୟୁଜେସି ସହ ହିଜ୍‌ବୁଲ୍ ଏକ ଘୋଷଣାନାମାରେ ସ୍ୱାକ୍ଷର କରିଥିଲା। ସେନା ବିରୋଧରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରିବ ନାହିଁ ବୋଲି ହିଜ୍‌ବୁଲ ମୁଖ୍ୟ ସୟଦ୍ ସଲାହୁଦ୍ଦିନ ଏଥିରେ ଦର୍ଶାଇଥିଲେ। ଏହାସତ୍ତ୍ୱେ ଯବାନଙ୍କ ଉପରେ ହିଜ୍‌ବୁଲ ଆକ୍ରମଣ ଜାରି ରଖିଛି। ତେବେ ଗତ ୧୪ ତାରିଖରେ ଜେଇଏମ୍‌ର ଆକ୍ରମଣ ପରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ଏହି ଅଡିଓ ଟେପ୍‌କୁ ନେଇ ସୁରକ୍ଷା ସଂସ୍ଥାଗୁଡ଼ିକ ତନାଘନା ଚଳାଇଛନ୍ତି।

# କାବୁ ହେଲା କଲରାପତରିଆ ବାଘ

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**


ଯନ୍ତାରେ ଧରାପଡ଼ିଥିବା କଲରାପତରିଆ ବାଘ

■ କୁକୁଡ଼ା ଖାଇବାକୁ ଆସି ଯନ୍ତାରେ ଫସିଲା

■ ପ୍ରାଥମିକ ଚିକିତ୍ସା ପରେ ଚନ୍ଦକା ଗୋଡ଼ିବାରି ଜଙ୍ଗଲରେ ଛଡ଼ାଗଲା

ଦୁଇଦିନ ଧରି ଭୁବନେଶ୍ୱରରେ ଆତଙ୍କ ଖେଳାଇଥିବା କଲରାପତରିଆ ବାଘ ଶେଷରେ ଧରାପଡ଼ିଛି। ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୨ଟା ୩୦ ସମୟରେ ବାଘକୁ ବିମାନବନ୍ଦର କାର୍ଗୋ ଗେଟ୍ ପାଖରୁ ଧରାଯାଇଛି। ତାକୁ କାବୁ କରିବା ପାଇଁ ବନ ବିଭାଗ ପକ୍ଷରୁ ୭ଟି ଯନ୍ତା ବସାଯାଇ ସେଥିରେ ଛେଳି ଓ କୁକୁଡ଼ାଙ୍କୁ ଛଡ଼ାଯାଇଥିଲା। ଫଳରେ ବାଘଟି କୁକୁଡ଼ା ଖାଇବାକୁ ଆସି ଯନ୍ତାରେ ଫସିଥିଲା। ବାଘ କାବୁ ହେବା ପରେ ପ୍ରଥମ ତାକୁ ନନ୍ଦନକାନନ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ତାକୁ ଚନ୍ଦକା ଗୋଡ଼ିବାରି ଜଙ୍ଗଲରେ ନେଇ ଛାଡ଼ିଦିଆଯାଇଛି।

ସୂଚନାଥାଉ କି, ରବିବାର ରାତିରେ ଏୟାରପୋର୍ଟ ନିକଟସ୍ଥ ପଳାଶପଲ୍ଲୀ ଅଞ୍ଚଳରେ ଏକ ବାଘକୁ ସ୍ଥାନୀୟ ଜଣେ ବ୍ୟକ୍ତି ଦେଖିଥିଲେ। ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ଏହା ଏକ କଲରାପତରିଆ ବାଘ ବୋଲି ଜଣାପଡ଼ିଥିଲା। ସୋମବାର ଏ ନେଇ ଗଣମାଧମରେ ଖବର ପ୍ରସାରିତ ହେବା ପରେ ବନ ବିଭାଗ ପକ୍ଷରୁ ବାଘ ଖୋଜିବା ପାଇଁ ଅପରେଶନ ଆରମ୍ଭ ହୋଇଥିଲା। ବାଘର ଗତିବିଧି ଅନୁଧ୍ୟାନ କରିବା ଲାଗି ବିଭିନ୍ନ ସ୍ଥାନରେ ୯ଟି କ୍ୟାମେରା ଟ୍ରାପ୍ ଲଗାଯିବା ସହ ସଂଲଗ୍ନ ରାସ୍ତାଗୁଡ଼ିକୁ ସିଲ୍ କରିଦିଆଯାଇଥିଲା। ଏହି ଅପରେଶନରେ ୬ଟି ରେଞ୍ଜ୍‌ର ୪୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଥିଲେ। ଶେଷରେ ବାଘ ଧରିବା ଅଭିଯାନ ସଫଳ ହୋଇଥିଲା।




ବାପ ଉପରେ ଥିବା ରାଗ ପୁଅ ଉପରେ ଶୁଝାଇଲେ ପଡ଼ୋଶୀ

# ୫ ବର୍ଷର ଶିଶୁକୁ ହତ୍ୟା

**ମୁନିଗୁଡ଼ା,୨୦।୨(ଡି.ଏନ୍.ଏ.)**

ଦୁଇ ପଡ଼ୋଶୀ ଘାସି ସିକ୍‌କା ଓ ଗିରି ମାଣ୍ଡିକାଙ୍କ ଭିତରେ ପୂର୍ବ ଶତ୍ରୁତା ରହିଥିଲା। ବୁଧବାର ପୁଣିଥରେ ସେମାନଙ୍କ ମଧ୍ୟରେ ଝଗଡ଼ା ଲାଗିବା ପରେ ଉତ୍ତ୍ୟକ୍ତ ଘାସି ଟାଙ୍ଗିଆ ଧରି ଗିରିଙ୍କୁ ଗୋଡ଼ାଇଥିଲେ। ଭୟରେ ଗିରି ଲୁଚିଯିବା ପରେ ତାଙ୍କ ୫ ବର୍ଷର ପୁଅ ଘାସିଙ୍କ ସାମ୍ନାକୁ ଆସିଯାଇଥିଲା। କ୍ରୋଧରେ ଅନ୍ଧ ଘାସି ନିଜ ରାଗ ଶୁଝାଇବା ପାଇଁ କୋମଳମତି ଶିଶୁକୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ରାୟଗଡ଼ା ଜିଲାର ଏକ ଆଦିବାସୀ ପଡ଼ାରେ ଏଭଳି ଅଭାବନୀୟ କାଣ୍ଡ ଘଟିଛି।

ସୂଚନା ଅନୁଯାୟୀ, ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଭାଲିଆପଦର ଗ୍ରାମର ଆଦିବାସୀ ସାହିରେ ଘାସିରାମ ଓ ଗିରିଙ୍କ ଘର। ଉଭୟ ପଡ଼ୋଶୀ ହୋଇଥିବା ବେଳେ ଗତ କିଛିମାସ ହେଲା ସେମାନଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ବାରମ୍ବାର ଝଗଡ଼ା ଲାଗୁଥିଲା। ଘାସି ସବୁବେଳେ ଗିରିଙ୍କୁ ହତ୍ୟା କରିବା ପାଇଁ ଧମକ ଦେଉଥିଲେ। ଗିରି ମଧ୍ୟ ପାଲଟା ଜବାବ ଦେବା ପାଇଁ କହୁଥିଲେ। ସେମାନଙ୍କ ଭିତରେ ଥିବା ଏହି ଶତ୍ରୁତା ବୁଧବାର ଭୟଙ୍କର ରୂପ ନେଇଥିଲା। ପୁଣିଥରେ ସେମାନଙ୍କ ଭିତରେ ଝଗଡ଼ା ଆରମ୍ଭ ହେବା ପରେ ଘାସି ଟାଙ୍ଗିଆ ଧରି ଗିରିଙ୍କୁ ହାଣିବା ପାଇଁ ଗୋଡ଼ାଇଥିଲେ। ଗିରି ପ୍ରାଣ ବିକଳରେ ଘରେ ଲୁଚିଯାଇଥିଲେ। କିନ୍ତୁ କ୍ରୋଧରେ ନିଜ ହିତାହିତ ଜ୍ଞାନ ହରାଇଥିବା ଘାସି ଗିରିଙ୍କ ୫ ବର୍ଷର ଶିଶୁକୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏନେଇ ମୁନିଗୁଡ଼ା ଥାନାରେ ଏତଲା ହେବା ପରେ ପୋଲିସ କେସ୍ ନଂ ୩୨/୧୯ରେ ଏକ ହତ୍ୟା ମାମଲା ରୁଜୁକରି ଘାସିଙ୍କୁ ଥାନାରେ ଅଟକ ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା କହିଛନ୍ତି। ଘାସିଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ରାମେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି।

# କିସିଂ ସିନ୍ ନ ଦେବାକୁ ପ୍ରତିଜ୍ଞା କରିଥିଲେ ସଲମାନ୍

**ମୁମ୍ବାଇ,୨୦।୨**




ଫିଲ୍ମରେ ରୋମାନ୍ସ ଓ କିସ୍ ସିନ୍ ନ ରହିଲେ ତାହା ହିଟ୍ ହୋଇ ନ ଥାଏ। ନିର୍ଦ୍ଦେଶକ ଫିଲ୍ମରେ କିସିଂ ସିନ୍‌କୁ ଦେଇଥାନ୍ତି ଗୁରୁତ୍ୱ। ତେଣୁ ଅଧିକାଂଶ ଅଭିନେତା ସଫଳତା ପାଇବା ପାଇଁ ଫିଲ୍ମ କାହାଣୀର ଡିମାଣ୍ଡ ଅନୁଯାୟୀ କିସ୍ ସିନ୍ କରିଥାନ୍ତି। ତେବେ ବଲିଉଡ୍‌ର ଦବଙ୍ଗଷ୍ଟାର ବଜରଙ୍ଗୀ ଭାଇଜାନ୍ ସଲମାନ ଖାନ୍ ନିଜ ଫିଲ୍ମରେ ହିରୋଇନ୍‌କୁ ଭୁଲ୍‌ରେ ବି କିସ୍ କରି ନ ଥାନ୍ତି।

ବିନା କିସିଂ ସିନ୍‌ରେ ତାଙ୍କ ଫିଲ୍ମ ବକ୍ସ ଅଫିସ୍‌ରେ ହିଟ୍ ହୋଇଥାଏ। ନିଜ ଫିଲ୍ମରେ ସଲମାନ୍ ହିରୋଇନ୍‌ଙ୍କ ସହ ରୋମାନ୍ସ କରନ୍ତି ମାତ୍ର ଲିପ୍‌ଲକ୍ ସିନ୍ କେବେ କରି ନ ଥାନ୍ତି । ଫିଲ୍ମ ଦୁନିଆକୁ ଆସିବା ପୂର୍ବରୁ ସଲମାନ୍ ନିଷ୍ପତ୍ତି ନେଇଥିଲେ ଯେ, କୌଣସି ହିରୋଇନ୍‌ଙ୍କୁ ଓଠରେ ଚୁମ୍ବନ ଦେବେ ନାହିଁ । ସଲମାନ ଏହି ପ୍ରତିଜ୍ଞା ଆଜି ପର୍ଯ୍ୟନ୍ତ ଭାଙ୍ଗି ନାହାନ୍ତି । ଫିଲ୍ମର ସ୍କ୍ରିପ୍ଟ ପଢି ସେ ସେଥିରେ କୌଣସି କିସ୍ ସିନ୍ ଅଛି କି ନା ପ୍ରଥମେ ଦେଖି ନିଅନ୍ତି ।

ସଲମାନ ରିଲ୍ ଲାଇଫ୍‌ରେ ହିରୋଇନ୍‌ଙ୍କୁ ଆଲିଙ୍ଗନ କରିଥିବାବେଳେ ଚୁମ୍ବନ ଦେବାକୁ ପଛାଇଥାନ୍ତି। ସୁରଜ ବଡଜାତ୍ୟାଙ୍କ ଫିଲ୍ମ 'ମୈନେ ପ୍ୟାର କିୟା'ରେ ଭାଗ୍ୟଶ୍ରୀଙ୍କ ସହିତ ଲିପଲକ୍ ସିନ୍ କରିଛନ୍ତି ସଲମାନ। କିନ୍ତୁ ପ୍ରକୃତରେ ଏହି ସିନ୍‌ରେ ସେ ଭାଗ୍ୟଶ୍ରୀଙ୍କୁ ଛୁଇଁ ନ ଥିଲେ। ଏହି ଲିପ୍‌ଲକ୍ ପାଇଁ ସୁରଜ ବଡଜାତ୍ୟା ଭାଗ୍ୟଶ୍ରୀ ଏବଂ ସଲମାନ୍‌ଙ୍କୁ ଅନେକ ବୁଝାଇଥିଲେ। ତେବେ ସେମାନେ ରାଜି ହୋଇ ନ ଥିଲେ। ତେଣୁ ଦୁଇଜଣଙ୍କ ମଧ୍ୟରେ ଏକ କାଚ ଗ୍ଲାସ୍ ଲଗାଯାଇ ଲିପ୍‌ଲକ୍ ସିନ୍ ଶୁଟିଂ କରାଯାଇଥିଲା।





ON YOUR WEDDING
ARRIVE IN STYLE

Let the world be amazed by your gorgeous style statement. For a forever kind of wedding, choose from the trendiest collection of suits, sherwanis and the most breathtaking range of sarees and wedding lehengas from Kalamandir. Make your special day, **a truly special one!**

kalamandir କଳାମନ୍ଦିର
ODISHA'S MOST POPULAR FASHION SHOP
ଓଡ଼ିଶାର ସବୁଠୁ ଲୋକପ୍ରିୟ ଫ୍ୟାଶନ ଶପ୍

*Shop with a smile.*

3, Western Market, Bhubaneswar 751009

R K SWAMY BBDO KALA 2859/18

Benarasis | Kanjeevarams | Odissis | Printed Silks | Brocades | Jamevars | South Silks | Gadwals | Fancy Sarees | Lehengas | Suitings | Shirtings | Suits | Jackets | Kurta Pyjamas | Sherwanis | Exclusive Readymades | Women's Wear | Kidswear | Furnishings | Dress Materials


## SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH

Department of Empowerment of Persons with Disabilities (Divyangjan),
(Ministry of Social Justice & Empowerment, Govt. of India)
OLATPUR, P.O: BAIROI, DIST: CUTTACK (ODISHA), Pin: 754010, Tel. No: 0671-2805552, 2805778, Fax: 0671-2805862, Website: www.svnirtar.nic.in,
E-mail: nirtar@nic.in & svnirtar@gmail.com

**Ref. No-AD 6B 19/01 & 02/2019** **Date: 12.02.2019**

### Recruitment Notice-1

Applications are invited from the eligible candidates for the following Posts for CRC, Balangir, Odisha as under.

| Sl. No. | Name of the Post | No. of Post | Age | Consolidated Salary p.m (Rs.) |
|---|---|---|---|---|
| 1 | Director (Consultant) | 1 | 50 | 70,000 |
| 2 | Assistant Professor (PMR) (Consultant) | 1 | 45 | 60,000 |
| 3 | Assistant Professor (Speech & Hearing) (Consultant) | 1 | 45 | 55,000 |
| 4 | Assistant Professor (Clinical Psychology) (Consultant) | 1 | 45 | 55,000 |
| 5 | Assistant Professor (Special Education) (Consultant) | 1 | 45 | 55,000 |
| 6 | Lecture (Physiotherapy) (Consultant) | 1 | 35 | 50,000 |
| 7 | Lecture (Occupational Therapy) (Consultant) | 1 | 35 | 50,000 |
| 8 | Administrative Officer (Consultant) | 1 | 40 | 40,000 |
| 9 | Rehabilitation Officer (Social Work & Placement) (Consultant) | 1 | 35 | 35,000 |
| 10 | Prosthetist & Orthotist (Consultant) | 1 | 40 | 35,000 |
| 11 | Accountant (Consultant) | 1 | 35 | 35,000 |
| 12 | Special Educator Orientation & Mobility Instructor (Consultant) | 2 | 35 | 35,000 |
| 13 | Vocational Instructor (Consultant) | 1 | 30 | 35,000 |
| 14 | Assistant (Consultant) | 1 | 30 | 35,000 |
| 15 | Clinical Assistant (Consultant) | 2 | 30 | 32,000 |
| 16 | Workshop Supervisor-cum Store-Keeper (Consultant) | 1 | 30 | 25,000 |
| 17 | Clerk (Consultant) | 1 | 30 | 20,000 |

### Recruitment Notice-2

Applications are invited from the eligible candidates for the following Posts for CRC, Ranchi, Jharkhand as under.

| Sl. No. | Name of the Post | No. of Post | Age | Consolidated Salary p.m (Rs.) |
|---|---|---|---|---|
| 1 | Director (Consultant) | 1 | 50 | 70,000 |
| 2 | Assistant Professor (PMR) (Consultant) | 1 | 45 | 60,000 |
| 3 | Assistant Professor (Speech & Hearing) (Consultant) | 1 | 45 | 55,000 |
| 4 | Assistant Professor (Clinical Psychology) (Consultant) | 1 | 45 | 55,000 |
| 5 | Assistant Professor (Special Education) (Consultant) | 1 | 45 | 55,000 |
| 6 | Lecture (Physiotherapy) (Consultant) | 1 | 35 | 50,000 |
| 7 | Lecture (Occupational Therapy) (Consultant) | 1 | 35 | 50,000 |
| 8 | Administrative Officer (Consultant) | 1 | 40 | 40,000 |
| 9 | Rehabilitation Officer (Social Work & Placement) (Consultant) | 1 | 35 | 35,000 |
| 10 | Prosthetist & Orthotist (Consultant) | 1 | 40 | 35,000 |
| 11 | Accountant (Consultant) | 1 | 35 | 35,000 |
| 12 | Special Educator Orientation & Mobility Instructor (Consultant) | 2 | 35 | 35,000 |
| 13 | Vocational Instructor (Consultant) | 1 | 30 | 35,000 |
| 14 | Assistant (Consultant) | 1 | 30 | 35,000 |
| 15 | Clinical Assistant (Consultant) | 2 | 30 | 32,000 |
| 16 | Workshop Supervisor-cum Store-Keeper (Consultant) | 1 | 30 | 25,000 |
| 17 | Clerk (Consultant) | 1 | 30 | 20,000 |

Last date for receipt of completed applications is 18.03.2019. Late Received applications and applications received in other format will be summarily rejected. For all other details, terms and conditions, please log on to website www.svnirtar.nic.in.

Sd./- DIRECTOR

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମନିଷ
ପରିବାରବର୍ଗ


ହରପ୍ରିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




## SALE

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Residential plots for sale at Rangabazar, Koradakanta, Pahala, Nakhara, DPS, Trinathbazar, Balianta and Dadhichi. 9040537669, 8249317990. D-65371

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

2000 sqft. plots (10 nos.) at Sankarpur, Vipulgarden backside Ghatikia, Bhubaneswar (electricity, supply water, 30ft. road). 7381564227. D-65482

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65833

ସୁନ୍ଦରପଦାରେ ଘର କରିବା ପ୍ଲଟ୍ 14,00,000/- (loan available) investment plot 4,50,000/- Roji. 9853150290. D-64794

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65574

**Plot on lowest buduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65834

ପୁରୀ ବାଟମଙ୍ଗଳା ନିକଟ ବାଟଗାଁ ଛକ ପାଖରେ ସ୍ଥିତିବାନ୍ ଘରବାରି ପ୍ଲଟ ପାଚେରିସହ 1000 ବର୍ଗଫୁଟକୁ 5 ଲକ୍ଷ 50 ହଜାର ଟଙ୍କା। 8144658008, 8144634252. D-11255

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65350




1800 sqft. office space for rent at Goutam Nagar, Bhubaneswar. Contact: 9337117523. D-62160

3 Bed room, God room, dining, 2 bath room, kitchen. Rent- 9000/-, Rasulgarh, GGP Colony near Sai Temple. Contact: 9937021015. D-11254




Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Experience full body massage with us by experts. Enquiry. 0674259782 2, 7377048581. D-65577

Herbal full body massage with refreshment by well trained therapist. 7381239385, 06742540855. D-65578

Improving your health, skin care through expert therapist, excellent offer. 9668374480. D-65579

Newly opening ayurvedic body massage smart therapist, Shree herbal. 7750020754. D-65580

Herbal full body massage by smart/ expert therapist. Contact: 8338067247. D-65581

Newly ayurvedic full body massage relaxed home service: 7609923705, 7438851534. D-38546

New new full body massage with home service available. 8117833107. D-38547

Ayurvedic full body massage ladies/ gents experts therapist. 8338097451 . D-65835

## LOST

Myself Payal Patnaik, C/o- Jagatnarayan Patnaik, I declare that all my original academic educational certificates are lost. I want to generate duplicate certificate. D-59530

### ପ୍ରଥମ ବିବାହ ବାର୍ଷିକୀ ଶୁଭେଚ୍ଛା



**ଟୁଳୁ ଏବଂ ବୁଧି**

ହାଟସାହି, ନରେନ୍ଦ୍ରପୁର

ତୁମର ଦାମ୍ପତ୍ୟ ଜୀବନ ସୁଖମୟ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୁଭେଚ୍ଛା ସହ: ମା- ବିଷ୍ଣୁ ସାହୁ, ଭାଇ-ଚିକୁ, ଭାଉଜ-ରିଙ୍କି, ଭିଣୋଇ- ମାନସ, ଭଉଣୀ- ଶିଳ୍ପା, ଭାଣିଜୀ- ଗେହ୍ଲୁ, ମାମୁନୀ, ଝିଅ- ତନୁଜା ସାହୁ, ସାହୁ ପରିବାର ଓ ବନ୍ଧୁବର୍ଗ।

ଧ-୧୧୨୫୬

### ପ୍ରଥମ ବିବାହ ବାର୍ଷିକୀ ଶୁଭେଚ୍ଛା



**ଚିକୁ ଏବଂ ରିଙ୍କି**

ହାଟସାହି, ନରେନ୍ଦ୍ରପୁର

ତୁମର ଦାମ୍ପତ୍ୟ ଜୀବନ ସୁଖମୟ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୁଭେଚ୍ଛା ସହ: ମା- ବିଷ୍ଣୁ ସାହୁ, ସାନଭାଇ-ଟୁଳୁ, ଭାଇବୋହୂ-ବୁଧି, ଭିଣୋଇ- ମାନସ, ଭଉଣୀ- ଶିଳ୍ପା, ଭାଣିଜୀ- ଗେହ୍ଲୁ, ମାମୁନୀ, ସାହୁ ପରିବାର ଓ ବନ୍ଧୁବର୍ଗ।

ଧ-୧୧୨୫୭

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ମନିଷ ମହାପାତ୍ର**

ତୋର ଚଲାପଥ କୁସୁମିତ ହେଉ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ଜେଜେ, ବଡବାପା, ବଡମା, ବାପା, ମା, ଭାଇବନ୍ଧୁ ଓ ପରିବାରବର୍ଗ।

ଧ-୧୧୨୫୩

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଖଟିରେ ଖଟିରେ...

# ଗୌରୀ ନାନୀ

ନିର୍ବାଚନ ସମୟ। ରାମମନ୍ଦିର ଖଟିରୁ ଭିଡ଼ କମିବାର ନାଁ ଧରୁନି। ଏଥର ପୁରୀ ଚର୍ଚ୍ଚା ବେଶ୍ ଜମିଥିଲା। କିଏ ବିଧାନସଭା ଲଢିବ, ସେ ନେଇ ଭାରି ଆଲୋଚନା। ଚା କପ ଥଣ୍ଡା ହୋଇଗଲା ସିନା ପ୍ରାର୍ଥୀ ଫାଇନାଲ ହେଲା ନାହିଁ। ପୁରୀ ସଦରର ଜଣେ ସଦସ୍ୟ କହୁଥାନ୍ତି, ପୁରୀ ମାନ୍ୟବର ଯଦି ମହିଳା କୋଟା ଦୃଷ୍ଟିରୁ କିଛି ପଦକ୍ଷେପ ନିଅନ୍ତି, ତେବେ ଜିତିବା ସୁନିଶ୍ଚିତ। ଶଙ୍ଖ ପ୍ରାର୍ଥିନୀଙ୍କୁ ଭୋଟରେ କେହି ଛୁଇଁ ପାରିବେନି। ହେଲେ ଏ କଥାକୁ ଜଣେ ଯୁବକ ହସରେ ଉଡାଇ ଦେଇ କହିଲେ, 'ଆରେ ଆ ଜହ୍ନମାମୁ ଆ, ଗୋପରେ ବଢୁଛି କଳା କହ୍ନେଇ। ଆମ ଗାଁର ମଉଡ଼ମଣି ତ ଆମ ଗୌରୀ ନାନୀ।' ଏଭଳି ଗୀତ ଶୁଣି ପୁରୀ ସଦର ସଦସ୍ୟ ଜଣକ ବିରକ୍ତ ହୋଇ କହିଲେ, ଆରେ ଗୀତ କ'ଣ ଗାଉଚୁ। ସିଧା କଥା କ'ଣ କହୁନୁ। ସେଇଠୁ ଯୁବକ ଜଣକ କହିଲେ, ଜାଣି ସିଆଣିଆ ହୁଅନା। ଓଡ଼ିଶାର ଗୌରୀ ନାନୀ ଯିଏ, କାବେରୀ ବି ସିଏ। ତେଣୁ ପୁରୀ ମାନ୍ୟବର ଯଦି ପରିବାରରୁ କେଉଁ ମହିଳାଙ୍କୁ ପ୍ରାର୍ଥୀ କରନ୍ତି, ତେବେ ଗୌରୀ ନାନୀ ଫୁଲରୁ ଲଢିବା ଫାଇନାଲ। ଏକଥା ଶୁଣି ପୁରୀ ସଦର ବ୍ୟକ୍ତି ଜଣକ କହିଲେ, ସତରେ ରାଜନୀତିରେ ଘଡିକେ ଘୋଡା ଛୁଟୁଛି।

# ସିଆଡୁ ଚାନ୍ଦା, ଏପଟେ ମାନ୍ଦା

ଖଟିରେ ନେତାଙ୍କ କଥା ବାଦ୍ ଦେଇ ଅଭିନେତାଙ୍କ କଥା ବି ଭାରି ଜମୁଛି। ଜମିବନି ବା କେମିତି, ସବୁ ଦଳରେ ତ ମାଳମାଳ ଅଭିନେତା। ତେଣୁ ନେତା-ଅଭିନେତା ଜିନ୍ଦାବାଦ୍ ଜନତା। ୟୁନିଟ୍-୪ ଖଟିରେ ଚର୍ଚ୍ଚା ଚାଲିଥିଲା ମେଗାଷ୍ଟାରମାନଙ୍କୁ କାହିଁକି ଦେଖିବାକୁ ମିଳୁନି। ଏକଥା ଶୁଣି ଜଣେ କହିଲା, ଦେଖିବାକୁ ମିଳିବ କେମିତି। ସବୁ ତ ସିଆଡେ ଭିଡ। ନିର୍ବାଚନ ଋତୁ। ପଞ୍ଚାୟତ ନିର୍ବାଚନ ପରଠାରୁ ଫିଲ୍ମ ଦୁନିଆର ବଡମୁଣ୍ଡ ସବୁ ରାଜନୀତି ମୁହାଁ। କାଁ ଭାଁ କେତେବେଳେ ଗଳି ପଶିକି ଟିକେ ମୁହଁ ଦେଖାଉଛନ୍ତି। ଫିଲ୍ମରୁ ଯେତିକି ଇନ୍‌କମ୍ ହେବା କଥା, ସେତିକି ଇନ୍‌କମ୍ ରାଜନୀତିରୁ ହେଉଛି। ତେଣୁ ଫିଲ୍ମ କମ୍ ରାଜନୀତି ବେଶି। ଏହା ଶୁଣି ଜଣେ ସିନେମା ପ୍ରେମୀ କହିଲେ, ଓଃହୋ ମେଗାଷ୍ଟାରଙ୍କ ସିଆଡୁ ଚାନ୍ଦା, ତେଣୁ ଏପଟେ ଫିଲ୍ମ ମାନ୍ଦା।

## ବୃଦ୍ଧା ନିଖୋଜ, ...

ସେଠାରେ ପୋଲିସ ଅଧିକାରୀଙ୍କ ସମେତ ସ୍ଥାନୀୟ ଟୁରିଷ୍ଟ ଗାଇଡ, ଆଇଆରସିଟିସି(ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ)ର କର୍ମଚାରୀମାନେ ସନ୍ଧାନ ଜାରି ରଖିଛନ୍ତି। ତୁରନ୍ତ ତାଙ୍କ ସନ୍ଧାନ ମିଳିଯିବା ନେଇ ଆଶା ରଖାଯାଇଥିବା ଜିଲା ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସନାତନ ନାୟକ କହିଛନ୍ତି। ସେହିପରି ଯାତ୍ରା ସରିବାର ଦିନକ ପୂର୍ବରୁ ଜଣେ ବୃଦ୍ଧା ଅସୁସ୍ଥ ହୋଇ ପଡିଥିବା ସୂଚନା ମିଳିଛି। ଟ୍ରେନ ଆନ୍ଧ୍ର ଦେଇ ଫେରିବା ବେଳେ ରେଣିଗୁଣ୍ଟାରେ ବୃଦ୍ଧାଜଣକ ଅସୁସ୍ଥ ହୋଇ ପଡିଥିଲେ। ସେ ହେଲେ ରଙ୍ଗେଇଲୁଣ୍ଡା ବ୍ଲକର ଏନ.କେ. ରେଡ୍ଡୀ। ତାଙ୍କୁ ରେଣିଗୁଣ୍ଟା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ବେଳେ ପରିବାର ବର୍ଗଙ୍କ ସମେତ ଗାଇଡ୍ ତାଙ୍କ ପାଖରେ ଉପସ୍ଥିତ ଥିବା ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ବ୍ରହ୍ମପୁର ରେଳଷ୍ଟେଶନରେ ପହଞ୍ଚିବା ପରେ ସମସ୍ତ ତୀର୍ଥଯାତ୍ରୀଙ୍କୁ ପର୍ଯ୍ୟଟନ ବିଭାଗ ଅଧିକାରୀମାନେ ସ୍ୱାଗତ କରିଥିଲେ। ତେବେ ପଲାସାରେ ଗଜପତି ଜିଲାର ୮୩ ତୀର୍ଥଯାତ୍ରୀ ଓହ୍ଲାଇ ନିଜ ନିଜ ଘରକୁ ଯାତ୍ରା କରିଥିବା ବେଳେ ଅବଶିଷ୍ଟ ଗଞ୍ଜାମ ସମେତ ବୌଦ୍ଧ, କନ୍ଧମାଳ, ନୟାଗଡର ୮୬୭ ତୀର୍ଥଯାତ୍ରୀ ଷ୍ଟେଶନରୁ ସ୍ୱତନ୍ତ୍ର ବସ ଯୋଗେ ନିଜ ନିଜ ଗ୍ରାମକୁ ଯାତ୍ରା କରିଥିବା ଜିଲା ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ନାୟକ କହିଛନ୍ତି । ସୂଚନାଯୋଗ୍ୟ, ଦକ୍ଷିଣ ଓଡିଶାର ୫ ଜିଲାର ୯୫୨ ତୀର୍ଥଯାତ୍ରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ ଗତ ୧୫ତାରିଖ ପୂର୍ବାହ୍ନରେ ବ୍ରହ୍ମପୁର ରେଳଷ୍ଟେଶନରୁ ତାମିଲନାଡୁର ଭେଲାଙ୍କାନୀ, ନାଗାପାଟିନମ୍ ଓ ଥାଞ୍ଜାଭୁର ଅଭିମୁଖେ ଯାତ୍ରା କରିଥିଲା। ସଚିବାଳୟରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଯୋଗେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଯାତ୍ରାରେ ଗଜପତି ୮୩, କନ୍ଧମାଳ ୭୨, ବୌଦ୍ଧର ୬୩, ନୟାଗଡର ୧୩୯, ବ୍ରହ୍ମପୁର ମହାନଗର ସମେତ ଗଞ୍ଜାମରୁ ୫୬୭ ଜଣଙ୍କ ସହ ୨୮ ପ୍ରଶାସନିକ ଅଧିକାରୀ ତୀର୍ଥଯାତ୍ରୀଙ୍କ ସହ ଯାତ୍ରା କରିଥିଲେ ।

### ପ୍ରଥମ ପୃଷ୍ଠାରୁ...

## ସ୍କୁଲ ଯିବା ବେଳେ ...

ଏନେଇ ଛାତ୍ରୀଙ୍କ ବଡ଼ବାପା ରାମଗିରି ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ମୁକେଶ କୁମାର ବେହେରା ଘଟଣାସ୍ଥଳକୁ ଯାଇ ସମ୍ପୃକ୍ତ ନାବାଳକଙ୍କୁ କାବୁକରି ନେଇଥିଲେ। ଛାତ୍ରୀଙ୍କୁ ଡ଼ାକ୍ତରୀ ମାଇନା ନିମନ୍ତେ ପାରଳାଖେମୁଣ୍ଡି ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଏ ନେଇ ନଂ. ୬/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ତଦନ୍ତ ପରେ ସମ୍ପୃକ୍ତ ନାବାଳକଙ୍କ ଉପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି ।

## ଅଧିକାରୀଙ୍କ ପାଇଁ ...

ଉପରୋକ୍ତ ଅର୍ଥ ଆଦାୟ କରିବେ ବୋଲି ନିର୍ଦ୍ଦେଶରେ ଦର୍ଶାଯାଇଥିଲା । ଆଉ ଏହି ଅର୍ଥ ପରିବେଶ ସୁରକ୍ଷା, ଲଘୁ ଖଣିଜ ଶ୍ରମିକ ଓ ସ୍ଥାନୀୟ ପ୍ରଭାବିତ ଲୋକଙ୍କ ହିତରେ ଖର୍ଚ୍ଚ ହେବ। ବେଆଇନ ଖାଦାନ ଯୋଗୁ ରୋଗଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ ଏହି ଅର୍ଥ ମଧ୍ୟ ଖର୍ଚ୍ଚ କରାଯାଇପାରିବ। ସିପିସିବି ପ୍ରତିନିଧି, ଧାନବାଦ ଇଣ୍ଡିଆନ ସ୍କୁଲ ଅଫ ମାଇନ୍ସ, ଡେରାଡୁନ ଫରେଷ୍ଟ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଏବଂ ଷ୍ଟେଟ ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ କମିଟିର ଅଧ୍ୟକ୍ଷଙ୍କୁ ନେଇ ଗଠିତ ଏକ କମିଟି କ୍ଷତିପୂରଣ ଅର୍ଥକୁ କେଉଁ ବାଟରେ ଖର୍ଚ୍ଚ ହେବ ସେ ନେଇ ନୀତି ନିର୍ଦ୍ଧାରଣ କରିବେ ବୋଲି ନିର୍ଦ୍ଦେଶ ହୋଇଛି। କିନ୍ତୁ ଇତିମଧ୍ୟରେ ଦେଢ ମାସ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ରାଜ୍ୟ ସରକାର ଏନ୍‌ଜିଟିର ନିର୍ଦ୍ଦେଶ ଉପରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହି ବେଆଇନ କାର୍ଯ୍ୟକୁ ସହଯୋଗ କରିଥିବା ଡଙ୍କାରୀ ସର୍କଲର ୧୦ଜଣ ରାଜସ୍ୱ ନିରୀକ୍ଷକଙ୍କ ସମେତ ଧର୍ମଶାଳା ତହସିଲର ୧୦ଜଣ ତହସିଲଦାର ଓ ୬ଜଣ ଯାଜପୁର ଉପଜିଲାପାଳଙ୍କ ନାମରେ ଗତ ୨୩।୮।୨୦୧୬ରେ ଓଡିଶା ସିଭିଲ ସର୍ଭିସ ଧାରା-୧୫ ଅନୁଯାୟୀ ତଦନ୍ତ କରିବାକୁ ତତ୍କାଳୀନ ଜିଲାପାଳ ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏଥିରେ ରାଜସ୍ୱ ନିରୀକ୍ଷକ ଭାବେ ଶଙ୍କର୍ଷଣ ଶତପଥୀ, ମହେଶ୍ୱର ପଣ୍ଡା, ଦାଶରଥି ରାଉତ, ପଦ୍ମନାଭ ପଣ୍ଡା, ଉତ୍ସବ ଚରଣ ଜେନା, ସୁଶାନ୍ତ କୁମାର ସ୍ୱାଇଁ, ସୁନୀଲ କୁମାର ନାୟକ, ବୀରକିଶୋର ମହାପାତ୍ର, ନୀଳଲୋହିତ ନାଥ ଓ ବସନ୍ତ ଦେହୁରୀଙ୍କ ନାମ ଉଲ୍ଲେଖ ଥିଲା। ସେହିପରି ତହସିଲଦାର ପଦବୀରେ ଥିବା ଶରତଚନ୍ଦ୍ର ପଣ୍ଡା, ନିରାକାର ସାମଲ, ବ୍ରଜକିଶୋର ପଟ୍ଟନାୟକ, ହରିଶଚନ୍ଦ୍ର ନାୟକ, ଅଜୟ କୁମାର ଦାସ, ଅଶୋକ କୁମାର ବେହୁରା, ଦିଲୀପ କୁମାର ବଳ, ରବୀନ୍ଦ୍ର କୁମାର ସାବତ, ଅରୁଣ କୁମାର ବେହେରା ଓ ରଞ୍ଜନ କୁମାର ଜେନା ରହିଥିଲେ। ୨୧।୧।୨୦୧୬ରୁ ୩୧।୮।୨୦୧୮ ତାରିଖ ପର୍ଯ୍ୟନ୍ତ ରହିଥିବା ଧର୍ମଶାଳା ତହସିଲଦାର ପ୍ରଭାସ ବେହୁରାଙ୍କ ନାମରେ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ଯାଜପୁର ଉପଜିଲାପାଳ ଭାବେ ଗୌତମ ଚନ୍ଦ୍ର ନାୟକ, ଅମରେନ୍ଦ୍ର କୁମାର ରଥ, ସୁଶାନ୍ତ କୁମାର ମହାନ୍ତି, ବିନୋଦ ଚନ୍ଦ୍ର ମିଶ୍ର, ଧନଞ୍ଜୟ ସ୍ୱାଇଁ ଓ ମହେଶ୍ୱର ପାଣିଗ୍ରାହୀଙ୍କ ନାମ ରହିଥିଲା। ୩୦ଦିନ ମଧ୍ୟରେ ନିଜର ପକ୍ଷ ରଖିବାକୁ ସେତେବେଳେ ଏହି ଅଧିକାରୀଙ୍କୁ ନିର୍ଦ୍ଦେଶ ହୋଇଥିଲା । ତେବେ ଏହି ବିଜ୍ଞପ୍ତିର ୩ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରିଲା ନାହିଁ । ତେବେ ଏନଜିଟି ନିର୍ଦ୍ଦେଶ ପରେ ଉପରୋକ୍ତ ଅଧିକାରୀମାନେ ଉତ୍ତରଦାୟୀ ରହିବା କଥା। ମାତ୍ର ତାହାକୁ ମଧ୍ୟ ଏବେ ଫାଙ୍କିବାକୁ ଚେଷ୍ଟା କରାଯାଉଛି। ଏହି ବେଆଇନ ଉତ୍ତୋଳନରେ ପ୍ରାୟ ୬ଜଣ ପଥର ବ୍ୟବସାୟୀ ସମ୍ପୃକ୍ତ ଥିବା କୁହାଯାଉଛି। ଏନଜିଟିର ନିର୍ଦ୍ଦେଶ ଅନୁସାରେ ସେମାନଙ୍କଠାରୁ ୨୫କୋଟି ଅର୍ଥ ଆଦାୟ କରି ଜମା କରିବା କଥା। କିନ୍ତୁ ରାଜ୍ୟ ସରକାର ଏହି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ପଥର ମାଫିଆଙ୍କୁ ସୁରକ୍ଷା ଦେବାକୁ ଯାଇ ଅଯଥା କୋର୍ଟ କଚେରିର ଦ୍ୱାରସ୍ଥ ହେଉଥିବା ମତପ୍ରକାଶ ପାଇଛି। ଏସଂକ୍ରାନ୍ତରେ ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, କୋର୍ଟ କାର୍ଯ୍ୟରେ ସୁପ୍ରିମକୋର୍ଟ ସଂକ୍ରାନ୍ତରେ ସେ ଦିଲ୍ଲୀ ଯାଇଛନ୍ତି, ତେଣୁ ଏବେ କୌଣସି ମତାମତ ଦେଇ ପାରିବେ ନାହିଁ। ଜିଲାପାଳଙ୍କୁ ପଚାରିଲେ ସେ ମତ ଦେଇପାରିବେ ବୋଲି ମହାନ୍ତି କହିଛନ୍ତି। ଅପରପକ୍ଷରେ ଏନେଇ ଜିଲାପାଳଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନାହିଁ।

## କେନ୍ଦ୍ରୀୟ ଯୋଜନାକୁ ...

ଓଡ଼ିଶାରେ ଲାଗୁ ହେଲେ ଲୋକେ ସାରା ଦେଶରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ହେଲେ ଓଡିଶା ସରକାର ଯେଉଁ ଯୋଜନା କରିଛନ୍ତି, ତାହା ଭ୍ରଷ୍ଟାଚାରରେ ଚାଲିଛି ବୋଲି ସେ ସମାଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଅନୁଯାୟୀ କୃଷକମାନେ ଆସନ୍ତା ୨୪ ତାରିଖରେ ପ୍ରଥମ କିସ୍ତି ସହାୟତା ପାଇବେ । ଓଡ଼ିଶା ସରକାର ଆବାସ ଯୋଜନାରେ ଯେତିକି ଘର ଦୀର୍ଘ ୧୯ ବର୍ଷର ଶାସନ ଭିତରେ ଦେଇନାହାନ୍ତି ଉତ୍ତର ପ୍ରଦେଶ ସରକାର ତା'ଠାରୁ ଅଧିକ ଘର ଯୋଗାଇ ଦେଇଛନ୍ତି ବୋଲି ସେ କହିଥିଲେ। 'ମୋ ବୁଥ ସବୁଠାରୁ ମଜଭୁତ' କହି ଆଗାମୀ ଦିନରେ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଗଠନ କରିବାକୁ ସେ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ ।

ଅପରାହ୍ନରେ ନାରୁଣୀଠାରେ ଦଳୀୟ ସଭାରେ ଯୋଗଦେଇ ଯୋଗୀ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘଦିନ କ୍ଷମତାରେ ଥିଲେ ମଧ୍ୟ ଓଡ଼ିଆ କହିବା ଶିଖି ପାରିଲେନାହିଁ। ପୃଥିବୀର ଏମିତି କୌଣସି ଦେଶ ନାହିଁ ଯେଉଁଠି ଶାସକ ଶାସିତଙ୍କ ଭାଷା ବୁଝିପାରୁନି। ଫେବୃୟାରୀ ୨୪ରେ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଲାଗୁ ହେବ। କିନ୍ତୁ ଓଡ଼ିଶା ସରକାର ଏହାକୁ ଲାଗୁ କରିବାକୁ ସୁଯୋଗ ଦେଉନାହାନ୍ତି। ଆୟୁଷ୍ମାନ ଭାରତ ଯୋଜନାକୁ ମଧ୍ୟ ରାଜ୍ୟ ସରକାର ବିରୋଧ କରୁଛନ୍ତି। ମିଶନ ୨୦୧୯ରେ ଭାଜପା ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛି ସେଥିରୁ ମୋ ବୁଥ୍ ସବୁଠାରୁ ମଜଭୁତ୍ କରାଗଲେ ଭାଜପା କ୍ଷମତାକୁ ନିଶ୍ଚିତ ଆସିବ। କେହି ଏହାର ପଥ ଅବରୋଧ କରିପାରିବେ ନାହିଁ। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଭାରତ ୨୦୨୨ ଗଠନର ସ୍ୱପ୍ନ। ଦାରିଦ୍ର୍ୟ, ଭ୍ରଷ୍ଟାଚାର, ବେକାରି, ଅରାଜକତା ହଟାଇବାକୁ କେନ୍ଦ୍ର ଓ ରାଜ୍ୟରେ ଭାଜପା ସଂକଳ୍ପ ନେଇଛି । କିନ୍ତୁ ଓଡ଼ିଶା ସରକାର କେନ୍ଦ୍ର ଅବହେଳା ଦର୍ଶାଇ ଚତୁରତାର ସହ କେନ୍ଦ୍ରୀୟ ଯୋଜନାକୁ ଭଣ୍ଡୁର କରୁଛନ୍ତି। ଓଡିଶା ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କେବଳ ଲୋକଙ୍କୁ ଭୁଆଁ ବୁଲାଇବା ଉଦ୍ଦେଶ୍ୟରେ କରାଯାଇଛି ବୋଲି ଟିପ୍ପଣୀ ଦେଇଥିଲେ। ରାଜ୍ୟ ସରକାର ୧ ଟଙ୍କିଆ ଚାଉଳର ଶ୍ରେୟ ନିଜ ଦଳ ପାଇଁ ନେଇ ବାହାବା ନେଉଛନ୍ତି। ଚାଉଳ କିଲୋ ପିଛା କିଣା ୩୦ ଟଙ୍କା ୨୮ ପଇସା ଥିବାବେଳେ କେନ୍ଦ୍ର ସରକାର ୨୭.୩୮ ପଇସା ଦେଉଛନ୍ତି। ରାଜ୍ୟ ସରକାର ଅବଶିଷ୍ଟ ଟ.୨.୯୦ ପଇସା ଦେଇ ଶ୍ରେୟ ନେବାକୁ ଚେଷ୍ଟା କରୁଛନ୍ତି ବୋଲି ଯୋଗୀ ସମାଲୋଚନା କରିଥିଲେ।

ଉଭୟ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ । ସେ କହିଲେ, ଯୋଗୀ କୁମ୍ଭମେଳା ଛାଡି ଓଡ଼ିଶାକୁ ଆସିଛନ୍ତି। ଆଗାମୀ ୬୦ ଦିନ ଭିତରେ ଭାରତ ଓ ଓଡ଼ିଶାର ଭାଗ୍ୟ ନିର୍ଦ୍ଧାରଣ ହେବାକୁ ଯାଉଛି। ଓଡ଼ିଆଙ୍କ ମୁଣ୍ଡରେ ନବୀନ ସରକାର ୧ ଲକ୍ଷ କୋଟି ଟଙ୍କାର ଋଣ ଛାଡି ଯାଉଛନ୍ତି। ଏଣୁ ଓଡ଼ିଆ ପୁଅ କେତେଦିନ ଦାଦନ ଖଟିବ। ବିଚାର କରିବାର ସମୟ ଆସିଛି। ମୋତେ ନବୀନ ବାବୁ ଅଭ୍ୟାସଗତ ମିଛୁଆ ଓ ବିହାରୀ ବୋଲି କହୁଛନ୍ତି। କିନ୍ତୁ ସେ ଜଣେ ରାଧୁଆ ମିଛୁଆ ହୋଇ ମୋତେ ସମାଲୋଚନା ଓ ଓଡିଆଙ୍କୁ ପ୍ରତାରଣା କରିବା କେତେଦୂର ଠିକ୍ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

ଭବାନୀପାଟଣା ସମ୍ମିଳନୀରେ କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ ଓ କନ୍ଧମାଳ ସଂସଦୀୟ କ୍ଷେତ୍ରର କର୍ମକର୍ତ୍ତାମାନେ ଯୋଗଦେଇଥିବା ବେଳେ ନାରୁଣୀ ସଭାରେ ଆସିକା, ଭୁବନେଶ୍ୱର, ବ୍ରହ୍ମପୁର ଲୋକ ସଭା ଆସନର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହ କଟକ ଲୋକ ସଭାର ଖଣ୍ଡପଡା ଓ କନ୍ଧମାଳ ଲୋକ ସଭାର ଦଶପଲ୍ଲା ନିର୍ବାଚନମଣ୍ଡଳୀର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।

ଉଭୟ ସମ୍ମିଳନୀରେ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ରାଜ୍ୟ ଉପସଭାପତି ସମୀର ମହାନ୍ତି,ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ସଙ୍ଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି, କେନ୍ଦ୍ରୀୟ ଲାଭାର୍ଥୀ ପ୍ରକୋଷ୍ଠର ରାଜ୍ୟ ସଂଯୋଜିକା ଅପରାଜିତ ଷଡଙ୍ଗୀ, ଚିଲିକା ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ଭୃଗୁ ବକ୍ସିପାତ୍ର, ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ସୁରେଶ ପୂଜାରୀ, ଜୟରାମ ପାଙ୍ଗି, କଳାହାଣ୍ଡି ମହାରାଣୀ ପଦ୍ମ ମଞ୍ଜରୀ ସିଂଦେଓ, ସଙ୍ଗୀତା ସିଂଦେଓ, କଳାହାଣ୍ଡି ଜିଲା ସଭାପତି ପ୍ରଦୀପ୍ତ ନାଏକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

## ଟଙ୍କା ନ ଦେଲେ ...

ତାଙ୍କ ରାୟରେ କହିଛନ୍ତି ଯେ, ୫୫୦ କୋଟି ଟଙ୍କାର ଏରିକସନ ମାମଲାରେ ଆର୍‌କମ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀ, ରିଲାଏନ୍ସ ଟେଲିକମ୍ ଅଧ୍ୟକ୍ଷ ସତୀଶ ସେଠ ଓ ରିଲାଏନ୍ସ ଇନଫ୍ରାଟେଲ ଅଧ୍ୟକ୍ଷ ଛାୟା ବିରାନୀଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଯାଇନି। ଜାଣିଶୁଣି ନିର୍ଦ୍ଦେଶକୁ ଅବଜ୍ଞା କରାଯାଇଥିବାରୁ ସେମାନଙ୍କୁ ଅଦାଲତ ଅବମାନନା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଉଛି। ଏଥିରୁ ରକ୍ଷା ପାଇବାକୁ ହେଲେ ଅନିଲ ଓ ଅନ୍ୟ ଦୁଇ ଅଧିକାରୀ ଟେଲିକମ୍ ଯନ୍ତ୍ରପାତି ନିର୍ମାତା ଏରିକସନକୁ ଉକ୍ତ ଅର୍ଥ ଦେବାକୁ ହେବ। ଏହା ପାଳନ କରା ନ ଗଲେ ସେମାନଙ୍କୁ ଜେଲଦଣ୍ଡ ଭୋଗିବାକୁ ହେବ। ଖଣ୍ଡପୀଠ କହିଛନ୍ତି ଯେ, ଜରିମାନା ଅର୍ଥକୁ ଅନିଲ ଓ ଅନ୍ୟ ଦୁଇ ଅଧିକାରୀ ସର୍ବୋଚ୍ଚ ଅଦାଲତର ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରିବେ। ରିଲାଏନ୍ସ ଗ୍ରୁପ୍ ପକ୍ଷରୁ ରେଜିଷ୍ଟ୍ରାରଙ୍କ ନିକଟରେ ପୂର୍ବରୁ ଦାଖଲ କରାଯାଇଥିବା ୧୧୮ କୋଟି ଟଙ୍କା ଏରିକସନକୁ ଦେବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ଆମେରିକା କମ୍ପାନୀ ପକ୍ଷରୁ ଆଗତ ଅଦାଲତ ଅବମାନନା ମାମଲାରେ ସୁପ୍ରିମକୋର୍ଟ ଗତ ୧୩ ତାରିଖରେ ରାୟ ସଂରକ୍ଷିତ ରଖିଥିଲେ। ଏଥିପୂର୍ବରୁ ଏରିକସନ ପକ୍ଷରୁ ରିଲାଏନ୍ସ ଗ୍ରୁପ୍ ବିରୋଧରେ ୩ଥର ଅଦାଲତ ଅବମାନନା ଅଭିଯୋଗ ଅଣାଯାଇଥିଲା। ପ୍ରତ୍ୟେକ ଥର ଅନିଲ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦେଇ ଖସିଯାଉଥିଲେ। କିନ୍ତୁ ଚଳିତ ମାମଲାରେ ଅଦାଲତ ତାଙ୍କ ଯୁକ୍ତିକୁ ଗ୍ରହଣ କରିନାହାନ୍ତି।

## ଆଜି ଓଡ଼ିଶା ...

ଭାବେ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଯିବ। ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ସେବା ବିଭାଗ ଗାଡି, ମେଡିସିନ୍ ଦୋକାନ ଏବଂ ଜରୁରୀ ସେବାଗୁଡିକୁ ବନ୍ଦରୁ ବାଦ୍ ଦିଆଯାଇଛି। ରାଜ୍ୟର ଚାଷୀ ପରିବାରର ଅଧିକାଂଶ ପିଲା ମାଟ୍ରିକ ପରୀକ୍ଷା ଦେଉଥିବାରୁ କୃଷକ ସଙ୍ଗଠନ କାର୍ଯ୍ୟକର୍ତ୍ତା ସେମାନଙ୍କୁ ହଇରାଣ କରିବେ ନାହିଁ ବୋଲି ଅକ୍ଷୟ କୁମାର କହିଛନ୍ତି। ଅପରପକ୍ଷରେ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ପାଇଁ ଆବଶ୍ୟକ ପ୍ରଶ୍ନପତ୍ର ଏବଂ ଆନୁଷଙ୍ଗିକ ସାମଗ୍ରୀ ନୋଡାଲ ସେଣ୍ଟରଗୁଡିକରେ ପହଞ୍ଚିସାରିଥିବା ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେଣୁ ବନ୍ଦ ଯୋଗୁ ପରୀକ୍ଷା ବାଧାପ୍ରାପ୍ତ ହେବା ସମ୍ଭାବନା କମ୍ ବୋଲି କୁହାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆନ୍ଦୋଳନ ବନ୍ଦ ନ କରିବାକୁ ଅକ୍ଷୟ ଠିକ୍ ବୋଲି ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ସରକାର ସଂଗଠନ ସହ କୌଣସି ଆଲୋଚନା ନ କରି ଦୁଇଦିନ ହେବ କେବଳ ପ୍ରେସ ରିଲିଜ୍ ଜାରି କରିଛନ୍ତି। ତେଣୁ ଚାଷୀଙ୍କ ପ୍ରତି ସରକାରଙ୍କ କୌଣସି ଆନ୍ତରିକତା ଥିବା ମନେ ହେଉନାହିଁ। ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବନ୍ଦ ଡାକରାକୁ ବିରୋଧୀ କଂଗ୍ରେସ ଏବଂ ଭାଜପା ପକ୍ଷରୁ ସମର୍ଥନ ଦିଆଯାଇଛି। ଖବର ଲେଖା ହେଲା ବେଳକୁ ବନ୍ଦକୁ ଦୃଷ୍ଟିରେ ରଖି ରାଜ୍ୟରେ ବିଦ୍ୟାଳୟଗୁଡିକ ବନ୍ଦ ନେଇ ସରକାର କୌଣସି ବିଧିବଦ୍ଧ ଘୋଷଣା କରିନାହାନ୍ତି। ହେଲେ ସିବିଏସ୍‌ଇ ପାଠ୍ୟକ୍ରମ ଦ୍ୱାରା ପରିଚାଳିତ କେତେକ ବିଦ୍ୟାଳୟ ନିଜ ଆଡୁ ବିଦ୍ୟାଳୟ ବନ୍ଦ ନେଇ ଘୋଷଣା କରିଛନ୍ତି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ(ବାଣୀବିହାର)ରେ ଗୁରୁବାର ହେବାକୁ ଥିବା ସମସ୍ତ ପରୀକ୍ଷାକୁ ସ୍ଥଗିତ କରାଯାଇଛି। ପରବର୍ତ୍ତୀ ପରୀକ୍ଷା ତାରିଖ ନେଇ ନୂତନ ବିଜ୍ଞପ୍ତି ଦ୍ୱାରା ଜଣାଯିବ। ସଚିବାଳୟ ଏବଂ ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କୁ ପୂର୍ବାହ୍ନ ୯ଟା ୩୦ ସୁଦ୍ଧା କାର୍ଯ୍ୟାଳୟରେ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଲଳିତ ଦାସ ରାଜ୍ୟର ସମସ୍ତ ଜିଲାର ଜିଲାପାଳଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କେନ୍ଦ୍ର ଓ କୋଣସ୍ଥାନରେ ଗ୍ରହମାନେ ଅବସ୍ଥାନ କରି ଆପଣଙ୍କୁ କର୍ମୋନ୍ନତି ଓ ଅର୍ଥ, ସମ୍ମାନ ପ୍ରଦାନ କରିବେ। ଆଲୋଚନାକାଳରେ ମନକଥାକୁ ମନ ଭିତରେ ଚାପି ରଖି ବନ୍ଧୁଙ୍କ ସହ କଥା ହେବାକୁ ପଡିପାରେ। ବିଭିନ୍ନ ବାଟରେ ଅର୍ଥ ବ୍ୟୟଜନିତ ପରିବାରରେ ମତାନ୍ତର ସୃଷ୍ଟି ହେବ। ପାଖ ଲୋକଟିକୁ ସାହାଯ୍ୟ କରିବାକୁ ଯାଇ ପରେ ଅନୁତାପ କରିବେ।

**ବୃଷ**
ରାଶ୍ୟାଧିପତିଙ୍କ ପ୍ରଭାବରେ ଅଧିକାଂଶ ସମୟ ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହବ। କର୍ମଜଞ୍ଜାଳ ବୃଦ୍ଧି ପାଇବାରୁ ସାମାନ୍ୟ ବିଶ୍ରାମ କରିବାର ସୁଯୋଗ ପାଇବା କଷ୍ଟକର ହୋଇପାରେ। କର୍ମକ୍ଷେତ୍ରରେ ବୁଝାମଣା ଅଭାବରୁ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତାକରି ପରିବାରରେ କଳହ ଲାଗିବାର ସୂଚନା ରହିଛି।

**ମିଥୁନ**
ପାପଗ୍ରହଙ୍କ ଦୃଷ୍ଟିଜନିତ ପରିବାରରେ ମତଭେଦ କାରଣରୁ କଳହ ସୃଷ୍ଟି ହୋଇପାରେ। ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଜନସେବା ପ୍ରତି ମନ ବଳିବ କିନ୍ତୁ ସହକର୍ମୀ କେହି ବିଶୃଙ୍ଖଳା ପ୍ରଦର୍ଶନ କରିପାରନ୍ତି। କାମ ହାସଲ କରିବେ ମାତ୍ର ଏଥିପାଇଁ ବହୁତ ହଇରାଣ ହେବାକୁ ପଡିବ । ଫେରନ୍ତା ବାଟରେ ବନ୍ଧୁଙ୍କ ଦେଖା ନ ପାଇ ବ୍ୟସ୍ତ ହେବେ।

**କର୍କଟ**
ଆଜି କର୍ମକ୍ଷେତ୍ରରେ ବହୁତ ଦିନର ଆଶା ଓ ଅଭିଳାଷ ପୂରଣ ହୋଇଯିବ। କିନ୍ତୁ ଅପରାହ୍ନରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ସିଂହ**
ସ୍ୱରାଶିସ୍ଥ ଚନ୍ଦ୍ର ଆପଣଙ୍କୁ ଖର୍ଚ୍ଚାନ୍ତ କରାଇବା ଫଳରେ ଅସ୍ଥିରତା ମଧ୍ୟରେ ସମୟ କଟାଇବେ। ବିଶେଷ ଭ୍ରମଣ ହେତୁ ଆକସ୍ମିକ ଭାବରେ ସାମାନ୍ୟ ଶାରୀରିକ ଅସ୍ୱସ୍ତି ଅନୁଭବ କରିବେ। ବିବାଦୀୟ ଘଟଣାରେ ଆତ୍ମୀୟମାନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଇଚ୍ଛା ନ ଥାଇ ମଧ୍ୟ ଘର ଅପେକ୍ଷା ବାହାରେ ବେଶି ସମୟ କଟାଇବାକୁ ପଡିବ।

**କନ୍ୟା**
କର୍ମାଧିପତି ଶନିଙ୍କ ଗୃହରେ ଅବସ୍ଥାନ କରିଥିବାରୁ ସାମାନ୍ୟ ବିଳମ୍ବରେ କାମ ହାସଲ କରିବେ। ସାମାଜିକ ସ୍ତରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କହିବାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। ସ୍ୱାର୍ଥହାନିର ଆଳ ଦେଖାଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା**
ମଙ୍ଗଳ ଓ ରାହୁଙ୍କ ସ୍ଥାନ ପ୍ରଭାବରେ କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ। ବନ୍ଧୁଙ୍କ ନିକଟରୁ ଦ୍ରବ୍ୟଲାଭରୁ ଖୁସି ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ସୁପରାମର୍ଶ ଏବଂ ଗଠନ ମୂଳକ ପ୍ରେରଣା ଦେଇ ଆତ୍ମତୃପ୍ତି ଲାଭ କରିବେ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା**
କର୍ମସ୍ଥାନସ୍ଥ ଭାଗ୍ୟାଧିପତି ହେତୁ ମନ ଚାହିଁଲା ଭଳି କାମ କରିବା ସହ ଆଶା ପୂରଣ ହୋପାରିବ। ଆଜି ଆପଣ ଯାହା କରନ୍ତୁନା କାହିଁକି, ଆଜି ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ଏକଥା ସତ୍ୟ ଯେ- ପରିସ୍ଥିତିକୁ ସମ୍ଭାଳିବାକୁ ଯାଇ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ସବୁ ଭଲ ହେଲେ ମଧ୍ୟ ଘରୋଇ କଳହକୁ ନେଇ ଅଶାନ୍ତି ଦେଖାଦେଇପାରେ।

**ଧନୁ**
ଆଜିର ଗ୍ରହସ୍ଥିତି ଅନୁସାରେ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ନିଜର ସ୍ୱାର୍ଥସାଧନ ମାନସରେ ନିଜ ଲୋକମାନେ ଦାଉ ସାଧିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ମକର**
ଗ୍ରହସ୍ଥିତିର ଅନୁକୂଳତା ଆପଣଙ୍କ ପ୍ରତ୍ୟେକ କାମ ସକାଶେ ସୁଫଳଦାୟୀ ରହିବ। କିନ୍ତୁ ଯାହା ଚାହୁଁଛନ୍ତି ବନ୍ଧୁଙ୍କ ନିକଟରେ ନିଃସଙ୍କୋଚରେ ପ୍ରକାଶ କରିବାକୁ କୁଣ୍ଠାବୋଧ କଲେ ସୁଯୋଗ ଭବିଷ୍ୟତରେ ପାଇବେ ନାହିଁ। ବହୁତ ଦିନରୁ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଲେ କୃତକାର୍ଯ୍ୟ ହେବେ।

**କୁମ୍ଭ**
ଆନୁଷ୍ଠାନିକ କ୍ଷେତ୍ରରେ ସ୍ୱାଧୀନ ଭାବେ କାର୍ଯ୍ୟ କରିବାର ସୁଯୋଗ ପାଇ ଖୁସି ହେବେ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବାରୁ ମନ ଭଲ ରହିବ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ । ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମୀନ**
ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। କେତେକ ଘଟଣାରେ ପିଲାମାନଙ୍କ କାର୍ଯ୍ୟକଳାପ ପସନ୍ଦଯୋଗ୍ୟ ନ ହୋଇପାରେ। ବନ୍ଧୁଗହଣରେ ମଧ୍ୟାହ୍ନେ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ କଟିବ। ରାଜନୀତି, କଳା, ସାହିତ୍ୟ ଓ ସଭାସମିତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

ଆଜି ଫାଲଗୁନ ଦ୍ୱିତୀୟା ଯୁକ୍ତ ତୃତୀୟା ଗୁରୁବାର, ଫେବୃୟାରୀ ୨୧ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଫାଲଗୁନୀ/ସିଂହ, ବୃଷ ରାଶିର ଘାତଚନ୍ଦ୍ର, ଦିବା ଘ୧୦।୨୨ମି. ଗତେ କନ୍ୟା, ଚନ୍ଦ୍ର, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ। ସକାଳ ଘ୧୦।୩୪ମି. ଗତେ ଘ୧୨।୦୧ମି. ମଧ୍ୟେ ଅମୃତ ବେଳା ଏବଂ ଦିବା ଘ୧୨।୦୧ମି. ଗତେ ଘ୧।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୧।୨୬ମି. ଗତେ ଘ୨।୫୨ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ପାରଦ ଉପରମୁହାଁ

■ମାଲକାନଗିରିରେ ୩୮.୪ ଡିଗ୍ରୀ
■୨୫ରୁ ଉତ୍ତର ଓଡ଼ିଶାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୦।୨(ବ୍ୟୁରୋ):** ରାଜ୍ୟରେ ପାରଦ ଉପର ମୁହାଁ ହୋଇଛି। ଗତ ୩ ଦିନ ମଧ୍ୟରେ ପାରଦ ୪ରୁ ୫ ଡିଗ୍ରୀ ସେଲସିୟସ ଉପରକୁ ଉଠି ଗଲାଣି। ବୁଧବାର ମାଲକାନଗିରିରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୩୮.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏଥିସହିତ ରାଜ୍ୟର ୭ଟି ସ୍ଥାନରେ ପାରଦ ୩୫ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, କଟକରେ ସର୍ବୋଚ୍ଚ ତାପମାତ୍ରା ୩୬.୨ ଡିଗ୍ରୀ ଏବଂ ଭୁବନେଶ୍ୱରରେ ୩୫.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଦିନର ତାତି ବଢ଼ିବା ସାଙ୍ଗକୁ ରାତିରେ ମଧ୍ୟ ଗରମ ବୃଦ୍ଧି ପାଇଲାଣି। ପୁରୀରେ ସର୍ବନିମ୍ନ ତାପମାତ୍ରା ୨୩.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ପାରାଦୀପରେ ୨୩ ଡିଗ୍ରୀ ରେକର୍ଡ କରାଯାଇଛି। ତାତି ବଢୁଥିଲେ ମଧ୍ୟ ୨୫ ତାରିଖରୁ ଉତ୍ତର ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ୨୫ ଓ ୨୬ ଦୁଇଦିନ ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

### ହିମସ୍ଖଳନରେ ଯବାନ ଶହୀଦ, ୫ ନିଖୋଜ

**କନ୍ନଉର,୨୦।୨:** ହିମାଚଳପ୍ରଦେଶର କନ୍ନଉର ଜିଲାରେ ହିମସ୍ଖଳନ ଘଟି ଜଣେ ଯବାନ ଶହୀଦ ହୋଇଥିବାବେଳେ ଅନ୍ୟ ୫ ଜଣ ନିଖୋଜ ଅଛନ୍ତି। ସେମାନେ ବରଫ ତଳେ ରହିଯାଇଛନ୍ତି। ଇଣ୍ଡୋ-ତିବ୍ବତୀୟ ବର୍ଡର ପୋଲିସ (ଆଇଟିବିପି) ଏବଂ ଜିଲା ପୋଲିସ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଭାରତ-ଚାଇନା ସୀମାର ଶିପ୍‌କାଲା ସେକ୍ଟରରେ ଯବାନମାନେ ପାଟ୍ରୋଲିଂ କରୁଥିବାବେଳେ ହିମସ୍ଖଳନ ହେବାରୁ ସେମାନେ ବରଫ ତଳେ ପୋତିହୋଇ ପଡ଼ିଥିଲେ। ଜଣକ ମୃତଦେହ ଉଦ୍ଧାର କରାଯାଇଛି। ହିମସ୍ଖଳନରେ କେତେଜଣ ଆଇଟିବିପି ଯବାନ ଫସିଥିଲେ ମଧ୍ୟ ସେମାନଙ୍କୁ ବରଫ ତଳୁ ବାହାର କରାଯାଇଛି।

# ବିଜେଡି, ଭାଜପାର ବହୁ ଆଶାୟୀ




ନିର୍ମଳ ପଣ୍ଡା
କଟକ ଅଫିସ, ୨୦।୨

ଓଡ଼ିଶାରେ ଲୋକ ସଭା ସାଙ୍ଗକୁ ବିଧାନସଭା ନିର୍ବାଚନ ନିକଟତର ହୋଇଛି। ନିର୍ବାଚନ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ପ୍ରାୟ ୨ ମାସ ହେଲା ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ବଡ଼ ବଡ଼ ସମାବେଶ ଆୟୋଜନ ହେବାରେ ଲାଗିଛି। ଏସବୁରୁ ରାଜନୈତିକ ଉଷ୍ମତା ବୃଦ୍ଧିପାଇବା ସହ ୩ ପ୍ରମୁଖ ଦଳ ବିଜେଡି, ଭାଜପା, କଂଗ୍ରେସର ପ୍ରାର୍ଥୀ ହେବା ପାଇଁ ଆଶାୟୀମାନେ ଲବି ଚଳାଇଛନ୍ତି। ଏହି କ୍ରମରେ କଟକ ଜିଲାର ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀର ପାଣିପାଗ ବେଶ୍ ସରଗରମ ଅଛି।

କଟକ ଲୋକ ସଭା ଆସନ ଅଧୀନରେ ରହିଛି ଏହି ବିଧାନସଭା କ୍ଷେତ୍ର। ଏଠାରେ ବର୍ତ୍ତମାନ ସୁଦ୍ଧା ଦୃଶ୍ୟମାନ ହେଉଥିବା ରାଜନୈତିକ ଚିତ୍ର ଅନୁଯାୟୀ କଂଗ୍ରେସରୁ ଜଣେ ମାତ୍ର ଆଶାୟୀ ଥିବାବେଳେ ବିଜେଡି ଓ ଭାଜପାରୁ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ଲମ୍ବା ରହିଛି। ଅର୍ଥାତ୍ ୨୦୧୪ ସାଧାରଣ ନିର୍ବାଚନରେ ପରାସ୍ତ ହୋଇଥିବା କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୋକିମଙ୍କ ନାମ ଏକପ୍ରକାର ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। କାରଣ ନିକଟରେ ଭୁବନେଶ୍ୱରରେ ଅନୁଷ୍ଠିତ କଂଗ୍ରେସ ସ୍କ୍ରିନିଂ କମିଟି ବୈଠକରେ ବାରବାଟୀ-କଟକରୁ କେବଳ ମୋକିମଙ୍କ ନାମ ସୁପାରିସ କରାଯାଇଛି। ଏପରି ସ୍ଥିତିରେ ବିଜେଡିକୁ ଦେଖିଲେ ବର୍ତ୍ତମାନର ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ସମେତ ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ, ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ ଓ ଅଭିନେତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ଅନୁଭବ ମହାନ୍ତିଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ନାମ ଚର୍ଚ୍ଚାରେ ରହିଛି। ସେହିପରି ଭାଜପାରୁ ପୂର୍ବତନ ମନ୍ତ୍ରୀ ସମୀର ଦେ, ଯୁବନେତା ବିଶ୍ୱଜିତ୍ ମହାନ୍ତି, ଗତଥରର ପରାଜିତ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ, ଦଳୀୟ ନେତା ବିନୋଦ ଦାସ ଓ ଲଲାଟେନ୍ଦୁ ବଡୁଙ୍କ ନାମ ଚର୍ଚ୍ଚାକୁ ଆସୁଛି।

କଂଗ୍ରେସ ନେତା ମହମ୍ମଦ ମୋକିମ କୁହନ୍ତି, ୨୦୦୯ରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ଗଠନ ହେଲା। ସେବେଠାରୁ କ୍ରମାଗତ ୨ଥର ବିଜେଡି ଜିତିଛି। ଏହା ପୂର୍ବରୁ କଟକ ନିର୍ବାଚନ ମଣ୍ଡଳୀ ଥିବା ସମୟରେ ୧୯୮୦ ପରଠାରୁ କଂଗ୍ରେସ ପ୍ରାର୍ଥୀ ବିଜୟଲାଭ କରିନାହାନ୍ତି। କିନ୍ତୁ ଭାଜପା ଲଗାତର ୩ ଥର ଜିତିଛି। ଅତୀତରେ ଏଠାରୁ ନିର୍ବାଚିତ ବିଧାୟକମାନେ ରାଜ୍ୟ ମନ୍ତ୍ରିମଣ୍ଡଳରେ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀପଦ ମଧ୍ୟ ହାତେଇଛନ୍ତି। ହେଲେ ଏହି ଦୁଇ ଦଳ କଟକ ସହରର ମୌଳିକ ସମସ୍ୟା ଦୂର କରିବାରେ ବିଫଳ ହୋଇଛନ୍ତି। ତେଣୁ ଲୋକେ ଏହି ଦୁଇ ଦଳ ଉପରୁ ଆସ୍ଥା ତୁଟାଇ କଂଗ୍ରେସକୁ ବିଜୟୀ କରାଇବେ ବୋଲି ମୋକିମ ଆଶାବ୍ୟକ୍ତ କରିଛନ୍ତି। ତେବେ କଂଗ୍ରେସରୁ ଟିକେଟ ମିଳୁଥିବା ନେଇ ଆପଣ ନିଶ୍ଚିତ କି ବୋଲି ପଚରାଯିବାରୁ, ମୋର କଂଗ୍ରେସରେ କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବା ସମସ୍ତେ ଜାଣିଛନ୍ତି। ବିଜେଡି ସହିତ କଂଗ୍ରେସର ସିଧା ମୁକାବିଲା ହେବ ବୋଲି ମୋକିମ କହିଛନ୍ତି।

ଭାଜପା ନେତା ସମୀର ଦେ କୁହନ୍ତି, ଲୋକେ ଆମକୁ ମନେପକାଉଛନ୍ତି। ଆମ ସମୟରେ କଟକରେ ଉନ୍ନତି ହୋଇଥିଲା। ବିଗତ ୧୦ ବର୍ଷ ମଧ୍ୟରେ କଟକର ବିକାଶରେ ତାଲା ଝୁଲୁଛି। ନିର୍ବାଚନ ଲଢ଼ିବାର ମୋର ଇଚ୍ଛା ଅଛି। ଯଦି ଦଳ ଟିକେଟ ଦିଏ ନିଶ୍ଚିତ ଲଢ଼ିବି। ଟିକେଟ ନ ମିଳିଲେ ଦଳ ପାଇଁ ପ୍ରଚାର କରିବି ଓ ଭାଜପା ଏଠାରେ ଜିତିବ। ଭାଜପା ସହିତ ବିଜେଡିର ସିଧା ମୁକାବିଲା ହେବ ବୋଲି ସମୀର କହିଛନ୍ତି। ୨୦୧୪ରେ ଭାଜପାରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ପ୍ରଦୀପ ସ୍ୱାଇଁ କୁହନ୍ତି, ମୋତେ ଟିକେଟ ମିଳିବ ବୋଲି ଦୃଢ଼ ଆଶା। ଯଦି ଟିକେଟ ନ ମିଳେ ତେବେ ଦଳ ପାଇଁ ପ୍ରଚାର କରିବି। ଅନ୍ୟତମ ଆଶାୟୀ ଲଲାଟେନ୍ଦୁ ବଡୁ କୁହନ୍ତି, ମୋ ନାଁ ଟିକେଟ ତାଲିକାର ଏକ ନମ୍ବରରେ ଅଛି। ମୋର ଆଶା ଓ ବିଶ୍ୱାସ ରହିଛି ମୋତେ ଟିକେଟ ମିଳିବ। ନ ମିଳିଲେ ବି ଦୁଃଖ ନାହିଁ। ଦଳ ପାଇଁ କାମ କରିବି।

ବିଧାୟକ ଦେବାଶିଷ ସାମନ୍ତରାୟ କୁହନ୍ତି, ଗତ ୧୦ ବର୍ଷରେ କଟକରେ ଅନେକ ବିକାଶ ହୋଇଛି। ୬୦ ବର୍ଷ ତଳର ପୁରୁଣା ପାଣି ପାଇପ ଲାଇନକୁ ବଦଳାଯାଇଛି। ମହାନଦୀ ପାଣିକୁ ବିଶୁଦ୍ଧୀକରଣ କରାଯାଇ ଲୋକଙ୍କୁ ଦେବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ତଅଁଳାସାହିରେ ଗୃହ ନିର୍ମାଣ କରାଯାଇ ସେମାନଙ୍କୁ ଯୋଗାଇ ଦିଆଯାଇଛି। ସହରରେ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ତେବେ ଏକ ବୃହତ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ତାହା ହେଉଛି ପୁରୀଘାଟ ନିକଟରେ କାଠଯୋଡ଼ି ନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କାଠଯୋଡ଼ି ସମେତ ଦେବୀ, ପ୍ରାଚୀ ଆଦି ନଦୀରେ ଜଳ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇ ପାରିବ। ନିର୍ବାଚନ ପରେ ପ୍ରାଥମିକତା ଭିତ୍ତିରେ ଏହି କାର୍ଯ୍ୟ ସମ୍ପନ୍ନ କରାଯିବ। ତେବେ ଆପଣଙ୍କୁ ଟିକେଟ ମିଳୁଛି କି ନାହିଁ ପ୍ରଶ୍ନରେ ବିଧାୟକ ସାମନ୍ତରାୟ କହିଥିଲେ, ସେ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତିଙ୍କ ଉପରେ ନିର୍ଭର କରେ। ମୋତେ ଟିକେଟ ମିଳୁ କି ନ ମିଳୁ ଦଳ ମୋ ପାଇଁ ସବୁଠୁ ବଡ଼। ଯାହାକୁ ଟିକେଟ ମିଳିଲେ ବି ବିଜେଡି ଏଠାରେ ଜିତିବ। କାହା ସାଙ୍ଗରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆପଣ ଭାବୁଛନ୍ତି ପ୍ରଶ୍ନରେ ସାମନ୍ତରାୟ କହିଥିଲେ, ଯିଏ ସାମ୍ନାକୁ ଆସିବ ତାହା ସହିତ ଲଢେଇ ହେବ।

ଦଳର ସମସ୍ତ ଆଶାୟୀଙ୍କ ମତ ମଧ୍ୟ ସମାନ ରହିଛି। ସୁବାସ ସିଂ, ଅରିନ୍ଦମ ରାୟ ଓ ଅନୁଭବ ମହାନ୍ତିଙ୍କୁ ପଚାରିବାରୁ ଦଳର ସଭାପତି ଯାହାଙ୍କୁ ପ୍ରାର୍ଥୀ କରିବେ, ଆମେ ତାଙ୍କ ପାଇଁ ପ୍ରଚାର କରିବୁ ବୋଲି ସମସ୍ତେ କହିଛନ୍ତି। ତେବେ ବିଧାୟକ ସାମନ୍ତରାୟଙ୍କ ନାମ ପାରାଦୀପ ବିଧାନସଭା ଓ ରାଜ୍ୟ ସଭା ପାଇଁ ଚର୍ଚ୍ଚାରେ ଥିବାରୁ ତାଙ୍କ ବିକଳ୍ପ ଭାବେ ବିଜେଡି କାହାକୁ ଚୟନ କରିବ ତାହା ନୂଆ ସମୀକରଣକୁ ସୂଚାଇବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

କଟକ ସହରବାସୀଙ୍କ ମତ ହେଉଛି ଏବେ ବି ସହର ଅନେକ ସମସ୍ୟା ଦେଇ ଗତି କରୁଛି। ବିଶୁଦ୍ଧ ପାନୀୟଜଳର ଅଭାବ ଯୋଗୁ ସହରରେ ବର୍ଷତମାମ ଜଣ୍ଡିସର ପ୍ରକୋପ ଦେଖିବାକୁ ମିଳୁଛି। ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟ ନ କରିବାରୁ ଅସରାଏ ବର୍ଷାରେ ଲୋକଙ୍କ ଘରେ ପାଣି ପଶୁଛି। ମୌଳିକ ସମସ୍ୟା ସମାଧାନରେ ସିଏମ୍‌ସି ବିଫଳ ହୋଇଥିବା ସହରର ବରିଷ୍ଠ ନାଗରିକ ଜଗମୋହନ ମହାନ୍ତି କହିଛନ୍ତି।

### ୨୦୧୪ ନିର୍ବାଚନ ଫଳାଫଳ

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ବିଜେଡି | ଦେବାଶିଷ ସାମନ୍ତରାୟ | ୫୭,୬୭୩ |
| କଂଗ୍ରେସ | ଇଂ. ମହମ୍ମଦ ମୋକିମ୍ | ୪୩,୩୩୫ |
| ଭାଜପା | ପ୍ରଦୀପ ସ୍ୱାଇଁ | ୨୦,୫୫୨ |
| ବିଏସ୍‌ପି | ସୟଦ ସଫିକ୍ ଅଲି | ୨୨୪ |
| ଏସ୍‌ୟୁସିଆଇ | ପ୍ରତାପ ଚନ୍ଦ୍ର ମିଶ୍ର | ୨୦୭ |
| ଏଏପି | ସେକ୍ ମୁନ୍ତାକିମ୍ ବକ୍ସ | ୧୦୧୦ |
| ଏଓପି | ମହମ୍ମଦ ଓ୍ୱାହିଦ ଶକିଲ | ୭୭୧ |
| ସ୍ୱାଧୀନ | ବିପିନ ବିହାରୀ ସାହୁ | ୧୨୫ |
| ସ୍ୱାଧୀନ | ଡା. ରମାରମଣ ଷଡ଼ଙ୍ଗୀ | ୬୭୪ |

### ୨୦୦୯ ନିର୍ବାଚନ ଫଳାଫଳ

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ବିଜେଡି | ଦେବାଶିଷ ସାମନ୍ତରାୟ | ୫୨,୦୯୭ |
| କଂଗ୍ରେସ | ସୁରେଶ ମହାପାତ୍ର | ୨୭,୬୧୨ |
| ଭାଜପା | ସମୀର ଦେ | ୧୫,୧୩୧ |
| ସ୍ୱାଧୀନ | ସୁବାସ ଶର୍ମା | ୬୩୯ |
| ବିଏସ୍‌ପି | ସେକ୍ ମୁନ୍ତାକିମ ବକ୍ସ | ୬୦୬ |
| ସ୍ୱାଧୀନ | ସେକ୍ ମାମିଲୁଦ୍ଦିନ ଅହମ୍ମଦ | ୨୨୬ |
| ଏଜେଏସ୍‌ୟୁ | ଆଲୋକ ପ୍ରସାଦ ନନ୍ଦ | ୨୨୪ |
| ଏସ୍‌ପି | ଗୀତା ଚଇନି | ୨୨୦ |
| ଜନହିତକର ପାର୍ଟି | ଡ. ଗୁରୁପ୍ରସାଦ ମହାନ୍ତି | ୧୭୭ |
| ସ୍ୱାଧୀନ | ଅମରେନ୍ଦ୍ର ରଥ | ୧୩୦ |
| ଜେଡିୟୁ | ସଞ୍ଜିତ କୁମାର ସାମଲ | ୧୨୦ |

### ନିର୍ବାଚନମଣ୍ଡଳୀ ରୂପରେଖ

୨୦୦୯ରେ ରାଜ୍ୟରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପରେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ଜନ୍ମ ନେଇଥିଲା। ସିଏମ୍‌ସିର ୩୨ଟି ୱାର୍ଡକୁ ନେଇ ଏହି ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ କରାଯାଇଛି। ୨୦୧୧ ଜନଗଣନା ଅନୁଯାୟୀ ନିର୍ବାଚନମଣ୍ଡଳୀର ମୋଟ ଜନସଂଖ୍ୟା ୩,୧୮,୬୧୧। ସାମାଜିକ, ଅର୍ଥନୈତିକ ସର୍ଭେ ଅନୁଯାୟୀ ଏହି ନିର୍ବାଚନମଣ୍ଡଳୀରେ ଶତପ୍ରତିଶତ ସହରାଞ୍ଚଳ ଭୋଟର ରହିଛନ୍ତି। ୨୦୧୮ ଭୋଟର ତାଲିକା ଅନୁଯାୟୀ ୨,୨୩,୩୫୩ ଜଣ ମତଦାତା ରହିଛନ୍ତି। ୨୦୧୪ ନିର୍ବାଚନରେ ଏଠାରେ ମତଦାନ ହାର ୫୯.୮୫% ରହିଥିଲା। ବିଜେଡି ସପକ୍ଷରେ ସର୍ବାଧିକ ୪୫.୮% ଭୋଟ ଯାଇଥିବାବେଳେ ୩୪.୪୪% ଭୋଟ କଂଗ୍ରେସ ଓ ୧୬.୩୩% ଭୋଟ ଭାଜପା ପାଇଥିଲା।

## ସରକାରୀ ଡାକ୍ତରଙ୍କୁ ୩ଥର ପଦୋନ୍ନତି

■ବର୍ଷ ୩,୧୪,୨୧ରେ ଲାଗୁ
■ଡିଏସିପିକୁ ଅନୁମୋଦନ

**ଭୁବନେଶ୍ୱର,୨୦।୨(ବ୍ୟୁରୋ)** ସରକାରୀ ଡାକ୍ତରଙ୍କୁ ଚାକିରିକାଳ ମଧ୍ୟରେ ୩ଥର ପଦୋନ୍ନତି ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ନିୟମିତ ଚାକିରିରେ ରହିଥିଲେ ଏଣିକି କାର୍ଯ୍ୟକାଳର ୩, ୧୪ ଏବଂ ୨୧ ବର୍ଷରେ ନିଶ୍ଚିତ ପଦୋନ୍ନତି ମିଳିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। କିଛିଦିନ ପୂର୍ବରୁ ଡାକ୍ତରମାନଙ୍କ ପଦୋନ୍ନତି ସମ୍ପର୍କିତ ନୂଆ ଡାଇନାମିକ୍ ଆସ୍ୟୁର୍ଡ କ୍ୟାରିୟର ପ୍ରୋଗ୍ରେସନ ଫର ଗଭର୍ନମେଣ୍ଟ ଡକ୍ଟର(ଡିଏସିପି)କୁ ସରକାରଙ୍କ ଅନୁମୋଦନ ମିଳିଛି।

■ ମାଟ୍ରିକ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଶେଷ

## ୨୦୨୦ ବେଳକୁ ସବୁ ପରୀକ୍ଷା କେନ୍ଦ୍ରରେ ଲାଗିବ ସିସିଟିଭି

**ପୁରୀ ଅଫିସ,୨୦।୨:** ଆସନ୍ତା ୨୨ ତାରିଖରୁ ଆରମ୍ଭ ହେଉଛି ମାଟ୍ରିକ ପରୀକ୍ଷା। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବୁଧବାର ୩୦୪ ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିବାର ବ୍ୟବସ୍ଥା ସରିଛି। ପ୍ରାୟ ସବୁ ନୋଡାଲ ସେଣ୍ଟରରେ ସିସିଟିଭି କ୍ୟାମେରା ଲଗାଯାଇଛି। ତେଣୁ କୌଣସି ପ୍ରକାର ଅସୁବିଧା ହେବ ନାହିଁ ବୋଲି କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ପ୍ରଦୀପ୍ତ ମହାପାତ୍ର।

ପୁରୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ମହାପାତ୍ର କହିଥିଲେ ଯେ, ୨୨ ତାରିଖ ସକାଳ ୬ଟାରୁ ୮ଟା ମଧ୍ୟରେ ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ବିଗତ ବର୍ଷଗୁଡ଼ିକରେ ପୂର୍ବଦିନ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚୁଥିବା ବେଳେ ଚଳିତବର୍ଷ ଏଭଳି ପରିବର୍ତ୍ତନ କରାଯାଇଛି। ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ନେବା ପାଇଁ ୭୦୧ ଗାଡ଼ି କରାଯାଇଛି। ପ୍ରତି ଗାଡ଼ିରେ ପୋଲିସ ରହିବେ। ଗୋଟିଏ ଗାଡି ୩/୪ଟି କେନ୍ଦ୍ରରେ ପ୍ରଶ୍ନପତ୍ର ଦେବାର ବ୍ୟବସ୍ଥା ହୋଇଛି। ଏଥିରେ କୌଣସି ତ୍ରୁଟି ହେବ ନାହିଁ ବୋଲି ଆଶା ରଖିଛୁ। ପ୍ରଥମଥର ଲାଗି ୪୦୦ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଛି। ୨୦୨୦ ବେଳକୁ ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯିବ। ତେଣୁ କପି କରି ପାସ୍ କରିବା ଚିନ୍ତାଧାରାରୁ ନିବୃତ୍ତ ରୁହନ୍ତୁ। ଏଥର ପରୀକ୍ଷା ପରିଚାଳନା ନେଇ ଯେଉଁ ନିୟମ ରହିଛି, ତାହାକୁ କଡ଼ାକଡ଼ି ପାଳନ କରିବା ଲାଗି ଡିଜିଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଡିଜି ମଧ୍ୟ ସମସ୍ତ ଏସ୍‌ପିଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ପିଲାମାନେ କପି କରିବାର ମାନସିକତାରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ଦରକାର ବୋଲି ସଚିବ କହିଛନ୍ତି। ୨୧ ତାରିଖରେ ନବ ନିର୍ମାଣ କୃଷକ ସଙ୍ଗଠନ ବନ୍ଦ ଡାକରା ସଂକ୍ରାନ୍ତରେ ସଚିବ କହିଛନ୍ତି ଯେ, ଏହିଦିନ ପରୀକ୍ଷା ସମ୍ପର୍କିତ କୌଣସି କାର୍ଯ୍ୟକ୍ରମ ନାହିଁ। କିନ୍ତୁ ପିଲାମାନେ ପୂର୍ବଦିନରୁ ପରୀକ୍ଷା କେନ୍ଦ୍ରକୁ ଯାଇଥାନ୍ତି। ତେଣୁ କୌଣସି ପ୍ରକାର ଅସୁବିଧା ହେବା ଆଶଙ୍କା କରି ରାଜ୍ୟ ସରକାର ବନ୍ଦ ଡାକରାରୁ ଓହରିଯିବା ପାଇଁ ଅନୁରୋଧ କରିଛନ୍ତି। ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସଙ୍ଗଠନ ପୁନର୍ବିଚାର କରିବା କଥା।

କେତେଜଣ ଛାତ୍ରୀଛାତ୍ରଙ୍କ ପରୀକ୍ଷା କେନ୍ଦ୍ର ବହୁ ଦୂରରେ ପଡିଥିବା ଅଭିଯୋଗ ସଂକ୍ରାନ୍ତରେ ସେ କହିଛନ୍ତି, ପ୍ରତି ଜିଲାରେ ଜିଲାପାଳ, ଏସ୍‌ପି ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଏ। ସେହି କମିଟି ହିଁ କେଉଁ ସ୍କୁଲର କେଉଁଠାରେ ପରୀକ୍ଷା କେନ୍ଦ୍ର ହେବ ତାହା ନିଷ୍ପତ୍ତି ନେଇଥାଏ। ହେଲେ ଏଭଳି କୌଣସି ଅଭିଯୋଗ ଏ ପର୍ଯ୍ୟନ୍ତ ଆସିନାହିଁ। କୌଣସି ଛାତ୍ରୀଛାତ୍ର ନିଜ ସ୍କୁଲରେ ପରୀକ୍ଷା ଦେଇପାରିବେ ନାହିଁ ବୋଲି ଗତବର୍ଷଠାରୁ କଡ଼ାକଡ଼ି ନିୟମ କରାଯାଇଥିବା ସଚିବ କହିଛନ୍ତି।

### ବିଜେଡି ନେତାଙ୍କ କଂଗ୍ରେସରେ ଯୋଗଦାନ

**ଭୁବନେଶ୍ୱର,୨୦।୨(ବ୍ୟୁରୋ):** କେନ୍ଦୁଝର ଜିଲା ବିଜେଡି ଉପସଭାପତି ପ୍ରଭାକର ନାୟକ ତାଙ୍କ ସମର୍ଥକଙ୍କ ସହ ବୁଧବାର କଂଗ୍ରେସରେ ସାମିଲ ହୋଇଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ କଂଗ୍ରେସ ଭବନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି।

■ ଶ୍ରୀମନ୍ଦିର ପ୍ରଶାସନ ସହ ହିଙ୍ଗୋରାନିଙ୍କ ବୈଠକ

## ବୁଝିଲେ ଶ୍ରୀମନ୍ଦିର ଇତିହାସ, ପରମ୍ପରା



ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସଭାଗୃହରେ ଆମିକସ୍ କ୍ୟୁରିଙ୍କ ସହଯୋଗୀ ପ୍ରିୟା ହିଙ୍ଗୋରାନି ସେବାୟତଙ୍କ ସହ ଆଲୋଚନା କରୁଛନ୍ତି।

**ପୁରୀ ହିଂସା, ଡିସେମ୍ବର ୨୮ ବିଶୃଙ୍ଖଳା ନେଇ ଅବଗତ ହେଲେ**

ପୁରୀ ଅଫିସ,୨୦।୨

ଶ୍ରୀମନ୍ଦିର ସଂସ୍କାର ମାମଲାକୁ ନେଇ ପୁଣି ପୁରୀରେ ଆରମ୍ଭ ହୋଇଛି ଖୋଳତାଡ଼। ନୂଆ ଆମିକସ୍ କ୍ୟୁରିଙ୍କ ଗସ୍ତ ପୂର୍ବରୁ ତାଙ୍କ ସହଯୋଗୀ ସୁପ୍ରିମ୍‌କୋର୍ଟର ଆଇନଜୀବୀ ପ୍ରିୟା ହିଙ୍ଗୋରାନି ତଥ୍ୟ ସଂଗ୍ରହ କରିବା ଆରମ୍ଭ କରି ଦେଇଛନ୍ତି। ବୁଧବାର ସକାଳେ ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଶ୍ରୀମନ୍ଦିର ସଂସ୍କାର ମାମଲା ନେଇ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ପୂର୍ବାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାଗୃହରେ ମୁଖ୍ୟ ପ୍ରଶାସକଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ଅଧିକାରୀଙ୍କ ସହ ବୈଠକ କରିଥିଲେ। ଏଥିରେ ହିଙ୍ଗୋରାନି ଶ୍ରୀମନ୍ଦିର ସମ୍ପର୍କରେ ବିସ୍ତୃତ ଭାବେ ଜାଣିବାକୁ ଇଚ୍ଛା କରିଥିଲେ। ମୁଖ୍ୟ ପ୍ରଶାସକ ତାଙ୍କୁ ଶ୍ରୀମନ୍ଦିରର ଇତିହାସ, ନିର୍ମାଣ, ସେବାପୂଜା, ପରମ୍ପରା, ରୀତିନୀତି, ପର୍ବପର୍ବାଣି, ରଥଯାତ୍ରା, ମହାପ୍ରଭୁଙ୍କ ନବକଳେବର ଆଦି ବିଭିନ୍ନ ପ୍ରସଙ୍ଗରେ ଅବଗତ କରାଇଥିଲେ। ଏଥିସହ ଶ୍ରୀମନ୍ଦିର ଆଇନ, ସ୍ୱତ୍ୱଲିପି ସମ୍ପର୍କରେ ମଧ୍ୟ ହିଙ୍ଗୋରାନିଙ୍କୁ ଅବଗତ କରାଯାଇଥିଲା। ଶ୍ରୀମନ୍ଦିରରେ ୧୧୯ ପ୍ରକାର ସେବକ ରହିଥିବା ତାଙ୍କୁ ସୂଚନା ଦିଆଯାଇଥିଲା। କିନ୍ତୁ ସ୍ପଷ୍ଟ ଭାବେ ସେ ଏହି ବିଷୟରେ ଜାଣିବାକୁ ଚାହିଁଥିଲେ।

ସୁପ୍ରିମକୋର୍ଟ ତାଙ୍କ ଅନ୍ତରୀଣ ଆଦେଶରେ ଯେଉଁ ୧୨ଟି ପ୍ରସ୍ତାବ ଦେଇଥିଲେ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ପ୍ରସ୍ତାବ ମଧ୍ୟରୁ କାହାକୁ ନେଇ ସମସ୍ୟା ରହିଛି ତାହା ମଧ୍ୟ ବୁଝିଥିଲେ। ପ୍ରାୟ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଏହି ବୈଠକ ଚାଲିଥିଲା।

ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ, ହିଙ୍ଗୋରାନିଙ୍କୁ ଶ୍ରୀମନ୍ଦିର ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଏଥିସହ ସୁପ୍ରିମ୍‌କୋର୍ଟ ଯେଉଁ ରାୟ ଦେଇଥିଲେ ଏବଂ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ୧୨ଟି ପ୍ରସ୍ତାବର ସ୍ଥିତି, ଧାଡ଼ିଦର୍ଶନକୁ ନେଇ ଅକ୍ଟୋବର ୩ ପୁରୀ ହିଂସା ଏବଂ ଡିସେମ୍ବର ୨୮ରେ ମହାପ୍ରଭୁଙ୍କ ନୀତିରେ ସୃଷ୍ଟି ହୋଇଥିବା ବିଶୃଙ୍ଖଳା ଓ ଏହାର ପ୍ରତିକାର କ'ଣ ହୋଇପାରିବ ଏ ସବୁର ତର୍ଜମା ହୋଇଥିଲା। ଏତଦ୍ ବ୍ୟତୀତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯାହା କାଗଜପତ୍ର ତାଙ୍କୁ ଦେବାର ଥିଲା ତାହା ପ୍ରଦାନ କରାଯାଇଛି। ସେ ଆଉ କିଛି ତଥ୍ୟ ମାଗିଛନ୍ତି। ସେ ସବୁ ତାଙ୍କ ମେଲ୍‌ରେ ପଠାଇ ଦିଆଯିବ। ଏହା ପରେ ସେ ତାଙ୍କ ରିପୋର୍ଟ ଆମିକସ୍ କ୍ୟୁରି ରଞ୍ଜିତ କୁମାରଙ୍କୁ ଦେବେ। ମୁଖ୍ୟତଃ ବଂଶାନୁକ୍ରମିକ ସେବକ ନିଯୁକ୍ତି ଉଚ୍ଛେଦ, ଅନ୍ନଦାନ ଆଟିକା ଏବଂ ଥାଳି, ଗରା ମାଧ୍ୟମରେ ଦାନ ସଂଗ୍ରହ ବନ୍ଦ ନେଇ ଯେଉଁ ଅସହମତି ରହିଥିଲା ସେ ସମ୍ପର୍କରେ ହିଙ୍ଗୋରାନିଙ୍କୁ ଆମର ମତାମତ ଜଣାଇ ଦେଇଛୁ। ସେମାନେ ସୁପ୍ରିମ୍‌କୋର୍ଟରେ ତାକୁ ଉପସ୍ଥାପନ କରିବା ପରେ ଯାହା ରାୟ ହେବ ବୋଲି ମୁଖ୍ୟ ପ୍ରଶାସକ କହିଥିଲେ।

### ପକ୍ଷଙ୍କଠାରୁ ଲିଖିତ ତଥ୍ୟ ନିଆଗଲା

**ସଂସ୍କାର ମାମଲା**

ପୁରୀ ଅଫିସ,୨୦।୨

ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟ ପ୍ରିୟା ହିଙ୍ଗୋରାନିଙ୍କୁ ଆମିକସ୍ କ୍ୟୁରି ରଞ୍ଜିତ କୁମାରଙ୍କ ସହଯୋଗୀ ଭାବେ ନିଯୁକ୍ତ କରିଛନ୍ତି। ବୁଧବାର ହିଙ୍ଗୋରାନି ବିଭିନ୍ନ ସେବାୟତ ନିଯୋଗ ଅର୍ଥାତ୍ ଯେଉଁମାନେ ସୁପ୍ରିମ୍‌କୋର୍ଟରେ ପକ୍ଷ ହୋଇଥିଲେ ସେମାନଙ୍କ ସହ ଆଲୋଚନା କରିଛନ୍ତି। ବିଶେଷକରି ସୁଆର ପତ୍ରୀବଡୁ, ଖୁଣ୍ଟିଆ, ପୂଜାପଣ୍ଡା, ଭିତର ସେବାୟତ, ଚୂନରା, ସୁଆର ମହାସୁଆର ନିଯୋଗଠାରୁ ଲିଖିତ ଭାବେ ତଥ୍ୟ ସଂଗ୍ରହ କରିଛନ୍ତି।

ପୂର୍ବାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେବଳ ପକ୍ଷ ହୋଇଥିବା ସେବାୟତ ନିଯୋଗର କର୍ମକର୍ତ୍ତା ଏବଂ ହିଙ୍ଗୋରାନି ଉପସ୍ଥିତ ଥିଲେ। ସବୁ ନିଯୋଗ ବଂଶାନୁକ୍ରମିକ ସେବା ଏବଂ ଶ୍ରୀମନ୍ଦିର ସ୍ୱତ୍ୱଲିପିକୁ ସୁରକ୍ଷା ଦେବା ଉପରେ ମତ ରଖିଥିଲେ। ଶ୍ରୀମନ୍ଦିରର ପରମ୍ପରା, ସେବାପୂଜା ବିଶ୍ୱର ଅନ୍ୟ ସମସ୍ତ ମନ୍ଦିରଠାରୁ ଭିନ୍ନ ବୋଲି କହିଥିଲେ। ଶ୍ରୀମନ୍ଦିର ଏକ ମହାନ୍ ଆଧ୍ୟାତ୍ମିକ ପୀଠ। ହେଲେ ଏଠାରେ ଥାଳି, ଗରା ମାଧ୍ୟମରେ ଦାନ, ଦକ୍ଷିଣା କାହିଁକି ଆଦାୟ କରୁଛ ବୋଲି ହିଙ୍ଗୋରାନି ସେବାୟତଙ୍କୁ ପ୍ରଶ୍ନ କରିଥିଲେ। ସମ୍ପୃକ୍ତ ନିଯୋଗ ପକ୍ଷରୁ ଏହା ଉପରେ ମତ ରଖାଯାଇଥିଲା। ଶ୍ରୀମନ୍ଦିର ପରମ୍ପରା ଆଧାରରେ ଏପରି ଚାଲି ଆସିଛି। ଭକ୍ତମାନେ ଠାକୁରଙ୍କୁ ଦର୍ଶନ ପରେ ଏଥିରେ ଦାନ, ଦକ୍ଷିଣା ସ୍ୱଇଚ୍ଛାରେ ପ୍ରଦାନ କରିଥାନ୍ତି ବୋଲି କୁହାଯାଇଥିଲା। ଅନ୍ୟପକ୍ଷରେ ବିଭିନ୍ନ ପକ୍ଷଙ୍କ ସହ ହୋଇଥିବା ଏହି ଆଲୋଚନା ସକାରାତ୍ମକ ରହିଥିବା ସେବକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

UTKAL UNIVERSITY
VANI VIHAR, BHUBANESWAR-751004
INDICATIVE REQUEST FOR PROPOSAL (RfP)
No. DRS/RUSA/1041-2016 (Part I)/5240/2019 Date: 20.02.2019
To undertake various initiatives in RUSA and for other strategic initiatives, Utkal University, Odisha intends to hire consultancy firm, to set up a Project Management Support (PMS) Unit which can assist the University in these areas. In this regard, Utkal University invites responses from reputed and experienced organizations through a Request for Proposal (RfP). Interested participants / firms may download the RfP document from the University website www.utkaluniversity.nic.in or contact rusa.utkal@gmail.com. The responses to the RfP need to be submitted by 1500 hours of 12 March 2019 to the Registrar, Utkal University, Vani Vihar, Bhubaneswar-751 004, India.
Sd/- REGISTRAR

ସଂରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ତା.୨୧.୦୨.୨୦୧୯ରିଖ ଦିନ ପୁରୀରୁ ଛାଡ଼ିବାକୁ ଥିବା କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ ପରିବର୍ତ୍ତିତ ମାର୍ଗ ଦେଇ ଯାତ୍ରା କରିବ।
ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ରେଳ ମଣ୍ଡଳରେ ପୋସୋତିଆ-ମନୋହରପୁର ଏବଂ ଜରାଇକେଲା-ଭାଲୁଲତା ଷ୍ଟେସନ ଗୁଡ଼ିକ ମଧ୍ୟରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ଗୁଡ଼ିକର ସ୍ଥାପନ ନିମନ୍ତେ ସଂରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ତା.୨୧.୦୨.୨୦୧୯ରିଖ (ଗୁରୁବାର) ଦିନ ପୁରୀରୁ ଛାଡ଼ିବାକୁ ଥିବା 18477 ପୁରୀ-ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ କଟକ-ଭଦ୍ରକ-ଟାଟା-ଝାରସୁଗୁଡ଼ା ମାର୍ଗ ପରିବର୍ତ୍ତେ କଟକ-ଅନୁଗୁଳ-ସମ୍ବଲପୁର ସିଟି-ଝାରସୁଗୁଡ଼ା ରୋଡ୍-ଇବ୍ ଏବଂ ବିଳାସପୁର ହୋଇ ପରିବର୍ତ୍ତିତ ମାର୍ଗରେ ଯାତ୍ରା କରିବ।
ପୂର୍ବ ତଟ ରେଳପଥ
PR-490/J/18-19

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. MCSW-Bio Tank-18-19-19
କାର୍ଯ୍ୟର ନାମ : 12 (ବାର) ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ P-ଟ୍ରାପ ରୁ S-ଟ୍ରାପର ରୂପାନ୍ତରଣ ସହିତ ବାୟୋ-ଡାଇଜେଷ୍ଟର (Bio-digester) ଟାଙ୍କି (ପରିମାଣ : 2500 ଗୋଟି) ଗୁଡ଼ିକର ନିୟମିତ ବ୍ୟବଧାନରେ (Periodic) ପରୀକ୍ଷା ଓ ମରାମତି (Overhauling)।
ବିଜ୍ଞାପିତ ମୂଲ୍ୟ : ₹1,09,98,350/-, EMD : ₹2,05,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹5,000/-, ଶେଷ ହେବା ଅବଧି : 12 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.01.03.2019 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.03.2019 ରିଖ 1500 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (POH) /CRW ମଞ୍ଚେଶ୍ୱର
PR-485/J/18-19

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONHQ BBS2019004, ତା.18.02.2019ରିଖ
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ତାଳଚେର-ଗୋପାଳପୁର (ଗଞ୍ଜାମ), ଓଡ଼ିଶା ମଧ୍ୟରେ ନୂଆ ଲାଇନ୍ ନିମନ୍ତେ ପ୍ରାଥମିକ ଇଂଜିନିୟରିଂ-ସହ-ଯାତାୟାତ (Preliminary Engineering-cum-Traffic) ସର୍ବେକ୍ଷଣ କାର୍ଯ୍ୟ ନିର୍ବାହ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 09.21 ଲକ୍ଷ, EMD (ଟଙ୍କାରେ) : 18,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,000/-, କାର୍ଯ୍ୟ ଶେଷ ହେବା ଅବଧି : 04 (ଚାରି)ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.03.2019 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଭୁବନେଶ୍ୱର
PR-102/CB/18-19

ପୂର୍ବ ତଟ ରେଳପଥ
ଇଂଜିନିୟରିଂ କାର୍ଯ୍ୟ
ଫାଇଲ ନଂ.DRM/Engg/KUR/18-19/ E-Tender/22, ତା.15.02.2019ରିଖ
1. ଟେଣ୍ଡର ବିଜ୍ଞପ୍ତି ସଂ.e-Tender NORTH-KUR-360-18, ତା.12.02.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ହରିଚନ୍ଦନପୁର, ଚିଲିକିଦରା ଏବଂ ଶଗଡ଼ପଟା ଷ୍ଟେସନଗୁଡ଼ିକ ଠାରେ 40 ୟୁନିଟ୍ ଟାଇପ୍-II ଷ୍ଟାଫ୍ କ୍ୱାର୍ଟରଗୁଡ଼ିକର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹496.04 ଲକ୍ଷ, EMD: ₹3,98,000/-, ଟେଣ୍ଡର ଫର୍ମର ମୂଲ୍ୟ : ₹11,800/-, ଶେଷ ହେବା ଅବଧି: 20 (କୋଡ଼ିଏ) ମାସ।
2. ଟେଣ୍ଡର ବିଜ୍ଞପ୍ତି ସଂ.e-Tender NORTH-KUR-361-18, ତା.12.02.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭଦ୍ରକ ଷ୍ଟେସନ ଠାରେ ଥିବା ପୁରୁଣା ପରିତ୍ୟକ୍ତ କ୍ୱାର୍ଟରଗୁଡ଼ିକ ପରିବର୍ତ୍ତେ 16 ୟୁନିଟ୍ ଟାଇପ୍-II କ୍ୱାର୍ଟର ଗୁଡ଼ିକର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹239.92 ଲକ୍ଷ, EMD: ₹2,70,000/-, ଟେଣ୍ଡର ଫର୍ମର ମୂଲ୍ୟ : ₹11,800/-, ଶେଷ ହେବା ଅବଧି : 12 (ବାର) ମାସ।
3. ଟେଣ୍ଡର ବିଜ୍ଞପ୍ତି ସଂ.e-Tender SOUTH-KUR-362-18, ତା.14.02.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବାଲୁଗାଁ ଷ୍ଟେସନ ଠାରେ ବର୍ତ୍ତମାନର ରେଳ ସୁରକ୍ଷା ବଳ (RPF) ବାରାକ ଏବଂ ସଂଲଗ୍ନ ସର୍ଭିସ୍ ବିଲ୍ଡିଙ୍ଗଗୁଡ଼ିକର ମରାମତି, ବ୍ରହ୍ମପୁର ଠାରେ ରେଲୱେ ଇନ୍‌ଷ୍ଟିଚ୍ୟୁଟ୍‌ର ନବୀକରଣ ଏବଂ ବ୍ରହ୍ମପୁର ଠାରୁ ପଲାସା ସେକ୍ସନ ପର୍ଯ୍ୟନ୍ତ ସିଗ୍‌ନାଲ ଏବଂ ଟେଲିକମ୍, TRD ସର୍ଭିସ୍ ବିଲ୍ଡିଙ୍ଗଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹74.30 ଲକ୍ଷ, EMD: ₹1,48,600/-, ଟେଣ୍ଡର ଫର୍ମର ମୂଲ୍ୟ : ₹5,900/-, ଶେଷ ହେବା ଅବଧି : 08 (ଆଠ) ମାସ।
4. ଟେଣ୍ଡର ବିଜ୍ଞପ୍ତି ସଂ.e-Tender EAST-KUR-363-18, ତା.12.02.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର କଟକ-ପାରାଦ୍ୱୀପ ସେକ୍ସନରେ ଛୋଟ ପୋଲ / ବଡ଼ (Major) ପୋଲ ଏବଂ ଏହାର ପ୍ରବେଶ ପଥରେ ଯେଭଳି ବାଲାଷ୍ଟ ରିଟେନିଙ୍ଗ୍ ୱାଲ, ପାରାପେଟ ୱାଲ, ଯାଞ୍ଚ ସିଡ଼ି, ବ୍ରିକ୍ ଟାବ୍‌ଲେଟର ବିବିଧ ମରାମତି, ପୋଲ ପ୍ରବେଶ ପଥ ସେସ୍(Cess) ର ପ୍ରଶସ୍ତୀକରଣ, ରେନ୍‌ଫୋର୍ସମେଣ୍ଟ ଏକ୍ସପୋଜ୍‌ଡ ସ୍ଥାନଗୁଡ଼ିକର ଦେଖାଶୁଣା, ଷ୍ଟୋନ୍ ପିଚିଙ୍ଗ୍, ସେଣ୍ଟ୍ରାଲ ଡ୍ରେନ୍ ଇତ୍ୟାଦିଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹169.10 ଲକ୍ଷ, EMD: ₹2,34,600/-, ଟେଣ୍ଡର ଫର୍ମର ମୂଲ୍ୟ : ₹5,900/-, ଶେଷ ହେବା ଅବଧି : 12 (ବାର) ମାସ।
5. ଟେଣ୍ଡର ବିଜ୍ଞପ୍ତି ସଂ.e-Tender EAST-KUR-364-18, ତା.13.02.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / II / କଟକ ପରିସୀମା ଅଧୀନସ୍ଥ ବିଭିନ୍ନ ଷ୍ଟେସନ ଗୁଡ଼ିକ ଠାରେ ଲୋ ଲେଭେଲ (Low Level) ରୁ ହାଇ ଲେଭେଲ (High Level) ପର୍ଯ୍ୟନ୍ତ ପ୍ଲାଟଫର୍ମ ଗୁଡ଼ିକର ଉଚ୍ଚତା ବୃଦ୍ଧି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹824.58 ଲକ୍ଷ, EMD: ₹5,62,300/-, ଟେଣ୍ଡର ଫର୍ମର ମୂଲ୍ୟ : ₹11,800/-, ଶେଷ ହେବା ଅବଧି : 12 (ବାର) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.13.03.2019 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ।
ଦ୍ରଷ୍ଟବ୍ୟ : ପ୍ରତ୍ୟାଶିତ ଟେଣ୍ଡର ଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଅଛି କି ଏହି ଇ-ଟେଣ୍ଡର ନିମନ୍ତେ ଜାରି ଯେକୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ର ପ୍ରତି ଧ୍ୟାନ ଦେବା ପାଇଁ ସେମାନେ ଟେଣ୍ଡର ବନ୍ଦ ହେବାର ଦଶ ଦିନ ପୂର୍ବରୁ ୱେବ୍‌ସାଇଟ୍ ପୁନଃ ଅବଲୋକନ କରନ୍ତୁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ୍) ଖୋର୍ଦ୍ଧା ରୋଡ଼
PR-486/J/18-19

ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। —ଶ୍ରୀଅରବିନ୍ଦ





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ପ୍ରାଣୀ ଦେବତା

ଭାରତରେ ବଳିପ୍ରଥା ଏବଂ ଶବରମାନଙ୍କ ପଶୁ ଶିକାର ପ୍ରଥା ଥିଲେ ମଧ୍ୟ ମୋଟାମୋଟି ଭାବେ ଏହା ଏକ ଶାନ୍ତିପୂର୍ଣ୍ଣ ଦେଶ ଥିଲା ଏବଂ ଲୋକମାନେ ପ୍ରାଣୀମାନଙ୍କ ସହ ଏକାଠି ବାସ କରୁଥିଲେ। ଗତ ୫୦ ବର୍ଷ ହେଲା ଏଥିରେ ପରିବର୍ତ୍ତନ ଘଟିଛି। ଏବେ ପ୍ରାଣୀମାନଙ୍କୁ ଆଘାତ ଦେବା ବା ମାରିବାକୁ କେହି ଖରାପ ଭାବୁ ନାହାନ୍ତି। ଯେଉଁ ଦେଶର ସରକାର ଆମ ରପ୍ତାନିର ୫୨% ମାଂସ, ମାଛ ଓ ଚମଡ଼ା ବୋଲି କହି ଗର୍ବ କରୁଛନ୍ତି, ସେ ଦେଶକୁ ଆପଣ କ'ଣ କହିବେ ? ଅଧିକାଂଶ ଗାଁରେ ଗ୍ରାମ ଦେବତା ଅଛନ୍ତି, ମନ୍ଦିର ଅଛି ଏବଂ ଅନେକ ଦେବତା ପ୍ରାଣୀମାନଙ୍କର ପ୍ରତିନିଧିତ୍ୱ କରନ୍ତି। ଭ୍ରାମରୀ ହେଉଛନ୍ତି ମହୁମାଛି ଓ ବିରୁଡ଼ିଙ୍କ ଦେବୀ ଏବଂ ସେ ହେଉଛନ୍ତି ଦୁର୍ଗାଙ୍କର ଏକ ଅବତାର, ଯାହାଙ୍କ ବିଷୟରେ ଦେବୀ ଭାଗବତରେ ଲେଖା ଅଛି। ତ୍ରିସ୍ରୋତା, ଜଳପାଇଗୁଡ଼ି ଓ ନାସିକରେ ଭ୍ରାମରୀ ଦେବୀଙ୍କର ମନ୍ଦିର ଅଛି।

ଅରୁଣାସୁର ହଜାର ହଜାର ବର୍ଷ ବ୍ରହ୍ମାଙ୍କୁ ତପସ୍ୟା କଲେ। ପ୍ରଥମ ୧୦ ହଜାର ବର୍ଷ ସେ କେବଳ ଶୁଖିଲା ପତ୍ର ଖାଇ ବଞ୍ଚିଲେ, ଦ୍ୱିତୀୟ ୧୦ ହଜାର ବର୍ଷ ସାମାନ୍ୟ ଜଳବିନ୍ଦୁ ପାନ କରି ବଞ୍ଚିଲେ ଏବଂ ତୃତୀୟ ୧୦ ହଜାର ବର୍ଷ ସେ କେବଳ ବାୟୁ ସେବନ କରି ବଞ୍ଚିଲେ। ଚତୁର୍ଥ ୧୦ ହଜାର ବର୍ଷ ସେ ସମ୍ପୂର୍ଣ୍ଣ ନିରାହାର ରହି ତପସ୍ୟା କଲେ। ତାଙ୍କ ଦେହରୁ ଅଗ୍ନିସ୍ଫୁଲିଙ୍ଗ ବାହାରି ସାରା ଜଗତକୁ ଜାଳିଦେବାକୁ ବସିଲା। ଶେଷରେ ବ୍ରହ୍ମା ଆବିର୍ଭୂତ ହୋଇ ତାଙ୍କୁ ଅଭିଳଷିତ ବର ପ୍ରଦାନ କଲେ: କୌଣସି ଦ୍ୱିପଦ ବା ଚତୁଷ୍ପଦ ପ୍ରାଣୀ, ଅର୍ଥାତ୍ ଦେବତା, ରାକ୍ଷସ, ମଣିଷ ବା ପଶୁ ତାଙ୍କର କିଛି କ୍ଷତି କରିପାରିବେ ନାହିଁ। ଏହି ବର ପାଇଲା ପରେ ନିଜକୁ ଅପରାଜେୟ ମନେକରି ଅରୁଣାସୁର ଏକ ସୈନ୍ୟ ଦଳ ଗଠନ କରି ଦେବତାମାନଙ୍କ ଉପରେ ଆକ୍ରମଣ କଲେ। ଇନ୍ଦ୍ର ଭୟଭୀତ ହୋଇ ଦେବତାମାନଙ୍କ ସହ ଯାଇ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ଶରଣ ନେଲେ।

ଅରୁଣାସୁର କୈଳାସ ପର୍ବତରେ ଆଶ୍ରୟ ନେଇଥିବା ଦେବତାମାନଙ୍କ ଉପରେ ଆକ୍ରମଣ କଲେ। ଶିବ ତାଙ୍କର ସୈନ୍ୟବଳ ନେଇ ଅରୁଣାସୁରଙ୍କୁ ପ୍ରତିରୋଧ କଲେ ମଧ୍ୟ ତାଙ୍କୁ ପରାଜିତ କରିପାରିଲେ ନାହିଁ। ତେଣୁ ସେ ପାର୍ବତୀଙ୍କୁ ସାହାଯ୍ୟ ମାଗିଲେ। ଶକ୍ତିରୂପା ପାର୍ବତୀ ନିଜର କଳେବର ବୃଦ୍ଧି କରିବା ସହ ନିଜ ଚାରିହାତରେ ଗଦା, ତ୍ରିଶୂଳ, ଖଡ୍‌ଗ ଓ ଢାଲ ଧାରଣ କଲେ। ସେ ନିଜର ତିନି ଆଖିକୁ ବନ୍ଦ କରି ଛଅଗୋଡ଼ିଆ ପ୍ରାଣୀ– ମହୁମାଛି, ବିରୁଡ଼ି, ଉଇ ଓ ବୁଢ଼ିଆଣୀମାନଙ୍କୁ ଆହ୍ୱାନ କଲେ। ସେ ନିଜ ଦେହରୁ ଆଉ ଏକ ଦେବୀଙ୍କୁ ଜାତ କରାଇଲେ, ଯାହାଙ୍କ ନାମ ଭ୍ରାମରୀ ଏବଂ ଉଭୟେ ମିଶି ଅସୁରମାନଙ୍କୁ ନିପାତ କରିଦେଲେ।

କେଉଁ ପ୍ରାଚୀନ ଯୁଗରୁ କଙ୍କଡ଼ାବିଛାମାନଙ୍କୁ ପୂଜା କରାଯାଇ ଆସୁଛି। ସିନ୍ଧୁ ଉପତ୍ୟକାରୁ ବିଛା–ଚିହ୍ନିତ ମୋହର ମିଳିଥିଲା। ଗୌହାଟୀରେ ବ୍ରହ୍ମପୁତ୍ର ନଦୀରେ ଥିବା ଉର୍ବଶୀ ବା ପିକକ୍ ଦ୍ୱୀପରେ ଉମାନନ୍ଦ ମନ୍ଦିର ଅଛି, ଯେଉଁଠି ଏକ ବିଛା ଦେବୀଙ୍କ ପ୍ରତିନିଧିତ୍ୱ କରେ। କର୍ନାଟକର ୟାଦଗିର ଅନ୍ତର୍ଗତ କନ୍ଦକୂର ଗାଁରେ ଗ୍ରାମବାସୀମାନେ ନାଗପଞ୍ଚମୀ ଦିନ ଚେଲିନା ଯାତ୍ରା (ବିଛା ପର୍ବ) ପାଳନ କରନ୍ତି। ସେମାନେ ବିଛା ଦେବୀ କୋଣ୍ଡାମାଈଙ୍କ ପୂଜା କରିବା ସହ ଜୀବନ୍ତ ବିଛାମାନଙ୍କ ସହ ଖେଳନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ, ସେଠାରେ କୌଣସି ଲୋକକୁ ବିଛା କାମୁଡ଼ିବାର ନଜିର ନାହିଁ। ଏହି ଧାର୍ମିକ ପର୍ବରେ ଭାଗ ନେବା ପାଇଁ ପଡ଼ୋଶୀ ଜିଲାଗୁଡ଼ିକରୁ, ଏପରି କି ଆନ୍ଧ୍ର ଓ ତେଲେଙ୍ଗାନାରୁ ବି ଲୋକମାନେ ଆସନ୍ତି। ବିଛା ଦେବୀଙ୍କୁ କ୍ଷୀର, ନଡ଼ିଆ ତେଲ ଓ ଶାଢ଼ି ଅର୍ପଣ କରାଯାଏ। ଚେଲାମ୍ମା ହେଉଛନ୍ତି ଦକ୍ଷିଣ କର୍ନାଟକର ବିଛା ଦେବୀ। ଭକ୍ତମାନେ ବିଶ୍ୱାସ କରନ୍ତି ଯେ, ଏହି ଦେବୀଙ୍କ ମନ୍ଦିରରେ ପ୍ରାର୍ଥନା କଲେ ମଣିଷ ବିଛା କାମୁଡ଼ାରୁ ରକ୍ଷା ପାଇଥାଏ। ସେ ହେଉଛନ୍ତି କୋଲରର କୋଲାରାମ୍ମା ମନ୍ଦିରର ଦେବୀ। ସେଠାରେ ଏକ ପ୍ରାଚୀନ ହୁଣ୍ଡି ଅଛି, ଯାହା ମାଟି ତଳକୁ ଖୋଳାଯାଇଛି। ଲୋକମାନେ ସେହି ହୁଣ୍ଡିରେ ୧୦୦୦ ବର୍ଷ ହେଲା ପଇସା ପକାଇ ଆସୁଛନ୍ତି।

ଜହର ବୀର ଗୋଗା, ଗୁଗା ବୀର, ଗୁଗା ରାଣା ବା ଗୋଗାଜୀ ହେଉଛନ୍ତି ଲୋକକଥାର ଜଣେ ବୀର ଯୋଦ୍ଧା, ଯାହାଙ୍କୁ ରାଜସ୍ଥାନ, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ହରିୟାଣା ଓ ଜମ୍ମୁର ଅନେକ ଗ୍ରାମରେ ଲୋକମାନେ ସର୍ପଦେବତା ଭାବେ ପୂଜା କରନ୍ତି। କିମ୍ବଦନ୍ତୀ ଅନୁସାରେ ଗୁରୁ ଗୋରଖନାଥଙ୍କ ଆଶୀର୍ବାଦରେ ଗୋଗାଙ୍କର ଜନ୍ମ ହୋଇଥିଲା ଏବଂ ଗୋରୁମାନଙ୍କର ସେବାଯତ୍ନ କରୁଥିବାରୁ ତାଙ୍କୁ ଗୋଗାଜୀ ଡକାଯାଉଥିଲା। ସେ ହେଉଛନ୍ତି ଚୌହାନବଂଶୀୟ। ଗୋଗା ସାପ, ବିଷ ଓ ଅନ୍ୟାନ୍ୟ ଅଶୁଭ ଶକ୍ତିଠାରୁ ତାଙ୍କ ଅନୁଗାମୀମାନଙ୍କୁ ରକ୍ଷା କରନ୍ତି ବୋଲି ବିଶ୍ୱାସ କରାଯାଏ। ହିନ୍ଦୁ ହେଲେ ମଧ୍ୟ ତାଙ୍କର ଅନେକ ମୁସଲମାନ ଭକ୍ତ ଅଛନ୍ତି। ତାଙ୍କ ମନ୍ଦିରଟି ଏକ କୋଠରିବିଶିଷ୍ଟ, ଚାରି କୋଣରେ ଚାରୋଟି ସ୍ତମ୍ଭ ଅଛି ଏବଂ ମଝିରେ ଅଛି ଏକ ସମାଧି, ଯାହାକୁ ବାଉଁଶ ଛଡ଼ି, ମୟୂରପୁଚ୍ଛ, ନଡ଼ିଆ ଓ କିଛି ନାଲିସୂତା ଦେଇ ଚିହ୍ନିତ କରାଯାଇଛି। ସବା ଉପରେ ଅଛି ଏକ ନୀଳ ପତାକା। ତାଙ୍କ ପ୍ରତୀକ ହେଉଛି ଏକ କଳା ସାପ, ଯାହା କାନ୍ଥରେ ଚିତ୍ରିତ ହୋଇଛି। ରାଜସ୍ଥାନର ହନୁମାନଗଡ଼ଠାରେ ଗୋଗାମେଦିଙ୍କର ମେଳା ହୁଏ। ଏହି ମେଳାରେ ଅନେକ ଲୋକ ବେକରେ ସାପ ଗୁଡ଼ାଇ ବୁଲୁଥିବାର ଦେଖାଯାଏ। ପଞ୍ଜାବ ଅଞ୍ଚଳରେ ଗୋଗାଜୀ ଯେଉଁ ମନ୍ଦିରରେ ପୂଜା ପାଆନ୍ତି, ତାକୁ ମାରିସ କୁହାଯାଏ। ଏହାର ଆକାର ପିମ୍ପୁଡ଼ି ଗାତଠାରୁ ଆରମ୍ଭ କରି ଶିଖ୍ ଗୁରୁଦ୍ୱାରା ଓ ମସ୍‌ଜିଦ ଆକୃତିର ହୋଇଥାଏ। ଲୋକମାନେ ଭୋଗ ଆଣି ସାପ ରହୁଥିବା ସ୍ଥାନମାନଙ୍କରେ ଅର୍ପଣ କରନ୍ତି।

ରାଠୋର ରାଜପୁତମାନଙ୍କର କୁଳଦେବୀ ହେଉଛନ୍ତି ସର୍ପଦେବୀ ନାଗନାଚିୟା ମା। ତାଙ୍କର ଉପରଭାଗଟି ନାରୀର ଓ ତଳଭାଗଟି ସାପର। ଯୋଧପୁର ନିକଟସ୍ଥ ନାଗାନା ଗାଁରେ ତାଙ୍କର ମୁଖ୍ୟ ମନ୍ଦିର ଅଛି। ଗୁଜରାଟର ଖାଖାରେଚିଠାରେ ମଧ୍ୟ ତାଙ୍କର ପୂଜା କରାଯାଏ, ଯେଉଁଠି ରାଠୋରମାନେ ଏକ ହ୍ରଦ ନିର୍ମାଣ କରିଛନ୍ତି।

ମନସାଦେବୀ ହେଉଛନ୍ତି ଅନ୍ୟତମ ସର୍ପଦେବୀ। ମୁଖ୍ୟତଃ ବଙ୍ଗଳା ଓ ଉତ୍ତର–ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ତାଙ୍କର ପୂଜା କରାଯାଏ। ସର୍ପାଘାତ, ହାଡ଼ଫୁଟି, ମିଳିମିଳା, ବସନ୍ତ ରୋଗର ନିରାକରଣ ତଥା ସନ୍ତାନଲାଭ ଓ ସାଂସାରିକ ଉନ୍ନତି ପାଇଁ ତାଙ୍କର ପୂଜା କରାଯାଏ। ତାଙ୍କୁ ମଧ୍ୟ ବିଷହରା, ନିତ୍ୟା ଓ ପଦ୍ମାବତୀ ଭାବେ ଲୋକେ ଜାଣନ୍ତି। ଏହି ଆଦିବାସୀ ଦେବୀ ମନସାଙ୍କୁ ୧୪ଶ ଶତାବ୍ଦୀରେ ହିନ୍ଦୁମାନେ ଗ୍ରହଣ କରିନେଇଥିଲେ। ମନସା ହେଉଛନ୍ତି ଜଣେ ସର୍ପବେଷ୍ଟିତା ପଦ୍ମାସନା ଦେବୀ। ସାତଟି ନାଗର ଫଣା ତାଙ୍କର ମୁକୁଟ ଭାବେ ଶୋଭାପାଏ। ସେ କେଉଁଠି କୋଳରେ ପିଲା ଧରିଥାନ୍ତି, କେଉଁଠି ଏକଆଖିଆ ତ କେଉଁଠି ଆଖି ନ ଥିବା ଅନ୍ଧ ଦେବୀ ଭାବେ କଳ୍ପନା କରାଯାଏ।

ପୁରାଣରେ ଅଛି ସାପମାନେ ପୃଥିବୀରେ ଆତଙ୍କ ଓ ଭୟର ବାତାବରଣ ସୃଷ୍ଟି କରିବାରୁ ଋଷି କଶ୍ୟପ ତାଙ୍କ ମନରୁ ଦେବୀ ମନସାଙ୍କୁ ସୃଷ୍ଟି କଲେ ଏବଂ ତାଙ୍କୁ ସାପ ଓ ସରୀସୃପମାନଙ୍କ ଦାୟିତ୍ୱ ଦେଲେ। ଅନ୍ୟ ମତ ଅନୁସାରେ ସେ କଶ୍ୟପ ଓ ତାଙ୍କ ପତ୍ନୀ ନାଗମାତା କଦ୍ରୁଙ୍କ କନ୍ୟା। ବଙ୍ଗାଳୀମାନେ ମନସାପଞ୍ଚମୀ ଦିନ ଉପବାସ କରିବା ସହ ତମ୍ବା ବା ପିତ୍ତଳର ନାଗମୂର୍ତ୍ତି ପୂଜା କରନ୍ତି ଓ ସର୍ପଗାତ ପାଖରେ କ୍ଷୀରଦାନ କରନ୍ତି। ଓଡ଼ିଶାରେ ମଧ୍ୟ ନାଗଚତୁର୍ଥୀ ଓ ନାଗପଞ୍ଚମୀ ପାଳନ କରାଯାଏ।

Email: gandhim@nic.in

## ଏଇ ଭାରତରେ

ଯୌତୁକ ପ୍ରସଙ୍ଗକୁ ନେଇ କନ୍ୟାପିତା ହଟହଟା ହେଉଥିବା ଅନେକ ସମୟରେ ଦେଖିବାକୁ ମିଳେ। ତେବେ ମଧ୍ୟପ୍ରଦେଶର ଦତିଆରେ ଜଣେ କନ୍ୟା ଯୌତୁକଲୋଭୀ ବର ସାଙ୍ଗରେ ଯିବାକୁ ମନାକରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଦତିଆନିବାସୀ ଦ୍ୱାରିକା ପ୍ରସାଦ ଅଗ୍ରୱାଲଙ୍କ କନ୍ୟା ଶିବାଙ୍ଗୀଙ୍କ ବିବାହ ଗ୍ୱାଲିୟର ନିକଟବର୍ତ୍ତୀ ଫାଲ୍‌କାବଜାରନିବାସୀ ସୁରେଶ ଚନ୍ଦ୍ର ଅଗ୍ରୱାଲଙ୍କ ପୁଅ ପ୍ରତୀକ ଅଗ୍ରୱାଲଙ୍କ ସହିତ ହେଉଥିଲା। ସାତଘେରା ପରେ ବରପିତା କନ୍ୟାଘର ପକ୍ଷରୁ ଦିଆଯାଇଥିବା ଯୌତୁକ ସାମଗ୍ରୀ ତଥା ସ୍ୱର୍ଣ୍ଣାଳଙ୍କାର ଦେଖିବାକୁ କହିଥିଲେ। ଏଥିରେ କିଛି ସାମଗ୍ରୀ କମ୍ ଥିବାରୁ ସେ ଅଧିକ ଟଙ୍କା ଦାବି କରିଥିଲେ। ଏହା ସହ ବରଯାତ୍ରୀଙ୍କୁ ଉପହାର ଦେବା ନିମନ୍ତେ ୨ ଲକ୍ଷ ଟଙ୍କା ଅଧିକ ଦେବାକୁ ସେ କନ୍ୟାପିତାଙ୍କ ପାଖରେ ଅଡି ବସିଥିଲେ। ବହୁ ବୁଝାଶୁଝା ପରେ ବର ଏବଂ ବରପିତା ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏପରି ସମସ୍ୟା ଦେଖି ଶିବାଙ୍ଗୀ ଅତିଷ୍ଠ ହୋଇପଡିବା ସହିତ ବରପକ୍ଷଙ୍କୁ ଫେରିଯିବାକୁ କହିଥିଲେ। କନ୍ୟାଘର ପକ୍ଷରୁ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ବରପକ୍ଷ ବାଧହୋଇ ଖାଲିହାତରେ ଫେରିଥିଲେ। ଏହା ଏବେ ସୋସିଆଲ୍ ମିଡ଼ିଆରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

କେତେ ଢେଉ ଉଠେ ପଡ଼େ
ବିଶ୍ୱର ମାନବ–ପାରାବାରେ
କେତେ ଧ୍ୱନି କେତେ ଛନ୍ଦ
ମିଳାଏ ଯେ ଅସୀମର ପାରେ।
ନିତି କ୍ଷଣେ କ୍ଷଣେ କେତେ ନବ ନବ ଛବି
ମୁହୁର୍ମୁହୁ ପ୍ରାଣେ ଅନୁଭବି
ସବୁ ଛନ୍ଦ ସବୁ ଛବି ଅସୀମରେ ହୁଅଇ ବିଲୀନ
ନ ରହେ ସଙ୍କେତ କାହିଁ ନାହିଁ ରହେ ତିଳେ ତା'ର ଚିହ୍ନ।
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 6 | | 1 | 5 | 7 | | | | | | 8 | 3 | D |
| | | | | A | 6 | 4 | | 5 | | | | | | |
| | | 1 | 7 | 0 | C | | | | | | | | | |
| | 0 | | B | | 9 | 2 | E | | | D | | | | 5 |
| E | 5 | | | | | | 3 | | | | C | | | |
| | | C | | | | | D | B | | | | 2 | 8 | E |
| | | | 6 | | | | | | | 5 | B | | | |
| | E | 3 | | | | | 8 | C | | A | | | 0 | 9 |
| A | 8 | | | | 3 | 5 | 6 | | C | | | | | |
| | 1 | D | | | | | 4 | 3 | | 2 | 9 | | | 6 |
| | | | C | | | | | 7 | | 3 | | E | | |
| | 4 | | | D | | 3 | B | | | 1 | | | | |
| | 6 | 0 | | | 7 | | | | D | | | C | A | 2 |
| | D | | 2 | | | E | | | | | | | 5 | |
| 3 | | | | | | | | | 7 | | | 0 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର



# ଅତି ଦୃଶ୍ୟମାନ ସରକାର

ଡ. ସୁବାସ ଚନ୍ଦ୍ର ପାତ୍ର

ଏକ ସୁସ୍ଥ, ଆଦର୍ଶ ସମାଜ ଚାହେଁ ସରକାରର ଆତ୍ମସମ୍ବରଣ, ବିଲୋପ ନୁହେଁ, ବରଂ ଏକ ଅଦୃଶ୍ୟ ଉପସ୍ଥିତି। ସହଯୋଗ ନାମରେ ଏବେ ସରକାର ସର୍ବତ୍ର ବିଦ୍ୟମାନ, ସଦା ଦୃଶ୍ୟମାନ। ଆଗରୁ ସହରକୁ ଆସିଲେ ସରକାର ଅଛନ୍ତି ବୋଲି ଜଣାପଡୁଥିଲା। ଗାଁ ଗହଳର ଲୋକେ ନିଜ ଭାଗ୍ୟ, ନିଜ ସ୍ୱାଭିମାନ, ନିଜ ସୃଜନଶୀଳତା, ନିଜର ଦକ୍ଷତା ଓ ଜିଇବାର କଳା ନେଇ ଅସୁବିଧାରେ ହେଉ ପଛେ ଏକ ମୁକ୍ତ, ଆତ୍ମନିର୍ଭରଶୀଳ ଜୀବନଯାପନ କରୁଥିଲେ। ଅଧିକ ସରକାରୀ ଉପସ୍ଥିତି ଅର୍ଥ ଆତ୍ମବିଶ୍ୱାସ–ପ୍ରସୂତ ଆତ୍ମନିର୍ଭରଶୀଳତାର କ୍ରମବିଲୋପ।

ସରକାର ରହିବେ। ରାଷ୍ଟ୍ର ରହିବ। ଦେଶରକ୍ଷା, ବୈଦେଶିକ ନୀତି, ଅର୍ଥ ବ୍ୟବସ୍ଥା, ଭିତ୍ତିଭୂମି ସ୍ଥାପନ, ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ ସାମୂହିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ, ଯାହା ବ୍ୟକ୍ତିଗତ ସ୍ତରରେ ସମ୍ଭବ ନୁହେଁ ବା ରାଷ୍ଟ୍ରର ସ୍ଥିତି ପ୍ରତି ବିପଦ ସେ ସବୁ କ୍ଷେତ୍ରରେ ସରକାର ବା ରାଷ୍ଟ୍ର ତା'ର ଅଧିକାର ବା ଦାୟିତ୍ୱ ପ୍ରଦର୍ଶନ କରିବାରେ କାହାରି ଆପତ୍ତି ନାହିଁ। କିନ୍ତୁ ଜନକଲ୍ୟାଣ, ବିଭିନ୍ନ ଯୋଜନାର ରୂପାୟନ ନାମରେ ସରକାରଙ୍କ ଅଧିକ ଦଖଲଦାରୀ ବ୍ୟକ୍ତିର ବ୍ୟକ୍ତିସତ୍ତା, ସ୍ୱାଧୀନ ଚିନ୍ତନ, ଗତିଶୀଳତା, ଉଦ୍ଭାବନ କଳା, ଆଗଭରପଣକୁ ବ୍ୟାହତ କରେ ଏବଂ କାଳକ୍ରମେ ସରକାରଙ୍କ ଉପରେ ନିର୍ଭରଶୀଳତା ରାଜନୈତିକ ନିର୍ଭରଶୀଳତାରେ ପରିଣତ ହୁଏ। ଏଥିରୁ ସୃଷ୍ଟିହୁଏ ରାଜନୈତିକ କନ୍ଦଳ। ଗାଁ ହେଉ ଅବା ସହର ମିଳିମିଶି କିଛି ସାମୂହିକ କଲ୍ୟାଣକାରୀ ସାମାଜିକ କାର୍ଯ୍ୟ କରିବା ଧୀରେଧୀରେ କମିଯାଏ। ଲୋକେ ଚାତକ ଭଳି ସରକାରଙ୍କୁ ଅନାଇ ରହନ୍ତି, ଯାହା ହୋଇଛି ବା ହେବାକୁ ଯାଉଛି ଆଜି। ତା' ସହିତ ମୋବାଇଲ ଫୋନରେ ସରକାର ବା ରାଜନୈତିକ ଦଳ ବା ନେତାମାନଙ୍କ ବିଭିନ୍ନ ଆପ୍ ମଣିଷକୁ ୩୬୫ଦିନିଆ ରାଜନୈତିକ ଗୋଲାମରେ ପରିଣତ କରେ। ରାଜନୈତିକ ଦୃଷ୍ଟିରୁ ହେଉ ବା ଅନ୍ୟ ଦୃଷ୍ଟିରୁ ଲୋକେ ସ୍ୱାଧୀନ ଭାବରେ ଚିନ୍ତା କରିପାରନ୍ତି ନାହିଁ। ନିର୍ବାଚନର ୪୮ଘଣ୍ଟା ଆଗରୁ ସିନା ପ୍ରଚାର ବନ୍ଦ। ଏବେ ସ୍ଥିତି ଏମିତି, ଜଣାପଡ଼େ ଦେଶରେ ଏବେ ପ୍ରତିଦିନ ନିର୍ବାଚନର ପରିବେଶ। ଏହି ପ୍ରସଙ୍ଗ ମନେ ପକାଇଦିଏ, ଜେ. କୃଷ୍ଣମୂର୍ତ୍ତିଙ୍କ ସେହି ପ୍ରଣିଧାନଯୋଗ୍ୟ ମନ୍ତବ୍ୟ– ''ରାଜନୈତିକ ବା ଅନ୍ୟ ଦୃଷ୍ଟିରୁ ହୁଏ ତ ଆମେ ସ୍ୱାଧୀନ, କିନ୍ତୁ ଆମେ ମୁକ୍ତ କି ?''

ସରକାର ସବୁ କ୍ଷେତ୍ରରେ ସହଯୋଗର ହାତ ବଢ଼େଇବା ଦ୍ୱାରା ଲୋକେ ଯେ ଖାଲି ପରଜୀବୀ ପାଲଟି ଯାଇଛନ୍ତି ତା' ନୁହେଁ, ସେହି କ୍ରମରେ ଜଣେ ସ୍ୱାଧୀନ ତଥା ମୁକ୍ତ ମଣିଷ ହିସାବରେ ତା'ର ଯେଉଁ ସହଜାତ ସୃଜନଶୀଳତା ଓ ଦକ୍ଷତା ଥିଲା ତାକୁ ସେ ଦିନକୁ ଦିନ ହରାଇ ବସୁଛି। ପରିଣାମରେ ଅତ୍ୟଧିକ ସରକାରୀ ସାହାଯ୍ୟଜନିତ ଉପସ୍ଥିତି ମାନବସମ୍ବଳର ଗୁଣବତ୍ତାକୁ ପ୍ରଭାବିତ କରୁଛି। ଅର୍ଥାତ୍ ଆମେ ଯେ ନିଜେ କିଛି କରିପାରିବା ସେ ଧାରଣା ଆସ୍ତେ ଆସ୍ତେ ମନରୁ ଦୂରେଇ ଯାଉଛି। କଥା ଏମିତି ସ୍ତରକୁ ଗଲାଣି ଆଜି ଯଦି କେଉଁ ଗାଁରେ ନଦୀବନ୍ଧ ଭାଙ୍ଗି ବନ୍ୟାପାଣି ପଶେ ନା ଗାଁ ଲୋକେ କୋଦାଳ, ଟୋକେଇ ଧରି ଘାଇ ବାନ୍ଧିବାକୁ ଆସିବେ ନା କେଉଁ 'ରାଣ୍ଡିପୁଅ ଅନନ୍ତା' ଗାଁ ମନ୍ଦିରରୁ ଯାଉଁଳି କବାଟ ଓ ନିଜ ଘରୁ ଡିଙ୍ଗିଟିଏ ଧରି ହାଜର ହୋଇ ଘାଇ ମୁହଁକୁ ଡେଇଁପଡ଼ିବ। ହୁଏତ ସେତେବେଳେ ଲୋକେ ମୋବାଇଲ ଫୋନ୍‌ରେ ଜଳସେଚନ ବିଭାଗକୁ ଫୋନ୍ କରିବେ ଶୀଘ୍ର ବାଲିବସ୍ତା ନେଇ ଆସି ଘାଇଟି ମରାମତି କରନ୍ତୁ। ଏହି ପ୍ରକାର ଦକ୍ଷତାହୀନ, ନିର୍ଭରଶୀଳ ମଣିଷଙ୍କୁ ନେଇ ଆମେ କି ଦେଶ ଗଢ଼ିବା ? କେଉଁ ଯୁଦ୍ଧ ଲଢ଼ିବା ? କେଉଁ ବୈଜ୍ଞାନିକ ଗବେଷଣାରେ ମନ ଲଗେଇବା ? ଏହା ହିଁ ଭାରତ ଓ ଚାଇନା ଭିତରେ ଫରକ। ଏହି ପ୍ରକାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସାହାଯ୍ୟ–ଲଲିପପ୍ ବଣ୍ଟନ ଜାରି ରହିଲେ ଆମେ ଚାଇନାଠୁ ବହୁତ ପଛକୁ ଚାଲିଯିବା। ବିଶ୍ୱ ଅର୍ଥନୀତିରେ ଆମର କିଛି ଭାଗୀଦାରି ରହିବ ନାହିଁ ଏବଂ ଆମ ସମାଜ ପରଜୀବୀମାନଙ୍କ ମେଳଣପଡ଼ିଆରେ ପରିଣତ ହେବ।

ସରକାର ଅଧିକ ଦୃଶ୍ୟମାନ ହେବା ଅର୍ଥ ସରକାର ଅଧିକ ଶକ୍ତିମାନ, ସରକାର ହିଁ ଯାବତୀୟ ସମ୍ବଳର ଉତ୍ସ ବୋଲି ପ୍ରତିଭାତ ହୁଏ। ସରକାରଙ୍କ ଡେଙ୍ଗାପଣ ବ୍ୟକ୍ତିସତ୍ତାକୁ ନିଷ୍ପ୍ରଭ କରିଦିଏ। ବିଶେଷତଃ କବି, ଦାର୍ଶନିକ, ବୁଦ୍ଧିଜୀବୀ, ସୃଜନଶୀଳ ମଣିଷମାନେ ସରକାରଙ୍କ ଛାଇରେ ହଜିଯିବା ଆଶଙ୍କାରେ ବେଶି ଜର୍ଜରିତ ହୁଅନ୍ତି। ପ୍ରସଙ୍ଗକ୍ରମେ ଏହି ପରିସ୍ଥିତି ମନେ ପକାଇଦିଏ ଗ୍ରୀକ୍ ଦାର୍ଶନିକ ଡାୟୋଜିନିସଙ୍କ କଥା। ତାଙ୍କୁ ତଥାକଥିତ ପୃଷ୍ଠପୋଷକତା ପ୍ରଦାନ କରିବାକୁ ଯାଇଥିବା ଆଲେକଜାଣ୍ଡରଙ୍କୁ ସେ କହିଥିଲେ, ''ମୋ ଆଗରୁ ଘୁଞ୍ଚିଯାଅ, ମୋ ଦେହରେ ସୂର୍ଯ୍ୟକିରଣ ପଡ଼ିବାକୁ ଦିଅ। ମୋର କିଛି ସାହାଯ୍ୟ ଦରକାର ନାହିଁ।''

ସରକାରୀ ସାହାଯ୍ୟ ସ୍ୱାଭିମାନ, ସୃଷ୍ଟିପ୍ରବଣତା, ପାରିବାପଣର ପରିପନ୍ଥୀ। ଆଗରୁ ଲୋକ କହୁଥିଲେ, ସରକାର ମାଛ ନ ଦେଇ ଜାଲ ଦିଅନ୍ତୁ, ଏବେ ପାଦେ ଆଗେଇ ଚିନ୍ତାଶୀଳ ଲୋକେ କହୁଛନ୍ତି, ନା ଜାଲ ନୁହେଁ ବରଂ ସୂତା ଦିଅନ୍ତୁ। ଲୋକେ ଜାଲ ବୁଣି ମାଛ ଧରନ୍ତୁ। ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ ଯେପରି ଜ୍ଞାନର ମାଲିକ ନୁହେଁ, ଜ୍ଞାନଦାତା ନୁହେଁ ବରଂ ଶିକ୍ଷାଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଗ୍ରହଣ ପ୍ରକ୍ରିୟାରେ ସହଯୋଗ କରୁଥିବା, ସମଗ୍ର ପ୍ରକ୍ରିୟାକୁ ସୁଗମ କରୁଥିବା ଜଣେ ବ୍ୟକ୍ତି, ଅନୁରୂପ ଭାବେ ସରକାର ଏକ ଅଦୃଶ୍ୟ ଅନୁଷ୍ଠାନ, ଯାହାର ମୂଳକାମ ହେବା ଉଚିତ ଆତ୍ମନିର୍ଭରଶୀଳ, ଆତ୍ମବିଶ୍ୱାସୀ ମାନବସମ୍ବଳର ବିକାଶ। ଥରେ ପ୍ରତ୍ୟେକ ମଣିଷ ଜଣେ ଜଣେ ଗୁଣବତ୍ତାସମ୍ପନ୍ନ ମାନବସମ୍ବଳରେ ପରିଣତ ହୋଇଗଲେ ସେମାନେ ସରକାରଙ୍କ ଦାୟିତ୍ୱ ନେଇନେବେ। ସେମାନେ ପରିବାର, ସମାଜ ଚଳାଇବା ସହିତ ରାଷ୍ଟ୍ରର ସୁରକ୍ଷା, ବିତ୍ତ ବ୍ୟବସ୍ଥା, ବୈଦେଶିକ ନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ସରକାରଙ୍କ ସ୍ଥିତି ଆରାମଦାୟକ ହେବ ଏବଂ ଘଟଣାକ୍ରମେ ସରକାର କେତେକ କ୍ଷେତ୍ରରେ ଅବାନ୍ତର ମଧ୍ୟ ପ୍ରତିଭାତ ହୋଇପାରନ୍ତି। ବୋଧହୁଏ ସେ ପ୍ରକାର ଏକ ଆଦର୍ଶର କଥା ଭାବିଥିଲେ ନରେନ୍ଦ୍ର ମୋଦି ଏବଂ କ୍ଷମତାକୁ ଆସିବାବେଳେ କହିଥିଲେ, ତାଙ୍କ ମୂଳମନ୍ତ୍ର ହେଲା 'ମ୍ୟାକ୍ସିମମ୍ ଗଭର୍ନାନ୍ସ ମିନିମମ୍ ଗଭର୍ନମେଣ୍ଟ'। ପରିତାପର ବିଷୟ ରାଜନୀତିକ ପ୍ରତିଯୋଗିତାର ଚାପରେ ସେ ଆଦର୍ଶ କୁଆଡ଼େ ଉଭେଇଗଲା।

କ୍ଷମତା ବିକେନ୍ଦ୍ରୀକରଣର ଅର୍ଥ ପରୋକ୍ଷରେ ସରକାରଙ୍କ ଆତ୍ମପ୍ରତ୍ୟାହାର। ସରକାର ବ୍ୟବସ୍ଥାର ଉନ୍ନତି ଘଟାଇ, ପ୍ରତ୍ୟେକ ମୌଳିକ କାର୍ଯ୍ୟ ପାଇଁ ଭିତ୍ତିଭୂମି ଯୋଗାଇ ଇଚ୍ଛାକୃତ ଭାବରେ ଅପସରି ଯାଇ ନାଗରିକମାନଙ୍କୁ ଯଦି ସ୍ୱାଭିମାନୀ, ସ୍ୱାବଲମ୍ବୀ, ସର୍ଜନଶୀଳ ହେବାକୁ ଛାଡ଼ିଦିଅନ୍ତେ, ଆମେ ଭିନ୍ନ ଏକ ସମାଜ ବା ଭାରତ ଦେଖନ୍ତୁ।

ପୂର୍ବତନ ଅଧକ୍ଷ, ମୋ– ୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ଖୁଚୁରା ଭାରି, ଅଚଳ ଜାରି

ମହାଶୟ,

ସମଗ୍ର ଭାରତବର୍ଷରୁ ଏକ ପଇସି, ଦୁଇ ପଇସି, ତିନି ପଇସି, ପାଞ୍ଚ ପଇସି, କୋଡିଏ ପଇସି ପରେ ପରେ ଚାରଣି ଓ ଆଠଣି ଲୋପ ପାଇଗଲାଣି। ଦୋକାନରେ ଏହି ମୂଲ୍ୟର ଜିନିଷ ଅଛି କିନ୍ତୁ ପଇସା ଚାଲୁନି। ସହରାଞ୍ଚଳ ଭଳି ଗ୍ରାମାଞ୍ଚଳର ଲୋକେ ଖୁଚୁରା ନେବାଦେବାକୁ ବୋଝ ଭାବୁଛନ୍ତି। ଦୈବାତ୍ କାହାରି ପକେଟରୁ ଚାରଣି, ଆଠଣି ବାହାରି ପଡ଼ିଲେ ମାନଇଜ୍ଜତ ଖସିଯାଉଛି। ବହୁ ବ୍ୟବସାୟ ପ୍ରତିଷ୍ଠାନ ପାଇଁ ପ୍ରବଳ ଖୁଚୁରା ଅଭିଶାପ ସାଜିଛି। ଏଥିରୁ ବର୍ତ୍ତିବା ପାଇଁ ତରିକା ବଦଳାଉଛନ୍ତି। ଏଜେଣ୍ଟମାନେ ଅଧିକ ଖୁଚୁରା ନେଇ କମ୍ ଟଙ୍କା ଦେଉଛନ୍ତି। ଏବେ ପଚସ୍ତରି ଟଙ୍କିଆ କଏନ ନୂଆ ନୂଆ ବଜାରକୁ ଛଡ଼ାଯାଇଛି ଓ ଏହାର ବ୍ୟବହାର ଜୋର ଧରିବାର ସମ୍ଭାବନା ଶହେରୁ ଶହେ।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

### ଦରକାର ଶୀତଳଭଣ୍ଡାର, ପ୍ରକ୍ରିୟାକରଣ କେନ୍ଦ୍ର

ଓଡ଼ିଶା କୃଷିରେ ଉତ୍କର୍ଷ ନିମନ୍ତେ କୃଷି କର୍ମଣ ପୁରସ୍କାର ପାଇବା ଯେତିକି ଗୌରବର କଥା ସେହିପରି ବର୍ତ୍ତମାନର ଧାନ ଫସଲ ସମ୍ପୂର୍ଣ୍ଣ ଯାନ୍ତ୍ରିକୀକରଣ ପଦ୍ଧତିରେ ଚାଲିବାରୁ କର୍ମ କରିବାକୁ ଥିବା ବେକାର ଯୁବକମାନେ ମାଛଚାଷ, ପନିପରିବା ଚାଷ ଆଦି ନ କରି ଦୂର ପ୍ରଦେଶକୁ କାମ କରିବାକୁ ଯାଉଥିବା ଦୁଃଖଦ ଖବର ନିଶ୍ଚୟ। ଶୀତଳଭଣ୍ଡାର ଓ ପ୍ରକ୍ରିୟାକରଣ କାରଖାନା ନ ଥିବାରୁ ଚାଷୀମାନେ ସେମାନଙ୍କ ଉତ୍ପାଦିତ ପନିପରିବା ଆଦିର ଅଭାବୀ ବିକ୍ରି ପାଇଁ ବାଧ ହେଉଛନ୍ତି। ଉଦାହରଣ ସ୍ୱରୂପ, ନଦୀକୂଳ ଅଞ୍ଚଳରେ ଅନେକ ଚାଷୀ କୋବି, ମୂଳା, ଟମାଟୋ, ଭେଣ୍ଡି ଇତ୍ୟାଦି ବହୁ ପରିମାଣରେ ଉତ୍ପନ୍ନ କରିଥାନ୍ତି। ନିକଟରେ ଶୀତଳଭଣ୍ଡାର ନ ଥିବାରୁ କରିବେ କ'ଣ ? ପ୍ରକ୍ରିୟାକୃତ କରି ରଖିବାକୁ ସାଧନ ନାହିଁ। ଏଣୁ ପିପିପି ମୋଡ୍‌ରେ ପ୍ରତ୍ୟେକ ବ୍ଲକ/କୃଷି ଜିଲା ଅଧୀନରେ ଶୀତଳଭଣ୍ଡାର/ପ୍ରକ୍ରିୟାକରଣ କେନ୍ଦ୍ର ଖୋଲିବା ବ୍ୟବସ୍ଥା ନ ହେଲେ ଅଭାବୀ ବିକ୍ରି ବଢୁଥିବ/ଚାଷୀ ହତାସ ହେଉଥିବେ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦିବ୍ୟ ଜନନୀଙ୍କ ପ୍ରେରଣା



ମିତାଲି ମହାନ୍ତି

ଏ ବିଶାଳ ଦୁନିଆରେ ଆମ ପରି ସାଧାରଣ ମଣିଷଙ୍କ ପାଇଁ ଶ୍ରୀମାଙ୍କ ଆଧ୍ୟାତ୍ମିକ ଜୀବନ ଏକ ବତିଘର ସଦୃଶ। ଶ୍ରୀମାଙ୍କ ମୂଳ ନାମ ମୀରା ଆଲ୍‌ଫାସା ଓ ତାଙ୍କ ଜନ୍ମସ୍ଥାନ ସୁଦୂର ଫ୍ରାନ୍ସ ହୋଇଥିଲେ ମଧ୍ୟ ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ଦର୍ଶନରେ ଅନୁପ୍ରାଣିତ ହୋଇ ସେ ଭାରତର ପଣ୍ଡିଚେରୀକୁ ନିଜ କର୍ମକ୍ଷେତ୍ର ଭାବେ ଆଦରି ନେଇ ଲକ୍ଷ ଲକ୍ଷ ଅଧ୍ୟାତ୍ମପିପାସୁଙ୍କୁ ଉଦ୍‌ବୁଦ୍ଧ କରିଛନ୍ତି।

ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ପ୍ରଥମ ସାକ୍ଷାତ୍ ଦିବସ ଅର୍ଥାତ୍ ମାର୍ଚ୍ଚ ୧୪ ତାରିଖ ବିଶ୍ୱ ଅଧ୍ୟାତ୍ମ ଇତିହାସରେ ଏକ ଉଲ୍ଲେଖନୀୟ ଦିବସ ଭାବେ ପରିଗଣିତ। ଏହି ଦିବ୍ୟ ମିଳନ ପରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବାରୁ ଶ୍ରୀମା ଫ୍ରାନ୍ସ ଫେରିଯାଇଥିଲେ। କିନ୍ତୁ ଶ୍ରୀଅରବିନ୍ଦଙ୍କ ସହିତ ସାକ୍ଷାତ୍‌ରେ ସେ ଯେଉଁ ଅଧ୍ୟାତ୍ମ–ମଞ୍ଜିଟିକୁ ନିଜ ଭିତରେ ନେଇଥିଲେ, ତାହା ତାଙ୍କ ଭିତରେ ଧୀରେ ଧୀରେ ଡାଳପତ୍ର ମେଲୁଥିଲା। ତେଣୁ ବିଶ୍ୱଯୁଦ୍ଧ ପରେ ୨୪ ଏପ୍ରିଲ୍ ୧୯୨୦ରେ ସେ ପୁନଶ୍ଚ ଭାରତ ଫେରିଆସି ସାରା ଜୀବନ ପଣ୍ଡିଚେରୀରେ ରହିଯାଇଥିଲେ। ଶ୍ରୀମାଙ୍କ ପ୍ରତ୍ୟକ୍ଷ ସହାୟତାରେ ଶ୍ରୀଅରବିନ୍ଦ ପଣ୍ଡିଚେରୀରୁ ଆର୍ଯ୍ୟ ନାମକ ଏକ

## ଶ୍ରୀମାଙ୍କ ଜନ୍ମଦିବସ ଉପଲକ୍ଷେ

ପତ୍ରିକା ପ୍ରକାଶ କରି ସେଥିରେ ତାଙ୍କ ରଚିତ ଦିବ୍ୟଜୀବନ, ଯୋଗ ସମନ୍ୱୟ, ଗୀତା ନିବନ୍ଧମାଳା, ବେଦ ରହସ୍ୟ, ମାନବ ଯୁଗଚକ୍ର ଇତ୍ୟାଦି ଗ୍ରନ୍ଥ ଧାରାବାହିକ ଭାବେ ପ୍ରକାଶ କରିଥିଲେ।

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଯୁଗ୍ମ ତପସ୍ୟା ଫଳରେ ୨୪ ନଭେମ୍ବର ୧୯୨୬ରେ ଶ୍ରୀକୃଷ୍ଣଙ୍କ ଅଧିମାନସ ଚେତନା ଶ୍ରୀଅରବିନ୍ଦଙ୍କ ଶରୀର ଚେତନାରେ ପ୍ରତିଷ୍ଠିତ ହେଲା। ଏହା ପରେ ଅତିମାନସ ଚେତନା ଅବତରଣ ପାଇଁ ପଥ ଖୋଲିଗଲା। ସେହିଦିନଠାରୁ ଆଶ୍ରମର ସମସ୍ତ ଭାର ଓ ଆଶ୍ରମବାସୀଙ୍କ ଆଧ୍ୟାତ୍ମିକ ବିକାଶର ସମସ୍ତ ଦାୟିତ୍ୱ ମା'ଙ୍କ ହାତରେ ଛାଡ଼ିଦେଇ ଶ୍ରୀଅରବିନ୍ଦ ଲୋକଚକ୍ଷୁର ଅନ୍ତରାଳରେ ଅଜ୍ଞାତବାସରେ ରହିଲେ। ସେହିଦିନଠାରୁ ମୀରା ଆଲ୍‌ଫାସା ହେଲେ ଆଶ୍ରମର ଶ୍ରୀମା। ଆରମ୍ଭରୁ ମା'ଙ୍କୁ ଅନେକ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା। ଅନେକ ସାଧକ ପ୍ରଥମେ ପ୍ରଥମେ ମା'ଙ୍କୁ ଗୁରୁରୂପେ ଗ୍ରହଣ କରିପାରିଲେ ନାହିଁ। ମା' ସେଥିପାଇଁ ଅନେକ ବିଦ୍ରୋହର ସମ୍ମୁଖୀନ ହେଲେ ମଧ୍ୟ ତାଙ୍କର ଧୈର୍ଯ୍ୟଶୀଳତା, ସହନଶକ୍ତି ଓ ଜନନୀସୁଲଭ ଉଦାହରଣରେ ସେ ସମସ୍ତଙ୍କ ହୃଦୟ ଜୟ କରିପାରିଥିଲେ।

ପୂର୍ଣ୍ଣାଙ୍ଗ ଯୋଗରେ ଶରୀର, ମନ ଓ ପ୍ରାଣର ରୂପାନ୍ତର ହେଉଥିବାରୁ ମା' ଶାରୀରିକ କର୍ମକୁ ବି ଗୁରୁତ୍ୱ ଦେଇଛନ୍ତି। ପଣ୍ଡିଚେରୀ ଆସିବା ପରଠାରୁ ତାଙ୍କର ଶେଷ ସମୟ ପର୍ଯ୍ୟନ୍ତ ମା' ସବୁବେଳେ କାମରେ ମଜ୍ଜି ରହୁଥିଲେ। ସେ ଯାହା କହୁଥିଲେ ତାହା ନିଜ କର୍ମରେ ମଧ୍ୟ କରିଦେଖାଉଥିଲେ। ତାଙ୍କ ପରିଣତ ବୟସ ଯାଏ ବି ମା' ଦିନମାନ ଭିତରେ ବିଭିନ୍ନ ପ୍ରକାର କାର୍ଯ୍ୟ ଯଥା ସକାଳୁ ଉଠିବା, ପ୍ରାର୍ଥନା କରିବା, ଅଫିସ୍ କାମ କରିବା, ଚିଠିପତ୍ର ଲେଖିବା, ସନ୍ଧ୍ୟା ସମୟରେ ମାର୍ଚ୍ଚପାଷ୍ଟ କରିବା, ଟେନିସ୍ ଖେଳିବା, ପିଲାମାନଙ୍କୁ ପାଠ ପଢ଼ାଇବା ଆଦି କାମ ଧାରାବାହିକ ଭାବେ କରୁଥିଲେ।



ମା' ଖୁବ୍ ସୁନ୍ଦର ଚିତ୍ର ଆଙ୍କୁଥିଲେ ଓ ଭଲ ଗାଉଥିଲେ। ତାଙ୍କ ରଚିତ ପ୍ରାର୍ଥନାଗୁଡ଼ିକୁ ପଢ଼ିଲେ ତାଙ୍କ ଭାଷାରେ ଦଖଲ ଓ ଭାବର ଗଭୀରତା ବାରି ହୋଇପଡ଼େ। ଆଶ୍ରମ ପତ୍ରିକାରେ ମା' ନିୟମିତ ଭାବେ ଶିକ୍ଷା, ଜୀବନଚର୍ଯ୍ୟା, ଆଧ୍ୟାତ୍ମିକ ସାଧନା ଓ ଅନ୍ୟାନ୍ୟ ବିଷୟରେ ଉପାଦେୟ ପ୍ରବନ୍ଧମାନ ଲେଖୁଥିଲେ। ମା'ଙ୍କର କର୍ମକୁଶଳତା ପାଇଁ ଅତି ଅଳ୍ପ ସାଧକଙ୍କୁ ନେଇ ଗଢ଼ି ଉଠିଥିବା ଛୋଟ ଆଶ୍ରମଟି ଏକ ଆତ୍ମନିର୍ଭରଶୀଳ କେନ୍ଦ୍ରରେ ରୂପାନ୍ତରିତ ହୋଇପାରିଥିଲା। ମା'ଙ୍କର ପରିଚାଳନା ଦକ୍ଷତା ଓ ଅଧ୍ୟାତ୍ମଶକ୍ତି ଯୋଗୁ ଆଶ୍ରମଟିରେ ବିଭିନ୍ନ ବିଭାଗ ଯଥା ଘର ତିଆରି ଓ ମରାମତି ପାଇଁ ପୂର୍ତ୍ତ ବିଭାଗ, ସ୍ୱାସ୍ଥ୍ୟ ରକ୍ଷା ବିଭାଗ, ଜଳ ସରବରାହ ବିଭାଗ, ବିଦ୍ୟୁତ୍ ବିଭାଗ, ଖାଦ୍ୟ ଉତ୍ପାଦନ ପାଇଁ କୃଷି ବିଭାଗ ଆଦି ପ୍ରତିଷ୍ଠା ହୋଇ ତାହା ସୁଚାରୁରୂପେ କାର୍ଯ୍ୟ କରୁଥିଲା।

ମା' ୧୯୫୨ରେ ଶ୍ରୀଅରବିନ୍ଦ ଅନ୍ତର୍ଜାତୀୟ ଶିକ୍ଷାକେନ୍ଦ୍ର ନାମରେ ଏକ ବିଶ୍ୱବିଦ୍ୟାଳୟ ଗଢ଼ି ତୋଳିଛନ୍ତି। ଏହି ଅନୁଷ୍ଠାନ ଆଜି ଭାରତର ଏକ ଅଗ୍ରଣୀ ଅନୁଷ୍ଠାନରେ ପରିଣତ ହୋଇପାରିଛି। ମା' ତାଙ୍କ ସ୍ୱପ୍ନର ନଗରୀ 'ଅରୋଭିଲ୍' ପୃଥିବୀର ୧୨୬ଟି ଦେଶର ମାଟି ନେଇ ୧୯୬୮ ମସିହାରେ ତିଆରି କରିଥିଲେ। ଆଜି ଅରୋଭିଲ୍ ମାନବ ଐକ୍ୟକୁ ବାସ୍ତବ ଓ ଜୀବନ୍ତ ରୂପ ଦେବା ପାଇଁ ଭୌତିକ ଓ ଆଧ୍ୟାତ୍ମିକ ଗବେଷଣାର ଏକ ମହାନ ପୀଠ। ମା' ତେପନ ବର୍ଷ କାଳ ପଣ୍ଡିଚେରୀରେ ଅବସ୍ଥାନ କରି ଦିନରାତିକୁ ଏକ କରି ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମ ଚେତନାକୁ ବ୍ୟାପକ କରିବା ପାଇଁ ନିଜକୁ ଉତ୍ସର୍ଗ କରିଦେଇଥିଲେ। ୧୯୭୩ ନଭେମ୍ବର ୧୭ରେ ମା' ତାଙ୍କ ସ୍ଥୂଳ ଦେହ ତ୍ୟାଗ କରିବା ପୂର୍ବରୁ ଏ ମାନବ ଜାତି ପାଇଁ ଆଧ୍ୟାତ୍ମିକ ସାଧନାର ଯେଉଁ ଉଦାହରଣ ଛାଡ଼ି ଯାଇଛନ୍ତି ତାହା ସମସ୍ତଙ୍କୁ ଆଧ୍ୟାତ୍ମିକ ପଥରେ ପରିଚାଳିତ କରୁଛି ଓ ଆଗକୁ କରିଚାଲୁଥିବ ମଧ୍ୟ।

ମାଧବପୁର, ଆଠଗଡ଼, କଟକ,
mitalimhnt@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଫେବୃୟାରୀ ୧୯୯୪

- ପ୍ରଥମକରି ଆନ୍ଧ୍ରପ୍ରଦେଶରେ ମଣ୍ଡଳ କମିଶନ ସୁପାରିସକୁ କାର୍ଯ୍ୟକାରୀ କରାଗଲା।
- ଦେଶର ଆମଦାନି–ରପ୍ତାନି ନୀତିର ଢାଞ୍ଚାକୁ ପରିବର୍ତ୍ତନ କରି ଏହାକୁ ଅଧିକ ସରଳ ଓ ସ୍ପଷ୍ଟ କରାଯିବା ନେଇ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପ୍ରଣବ ମୁଖାର୍ଜୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଦୁଇଚକିଆ ଯାନ ଯାଞ୍ଚ

ପାଟକୁରା,୨୦।୨(ଡି.ଏନ୍.ଏ.)- ପାଟକୁରା -ହଳଦିଆ ଗଡା ରାସ୍ତାର ଯମୁନାବାଦ ଗଡା ନିକଟରେ ସ୍ଥାନୀୟ ପୋଲିସ ପକ୍ଷରୁ ୨ ଚକିଆ ଗାଡ଼ି ଯାଞ୍ଚ କରାଯାଇଛି। ଏହି ସମୟରେ ଆରୋହୀମାନଙ୍କ ହେଲମେଟ୍, ଗାଡି କାଗଜପତ୍ର ଓ ଲାଇସେନ୍ସ ଆଦି ତନଖୀ କରାଯାଇଛି। ନିୟମ ଅନୁସାରେ ଗାଡ଼ି ଚାଳନା କରୁ ନଥିବା ୧୧ ଜଣ ଚାଳକଙ୍କଠାରୁ ୧୪ ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଛି। ପାଟକୁରା ପୋଲିସ୍ ବିରେନ୍ ମିତ୍ର ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ଏହି ଯାଞ୍ଚରେ ସାମିଲ ହୋଇଥିଲେ ।

### ନୂତନ ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଆଲି,୨୦।୨(ଡି.ଏନ.ଏ)-ଆଲି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ନୂତନ ବିଚାରପତି ପ୍ରଜ୍ଞା ପୂଜା ପ୍ରଦାଙ୍କୁ ବୁଧବାର ଅପରାହ୍ନରେ ଆଲି ବାର ଆସୋସିଏଶନ୍ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏନେଇ ଆଲି ବାର ଆସୋସିଏଶନ୍‌ର ସଭାପତି ପ୍ରମୋଦ ରାୟଙ୍କ ସଭାପତିତ୍ୱରେ ବାରଆସୋସିଏଶନ ହଲରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ ହୋଇଥିଲା। ଏଥିରେ ଆସୋସିଏଶନର ସମ୍ପାଦକ ନୃସିଂହ ଚରଣ ଦୀକ୍ଷିତ, ସହ ସମ୍ପାଦକ ନଳିନୀ ରଞ୍ଜନରାୟ, ବରିଷ୍ଠ ଆଇନଜୀବୀ ଚିରଞ୍ଜୀବ ଦାସ, ସାଂସ୍କୃତିକ ସମ୍ପାଦକ ସୂର୍ଯ୍ୟମଣି ସାମଲ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ନୂତନ ବିଚାରପତି ପ୍ରଦା ଆଲିବାସୀଙ୍କୁ ଯଥାସମ୍ଭବ ନ୍ୟାୟ ପ୍ରଦାନ କରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ମହାନ୍ତି, ଯୁଧିଷ୍ଠିର ପଣ୍ଡା, ଅକ୍ଷୟ ମଲିକ, ବସନ୍ତ ଘଡ଼େଇ, ମୃତ୍ୟୁଞ୍ଜୟ ସାମଲ, ଅନନ୍ତ ଦାଶ ଓ ବାସୁଦେବ ସିଂ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବାର ଆସୋସିଏଶନର ସମସ୍ତ ଆଇନଜୀବୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

### ଆଲି ମହାବିଦ୍ୟାଳୟରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



ଆଲି,୨୦।୨(ଡି.ଏନ୍.ଏ.)- କଶ୍ମୀର ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଭାରତୀୟ ଯବାନଙ୍କ ଉଦ୍ଦେଶ୍ୟରେ ବୁଧବାର ଆଲି ମହାବିଦ୍ୟାଳୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିସହ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଛି । କଲେଜ ପରିସରରୁ ଏହି ଶୋଭାଯାତ୍ରା ବାହାରି ନିଆଳହାଟ, ଆଲି ନୂଆବଜାର, ଅନ୍ନପୂର୍ଣ୍ଣା ପଡିଆ, ଡାକବଙ୍ଗଳା ଛକ ଓ ଭୁଇଁପୁର ଛକ ଆଦି ପରିକ୍ରମା କରିଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ପାକିସ୍ତାନ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ। ଏଥିରେ ଆଲି ମହାବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସମେତ ଅଧାପକମାନେ ସାମିଲ ହୋଇଥିଲେ। ବିଶ୍ୱଜିତ ବେହେରା, ମାନସ ରାଉତ, ମହେନ୍ଦ୍ର ବିଶ୍ୱାଳ, ତୁଶାର ମଲିକ, ରାଜେଶ ସାମଲ ଓ ନରେଶ ବେହୁରା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

■ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ

# ଅସୁରକ୍ଷିତ ଶ୍ରେଣୀଗୃହରେ ଚାଲିଛି ପାଠପଢ଼ା

କେନ୍ଦ୍ରାପଡା ଅଫିସ, ୨୦।୨

କେନ୍ଦ୍ରାପଡା ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟର ମାତ୍ର ୪ କିଲୋମିଟର ଦୂରରେ ରହିଛି ବାରୋ ନିମ୍ନ ମୌଳିକ ବିଦ୍ୟାଳୟ। କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ସଂଲଗ୍ନ ଥିବା ଏହି ବିଦ୍ୟାଳୟର ଶ୍ରେଣୀଗୃହଗୁଡିକ ଏବେ ଅସୁରକ୍ଷିତ ହୋଇପଡିଛି। ଫଳରେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ମାତ୍ର ଏନେଇ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବା ଅଭିଯୋଗ ହୋଇଛି। ୧୯୪୭ରେ ଏହି ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏବେ ଏଠାରେ ୫୬ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟର ଭାଙ୍ଗିଯାଇଥିବା ଶ୍ରେଣୀଗୃହଗୁଡିକ ମରାମତି ଲାଗି ବାରମ୍ବାର ଦାବି କରାଯାଇଛି। ମାତ୍ର ଏନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଭାବକ ଓ ସ୍କୁଲ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଅଭିଭାବକ ରମେଶ ଚନ୍ଦ୍ର ପରିଡା କହିଛନ୍ତି, ଅସୁରକ୍ଷିତ ବିଦ୍ୟାଳୟ ଗୃହ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ବ୍ଲକ ଜିଲା ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି। ବିଦ୍ୟାଳୟରେ ଅନ୍ୟୁନ ୪ଟି ଗୃହ ସହ ଏକ ରୋଷେଇ ଘରର ଆବଶ୍ୟକତା ରହିଛି।



**ବାରୋ ନିମ୍ନ ମୌଳିକ ବିଦ୍ୟାଳୟ**

- ୫୬ ଛାତ୍ରୀଛାତ୍ର ପାଠ ପଢୁଛନ୍ତି
- ୨ ବଖରାରେ ଚାଲିଛି ୩ଟି ଶ୍ରେଣୀ
- କାନ୍ଥରେ ଫାଟ
- ପ୍ରଶାସନ ଧ୍ୟାନ ଦେଉ ନ ଥିବା ଅଭିଯୋଗ

ଏବେ ବିଦ୍ୟାଳୟରେ ଦୁଇଟି ଶ୍ରେଣୀଗୃହ ଥିବା ବେଳେ ସେଠାରେ ଅଫିସ ସରଞ୍ଜାମ ସହ ୩ଟି ଶ୍ରେଣୀର ପିଲାଙ୍କୁ ପାଠ ପଢ଼ାଯାଉଛି । ମରାମତି ଅଭାବରୁ ଏହି ୨ଗୃହ କାନ୍ଥରେ ଫାଟ ପଡ଼ିଯାଇଛି । ଏଠାରେ ଥିବା ରୋଷେଇ ଗୃହଟି ଜରାଜୀର୍ଣ୍ଣ ହୋଇପଡିଛି। ଆଉ ଦୁଇଟି ଶ୍ରେଣୀଗୃହ ଦୀର୍ଘ ଦିନ ହେବ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି। ଏହା ପିଲାଙ୍କ କୌଣସି କାମରେ ଲାଗୁ ନଥିବା ବେଳେ ସେମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅଭିଭାବକ ସଞ୍ଜୁଲତା ସାହୁଙ୍କ କହିବାନୁସାରେ, ଏହି ବିଦ୍ୟାଳୟ ଗୃହଗୁଡିକୁ ଅସୁରକ୍ଷିତ ଘୋଷଣା କରାଯାଉ ନ ଥିବା ବେଳେ ସହ ନୂତନ ଗୃହ ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଭବିଷ୍ୟତରେ କୌଣସି ବଡ ଧରଣର ଅଘଟଣକୁ ଏଡାଇଦେଇ ହେବ ନାହିଁ। ଭଙ୍ଗା ଘରେ ପିଲାମାନେ ଭୟଭୀତ ଅବସ୍ଥାରେ ପାଠପଢ଼ିବାକୁ ବାଧ ହେଉଛନ୍ତି।

ରାଜ୍ୟ ଓ କେନ୍ଦ୍ର ସରକାର ଶିକ୍ଷାକୁ ପ୍ରାଥମିକତା ଦେଉଥିବା ପ୍ରଚାର କରୁଥିବା ବେଳେ ବାରୋସ୍ଥିତ ଏହି ବିଦ୍ୟାଳୟ ଶ୍ରେଣୀ ଗୃହକୁ ଦେଖିଲେ ବାସ୍ତବତା ଜଣାପଡିବ । ଏଠାରେ ଥିବା ନଳକୂଅ ବହୁ ସମୟରେ ଅଚଳ ହୋଇଯାଉଛି । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ପ୍ରଶାସନ ନିକଟରେ ଦାବି କରିଛନ୍ତି । ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଜେନା କୁହନ୍ତି, ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ବିଇଓଙ୍କ ସହ ଜିଲାପାଳଙ୍କୁ ଅବଗତ କରାଯାଇଛି। ନୂତନ ଶ୍ରେଣୀ ଗୃହ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଛି। ଜିଲାପାଳ ଦାଶରଥି ଶତପଥୀଙ୍କ କହିବାନୁସାରେ, ବିଦ୍ୟାଳୟର ଅସୁରକ୍ଷତି ଶ୍ରେଣୀ ଗୃହରେ ଛାତ୍ରୀଛାତ୍ରଙ୍କ ପାଠ ପଢ଼ାଇବା ଆଦୌ ଠିକ ନୁହେଁ । ଏନେଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟଯେ, ଜିଲାର ୩୧୨ଟି ବିଦ୍ୟାଳୟରେ ଶ୍ରେଣୀଗୃହଗୁଡିକ ଅସୁରକ୍ଷିତ ହୋଇପଡ଼ିଛି। ଏନେଇ ଜିଲା ପରିଷଦ ବୈଠକ ସହ ବିଭିନ୍ନ ସମୟରେ ଲୋକ ପ୍ରତିନିଧିମାନେ ଆପତ୍ତି ଉଠାଇଛନ୍ତି।

# ନୈତିକ ଶିକ୍ଷା ଦ୍ୱାରା ସୁସ୍ଥ ସମାଜ ଗଠନ ସମ୍ଭବ




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କେନ୍ଦ୍ରାପଡା ଅଫିସ,୨୦।୨

କେନ୍ଦ୍ରାପଡ଼ା ସହରର ଗରାପୁରସ୍ଥିତ ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିଲାଗି ଶିବାନନ୍ଦ ଆଶ୍ରମ ପରିସରରେ ଫେବୃୟାରୀ୧୨ରୁ ଚାଲିଥିବା ଶ୍ରୀ ବିଷ୍ଣୁ ମହାଯଜ୍ଞରେ ପୂର୍ଣ୍ଣାହୁତି ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଆଶ୍ରମ ଅଧ୍ୟକ୍ଷ ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାପାଳ ଦାଶରଥି ଶତପଥୀ ମୁଖ୍ୟଅତିଥିଭାବେ ଯୋଗଦେଇ ଶିକ୍ଷାର୍ଥୀଙ୍କୁ ମାର୍ଗ ଦର୍ଶନ ଦେଇଥିଲେ । ନୈତିକ ଶିକ୍ଷା ଦ୍ୱାରା ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସେ ମତ ଦେଇଥିଲେ। ସେହିପରି ଚାଲିଥିବା ପ୍ରବଚନ କାର୍ଯ୍ୟକ୍ରମରେ ସ୍ୱାମୀ ବ୍ରହ୍ମ ନିଷ୍ଠାନନ୍ଦ ସରସ୍ୱତୀ ଓ ସ୍ୱାମୀ ଜିତ୍‌ଧର୍ମାନନ୍ଦ ସରସ୍ୱତୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଚାର୍ଯ୍ୟ ଲୋକତିତାନନ୍ଦ ଅବଦୂତ, ବିକାଶାନନ୍ଦ ଅବଦୂତ, ସ୍ୱାମୀ ରାମଶରଣାନନ୍ଦ ସରସ୍ୱତୀ, ଅରୁଣ କୁମାର ପଣ୍ଡା, ହେମନ୍ତ କୁମାର ପରିଡା ଓ ସ୍ୱାମୀ ଆଦ୍ୟାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ଆଧ୍ୟାତ୍ମିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ୭ ଦିନିଆ ଉତ୍ସବକୁ ପୁଷ୍ପା ମହାନ୍ତି, ରୁଦ୍ରାଣୀ ମହାପାତ୍ର, ମଧୁସ୍ମିତା ନନ୍ଦ, ପୁନମ ଜେନା, ପ୍ରିୟଙ୍କା ଦାସ ଓ ସଂଘମିତ୍ରା ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ସରପଞ୍ଚ ଓ ୧୧ ୱାର୍ଡ ସଭ୍ୟାସଭ୍ୟଙ୍କ ଧାରଣା

ମାର୍ଶାଘାଇ,୨୦।୨(ଡି.ଏନ.ଏ.)

ବୁଧବାର ତୃତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ ଥିବାବେଳେ ମାର୍ଶାଘାଇ ବ୍ଲକ ବନ୍ଧକଟା ପଞ୍ଚାୟତର ସରପଞ୍ଚ ଅନସୂୟା ଦାସ ଏବଂ ୧୧ଜଣ ଓାର୍ଡ ସଭ୍ୟାସଭ୍ୟଙ୍କ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକ ଆଗରେ ଧାରଣା ଦିଆଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ଆରତୀ ସୋରେନଙ୍କ ବେଆଇନ ଓ ମନମୁଖୀ କାର୍ଯ୍ୟ ଯୋଗୁ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ବ୍ୟାହତ ହେଉଥିବାରୁ ଏହାର ପ୍ରତିବାଦରେ ଏହି ଧାରଣା ଦିଆଯାଇଥିଲା। ଖବର ପାଇ ଉପଜିଲାପାଳ ସଞ୍ଜୟ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ସରପଞ୍ଚଙ୍କୁ ଧାରଣାରୁ ନିବୃତ୍ତ ରହିବାକୁ ଅନୁରୋଧ କରିବା ସହିତ ୩ ଦିନ ମଧ୍ୟରେ ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ବଦଳି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପଞ୍ଚାୟତ ନିର୍ବାହୀ ଅଧିକାରିଣୀଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁ ଉନ୍ନୟନ କାର୍ଯ୍ୟ ବ୍ୟାହତ ହେବା ଓ ୨ୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମରେ ୩୦ହଜାର ଅର୍ଥ ହଡ଼ପ ହେବା ନେଇ ସରପଞ୍ଚ ଦାସ ବିଡ଼ିଓ ସୁବାଦାର ପ୍ରଧାନ, ଜିଲାପାଳ ଦାଶରଥି ଶତପଥୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଶତପଥୀ ଜାନୁୟାରୀ ୧୧ତାରିଖରେ ପିଇଓ ସୋରେନଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ସହିତ ଅନ୍ୟତ୍ର ବଦଳି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଜିଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ୨୦ ତାରିଖରେ ପଞ୍ଚାୟତରେ ହେବାକୁ ଥିବା ପିଠା କାର୍ଯ୍ୟକ୍ରମରେ ସହଯୋଗ କରିବେ ନାହିଁ ଓ ସେଦିନ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ। ପରିସ୍ଥିତି ଜଟିଳ ହେବାରୁ ପିଠା କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ପରିଡାଙ୍କ ନିର୍ଦ୍ଦେଶରେ ବିଡିଓ ମଙ୍ଗଳବାର ରାତିରେ ତରବରିଆ ଭାବେ ବ୍ଲକ କାର୍ଯ୍ୟାଳୟରେ ବରିଷ୍ଠ କିରାଣୀ ଅଶୋକ ବେଉରା, ଜିପିଓ ନିରଞ୍ଜନ ଦାସ, ସମିତି ସଭ୍ୟାଙ୍କ ପ୍ରତିନିଧି, ପଞ୍ଚାୟତ ସମିତି ଉପାଧ୍ୟକ୍ଷାଙ୍କ ପ୍ରତିନିଧି, ପିଇଓ ଆରତୀ ସୋରେନ, ତାଙ୍କ ପ୍ରତିନିଧି ଏବଂ ସରପଞ୍ଚଙ୍କ ପ୍ରତିନିଧିଙ୍କୁ ନେଇ ଏକ ବୈଠକ କରି ସମାଧାନ କରିବାକୁ ଉଦ୍ୟମ କରିଥିଲେ। ଆଲୋଚନା ବେଳେ ଜନୈକ ପୂର୍ବତନ ସରପଞ୍ଚ ଏବଂ ପିଇଓଙ୍କ ପ୍ରତିନିଧି ସରପଞ୍ଚଙ୍କ ପ୍ରତିନିଧିଙ୍କୁ ଆକ୍ଷେପ କରି ମତାମତ ଦେବାରୁ ଆଲୋଚନା ବାଧାପ୍ରାପ୍ତ ହୋଇଥିଲା। ଫଳରେ ବୁଧବାର ସକାଳୁ ସରପଞ୍ଚ ଦାସ ଏବଂ ୧୧ ଜଣ ଓାର୍ଡ ସଭ୍ୟାସଭ୍ୟ ଧାରଣାରେ ବସିଥିଲେ। ସରପଞ୍ଚଙ୍କ ଅନୁପସ୍ଥିତିରେ ପିଇଓ ପିଠା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଜିଦ୍ ଧରି ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମମତା ପ୍ରଧାନ,ବନ୍ଧକଟା ସମିତି ସଭ୍ୟଙ୍କୁ ମଞ୍ଚରେ ବସାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ସମୟରେ ଉପ ଜିଲ୍ଲାପାଳ ଘଟଣାରେ ହସ୍ତକ୍ଷେପ କରିବା ପରେ ସରପଞ୍ଚ ଓ ଅନ୍ୟମାନେ ଧାରଣାରୁ ଓହରି ଯାଇଥିଲେ। ତେବେ ଧାରଣାରୁ ଓହରିଥିଲେ ମଧ୍ୟ ସରପଞ୍ଚ ମଞ୍ଚରେ ଆସନ ଗ୍ରହଣ କରି ନ ଥିଲେ।



ଧାରଣାରେ ସରପଞ୍ଚ ଓ ୱାର୍ଡ ସଭ୍ୟାସଭ୍ୟମାନେ ବସିଛନ୍ତି।

ଘରୋଇ କଳିର କରୁଣ ପରିଣତି

# ପୁଅର ଚାପୁଡ଼ାରେ ବାପା ମୃତ

**ପଟ୍ଟାମୁଣ୍ଡାଇ,୨୦।୨(ସ୍ୱ.ପ୍ର)**– ଘରୋଇ କଳିକୁ କେନ୍ଦ୍ରକରି ପୁଅର ଚାପୁଡାରେ ବୃଦ୍ଧ ବାପାଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବଡମୂଳବସନ୍ତ ଗ୍ରାମରେ ମଙ୍ଗଳବାର ରାତିରେ ଘଟିଛି। ଏହା ଜଣାପଡିବା ପରେ ସାଧାରଣରେ ଆଲୋଡନ ସୃଷ୍ଟି କରିଛି । ପଟ୍ଟାମୁଣ୍ଡାଇ ଥାନାରେ ଏନେଇ କୌଣସି ଅଭିଯୋଗ ହୋଇ ନଥିବାରୁ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ପୋଲିସର କାର୍ଯ୍ୟକାରିତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ବଡମୂଳବସନ୍ତ ଗ୍ରାମର ଜଣେ ୭୦ ବର୍ଷୀୟ ବୃଦ୍ଧଙ୍କ ସହ ତାଙ୍କ ଭାଇବୋହୂଙ୍କ କୌଣସି କାରଣକୁ ଝଗଡା ହୋଇଥିଲା। ଏଥିରେ ବୃଦ୍ଧଙ୍କ ବଡପୁଅ ଝଗଡା ନ କରିବା ପାଇଁ ତାଙ୍କ ବାପାଙ୍କୁ ବାରଣ କରିଥିଲେ । ମାତ୍ର ସେ ପୁଅ କଥା ନ ଶୁଣି ନଥିଲେ। ଏଥିରେ ଉତ୍ୟକ୍ତ ହୋଇ ପୁଅ ବାପାଙ୍କୁ ଏକ ଶକ୍ତ ଚାପୁଡା ମାରିଥିଲେ। ଫଳରେ ବୃଦ୍ଧ ଜଣକ ଅଚେତ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବୁଧବାର ଅପରାହ୍ନରେ ପରିବାର ଲୋକେ ପୋଲିସକୁ ନ ଜଣାଇ ମୃତଦେହ ସଂସ୍କାର କରିଦେଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# କଂଗ୍ରେସରେ ମିଶିଲେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା



ବିଧାୟକଙ୍କ ସହ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପଲତା ସିୟ ଓ ଅନ୍ୟମାନେ।

ରାଜନଗର,୨୦।୨(ଡି.ଏନ.ଏ.)

ରାଜନଗର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷା ପୁଷ୍ପଲତା ସିୟ କଂଗ୍ରେସରେ ସାମିଲ ହୋଇଛନ୍ତି। ବୁଧବାର ରାଜନଗର ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସିୟ ବିଜୁ ଜନତା ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। ସିୟଙ୍କ ସହିତ ଯୁବନେତା ଦିଲୀପ କୁମାର ସିୟ, ବୁଦ୍ଧଦେବ ରାଉତ, ସୁକଦେବ ରାଉତ, ବିଷ୍ଣୁ ଚରଣ ଜେନା, ଗୁଜର ମଲ୍ଲିକ, ବାଦଲ ମଲ୍ଲିକ, ହରେକୃଷ୍ଣ ରାଉତ, ରବୀନ୍ଦ୍ର ରାଉତ, ନିରାକାର ରାଉତ, ଉଦୟକାନ୍ତ ରାଉତ, ମହେଶ୍ୱର ପାତ୍ର, ବଲ୍ଲବ ରାଉତ, ହୃଷୀକେଶ ପାତ୍ର ପ୍ରମୁଖ କଂଗ୍ରେସରେ ସାମିଲ ହୋଇଛନ୍ତି। ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ପୁଷ୍ପଗୁଚ୍ଛ ଦେଇ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୦ ନମ୍ବର ଜୋନ୍ ସଭାପତି ଅଶୋକ କୁମାର ବଳ, ୩୧ ନମ୍ବର ଜୋନ୍ ସଭାପତି ଦେବେନ୍ଦ୍ର କୁମାର ଜେନା, ପୂର୍ବତନ ଜିଲାପରିଷଦ ସଭ୍ୟ ଅରୁଣ କୁମାର ରାଉତ, ପୂର୍ବତନ ସମିତି ସଭ୍ୟ ଅନନ୍ତ କୁମାର ସେଠୀ, ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ରାଉତ, କଂଗ୍ରେସ ନେତା ମନୋଜ କୁମାର ସ୍ୱାଇଁ, ବନ୍ଧପଡ଼ା ପଞ୍ଚାୟତ ସଭାପତି କାମଦେବ ରାଉତ, ସରପଞ୍ଚ କିରଣ କୁମାର ନାୟକ, କୁରୁଣ୍ଟି ପଞ୍ଚାୟତ ସମିତି ସଭ୍ୟ ସନ୍ତୋଷ କୁମାର ରାଉତ, ଯୁବନେତା ରଞ୍ଜନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସିୟ କଂଗ୍ରେସ ସମର୍ଥନରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ହୋଇଥିଲେ। ତାଙ୍କର ସମୟସୀମା ପୂରିଯିବା ପରେ କଂଗ୍ରେସ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ଏବେ ପୁଣି କଂଗ୍ରେସରେ ସାମିଲ ହୋଇଛନ୍ତି।

# ଭିନ୍ନକ୍ଷମ ଛାତ୍ର ମାଟ୍ରିକ ପରୀକ୍ଷାରୁ ବଞ୍ଚିତ ହେବେ

ପଟ୍ଟାମୁଣ୍ଡାଇ,୨୦।୨(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଚନ୍ଦନନଗର ପଦ୍ମଲୋଚନ ବିଦ୍ୟାପୀଠର ୧୦ମ ଶ୍ରେଣୀର ଛାତ୍ର ରାକେଶ ବେହେରା ଚଳିତ ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ହେବା ଆଶଙ୍କା ଦେଖାଦେଇଛି। କାରଣ ଭିନ୍ନକ୍ଷମ ଯୋଗୁ ତାଙ୍କର ହାତ ଦୁଇଟି ଲେଖିବା ପାଇଁ ସକ୍ଷମ ନୁହେଁ। ଏଣୁ ଜଣେ ସହଯୋଗୀ ଲେଖକଙ୍କୁ ଅନୁମତି ଦେବାକୁ ବୋର୍ଡ କର୍ତ୍ତୃପକ୍ଷଙ୍କୁ ପ୍ରଧାନ ଶିକ୍ଷକଙ୍କ ମାଧ୍ୟମରେ ସେ ଆବେଦନ କରିଥିଲେ। ମାତ୍ର ୨୨ ତାରିଖଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ଏ ପର୍ଯ୍ୟନ୍ତ ରାକେଶଙ୍କୁ ସହଯୋଗୀ ଲେଖକ ଯୋଗାଇ ଦେବାକୁ ବୋର୍ଡ କର୍ତ୍ତୃପକ୍ଷଙ୍କ ନିକଟରୁ ଅନୁମତି ଆସିନାହିଁ । ଏଥିନେଇ ରାକେଶ ଓ ତାଙ୍କ ମାଆ ବାପା ଚିନ୍ତିତ ହୋଇ ପଡିଛନ୍ତି। ଅନ୍ୟପକ୍ଷରେ ରାକେଶଙ୍କ ମାଆ ସସ୍ମିତା ବେହେରା ଓ ବାପା ହଳଧର ବେହେରାଙ୍କ ନାମ ଆଡମିଟ୍ କାର୍ଡ ରୋଲ୍ ନଂ-୧୨୩ଏସି୦୦୮୫ରେ ଥିବା ବେଳେ ଭିନ୍ନକ୍ଷମ ପ୍ରମାଣପତ୍ରରେ ବାପାଙ୍କ ନାମ ଭୁଲ୍ ଅଛି। ଏଥିନେଇ ରାକେଶ ୨ଟି ସତ୍ୟପାଠ ଦାଖଲ କରିଛନ୍ତି । ଏଥିସହିତ ପୂର୍ବତନ ସରପଞ୍ଚ ବୈଷ୍ଣବ ଚରଣ ବାୟୀ, ବର୍ତ୍ତମାନ ସରପଞ୍ଚ ବନ୍ଦିତା ଦାସ ଓ ଗ୍ରାମର ୩ଜଣ ବ୍ୟକ୍ତି ମଧ୍ୟ ଲିଖିତ ଭାବେ ରାକେଶଙ୍କ ବାପା ହଳଧର ବେହେରା ବୋଲି ପ୍ରମାଣ ଦେଇଛନ୍ତି। ଏହାସତ୍ତ୍ୱେ ବୋର୍ଡ କର୍ତ୍ତୃପକ୍ଷ ରାକେଶଙ୍କ ପାଇଁ ଜଣେ ସହଯୋଗୀ ଲେଖକଙ୍କୁ ଅନୁମତି ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଯାହାଫଳରେ ସଂପୃକ୍ତ ଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି। ଏହି ଘଟଣାକୁ ନେଇ ସଂପୃକ୍ତ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଘୋର ଆଲୋଡନ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ପ୍ରଧାନ ଶିକ୍ଷକ ରତ୍ନାକର ନାୟକ ବୋର୍ଡ କର୍ତ୍ତୃପକ୍ଷଙ୍କ ନିକଟକୁ ବାରମ୍ବାର ଅନୁରୋଧ କରି ଚିଠି ଲେଖିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ଦିଗରେ ବୋର୍ଡ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ରାକେଶ ବେହେରା

# କଚେରି ପୋଖରୀ ସରକାରୀ ଖାତାରେ ବଗାୟତ

ପଟ୍ଟାମୁଣ୍ଡାଇ,୨୦।୨(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ କଚେରୀ ପୋଖରୀ ସରକାରୀ ଖାତାରେ ବଗାୟତ (ବଗିଚା) ବୋଲି ଦର୍ଶାଯାଇଛି। ବ୍ରିଟିଶ ଅମଳରୁ ତତ୍‌କାଳୀନ ଜମିଦାରଙ୍କ ଦ୍ୱାରା ଏହି ପୋଖରୀ ଖନନ ହୋଇଥିବା ବେଳେ ସରକାରୀ ରେକର୍ଡରେ ପୋଖରୀ ବୋଲି ଉଲ୍ଲେଖ ନାହିଁ । ଫଳରେ ଏହି ପୋଖରୀ ନିଜର ସତ୍ତା ହରାଇବାକୁ ବସିଛି। ଅପରପକ୍ଷରେ ଏବେ ଉକ୍ତ ପୋଖରୀ ମ୍ୟୁନିସିପାଲିଟିର ଅଳିଆ ଗଦାରେ ପରିଣତ ହୋଇଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଏହା କ୍ରମଶଃ ପୋତି ହୋଇ ପଡିଲାଣି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଅବସ୍ଥିତ ଏହି ପୋଖରୀକୁ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ କରିବାକୁ ସରକାର କିମ୍ବା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପୋଖରୀର ପୁନରୁଦ୍ଧାର ପାଇଁ ସାମାଜିକ କର୍ମୀ ଅକ୍ଷୟ ବିଶ୍ୱାଳଙ୍କ ଦ୍ୱାରା କଟକ ସ୍ଥାୟୀ ଲୋକ ଅଦାଲତ (ପିୟୁଏସଇୟୁ)ରେ ପିଏଲଏ କେସ ନଂ-୧୧/୨୦୧୯ ଦାୟର କରାଯାଇଛି । ଏଥିରେ ପକ୍ଷଭୁକ୍ତ ହୋଇଥିବା ପଟ୍ଟାମୁଣ୍ଡାଇ ତହସିଲଦାର ଗତ ୧୪ ତାରିଖରେ ଲିଖିତ ଜବାବ ଦାଖଲ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଜମିଦାରଙ୍କ ଦ୍ୱାରା ଖନନ କରାଯାଇଥିବା କଚେରୀ ପୋଖରୀ ବହୁ ବର୍ଷ ଧରି ବ୍ୟବହୃତ ନ ହୋଇ ପଡି ରହିଛି । ତହସିଲ କାର୍ଯ୍ୟାଳୟ ସଂଲଗ୍ନ ୧ଏକର ୨୫ ଡେସିମିଲ ପରିମିତ ଏହି ପୋଖରୀ ପଟ୍ଟାମୁଣ୍ଡାଇ ବଜାରର ଏକମାତ୍ର ଜଳାଶୟ। ତେବେ ଜନସାଧାରଣଙ୍କ ସୁବିଧା ପାଇଁ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନଙ୍କ ମଧ୍ୟରେ ଘୋର ଆଲୋଡନ ସୃଷ୍ଟି କରିଛି। ଅନ୍ୟପକ୍ଷରେ ପୂର୍ବରୁ ଏହି ପୋଖରୀରେ ମାଛ ଛଡାଯାଉଥିବା ବେଳେ ତହସିଲ ପକ୍ଷରୁ ନିଲାମ ସୂତ୍ରରେ ମାଛ ଧରାଯାଉଥିଲା। ପ୍ରାୟ ୫୦ବର୍ଷ ଧରି ତହସିଲ କାର୍ଯ୍ୟାଳୟ ଏହି ପୋଖରୀର ମାଛ ନିଲାମ ବାବଦରେ ବହୁ ଅର୍ଥ ଆୟ କରିଥିବା ବେଳେ ସରକାରୀ ଖାତାରେ ତାର କିସମ କିପରି ବଗାୟତ (ବଗିଚା)ରହିଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯଦି ଜମିଦାର ଅମଳରୁ ଉକ୍ତ ପୋଖରୀର କିସମ ବଗାୟତ ଥିଲା, ତେବେ ଇତିମଧ୍ୟରେ ବହୁ ତହସିଲଦାର କାର୍ଯ୍ୟ କରି ଏଠାରୁ ବଦଳି ହେଇଥିଲେ ମଧ୍ୟ କଚେରୀ ପୋଖରୀର କିସମ ପରିବର୍ତ୍ତନ ପ୍ରତି କାହିଁକି ଧ୍ୟାନ ଦେଲେ ନାହିଁ। ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ ଏହି ପୋଖରୀ ଘଟଣାରେ ମଧ୍ୟ ଜବାବ ଦାଖଲ କରିଛନ୍ତି । ସେ ଏଥିରେ ରାଜସ୍ୱ ବିଭାଗ ମ୍ୟୁନିସିପାଲିଟିକୁ ଏହି ପୋଖରୀକୁ ହସ୍ତାନ୍ତର କରି ନ ଥିବାରୁ ତାହା ପୁନରୁଦ୍ଧାର ହୋଇ ପାରୁନାହିଁ ବୋଲି ଦର୍ଶାଇଛନ୍ତି। ମ୍ୟୁନିସିପାଲିଟି ପକ୍ଷରୁ କଚେରୀ ପୋଖରୀରେ ଅଳିଆ ଆବର୍ଜନା ପଡୁଥିବା ଅଭିଯୋଗରୁ ସେ ଅସ୍ୱୀକାର କରିଛନ୍ତି । ଆସନ୍ତା ଏପ୍ରିଲ ୬ ତାରିଖରେ ଲୋକ ଅଦାଲତରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ପ୍ରଶାସନିକ ଅଧିକାରୀମାନଙ୍କୁ ନୋଟିସ କରାଯାଇଛି।



ଅଳିଆ ଆବର୍ଜନାରେ ପୂର୍ଣ୍ଣ କଚେରି ପୋଖରୀ।

# ଓଡ଼ିଶା ସରକାର

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

SPL.LAO.R.I.P.-JAJ-30/2017/105/RIP, Sukinda  Dated: 16.1.2019

No.: V-76: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ତିଗିରିଆ, ଥାନା: ରାମଚନ୍ଦ୍ରପୁର, ତହସିଲ: ଆନନ୍ଦପୁର, ଜିଲ୍ଲା: କେନ୍ଦୁଝରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ରେଙ୍ଗାଳି ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ଏକର ୩୬.୫୬ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୯୩୮ ତା୨୬।୦୫।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ତିଗିରିଆ, ଥାନା: ରାମଚନ୍ଦ୍ରପୁର, ତହସିଲ: ଆନନ୍ଦପୁର, ଜିଲ୍ଲା: କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.keonjhar.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **http/revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ରେଙ୍ଗାଳି ବାମ କେନାଲ ପ୍ରଣାଳୀ, ସୁକିନ୍ଦା, ଜିଲ୍ଲା- ଯାଜପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
### ଜିଲ୍ଲା: କେନ୍ଦୁଝର, ତହସିଲ: ଆନନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତିଗିରିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୩୬.୫୬ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ. ............ ସଂରକ୍ଷିତ ସରକାରୀ ଜମି ପ୍ରତିବଦକ ପାଇଁ ଉଦ୍ଦିଷ୍ଟ।

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
### ଜିଲ୍ଲା: କେନ୍ଦୁଝର, ତହସିଲ: ଆନନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ – ୨୭।୦୭।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, କେନ୍ଦୁଝର

## ଜମି ଅନୁସୂଚୀ

**ଗ୍ରାମର ନାମ: ତିଗିରିଆ, ଥାନାର ନାମ: ରାମଚନ୍ଦ୍ରପୁର ନଂ.-୧୦୫, ତହସିଲ: ଆନନ୍ଦପୁର, ଜିଲ୍ଲା: କେନ୍ଦୁଝର**

**ଜମି ଅଧିଗ୍ରହଣ କେସ୍ ନଂ.**

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | ୨୪୪ | ୦.୨୯ | ୦.୦୨ | ଅଇଁଠୁ ସେନାପତି, ପିତା: ବୃନ୍ଦାବନ ସେନାପତି, ଜା: ମାଳି, ବା: ନିଜଗାଁ | |
| ୨ | ୭ | ୨୧୮ | ୦.୨୦ | ୦.୦୮ | ଅଇଁଠୁ ନାୟକ, ପିତା: କୃତ୍ତିବାସ ନାୟକ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩ | | ୨୯୦ | ୦.୧୮ | ୦.୧୩ | ଅଇଁଠୁ ନାୟକ, ପିତା: କୃତ୍ତିବାସ ନାୟକ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪ | | ୩୦୧ | ୦.୧୩ | ୦.୧୩ | ଅଇଁଠୁ ନାୟକ, ପିତା: କୃତ୍ତିବାସ ନାୟକ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫ | ୧୩ | ୨୦୩ | ୦.୪୯ | ୦.୦୫ | ଅପର୍ତ୍ତି କାଣ୍ଡି, ପିତା: ବରଜୁ କାଣ୍ଡି ଓଗେର, ଜା: ତନ୍ତି, ବା: ଅଳତି | |
| ୬ | ୧୮ | ୧୦୦୯ | ୦.୪୦ | ୦.୦୪ | ଅଲେଖ ବେହେରା, ପିତା: ରଙ୍କନାଥ ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୭ | ୧୯ | ୨୮୫ | ୦.୮୩ | ୦.୬୩ | ଆକୁଳି ଓଝା, ପିତା: ମଦନ ଓଝା, ଜା ; କମାର, ବା: ଅଳତି | |
| ୮ | | ୩୦୩ | ୧.୩୧ | ୦.୨୦ | ଆକୁଳି ଓଝା, ପିତା: ମଦନ ଓଝା, ଜା: କମାର, ବା: ଅଳତି | |
| ୯ | | ୩୫୧ | ୨.୪୨ | ୦.୯୪ | ଆକୁଳି ଓଝା, ପିତା: ମଦନ ଓଝା, ଜା: କମାର, ବା: ଅଳତି | |
| ୧୦ | ୨୦ | ୧୮୯ | ୦.୧୧ | ୦.୦୮ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୧ | | ୧୯୦ | ୦.୧୭ | ୦.୦୧ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୨ | | ୨୨୨ | ୦.୪୭ | ୦.୪୭ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୩ | | ୨୫୫ | ୦.୦୬ | ୦.୦୨ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୪ | ୨୧ | ୧୮୪ | ୦.୨୨ | ୦.୦୬ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୫ | ୨୧ | ୧୮୮ | ୦.୩୯ | ୦.୨୯ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୬ | ୨୧ | ୨୫୪ | ୦.୧୧ | ୦.୧୧ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୭ | | ୨୫୬ | ୦.୧୨ | ୦.୦୧ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୮ | ୨୨ | ୨୧୭ | ୦.୧୯ | ୦.୧୯ | ଈଶ୍ୱରଚନ୍ଦ୍ର ବାରିକ ଓଗେର, ପିତା: ଯୁଜେଷ୍ଠି ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୯ | ୨୩ | ୨୭୯ | ୦.୩୪ | ୦.୩୪ | ଭଜ ସାମଲ ଓଗେର, ପିତା: ସଦେଇ ସାମଲ ଓଗେର, ଜା: ତନ୍ତି, ବା: ନିଜଗାଁ | |
| ୨୦ | ୨୬ | ୧୯୨ | ୦.୧୬ | ୦.୦୮ | କନ୍ଧ ଓଝା ଓଗେର, ପିତା: ଚଇତନ ଓଝା ଓଗେର, ଜା: କମାର, ବା: ଅଳତି | |
| ୨୧ | | ୧୯୩ | ୦.୨୦ | ୦.୨୦ | କନ୍ଧ ଓଝା ଓଗେର, ପିତା: ଚଇତନ ଓଝା ଓଗେର, ଜା: କମାର, ବା: ଅଳତି | |
| ୨୨ | | ୨୭୨ | ୦.୬୦ | ୦.୪୬ | କନ୍ଧ ଓଝା ଓଗେର, ପିତା: ଚଇତନ ଓଝା ଓଗେର, ଜା: କମାର, ବା: ଅଳତି | |
| ୨୩ | ୩୧ | ୨୧୯ | ୦.୪୭ | ୦.୦୨ | କାଞ୍ଚନ ସେନାପତି, ସ୍ୱାମୀ: ଫକୀର ସେନାପତି ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୨୪ | ୩୨ | ୧୮୨ | ୦.୪୮ | ୦.୪୮ | କାର୍ତ୍ତିକ ସେନାପତି, ପିତା: ସପନି ସେନାପତି, ଜା: କୁମ୍ଭାର, ବା: ପୁରୁଣାବାନ୍ଧଗୋଡ଼ା | |
| ୨୫ | ୩୭ | ୧୮୭ | ୦.୨୭ | ୦.୨୭ | କୃଷ୍ଣଚନ୍ଦ୍ର ବାରିକ, ପିତା: ବରଜୁ ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୨୬ | ୩୯ | ୧୭୮ | ୦.୨୫ | ୦.୦୮ | କୁର୍ତ୍ତି ସ୍ୱାଇଁ, ପିତା: ବନେଇ ସ୍ୱାଇଁ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୭ | ୪୦ | ୩୫୨ | ୦.୨୫ | ୦.୦୫ | କୁର୍ତ୍ତି ସ୍ୱାଇଁ, ପିତା: ଦନେଇ ସ୍ୱାଇଁ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୮ | ୪୧ | ୧୮୫ | ୦.୪୫ | ୦.୪୨ | କୃଷ୍ଣଚନ୍ଦ୍ର ବାରିକ, ପିତା: ବରଜୁ ବାରିକ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୨୯ | | ୧୮୬ | ୦.୧୭ | ୦.୧୭ | କୃଷ୍ଣଚନ୍ଦ୍ର ବାରିକ, ପିତା: ବରଜୁ ବାରିକ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୩୦ | ୪୪ | ୩୦୮ | ୧.୦୭ | ୦.୦୬ | କ୍ଷେତ୍ରବାସୀ ନାୟକ ଓଗେର, ପିତା: ବେଣୁଧର ନାୟକ ଓଗେର, ଖଣ୍ଡାୟତ, ବା: କରଡ଼ାମାଳି | |
| ୩୧ | ୪୫ | ୧୦୧୭ | ୧.୭୯ | ୦.୧୨ | ଗୟାଧର ପଣ୍ଡା, ପିତା: ସିନ୍ଧୁ ପଣ୍ଡା, ଜା: ବ୍ରାହ୍ମଣ, ବା: ପୁରୁଣାବାନ୍ଧଗୋଡ଼ା | |
| ୩୨ | ୪୭ | ୨୦୫ | ୨.୩୦ | ୦.୩୮ | ଗାଣ୍ଡୁ ମହାରଣା, ପିତା: କରୁଣାକର ମହାରଣା ଓଗେର, ଜା: କମାର, ବା: ଅଳତି | |
| ୩୩ | | ୨୭୦ | ୦.୭୬ | ୦.୦୪ | ଗାଣ୍ଡୁ ମହାରଣା, ପିତା: କରୁଣାକର ମହାରଣା ଓଗେର, ଜା: କମାର, ବା: ଅଳତି | |
| ୩୪ | | ୨୭୧ | ୦.୧୬ | ୦.୧୬ | ଗାଣ୍ଡୁ ମହାରଣା, ପିତା: କରୁଣାକର ମହାରଣା ଓଗେର, ଜା: କମାର, ବା: ଅଳତି | |
| ୩୫ | ୪୭ | ୩୧୨ | ୨.୦୫ | ୦.୫୮ | ଗାଣ୍ଡୁ ମହାରଣା, ପିତା: କରୁଣାକର ମହାରଣା ଓଗେର, ଜା: କମାର, ବା: ଅଳତି | |
| ୩୬ | | ୩୮୪ | ୧.୦୨ | ୦.୩୫ | ଗାଣ୍ଡୁ ମହାରଣା, ପିତା: କରୁଣାକର ମହାରଣା ଓଗେର, ଜା: କମାର, ବା: ଅଳତି | |
| ୩୭ | ୪୮ | ୪୨୧ | ୦.୨୨ | ୦.୧୦ | ଗିରିଧାରୀ ଧିର, ପିତା: ବୃନ୍ଦାବନ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୩୮ | | ୫୪୧ | ୦.୦୮ | ୦.୦୮ | ଗିରିଧାରୀ ଧିର, ପିତା: ବୃନ୍ଦାବନ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୩୯ | ୫୦ | ୫୬୭ | ୦.୬୯ | ୦.୦୪ | ଗିରିଧାରୀ ରଣା, ପିତା: ଶିବ ରଣା, ଜା: ମାଳି, ବା: ନିଜଗାଁ | |
| ୪୦ | ୫୩ | ୩୦୮/ ୧୨୬୯ | ୦.୪୦ | ୦.୦୧ | ଗୋପୀନାଥ ବେହେରା, ପିତା: ମାଧ ବେହେରା, ଜା: ଖଣ୍ଡାୟତ, ବା: କରଡ଼ାମାଳି | |
| ୪୧ | ୬୧ | ୧୩୫ | ୦.୨୨ | ୦.୧୩ | ଚନ୍ଦ୍ରଶେଖର ବେହେରା, ପିତା: ସନାତନ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୪୨ | | ୧୩୬ | ୦.୧୨ | ୦.୧୨ | ଚନ୍ଦ୍ରଶେଖର ବେହେରା, ପିତା: ସନାତନ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୪୩ | | ୧୩୯ | ୦.୧୧ | ୦.୧୧ | ଚନ୍ଦ୍ରଶେଖର ବେହେରା, ପିତା: ସନାତନ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୪୪ | ୬୧ | ୧୪୨ | ୦.୦୪ | ୦.୦୪ | ଚନ୍ଦ୍ରଶେଖର ବେହେରା, ପିତା: ସନାତନ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୪୫ | | ୧୪୩ | ୦.୦୮ | ୦.୦୮ | ଚନ୍ଦ୍ରଶେଖର ବେହେରା, ପିତା: ସନାତନ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୪୬ | | ୧୪୭ | ୦.୩୩ | ୦.୦୨ | ଚନ୍ଦ୍ରଶେଖର ବେହେରା, ପିତା: ସନାତନ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୪୭ | ୬୭ | ୧୩୧ | ୦.୯୩ | ୦.୩୫ | ଚିତ୍ତରଞ୍ଜନ ବେହେରା, ପିତା: ମାଗୁଣି ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୪୮ | | ୧୩୩ | ୦.୨୫ | ୦.୨୫ | ଚିତ୍ତରଞ୍ଜନ ବେହେରା, ପିତା: ମାଗୁଣି ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୪୯ | | ୧୪୦ | ୦.୭୮ | ୦.୩୨ | ଚିତ୍ତରଞ୍ଜନ ବେହେରା, ପିତା: ମାଗୁଣି ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୫୦ | | ୧୪୧ | ୦.୨୦ | ୦.୨୦ | ଚିତ୍ତରଞ୍ଜନ ବେହେରା, ପିତା: ମାଗୁଣି ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୫୧ | | ୨୧୧ | ୦.୯୮ | ୦.୮୦ | ଚିତ୍ତରଞ୍ଜନ ବେହେରା, ପିତା: ମାଗୁଣି ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୫୨ | ୬୮ | ୫୧୮ | ୦.୬୪ | ୦.୩୩ | ଚିତ୍ତରଞ୍ଜନ ବେହେରା, ପିତା: ମାଗୁଣି ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୫୩ | ୬୯ | ୩୮୬ | ୦.୩୬ | ୦.୧୯ | ଚୈତନ ବେହେରା, ପିତା: ସଦେଇ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୫୪ | ୭୯ | ୨୮୧ | ୦.୧୦ | ୦.୦୧ | ଯୁଧିଷ୍ଠିର ବେହେରା, ପିତା: ଚନ୍ଦୁ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୫୫ | | ୨୯୧ | ୦.୨୩ | ୦.୧୧ | ଯୁଧିଷ୍ଠିର ବେହେରା, ପିତା: ଚନ୍ଦୁ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୫୬ | | ୩୦୦ | ୦.୨୧ | ୦.୧୮ | ଯୁଧିଷ୍ଠିର ବେହେରା, ପିତା: ଚନ୍ଦୁ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୫୭ | ୮୦ | ୧୯୧ | ୦.୦୬ | ୦.୦୨ | ଯୁଜେଷ୍ଠି ଓଝା ଓଗେର, ପିତା: ଚୈତନ ଓଝା, ଜା: କମାର, ବା: ଅଳତି | |
| ୫୮ | ୮୨ | ୨୦୪ | ୦.୫୬ | ୦.୦୫ | ଦଇତାରି ବେହେରା, ପିତା: ଏକାଦଶୀ ବେହେରା, ଜା: କମାର, ବା: ନିଜଗାଁ | |
| ୫୯ | | ୫୧୬ | ୦.୩୯ | ୦.୨୪ | ଦଇତାରି ବେହେରା, ପିତା: ଏକାଦଶୀ ବେହେରା, ଜା: କମାର, ବା: ନିଜଗାଁ | |
| ୬୦ | ୮୨ | ୫୩୬ | ୦.୫୩ | ୦.୧୮ | ଦଇତାରି ବେହେରା, ପିତା: ଏକାଦଶୀ ବେହେରା, ଜା: କମାର, ବା: ନିଜଗାଁ | |
| ୬୧ | ୮୫ | ୧୭୧ | ୦.୫୦ | ୦.୦୫ | ଦାମ ବାରିକ, ପିତା: ନାଭ ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୬୨ | | ୧୭୯ | ୦.୨୭ | ୦.୨୭ | ଦାମ ବାରିକ, ପିତା: ନାଭ ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୬୩ | | ୫୧୪ | ୦.୩୯ | ୦.୦୧ | ଦାମ ବାରିକ, ପିତା: ନାଭ ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୬୪ | ୮୭ | ୧୦୧୦ | ୦.୨୭ | ୦.୨୭ | ଦୀନବନ୍ଧୁ ବେହେରା, ପିତା: ଯଦୁ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୬୫ | ୯୧ | ୧୯୮ | ୦.୧୨ | ୦.୦୭ | ଦୁର୍ଯ୍ୟୋଧନ ସାହୁ, ପିତା: କେଳେଇ ସାହୁ ଓଗେର, ଜା: ବଣିଆ, ବା: ଅଳତି | |
| ୬୬ | | ୧୯୯ | ୦.୧୨ | ୦.୧୨ | ଦୁର୍ଯ୍ୟୋଧନ ସାହୁ, ପିତା: କେଳେଇ ସାହୁ ଓଗେର, ଜା: ବଣିଆ, ବା: ଅଳତି | |
| ୬୭ | ୯୩ | ୯୮୫ | ୦.୬୧ | ୦.୨୫ | ଧନେଶ୍ୱର ପଟ୍ଟନାୟକ, ପିତା: ବୈଷ୍ଣବ ପଟ୍ଟନାୟକ, ଜା: କରଣ, ବା: ପୁରୁଣାବାନ୍ଧଗୋଡ଼ା | |
| ୬୮ | ୯୭ | ୪୨୨ | ୦.୪୨ | ୦.୪୨ | ଶ୍ରୀ ସର୍ବେଶ୍ୱର ମହେଶ ବିଜେ ଗଡ଼ବାନ୍ଧଗୋଡ଼ା ମାର୍ଫତ – ନାରାୟଣ ମିଶ୍ର, ପିତା: ଫକିର ଚରଣ ମିଶ୍ର ଓଗେର, ଜା: ବ୍ରାହ୍ମଣ, ବା: ଭଣ୍ଡାରିପଡ଼ା | |
| ୬୯ | ୯୭ | ୪୨୨/ ୧୨୨୨ | ୧.୦୨ | ୦.୦୩ | ଶ୍ରୀ ସର୍ବେଶ୍ୱର ମହେଶ ବିଜେ ଗଡ଼ବାନ୍ଧଗୋଡ଼ା ମାର୍ଫତ – ନାରାୟଣ ମିଶ୍ର, ପିତା: ଫକିର ଚରଣ ମିଶ୍ର ଓଗେର, ଜା: ବ୍ରାହ୍ମଣ, ବା: ଭଣ୍ଡାରିପଡ଼ା | |
| ୭୦ | ୯୮ | ୫୪୪ | ୦.୧୪ | ୦.୦୪ | ନିଶାକର ମହାରଣା, ପିତା: ମଦନ ମହାରଣା, ଜା: କମାର, ବା: ଅଳତି | |
| ୭୧ | ୧୦୧ | ୨୧୫ | ୦.୨୧ | ୦.୨୧ | ନିତ୍ୟାନନ୍ଦ ନାୟକ ଓଗେର, ପିତା: ବଇସିମ ନାୟକ, ଜା: ମହାଲାଏକ, ବା: ନିଜଗାଁ | |
| ୭୨ | ୧୦୨ | ୨୦୦ | ୦.୨୬ | ୦.୧୬ | ନିଶାକର ସେନାପତି ଓଗେର, ପିତା: ପାତି ସେନାପତି ଓଗେର, ଜା: କୁମ୍ଭାର, ବା: ପୁରୁଣାବାନ୍ଧଗୋଡ଼ା | |
| ୭୩ | | ୨୦୧ | ୦.୪୭ | ୦.୧୨ | ନିଶାକର ସେନାପତି ଓଗେର, ପିତା: ପାତି ସେନାପତି ଓଗେର, ଜା: କୁମ୍ଭାର, ବା: ପୁରୁଣାବାନ୍ଧଗୋଡ଼ା | |
| ୭୪ | | ୨୦୦/ ୧୨୧୦ | ୦.୧୧ | ୦.୦୮ | ନିଶାକର ସେନାପତି ଓଗେର, ପିତା: ପାତି ସେନାପତି ଓଗେର, ଜା: କୁମ୍ଭାର, ବା: ପୁରୁଣାବାନ୍ଧଗୋଡ଼ା | |
| ୭୫ | ୧୦୩ | ୪୨୩ | ୦.୨୦ | ୦.୨୦ | ନିତ୍ୟାନନ୍ଦ ଚକ୍ର, ପିତା: ଅନିରୁଦ୍ଧ ଚକ୍ର ଓଗେର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୭୬ | ୧୦୫ | ୨୫୯ | ୦.୨୭ | ୦.୦୯ | ପଦ୍ମଲାଭ ଜେନା ଓଗେର, ପିତା: ବଂଶୀଧର ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୭ | ୧୦୭ | ୨୪୫ | ୦.୦୭ | ୦.୦୭ | ପଦ୍ମଲାଭ ଜେନା, ପିତା: ବଂଶୀଧର ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୮ | | ୨୫୮ | ୦.୧୪ | ୦.୧୪ | ପଦ୍ମଲାଭ ଜେନା, ପିତା: ବଂଶୀଧର ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୯ | ୧୧୩ | ୫୧୭ | ୦.୯୦ | ୦.୨୦ | ଫକିର ବେହେରା, ପିତା: ସିରେଇ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୮୦ | ୧୧୪ | ୨୪୦ | ୦.୨୫ | ୦.୧୦ | ଫକିର ଚରଣ ନାୟକ, ପିତା: ଅନନ୍ତ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୧ | | ୪୨୬ | ୦.୧୪ | ୦.୧୪ | ଫକିର ଚରଣ ନାୟକ, ପିତା: ଅନନ୍ତ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୨ | | ୫୨୫ | ୦.୧୪ | ୦.୧୪ | ଫକିର ଚରଣ ନାୟକ, ପିତା: ଅନନ୍ତ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୩ | | ୫୩୯ | ୦.୧୨ | ୦.୧୨ | ଫକିର ଚରଣ ନାୟକ, ପିତା: ଅନନ୍ତ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୪ | ୧୨୦ | ୫୦୭ | ୦.୩୮ | ୦.୧୮ | ବିନୋଦିନୀ ଧିର, ସ୍ୱାମୀ: ରଘୁନାଥ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୮୫ | ୧୨୦ | ୯୫୬ | ୨.୦୩ | ୦.୦୯ | ବିନୋଦିନୀ ଧିର, ସ୍ୱାମୀ: ରଘୁନାଥ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୮୬ | ୧୨୧ | ୪୨୪ | ୦.୩୭ | ୦.୩୦ | ବିମ୍ବାଧର ସେନାପତି, ପିତା: ଫକିର ସେନାପତି, ଜା: କୁମ୍ଭାର, ବା: ପୁରୁଣାବାନ୍ଧଗୋଡ଼ା | |
| ୮୭ | ୧୨୩ | ୫୧୩ | ୦.୫୪ | ୦.୩୬ | ବିମ୍ବାଧର ସେନାପତି, ପିତା: ଫକିର ସେନାପତି ଓଗେର, ଜା: କୁମ୍ଭାର, ବା: ପୁରୁଣାବାନ୍ଧଗୋଡ଼ା | |
| ୮୮ | ୧୨୫ | ୨୮୦ | ୦.୨୭ | ୦.୦୮ | ବିଶ୍ୱକେତନ ମହାରଣା, ପିତା: ବନମାଳି ମହାରଣା ଓଗେର, ଜା: ବଢ଼େଇ, ବା: ନିଜଗାଁ | |
| ୮୯ | | ୨୮୪ | ୦.୦୪ | ୦.୦୪ | ବିଶ୍ୱକେତନ ମହାରଣା, ପିତା: ବନମାଳି ମହାରଣା ଓଗେର, ଜା: ବଢ଼େଇ, ବା: ନିଜଗାଁ | |
| ୯୦ | | ୨୯୨ | ୦.୨୧ | ୦.୦୮ | ବିଶ୍ୱକେତନ ମହାରଣା, ପିତା: ବନମାଳି ମହାରଣା ଓଗେର, ଜା: ବଢ଼େଇ, ବା: ନିଜଗାଁ | |
| ୯୧ | | ୩୦୦/ ୧୨୫୭ | ୦.୧୩ | ୦.୧୩ | ବିଶ୍ୱକେତନ ମହାରଣା, ପିତା: ବନମାଳି ମହାରଣା ଓଗେର, ଜା: ବଢ଼େଇ, ବା: ନିଜଗାଁ | |
| ୯୨ | ୧୩୧ | ୧୯୫ | ୦.୧୬ | ୦.୧୬ | ବୈକୁଣ୍ଠ ସାହୁ, ପିତା: କେନ୍ଦେଇ ସାହୁ, ଜା: ତେଲି, ବା: ଅଳତି | |
| ୯୩ | ୧୩୨ | ୫୧୨ | ୦.୩୬ | ୦.୧୫ | ବୈଦେହୀ ଧିର, ସ୍ୱାମୀ: ଦୁର୍ଯ୍ୟୋଧନ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୯୪ | ୧୩୮ | ୧୩୭ | ୦.୧୧ | ୦.୧୧ | ଭଗବାନ ବେହେରା, ପିତା: ଜଗା ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୯୫ | | ୨୧୪ | ୦.୩୬ | ୦.୧୪ | ଭଗବାନ ବେହେରା, ପିତା: ଜଗା ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୯୬ | ୧୩୯ | ୧୩୪ | ୦.୪୬ | ୦.୪୬ | ଭଗବାନ ବେହେରା ଓଗେର, ପିତା: ଜଗା ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୯୭ | | ୧୩୮ | ୦.୦୮ | ୦.୦୮ | ଭଗବାନ ବେହେରା ଓଗେର, ପିତା: ଜଗା ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୯୮ | | ୧୪୫ | ୦.୦୮ | ୦.୦୮ | ଭଗବାନ ବେହେରା ଓଗେର, ପିତା: ଜଗା ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୯୯ | ୧୫୦ | ୪୯୦ | ୦.୪୨ | ୦.୧୬ | ମଣି ସେଠୀ, ପିତା: ଚନ୍ଦ୍ର ସେଠୀ, ଜା: ଧୋବା, ବା: ଅଳତି | |
| ୧୦୦ | | ୫୦୫ | ୦.୩୬ | ୦.୦୯ | ମଣି ସେଠୀ, ପିତା: ଚନ୍ଦ୍ର ସେଠୀ, ଜା: ଧୋବା, ବା: ଅଳତି | |
| ୧୦୧ | ୧୫୩ | ୫୨୮ | ୦.୨୨ | ୦.୧୯ | ମଙ୍ଗଲୁ ବେହେରା ଓଗେର, ପିତା: ବୈଷ୍ଣବ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୦୨ | ୧୫୪ | ୨୯୫ | ୧.୩୬ | ୦.୦୬ | ମଣି ବରାଳ, ପିତା: ନିଧି ବରାଳ ଓଗେର, ଜା: ଖଣ୍ଡାୟତ, ବା: ଅଳତି | |
| ୧୦୩ | | ୨୯୬ | ୧.୪୮ | ୦.୭୦ | ମଣି ବରାଳ, ପିତା: ନିଧି ବରାଳ ଓଗେର, ଜା: ଖଣ୍ଡାୟତ, ବା: ଅଳତି | |
| ୧୦୪ | ୧୫୪ | ୨୯୭ | ୧.୩୧ | ୧.୧୫ | ମଣି ବରାଳ, ପିତା: ନିଧି ବରାଳ ଓଗେର, ଜା: ଖଣ୍ଡାୟତ, ବା: ଅଳତି | |
| ୧୦୫ | | ୨୯୮ | ୦.୬୨ | ୦.୬୨ | ମଣି ବରାଳ, ପିତା: ନିଧି ବରାଳ ଓଗେର, ଜା: ଖଣ୍ଡାୟତ, ବା: ଅଳତି | |
| ୧୦୬ | | ୨୯୯ | ୦.୬୩ | ୦.୦୮ | ମଣି ବରାଳ, ପିତା: ନିଧି ବରାଳ ଓଗେର, ଜା: ଖଣ୍ଡାୟତ, ବା: ଅଳତି | |
| ୧୦୭ | | ୩୦୪ | ୦.୭୩ | ୦.୦୧ | ମଣି ବରାଳ, ପିତା: ନିଧି ବରାଳ ଓଗେର, ଜା: ଖଣ୍ଡାୟତ, ବା: ଅଳତି | |
| ୧୦୮ | | ୯୮୪ | ୦.୯୦ | ୦.୭୨ | ମଣି ବରାଳ, ପିତା: ନିଧି ବରାଳ ଓଗେର, ଜା: ଖଣ୍ଡାୟତ, ବା: ଅଳତି | |
| ୧୦୯ | ୧୫୬ | ୨୭୮ | ୦.୨୭ | ୦.୦୧ | ମାର୍କଣ୍ଡ ବେହେରା, ପିତା: ପଦି ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୧୦ | ୧୬୦ | ୨୮୨ | ୦.୨୬ | ୦.୨୬ | ମାଗୁଣି ରାଉଳ, ପିତା: ଗୋବିନ୍ଦ ରାଉଳ ଓଗେର, ଜା: ରାଡି, ବା: ଅଳତି | |
| ୧୧୧ | | ୨୮୩ | ୦.୧୬ | ୦.୧୧ | ମାଗୁଣି ରାଉଳ, ପିତା: ଗୋବିନ୍ଦ ରାଉଳ ଓଗେର, ଜା: ରାଡି, ବା: ଅଳତି | |
| ୧୧୨ | | ୨୮୮ | ୦.୨୧ | ୦.୦୧ | ମାଗୁଣି ରାଉଳ, ପିତା: ଗୋବିନ୍ଦ ରାଉଳ ଓଗେର, ଜା: ରାଡି, ବା: ଅଳତି | |
| ୧୧୩ | | ୩୦୨ | ୦.୪୧ | ୦.୪୧ | ମାଗୁଣି ରାଉଳ, ପିତା: ଗୋବିନ୍ଦ ରାଉଳ ଓଗେର, ଜା: ରାଡି, ବା: ଅଳତି | |
| ୧୧୪ | ୧୬୩ | ୨୫୨ | ୦.୦୯ | ୦.୦୯ | ମୁରଲିଧର ଚକ୍ର, ପିତା: ଧରଣୀଧର ଚକ୍ର, ଜା: ଖଣ୍ଡାୟତ, ବା: ଗଡ଼ବାନ୍ଧଗୋଡ଼ା | |
| ୧୧୫ | | ୪୨୯ | ୦.୦୬ | ୦.୦୧ | ମୁରଲିଧର ଚକ୍ର, ପିତା: ଧରଣୀଧର ଚକ୍ର, ଜା: ଖଣ୍ଡାୟତ, ବା: ଗଡ଼ବାନ୍ଧଗୋଡ଼ା | |
| ୧୧୬ | ୧୬୪ | ୧୦୦ | ୦.୩୧ | ୦.୧୦ | ମୂଳି ବେହେରା, ପିତା: ଜଗା ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୧୭ | | ୨୬୧ | ୦.୧୮ | ୦.୦୧ | ମୂଳି ବେହେରା, ପିତା: ଜଗା ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୧୮ | ୧୬୬ | ୫୦୮ | ୦.୬୦ | ୦.୨୬ | ମୁରଲିଧର ଦାସ ଓଗେର, ପିତା: ଦୀନବନ୍ଧୁ ଦାସ, ଜା: ଖଣ୍ଡାୟତ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୧୯ | | ୪୯୩ | ୦.୬୮ | ୦.୦୬ | ମୁରଲିଧର ଦାସ ଓଗେର, ପିତା: ଦୀନବନ୍ଧୁ ଦାସ, ଜା: ଖଣ୍ଡାୟତ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୨୦ | ୧୭୦ | ୫୧୯ | ୦.୨୯ | ୦.୨୨ | ରଘୁନାଥ ଧିର, ପିତା: ବୃନ୍ଦାବନ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୨୧ | ୧୭୨ | ୨୪୬ | ୦.୨୯ | ୦.୨୯ | ରମେଶ ଚନ୍ଦ୍ର ଧିର, ପିତା: ଗିରିଧାରୀ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୨୨ | | ୫୨୪ | ୦.୫୪ | ୦.୧୦ | ରମେଶ ଚନ୍ଦ୍ର ଧିର, ପିତା: ଗିରିଧାରୀ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୨୩ | ୧୭୨ | ୫୨୬ | ୦.୨୬ | ୦.୨୬ | ରମେଶ ଚନ୍ଦ୍ର ଧିର, ପିତା: ଗିରିଧାରୀ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୨୪ | ୧୭୩ | ୪୨୮ | ୦.୧୬ | ୦.୦୭ | ରଙ୍ଗାଧର ଧିର, ପିତା: ପାଣୁ ଧିର ଓଗେର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୨୫ | ୧୭୪ | ୧୪୪ | ୦.୧୬ | ୦.୧୬ | ରଙ୍ଗାଧର ବେହେରା, ପିତା: ମଣି ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୧୨୬ | | ୧୪୬ | ୦.୧୫ | ୦.୧୫ | ରଙ୍ଗାଧର ବେହେରା, ପିତା: ମଣି ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |

ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ

## ସଂକ୍ଷେପରେ

### କାଳିଆ ଯୋଜନା ସଚେତନତା

ବିରିଡ଼ି,୨୦।୨(ଡି.ଏନ.ଏ): ବିରିଡ଼ି ବ୍ଲକର ଉକୁନ୍ଦରା, ମଙ୍ଗୁଲି, ବାରଡ଼ିଆ ଓ ବାସନ୍ଦରା ପଞ୍ଚାୟତରେ ରାଜ୍ୟ ସରକାରଙ୍କ କାଳିଆ ଯୋଜନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକୁନ୍ଦରା ସରପଞ୍ଚ ଚନ୍ଦ୍ରଶେଖର ଦାଶ, ମଙ୍ଗୁଲି ସରପଞ୍ଚ ସ୍ମୃତିମଞ୍ଜରୀ ପରିଜା, ବାରଡ଼ିଆ ସରପଞ୍ଚ ରେଣୁବାଳା ପାଳ ଓ ବାସନ୍ଦରା ସରପଞ୍ଚ ଲକ୍ଷ୍ମୀଧର ଭୋଇଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସମିତିସଭ୍ୟ ବିଶ୍ୱରଞ୍ଜନ ପାତ୍ର, ସୁଦର୍ଶନ ମହାରଣା, ଲିଟନ କୁମାର ପରିଜା ଓ ମିନତୀ ମଲ୍ଲିକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସ୍ୱାଇଁ, ସିଡିପିଓ ଗୌରୀ ଦେଈ, ଜିପିଇଓ ପାୟଲ ମହାପାତ୍ର, ଏସିଇଓ ଶରତ ଚନ୍ଦ୍ର ମହାରଣା, ଆମ୍ବା ଅଧକ୍ଷା ସବିତା ଦାସ, ମିଶନ ଶକ୍ତିର କ୍ରିଷ୍ଣା ରାଉତ, ସଂଯୋଜକ ଅଭିଜିତ ନାରାୟଣ, ଶିବ ପ୍ରସାଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସେମାନେ କୃଷକମାନଙ୍କ ପାଇଁ ଥିବା କାଳିଆ ଯୋଜନା, ମହିଳା ସଶକ୍ତୀକରଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା, ଆମ ଘରେ ଏଲଇଡି ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପଞ୍ଚାୟତରେ ଥିବା ଏସଏଚଜିଙ୍କୁ ସ୍ମାର୍ଟ ଫୋନ କିଣିବା ପାଇଁ ୩ ହଜାର ଟଙ୍କା ସେମାନଙ୍କ ଆକାଉଣ୍ଟକୁ ପଠାଯାଇଥିଲା। ରାଶନକାର୍ଡଧାରୀଙ୍କୁ ଏଲଇଡି ବଲ୍‌ବ ସହିତ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିଲା।

### ୨ ଶହୀଦଙ୍କ ପରିବାରକୁ ପିପିଏଲ, ଇଫ୍‌କୋର ସହାୟତା

ପାରାଦୀପ/ନାଉଗାଁ,୨୦।୨(ସ୍ୱ.ପ୍ର.): ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଗତ ୧୪ ତାରିଖରେ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ଶହୀଦ ହୋଇଥିବା ୨ ଓଡ଼ିଆ ଯବାନଙ୍କ ପରିବାରକୁ ବୁଧବାର ପିପିଏଲ ଓ ଇଫ୍‌କୋ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଛି। ପିପିଏଲ ୨ ଶହୀଦଙ୍କ ପରିବାରକୁ ୧ଲକ୍ଷ ଟଙ୍କା ଲେଖାଏ ସହାୟତା ଦେଇଛି। ଏମ୍‌ପି କୁଳମଣି ସାମଲ, ପିପିଏଲ ମୁଖ୍ୟ ରଣଜିତ ସିଂ ଚୁଗ୍, ଶୈଳେଶ ପତି, ଜଗନ୍ନାଥ ଖୁଣ୍ଟିଆ, ସୁଧିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହାୟତା ରାଶି ଦେଇଥିଲେ। ସେହିପରି ଇଫ୍‌କୋ ପକ୍ଷରୁ ୧ଲକ୍ଷ ଟଙ୍କା ଲେଖାଏ ୨ ପରିବାରକୁ ଦିଆଯାଇଥିଲା। ଇଫ୍‌କୋ କର୍ମଚାରୀ ସଂଘର ଶୁଭେନ୍ଦୁ ମାନ୍ନା, ଜ୍ୟୋତିରଞ୍ଜନ ସ୍ୱାଇଁ, ସୁଧାଂଶୁ ପଟ୍ଟନାୟକ, ପ୍ରସନ୍ନ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ଯ୍ୟକାରୀ ହେଉନି ନାଗରିକ କର୍ତ୍ତବ୍ୟ ବୀମା ଆଇନ

- ଶିଳ୍ପସଂସ୍ଥା ନାଗରିକ କର୍ତ୍ତବ୍ୟ ବୀମା କରିବା ବାଧ୍ୟତାମୂଳକ
- ତଦାରଖ କରୁନି ଜିଲା ପ୍ରଶାସନ

ପାରାଦୀପ,୨୦।୨ (ସ୍ୱ.ପ୍ର.)

ଦେଶର ପ୍ରତ୍ୟେକ ଶିଳ୍ପାଞ୍ଚଳରେ ରହୁଥିବା ସାଧାରଣ ଲୋକଙ୍କ ପାଇଁ ଅନେକ ଯୋଜନା ଓ ଆଇନ ବ୍ୟବସ୍ଥା ରହିଛି। ଯେମିତି କି ଶିଳ୍ପସଂସ୍ଥା ନିଜ ଲାଭାଂଶରୁ ପାରିପାର୍ଶ୍ୱିକ ଲୋକଙ୍କ ପାଇଁ ୨ରୁ ୫ ପ୍ରତିଶତ ଅର୍ଥ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର) ବାବଦରେ ଖର୍ଚ୍ଚ କରିବା କଥା। କିନ୍ତୁ ତାହା କରାଯାଉନାହିଁ। ବରଂ ସିଏସ୍‌ଆର ଅର୍ଥ ଶାସକ-ପ୍ରଶାସକମାନେ ବିଭିନ୍ନ ଉପାୟରେ ନେଇଯାଉଛନ୍ତି। ତେଣୁ ଉକ୍ତ ନିୟମ ସ୍ଥାନୀୟ ପ୍ରଶାସନ ତଦାରଖ ମଧ୍ୟ କରୁନାହିଁ ବୋଲି ଅଭିଯୋଗ ହେଉଛି। ସେହିପରି ଆଉ ଏକ ଆଇନ ହେଲା ପବ୍ଲିକ ଲିଆବିଲିଟି ଇନ୍ସ୍ୟୁରାନ୍ସ ଆକ୍ଟ ୧୯୯୧ (ନାଗରିକ କର୍ତ୍ତବ୍ୟ ବୀମା ଆଇନ)। ଘରୋଇ ଶିଳ୍ପସଂସ୍ଥା ଉକ୍ତ ଆଇନ ଅନୁଯାୟୀ ନାଗରିକ କର୍ତ୍ତବ୍ୟ ବୀମା କରିବା ବାଧ୍ୟତାମୂଳକ। ଏହି ଆଇନ ଅନୁଯାୟୀ, ସମ୍ପୃକ୍ତ କମ୍ପାନୀ ପାରିପାର୍ଶ୍ୱିକ ଅଞ୍ଚଳରେ ଶିଳ୍ପ ଯୋଗୁ ଧନଜୀବନ ହାନୀ କିମ୍ବା କାହାର କିଛି କ୍ଷତି ଘଟିଲେ ତତ୍କାଳ ସହାୟତା ବା କ୍ଷତିପୂରଣ ପ୍ରଦାନ କରିବ। କମ୍ପାନୀର ମାନୁଫ୍ୟାକ୍ଚର ପ୍ରସେସିଂ, ଟ୍ରିଟ୍‌ମେଣ୍ଟ, ପ୍ୟାକେଜ, ଷ୍ଟୋରେଜ, ଟ୍ରାନ୍ସପୋର୍ଟେସନ ଆଦି ବେଳେ ଯେଉଁମାନେ ଦୁର୍ଘଟଣାଗ୍ରସ୍ତ ହେବେ ସେମାନେ ବୀମା ପରିସରଭୁକ୍ତ ହେବେ। କିନ୍ତୁ ପରିତାପର ବିଷୟ ଉକ୍ତ ଆଇନ ସମ୍ପର୍କରେ ସାଧାରଣ ନାଗରିକ ସଚେତନ ନୁହନ୍ତି କି କମ୍ପାନୀମାନେ ଏହି ବୀମା କରୁନାହାନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ କେବେ ଖୋଲତାଡ଼ କରାଯିବାର ନଜିର ନାହିଁ। ଜଗତ୍‌ସିଂହପୁର ଜିଲାର ପ୍ରମୁଖ ଶିଳ୍ପାଞ୍ଚଳ ହେଲା ପାରାଦୀପ। ଏଠାରେ ୧୫ଟି ବୃହତ ଶିଳ୍ପ ଓ ଶତାଧିକ ଆନୁସଙ୍ଗିକ ଶିଳ୍ପ ରହିଛି। ଅଧିକାଂଶ ସମୟରେ ଶିଳ୍ପ ସଂସ୍ଥା ପାଇଁ ଦୁର୍ଘଟଣା ଘଟୁଛି। ରାସାୟନିକ ପ୍ରଦୂଷଣ ପ୍ରଭାବରେ ଧନଜୀବନ ହାନୀ ଘଟୁଛି। ନଦୀସମୁଦ୍ରରେ ଜଳଜୀବ ପ୍ରଭାବିତ ହେଉଛନ୍ତି। ଗଛପତ୍ର ପୋଡ଼ିଯାଉଛି ଓ ପରିବେଶ ନଷ୍ଟ ହେଉଛି। ଶିଳ୍ପ ସଂସ୍ଥାର ଭାରିଯାନ ଚଳାଚଳ ବେଳେ ଦୁର୍ଘଟଣା ଘଟୁଛି। କିନ୍ତୁ ଏଥିରେ କ୍ଷତିଗ୍ରସ୍ତ ହେଉଥିବା ଲୋକଙ୍କୁ ସହାୟତା ମିଳୁନାହିଁ। ଏଥିପାଇଁ କମ୍ପାନୀମାନେ ବୀମା କରୁ ନ ଥିବା ଜଣାପଡିଛି। ଏହି ଆଇନ ତର୍ଜମା କରିବା ଓ ତଦାରଖ କରିବା ଦାୟିତ୍ୱ ଜିଲାପାଳଙ୍କର। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ କାରଖାନା ବାଏଲର ବିଭାଗ ପକ୍ଷରୁ ମଧ୍ୟ ତଦାରଖ କରାଯାଇପାରିବ। କିନ୍ତୁ କେବେ ଏହାର ତଦାରଖ କରାଯାଉନାହିଁ। ଏ ସମ୍ପର୍କରେ କାରଖାନା ଓ ବାଏଲର ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ କୁହନ୍ତି ଯେ, ଏହି କାର୍ଯ୍ୟ ଆମ ବିଭାଗର ନୁହେଁ। ଯଦି ଜିଲାପାଳ ନିର୍ଦ୍ଦେଶ ଦେବେ, ତେବେ ଆମେ ଏନେଇ ପଦକ୍ଷେପ ଗ୍ରହଣ କରିବୁ। ଆଇନଜୀବୀ ସୁରେଶ ଚନ୍ଦ୍ର ଦାଶ କହିଛନ୍ତି ଯେ କର୍ତ୍ତବ୍ୟ ବୀମା ଆଇନ ସମସ୍ତ କମ୍ପାନୀ କ୍ଷେତ୍ରରେ ଲାଗୁ କରିବା ବାଧ୍ୟତାମୂଳକ। ଯେଉଁମାନେ ଏହା କରିନାହାନ୍ତି ସେମାନଙ୍କୁ ଦଣ୍ଡିତ କରିବା କଥା। ଏଥିସହ ଏହି ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଆବଶ୍ୟକ।

## ମୋ ଭୋଟ ମୋ ଅଧିକାର ସଚେତନତା ରଥ ଶୁଭାରମ୍ଭ

ଜଗତ୍‌ସିଂହପୁର ଅଫିସ,୨୦।୨



ଜିଲାପାଳ ଗୁହା ପୁନମ ତାପସ କୁମାର ସଚେତନତା ରଥ ଉଦ୍‌ଘାଟନ କରୁଛନ୍ତି।

ମତଦାନ ଓ ଭୋଟରଙ୍କ ଅଧିକାରକୁ ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ମୋ ଭୋଟ ମୋ ଅଧିକାର ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅନୁଯାୟୀ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୋ ଭୋଟ ମୋ ଅଧିକାର ସଚେତନତା ରଥକୁ ଜିଲାପାଳ ଗୁହା ପୁନମ ତାପସ କୁମାର ଶୁଭାରମ୍ଭ କରିଛନ୍ତି। ଏହି ରଥ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଜିଲାବ୍ୟାପୀ ବିଭିନ୍ନ ବ୍ଲକ ଅଞ୍ଚଳ ପରିକ୍ରମା କରିବ। ଯୋଗ୍ୟ ଯୁବ ଭୋଟର ଯେଉଁମାନଙ୍କ ନାମ ଏହି ତାଲିକାରେ ନାହିଁ ସେମାନେ ତୁରନ୍ତ ନାମ ଯୋଗ କରିବାକୁ ଆହ୍ୱାନ ଦିଆଯିବ। ମତଦାନର ସ୍ୱଚ୍ଛତା ଓ ବିଶ୍ୱାସନୀୟତାକୁ ଦୃଷ୍ଟିରୁ ଭୋଟ ଗ୍ରହଣ କେନ୍ଦ୍ରରେ ଇଭିଏମ୍ ସହିତ ଭିଭିପାଟ୍ ରହିବ। ଭିଭିପାଟ ମେସିନ ଏକ କାଗଜ ଚିରକୁଟ୍ ଛାପିବ। ଯେଉଁଥିରେ ପ୍ରାର୍ଥୀଙ୍କ କ୍ରମିକ ସଂଖ୍ୟା, ନାମ ଏବଂ ନିର୍ବାଚନ ସମ୍ପର୍କିତ ସଙ୍କେତ ୭ ସେକେଣ୍ଡ ପର୍ଯ୍ୟନ୍ତ ରହିବ। ଏହା କାଗଜ ଚିରିକୁଟ୍ ୭ ସେକେଣ୍ଡ ପରେ କଟିଯିବ ଏବଂ ତାହା ଆପେ ଆପେ ସିଲ୍ ହୋଇଥିବା ବାକ୍ସରେ ପଡିଯିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁ, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ନିର୍ବାଚନ ସହାୟକ ଜିଲାପାଳ ବିନୀତା ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନାଉଗାଁରେ ମିଶନ ଶକ୍ତି ରଥକୁ ସ୍ୱାଗତ

ନାଉଗାଁ,୨୦।୨(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଓଡ଼ପଏଙ୍ଗାଠାରେ ମିଶନଶକ୍ତି ରଥକୁ ସ୍ୱୟଂସହାୟିକା ଗୋଷ୍ଠୀ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଓଡ଼ପଏଙ୍ଗା ଅଚ୍ୟୁତାନନ୍ଦଜୀଉ ପୀଠଠାରେ ଆୟୋଜିତ ସଭାରେ ଘୋଡାଂଶ ପଞ୍ଚାୟତ ଦାୟିତ୍ୱରେ ଥିବା ପ୍ରଦର୍ଶିକା ରେଣୁବାଳା ଦେଈ, ମୀନା କୁମାରୀ ସ୍ୱାଇଁ, ମିଶନଶକ୍ତି ସଂଯୋଜିକା ପୂର୍ଣ୍ଣିମା ଦାସ, ସରପଞ୍ଚ ତନୁଲତା ବାରିକ ପ୍ରମୁଖ ଯୋଗଦେଇ ନାରୀ ଶସକ୍ତୀକରଣ ଓ ବିନା ସୁଧରେ ସ୍ୱୟଂସହାୟକ ଗୋଷ୍ଠୀକୁ କିପରି ବ୍ୟାଙ୍କ ମାଧ୍ୟମରେ ଋଣ ଯୋଗାଇ ଦିଆଯିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଉର୍ମିଳା ସାହୁ, ମମତାରାଣୀ ବାରିକ, ଟୁକୁନି ଦାସ, ଜୟନ୍ତୀ ସାହୁ, ସଲୀଳା ଦାସ, ପ୍ରଭାତି ଦାସ, ମାନସୀ କାନୁନଗୋ, ସନ୍ଧ୍ୟାରାଣୀ ଦାସ, ଭାରତି ମୁଦୁଲି, ପ୍ରତିମା ଭୋଇ, ସୁଲୋଚନା ଭୋଇ, ରଜନିବାଳା ସାହୁ, କଳ୍ପନା ସାହୁ, ବିଜୟଲକ୍ଷ୍ମୀ ସିଂ, ବିନୋଦିନୀ ସାହୁ, ବାସନ୍ତୀ ପଲେଇ, ରୀନା ଗୋଛାୟତ ପ୍ରମୁଖ ସହଯୋଗ କରିଥିଲେ।

## ସବୁଜ ମହାନଦୀ ମିଶନରେ ଦୁର୍ନୀତି ଅଭିଯୋଗ

ରାହାମା,୨୦।୨(ଡି.ଏନ.ଏ.)

ସବୁଜ ମହାନଦୀ ମିଶନ କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକ ଅଞ୍ଚଳରେ ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ବନ ବିଭାଗ ପକ୍ଷରୁ କୁଜଙ୍ଗ ବନ ଉପଖଣ୍ଡ ଅଧୀନ କାଠକୋଟଠାରୁ ବଡ଼ ବାଲିକଣୀ ପର୍ଯ୍ୟନ୍ତ ୪ କି.ମି ପଥ ପାର୍ଶ୍ୱ ବନୀକରଣ ପାଇଁ ଅର୍ଥ ବ୍ୟୟବରାଦ କରାଯାଇଥିଲା। ଏହି ଅର୍ଥ ଏମ୍‌ଜିଏନ୍‌ଆରଇଜିଏସ୍ ମାଧ୍ୟମରେ ପଥ ପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିନିଯୋଗ କରାଯିବା କଥା। ବାସ୍ତବ କ୍ଷେତ୍ରରେ କାଠକୋଟଠାରୁ ବଡ଼ବାଲିକଣୀ ପର୍ଯ୍ୟନ୍ତ ପଥପାର୍ଶ୍ୱ ବୃକ୍ଷରୋପଣ କରାଯାଇନାହିଁ। ମିଥ୍ୟା ବିଲ୍ କରାଯାଇ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହେଉଛି। କେବଳ ହଂସୁରାଠାରେ କିଛି ବୃକ୍ଷ ଲଗାଯାଇଛି। ସେହିପରି ବୃକ୍ଷ ଜଗୁଆଳି ବିଚିତ୍ର ବେହେରାଙ୍କୁ ତାଙ୍କର ପ୍ରାପ୍ୟ ମିଳିନାହିଁ। ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।


ଓମ୍ପାର ନବନିର୍ବାଚିତ କର୍ମକର୍ତ୍ତାମାନେ ବିଜୟଉତ୍ସବ ପାଳୁଛନ୍ତି।

## ଓମ୍ପା ନିର୍ବାଚନ: ବାଜିମାରିଲେ ସୁମନ୍ତ

ପାରାଦୀପ,୨୦।୨ (ସ୍ୱ.ପ୍ର.)

ପାରାଦୀପ ମାଛଧରା ଶିଳ୍ପର ସବୁଠାରୁ ବଡ଼ ସଂଘ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା)ର କର୍ମକର୍ତ୍ତା ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାକ୍ତନ ସଭାପତି ସୁମନ୍ତ କୁମାର ବିଶ୍ୱାଳଙ୍କ ୯ ଜଣିଆ ପ୍ୟାନେଲ ବିଜୟୀ ହୋଇଛନ୍ତି। ରାତି ୯ଟାରେ ଘୋଷିତ ଫଳାଫଳ ଅନୁସାରେ ସଭାପତି ଭାବେ ସୁମନ୍ତ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀକାନ୍ତ ପରିଡ଼ାଙ୍କଠାରୁ ୧୯ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେହିପରି ଉପସଭାପତି(କ) ପଦବୀରେ ଅମରଜିତ ଜେନା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଅଶୋକ ସାହୁଙ୍କୁ ୧୧ ଓ ଉପସଭାପତି(ଖ) ପଦବୀରେ କିଶୋର କୁମାର ରାୟ ଚନ୍ଦ୍ରଶେଖର ମହାନ୍ତିଙ୍କୁ ୯ ଖଣ୍ଡ ଭୋଟ୍‌ରେ ପରାଜିତ କରିଛନ୍ତି। ସମ୍ପାଦକ ଭାବେ ସୁବାସ ରାଉତ ଅଜିତ କୁମାର ନାୟକଙ୍କୁ ୩୮ ଭୋଟ୍, ଯୁଗ୍ମ ସମ୍ପାଦକ ଭାବେ ଅମର କୁମାର ବେହେରା ସଞ୍ଜୟ କୁମାର ତରାଇଙ୍କୁ ୧୬୧ ଖଣ୍ଡ ଭୋଟ୍‌ରେ ପରାଜିତ କରିଛନ୍ତି। ସହସମ୍ପାଦକ (କ) ପଦବୀରେ ସରୋଜ କୁମାର ପ୍ରଧାନ ପ୍ରହ୍ଲାଦ ବିଶ୍ୱାଳଙ୍କୁ ୪୮, ସହସମ୍ପାଦକ(ଖ) ପଦବୀରେ ପୁରନ୍ଦର ବିଶ୍ୱାଳ ନବକିଶୋର ଓଝାଙ୍କୁ ୫୪ ଖଣ୍ଡ ଭୋଟରେ ହରାଇ ବିଜୟୀ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ରଶ୍ମିରଞ୍ଜନ ପରିଡ଼ା ଅରବିନ୍ଦ ସ୍ୱାଇଁଙ୍କଠାରୁ ୧୧ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସୁମନ୍ତଙ୍କ ପ୍ୟାନେଲ ଓ ସମର୍ଥକମାନେ ବଡ଼ପଡ଼ିଆରେ ବିଜୟ ଶୋଭାଯାତ୍ରା କରିଥିଲେ।

## ଦିବାରାତ୍ର ଭଲି ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାଲିକୁଦା,୨୦।୨(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଗରାମ ଚଅଁରପୁରସ୍ଥିତ ଦଧିବାବନଜୀଉ ଖେଳ ପଡିଆରେ ଦିନିକିଆ ଜିଲାସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଜିଲା ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଗ୍ରୀନ ଭିଲେଜ ସ୍ପୋର୍ଟିଂ କ୍ଲବ ସହାୟତାରେ ଆୟୋଜିତ ଏହି ୮ମ ବାର୍ଷିକ ଟୁର୍ନାମେଣ୍ଟରେ ୮ ଟି ଦଳ ଅଂଶଗ୍ରହଣ କରିଥିଲେ। କ୍ଲବ ସଭାପତି ଶ୍ରୀକାନ୍ତ ମିରକାପ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନାଉଗାଁ ଜଗନ୍ନାଥ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କ୍ଷେତ୍ରବାସୀ ମିଶ୍ର ମୁଖ୍ୟଅତିଥି, ରମେଶ ପ୍ରଧାନ ମୁଖ୍ୟବକ୍ତା, ଗରାମ ସରପଞ୍ଚ ଦୀପାରାଣି ଜେନା, ସମିତିସଭ୍ୟ ଆଲୋକ ବାରିକ, ଅର୍ଜ୍ଜୁନ ବେହେରା, ନଳିନୀ କାନ୍ତ ପଣ୍ଡା, ମାନସ ନାୟକ, ଶିକ୍ଷକ ଗଗନ ବିହାରୀ ଜେନା, ବସନ୍ତ ନାୟକ, ଭକ୍ତବନ୍ଧୁ ଦାସ, ଶ୍ରୀବତ୍ସ ଭୋଳ, ନେହେରୁ ଯୁବ କେନ୍ଦ୍ର ପ୍ରକଳ୍ପ ସଂଯୋଜକ ଦେବରଞ୍ଜନ ମହାରଣା, ସଂଯୋଜକ ପବିତ୍ର ମୋହନ ସୁବୁଦ୍ଧି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବ ସମ୍ପାଦକ ବିଜୟ ପରିଡା ଅତିଥି ପରିଚୟ ପ୍ରଦାନ ଓ ସଭାପତି ଶ୍ରୀକାନ୍ତ ମିର୍‌କାପ୍ ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ପ୍ଲାବନ ଦାସ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା କରାଯାଇଥିଲା।

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୨୭ | ୧୭୫ | ୨୧୦ | ୦.୪୩ | ୦.୦୨ | ରଙ୍ଗାଧର ବେହେରା, ପିତା: ମଣି ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୧୨୮ | ୧୮୦ | ୫୪୩ | ୦.୬୭ | ୦.୦୮ | ଲକ୍ଷ୍ମଣ ଦାସ, ପିତା: ଦିନବନ୍ଧୁ ଦାସ, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୨୯ | ୧୯୦ | ୯୮୭ | ୧.୫୪ | ୦.୫୨ | ଶଙ୍କର୍ଷଣ ଧିର ଓଗେର, ପିତା: ପରିକ୍ଷିତ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୩୦ | ୧୯୨ | ୧୦୧୫ | ୦.୪୭ | ୦.୦୮ | ସଦାଶିବ ଧିର, ପିତା: ବେଣୁଧର ଧିର ଓଗେର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୩୧ | ୧୯୬ | ୨୨୩ | ୦.୭୫ | ୦.୧୪ | ସହଦେବ ଚକ୍ର ଓଗେର, ପିତା: ଧରଣୀଧର ଚକ୍ର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୩୨ | ୧୯୬ | ୨୨୪ | ୦.୮୫ | ୦.୧୬ | ସହଦେବ ଚକ୍ର ଓଗେର, ପିତା: ଧରଣୀଧର ଚକ୍ର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୩୩ | | ୨୫୧ | ୦.୬୬ | ୦.୫୪ | ସହଦେବ ଚକ୍ର ଓଗେର, ପିତା: ଧରଣୀଧର ଚକ୍ର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୩୪ | ୧୯୮ | ୧୭୩ | ୦.୬୪ | ୦.୨୬ | ଶ୍ୟାମସୁନ୍ଦର ବାରିକ, ପିତା: ନାଭ ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୩୫ | | ୧୮୦ | ୦.୩୭ | ୦.୧୮ | ଶ୍ୟାମସୁନ୍ଦର ବାରିକ, ପିତା: ନାଭ ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୩୬ | ୨୦୩ | ୧୮୧ | ୦.୦୮ | ୦.୦୧ | ଶିରେଇ ବେହେରା, ପିତା: କାହ୍ନୁ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୩୭ | ୨୦୪ | ୨୪୧ | ୦.୨୩ | ୦.୦୧ | ଶ୍ରୀଧର ନାଏକ, ପିତା: ଅନନ୍ତ ନାଏକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୮ | | ୪୨୭ | ୦.୩୩ | ୦.୩୦ | ଶ୍ରୀଧର ନାଏକ, ପିତା: ଅନନ୍ତ ନାଏକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୯ | ୨୦୯ | ୨୪୮ | ୦.୨୭ | ୦.୧୫ | ହରିଶ୍ଚନ୍ଦ୍ର ରଣା, ପିତା: ଭୀମସେନ ରଣା ଓଗେର, ଜା: ମାଳି, ବା: ନିଜଗାଁ | |
| ୧୪୦ | ୨୧୦ | ୫୩୧ | ୦.୧୩ | ୦.୦୪ | ହାଡ଼ିବନ୍ଧୁ ଭୂୟାଁ, ପିତା: ନିଶାକର ଭୂୟାଁ ଓଗେର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୪୧ | | ୫୪୦ | ୦.୧୧ | ୦.୧୧ | ହାଡ଼ିବନ୍ଧୁ ଭୂୟାଁ, ପିତା: ନିଶାକର ଭୂୟାଁ ଓଗେର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୪୨ | ୨୧୧ | ୩୦୯ | ୦.୧୨ | ୦.୦୭ | ହାଡ଼ିବନ୍ଧୁ ବେହେରା, ପିତା: ମାଧ ବେହେରା ଓଗେର, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୩ | ୨୧୧ | ୩୧୦ | ୦.୩୯ | ୦.୨୯ | ହାଡ଼ିବନ୍ଧୁ ବେହେରା ଓଗେର, ପିତା: ମାଧ ବେହେରା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୪ | | ୩୧୧ | ୦.୧୯ | ୦.୧୬ | ହାଡ଼ିବନ୍ଧୁ ବେହେରା ଓଗେର, ପିତା: ମାଧ ବେହେରା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୫ | | ୧୭୬ | ୦.୧୪ | ୦.୧୪ | ହାଡ଼ିବନ୍ଧୁ ବେହେରା ଓଗେର, ପିତା: ମାଧ ବେହେରା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୬ | ୨୩୨ | ୯୯୩ | ୦.୪୩ | ୦.୦୬ | ମେନକା ଧିର, ସ୍ୱାମୀ: ବଳରାମ ଧିର ଓଗେର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୪୭ | ୨୩୩ | ୧୦୧୬ | ୦.୫୩ | ୦.୪୮ | ସଦାଶିବ ଧିର, ପିତା: ବେଣୁଧର ଧିର ଓଗେର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୪୮ | ୨୧୨/୧ | ୧୭୭ | ୦.୪୬ | ୦.୪୦ | ବାବାଜୀ ଚରଣ ସେନାପତି ଓଗେର, ପିତା: କାର୍ତ୍ତିକ ଚରଣ ସେନାପତି, ଜା: କୁମ୍ଭାର, ବା: ପୁରୁଣାବାନ୍ଧଗୋଡ଼ା | |
| ୧୪୯ | ୨୧୨/୨ | ୯୮୬ | ୨.୫୨ | ୦.୭୩ | କାମିନୀ ଧିର, ସ୍ୱାମୀ: ଚନ୍ଦ୍ରଶେଖର ଧିର, ଜା: କ୍ଷତ୍ରୀୟ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୫୦ | ୨୧୨/୩ | ୫୦୬ | ୦.୩୮ | ୦.୧୧ | ମଙ୍ଗୁଳି ଚରଣ ବେହେରା, ପିତା: ବୈଷ୍ଣବ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୫୧ | ୨୧୨/୧୫ | ୨୦୨ | ୦.୪୨ | ୦.୦୭ | ରଞ୍ଜନ କୁମାର ନାୟକ ଓଗେର, ପିତା: ଦୀନବନ୍ଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୫୨ | ୨୧୨/୧୬ | ୫୪୨ | ୦.୪୦ | ୦.୨୩ | ସାବିତ୍ରୀ ବେହେରା, ସ୍ୱାମୀ: ବନମାଳି ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୫୩ | ୨୧୨/୨୮ | ୫୫୨ | ୦.୨୨ | ୦.୦୧ | ବଳରାମ ବେହେରା ଓଗେର, ପିତା: ଯୁଧିଷ୍ଠିର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୫୪ | | ୫୪୮ | ୦.୨୦ | ୦.୦୨ | ବଳରାମ ବେହେରା ଓଗେର, ପିତା: ଯୁଧିଷ୍ଠିର ବେହେରା, ଜା: ଗୋପାଳ, ବା: ନିଜଗାଁ | |

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୫୫ | ୨୧୨/୩୩ | ୧୦୧୧ | ୦.୨୭ | ୦.୨୭ | ରଞ୍ଜନ କୁମାର ବେହେରା ଓଗେର, ପିତା: ବଟକୃଷ୍ଣ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୫୬ | ୨୧୨/୩୩ | ୧୦୧୨ | ୦.୨୯ | ୦.୧୯ | ରଞ୍ଜନ କୁମାର ବେହେରା ଓଗେର, ପିତା: ବଟକୃଷ୍ଣ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୫୭ | ୨୧୨/୪୨ | ୩୮୩ | ୦.୨୮ | ୦.୧୧ | ହିମାଂଶୁ ଶେଖର ପଟ୍ଟନାୟକ ଓଗେର, ପିତା: ସୁବାସ ଚନ୍ଦ୍ର ପଟ୍ଟନାୟକ, ଜା: କରଣ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୫୮ | ୨୧୨/୪୪ | ୧୩୨ | ୦.୩୭ | ୦.୨୮ | ଶ୍ରୀମତୀ ଚନ୍ଦ୍ରମଣି ବେହେରା, ସ୍ୱାମୀ: ରଙ୍ଗାଧର ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୫୯ | ୨୧୨/୬୫ | ୨୮୬ | ୦.୬୭ | ୦.୦୨ | ରଞ୍ଜନ କୁମାର ବେହେରା ଓଗେର, ପିତା: ବଟକୃଷ୍ଣ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୬୦ | ୨୧୨/୬୮ | ୫୨୯ | ୦.୧୫ | ୦.୧୫ | ନିରଞ୍ଜନ ସାହୁ ଓଗେର, ପିତା: କ୍ଷେତ୍ରବାସୀ ସାହୁ, ଜା: ତେଲି, ବା: ଅଳତି | |
| ୧୬୧ | ୨୧୨/୮୨ | ୨୫୭ | ୦.୨୮ | ୦.୨୩ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ, ଜା: ଗୋପାଳ, ବା: ତିଗିରିଆ | |
| ୧୬୨ | | ୨୬୦ | ୦.୨୫ | ୦.୧୫ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ, ଜା: ଗୋପାଳ, ବା: ତିଗିରିଆ | |
| ୧୬୩ | | ୪୦୬ | ୦.୧୭ | ୦.୦୧ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ, ଜା: ଗୋପାଳ, ବା: ତିଗିରିଆ | |
| ୧୬୪ | ୨୧୨/୮୩ | ୨୫୩ | ୦.୪୦ | ୦.୪୦ | ତିଲୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୫ | ୨୧୨/୮୩ | ୨୪୭ | ୦.୫୪ | ୦.୫୪ | ତିଲୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୬ | | ୨୪୯ | ୦.୬୬ | ୦.୦୯ | ତିଲୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୭ | | ୨୫୦ | ୦.୧୦ | ୦.୧୦ | ତିଲୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୮ | ୨୧୨/୧୦୩ | ୪୨୫ | ୧.୫୦ | ୦.୩୮ | ଶୈଳେନ୍ଦ୍ର ବାରିକ, ପିତା: ଗଙ୍ଗାଧର, ଜା: ଗୋପାଳ, ବା: ନିଜଗାଁ | |
| ୧୬୯ | | ୪୨୫/ ୧୧୮୯ | ୦.୫୮ | ୦.୩୨ | ଶୈଳେନ୍ଦ୍ର ବାରିକ, ପିତା: ଗଙ୍ଗାଧର, ଜା: ଗୋପାଳ, ବା: ନିଜଗାଁ | |
| ୧୭୦ | ୨୧୨/ ୧୦୪ | ୧୭୪ | ୦.୪୦ | ୦.୪୦ | ଇନ୍ଦୁମତୀ ସାହୁ, ସ୍ୱାମୀ: ଶୈଳେନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୭୧ | | ୧୭୫ | ୦.୨୦ | ୦.୨୦ | ଇନ୍ଦୁମତୀ ସାହୁ, ସ୍ୱାମୀ: ଶୈଳେନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୭୨ | ୨୧୨/ ୧୧୧ | ୨୧୬ | ୦.୧୬ | ୦.୧୬ | ମଧୁସୂଦନ ରାଉତ, ପିତା: ଜାଇଗ ରାଉତ, ଜା: ମାଟିବଂଶ ତନ୍ତି, ବା: ନିଜଗାଁ | |
| ୧୭୩ | ୨୧୨/ ୧୧୩ | ୨୯୪/ ୧୩୦୬ | ୧.୦୦ | ୦.୫୯ | ସୀତାଞ୍ଜଳି ନାୟକ, ପିତା: ରାଜକିଶୋର ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୭୪ | ୨୧୨/ ୧୧୪ | ୫୩୭ | ୦.୨୫ | ୦.୧୩ | କାର୍ତ୍ତିକ ଚନ୍ଦ୍ର ବେହେରା, ପିତା: ନିତ୍ୟାନନ୍ଦ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୫ | ୨୧୨/ ୧୧୭ | ୪୯୨ | ୦.୭୫ | ୦.୩୫ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୬ | | ୫୩୮ | ୦.୨୩ | ୦.୨୩ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୭ | | ୫୨୭ | ୦.୪୦ | ୦.୩୩ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୮ | | ୫୩୦ | ୦.୪୫ | ୦.୧୬ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୯ | ୨୧୨/ ୧୧୮ | ୨୮୯ | ୦.୨୩ | ୦.୨୧ | କାଞ୍ଚନବାଳା ନାୟକ, ସ୍ୱାମୀ: କୃପାସିନ୍ଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୮୦ | ୨୧୨/ ୧୪୩ | ୯୯୪ | ୦.୧୩ | ୦.୦୩ | ପ୍ରମିଳା ସେନାପତି, ସ୍ୱାମୀ: ବିଷ୍ଣୁଚରଣ ସେନାପତି ଓଗେର, ଜା: ମାଳାକାର, ବା: ନିଜଗାଁ | |
| ୧୮୧ | ୨୧୨/ ୧୪୪ | ୨୨୧ | ୦.୨୭ | ୦.୧୨ | ପ୍ରସନ୍ନ କୁମାର ବେହେରା ଓଗେର, ପିତା: ହରିହର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୮୨ | ୨୧୨/ ୧୪୪ | ୨୧୨/ ୧୨୦୫ | ୦.୦୧ | ୦.୦୧ | ପ୍ରସନ୍ନ କୁମାର ବେହେରା ଓଗେର, ପିତା: ହରିହର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୮୩ | ୨୨୪ | ୫୨୨ | ୦.୬୭ | ୦.୨୩ | ସେକ୍ ବୁଲା, ପିତା: ସେକ୍ ଜାନ, ଜା: ମୁସଲମାନ, ବା: ଗଡ଼ବାନ୍ଧଗୋଡ଼ା | |
| ୧୮୪ | ୧୨୦ | ୯୫୬ | ୨.୦୩ | ୦.୯୦ | ବିନୋଦିନୀ ଧିର, ସ୍ୱାମୀ: ରଘୁନାଥ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | ଗୋଚର ବଦଳି |
| ୧୮୫ | ୫୦ | ୫୬୭ | ୦.୬୯ | ୦.୦୯ | ଗିରିଧାରୀ ରଣା, ପିତା: ଶିବ ରଣା, ଜା: ମାଳି, ବା: ନିଜଗାଁ | ଦେବ ସ୍ଥଳୀ ବଦଳି |
| ୧୮୬ | ୧୫୩ | ୫୨୮ | ୦.୨୨ | ୦.୦୩ | ମଙ୍ଗଲୁ ବେହେରା, ପିତା: ବୈଷ୍ଣବ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| | | | ମୋଟ | ୩୬.୫୬ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୧୮୩ (ଏକ ଶହ ତେୟାଅଶୀ), ମୋଟ ଅଧିଗୃହୀତ ଜମି: ୩୬.୫୬ ଏକର ।

24046/14/0002/1819

## ସଂକ୍ଷେପରେ

### ପାଲାରେ କାଳିଆ ସଚେତନତା



ତିର୍ତ୍ତୋଲ,୧୯।୨(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ତୁଲଙ୍ଗ ପଞ୍ଚାୟତରେ ବୁଧବାର କାଳିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଲା ମାଧମରେ କାଳିଆ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନତା କରାଯିବା ସହ ଏହି ସରକାରୀ ଯୋଜନାର ସୁବିଧା ନେବାକୁ ପରାମର୍ଶ ଦିଆଯାଇଥିଲା। ସରପଞ୍ଚ ରଶ୍ମିତା ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଜଗତ୍‌ସିଂହପୁର ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରୀ ଯୋଜାନା କିଭଳି ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହୋଇପାରିବ ସେ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧରେ ବ୍ଲକ ଏପିଓ ସୌମ୍ୟକାନ୍ତ ଦାସ, ସମିତିସଭ୍ୟା ମମତା ନାୟକ, ନାଏବ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁକାନ୍ତ କୁମାର ମହାନ୍ତି ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ୱାର୍ଡର ୱାର୍ଡସଭ୍ୟ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପିପ୍ପଳମାଧବ ପଞ୍ଚାୟତରେ ଅନୁଷ୍ଠିତ କାଳିଆ ସଚେତନତା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧୂଳେଶ୍ୱର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଜଗତସିଂହପୁର ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଉପାଧକ୍ଷ ଆଶିଷ ସେଠୀ, ସରପଞ୍ଚ ଶ୍ରୀମତୀ ସେଠୀ, ଜିପିଓ ସଞ୍ଜୟ ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ହିଂମାଂଶୁ ନାୟକ, ପରିକ୍ଷୀତ ସେଠୀ, ବିଷ୍ଣୁ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ମାର୍ଚ୍ଚ ୧ରେ ଜୀବନବିନ୍ଦୁ

ପାରାଦୀପ,୨୦।୨(ସ୍ୱ.ପ୍ର.): ମାର୍ଚ୍ଚ ୧ ଓ ୨ରେ ପାରାଦୀପର ଜିରୋ ପଏଣ୍ଟଠାରେ ମେଗା ଜୀବନବିନ୍ଦୁ କାର୍ଯ୍ୟକ୍ରମ ହେବ। ଏଥିପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୩ ତମ ଜୟନ୍ତୀ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ହେବ। ଏହାକୁ ଯୋଜନା ବୋର୍ଡ ଉପାଧକ୍ଷ ତଥା ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସ ଉଦ୍‌ଘାଟନ କରିବେ। ଏଥିସହ ମନ୍ତ୍ରୀ ପ୍ରତାପ ଜେନା, ପ୍ରଫୁଲ୍ଲ ସାମଲ, ଜୀବନବିନ୍ଦୁ ସଂଯୋଜକ ବିଜୟ ନାୟକ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୨ ତାରିଖ ଉଦ୍‌ଯାପନ ଦିବସରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଏମ୍‌ପି କୁଳମଣି ସାମଲ, ବିଧାୟକ ପ୍ରଶାନ୍ତ ମୁଦୁଲି, ଦେବାଶିଷ ସାମନ୍ତରାୟ, ସୁବାସ ସିଂ ପ୍ରମୁଖ ଯୋଗଦେବେ। ସମସ୍ତ କାର୍ଯ୍ୟକ୍ରମର ସଂଯୋଜକ ରହିବେ ପୂର୍ବତନ ବନ୍ଦର ଟ୍ରଷ୍ଟି ତଥା ପରଦାର ସମ୍ପାଦକ ସରୋଜ କୁମାର ପଟ୍ଟନାୟକ। ୨୦୧୭ରେ ବିଜୁବାବୁଙ୍କ ଶତବାର୍ଷିକ ସମାରୋହ ବେଳେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ହୋଇଥିଲା। ସେତେବେଳେ ୪୦୦୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

■ ବ୍ୟାଙ୍କ ସମୂହର ଜିଲା ପରାମର୍ଶଦାତା କମିଟି ବୈଠକ

# ଚାଷୀଙ୍କ ଜମାଖାତାରୁ କାଟନାହିଁ କାଳିଆ ଟଙ୍କା

ଜଗତ୍‌ସିଂହପୁର ଅଫିସ,୨୦।୨




ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

■ସରକାରୀ ଚାକିରିଆ ଋଣ ପରିଶୋଧ କରିବାକୁ ଗୁରୁତ୍ୱ
■୪୦,୧୭୬ ଚାଷୀଙ୍କୁ ମିଳିଛି କାଳିଆ ସହାୟତା
■ଦ୍ୱିତୀୟ ପର୍ଯ୍ୟାରେ ୮,୬୭୦ ଜଣଙ୍କୁ ମିଳିବ

ସରକାରୀ ଚାକିରିଆମାନେ ବ୍ୟାଙ୍କରୁ ବହୁ ଟଙ୍କା ଋଣ ନେଉଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକ ପରିଶୋଧ କରୁନାହାନ୍ତି। ତେଣୁ ସେମାନେ କିପରି ଋଣ ଟଙ୍କା ପରିଶୋଧ କରିବେ ସେନେଇ ପଦକ୍ଷେପ ନିଆଯିବ। ବୁଧବାର ଜଗତ୍‌ସିଂହପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ) ସମ୍ମିଳନୀ କକ୍ଷରେ ବ୍ୟାଙ୍କ ସମୂହର ଜିଲା ପରାମର୍ଶଦାତା କମିଟି ଏବଂ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଏହା କୁହାଯାଇଛି। ଏଥିସହ କାଳିଆ ଯୋଜନା ସମ୍ପର୍କରେ ଏଥିରେ ବିଶେଷ ଭାବେ ଆଲୋଚନା ହୋଇଛି। ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କୃଷି, ମତ୍ସ୍ୟ ଓ ପଶୁପାଳନ, ଦୁଗ୍ଧ ଚାଷ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, କ୍ଷୁଦ୍ର ଓ ମଧ୍ୟମ ଋଣ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଶସ୍ୟଋଣ, ଉଦ୍ୟାନ କୃଷି, ଗ୍ରାମାଞ୍ଚଳ ଆତ୍ମନିଯୁକ୍ତି ଯୋଜନାରେ ଯୁବତୀ, ଯୁବକଙ୍କୁ କ୍ଷୁଦ୍ରଋଣ ପ୍ରଦାନ, ଦକ୍ଷତା ବିକାଶ, ଅର୍ଥନୀତିକ ସାକ୍ଷରତା ଶିବିର, ବ୍ୟାଙ୍କିଙ୍ଗ ଇଣ୍ଡିକେଟର, ଓଡ଼ିଶା ଜୀବିକା ମିଶନ, ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ଓଡ଼ିଶା ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ଆର୍ଥିକ ବିକାଶ ନିଗମ, କୃଷିଭିତ୍ତିକ କାର୍ଯ୍ୟକ୍ରମ, ବୁଣାକାର କ୍ରେଡିଟ୍ କାର୍ଡ ଓ ଋଣ ଆଦାୟ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଜିଲାପାଳ କହିଲେ ଯେ ରାଜ୍ୟ ସରକାର କାଳିଆ ଯୋଜନା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ଯୋଜନାରେ ୧ମ ପର୍ଯ୍ୟାୟରେ ଜିଲାର ୪୦,୧୭୬ ଜଣ ନାମମାତ୍ର ଓ କ୍ଷୁଦ୍ର ଚାଷୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ୨ୟ ପର୍ଯ୍ୟାୟରେ ୮,୬୭୦ ଜଣ ଭୂମିହୀନ କୃଷି ଶ୍ରମିକଙ୍କୁ ଟଙ୍କା ଦିଆଯିବ। ଏହି ସହାୟତା ରାଶିରୁ କୌଣସି ପରିସ୍ଥିତିରେ ଟଙ୍କା ନ କାଟିବାକୁ ଉପସ୍ଥିତ ବ୍ୟାଙ୍କ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ ହିତାଧିକାରୀଙ୍କୁ ଋଣ ଓ ସହାୟତା ରାଶି, ରିହାତି ଆଦି ସୁବିଧାରେ ଯୋଗାଇ ଦେବାକୁ ବ୍ୟାଙ୍କ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଜିଲା ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ଅନିଲ ପଟ୍ଟନାୟକ ଜିଲାରେ ଜମା ଓ ଋଣର ଅନୁପାତ ୩୮% ରହିଥିବା ପ୍ରକାଶ କରିଥିଲେ। ଆସନ୍ତା ମାର୍ଚ୍ଚ ସୁଦ୍ଧା କ୍ରେଡିଟ୍ ଡେବିଟ୍ ଅନୁପାତ ୪୦ରୁ ୪୫ ପ୍ରତିଶତକୁ ବୃଦ୍ଧି କରିବାକୁ ବ୍ୟାଙ୍କ ଶାଖା ପରିଚାଳକମାନଙ୍କୁ ସେ ପରାମର୍ଶ ଦେଇଥିଲେ। ବ୍ୟାଙ୍କଗୁଡିକରୁ ଋଣ ନେଇଥିବା ସରକାରୀ ଚାକିରିଆଙ୍କଠାରୁ ପ୍ରାପ୍ୟ ଆଦାୟ ପାଇଁ ରିକଭରୀ କମିଟି ଗଠନ କରାଯାଇଛି। ଏହି କମିଟି ଋଣ ରାଶି ଆଦାୟ ପାଇଁ ପଦକ୍ଷେପ ଗ୍ରହଣ କରିବ ବୋଲି କୁହାଯାଇଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କର ସାଧାରଣ ପରିଚାଳକ ଖୁସିରାମ ସାହୁ ଏମ୍‌ଏସ୍‌ଏମ୍‌ଇ, କୃଷି ଓ ମୁଦ୍ରା ଯୋଜନାର ଋଣ ପ୍ରଦାନ କରିବାକୁ ଉପସ୍ଥିତ ବିଭିନ୍ନ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ୟୁକୋ ବ୍ୟାଙ୍କ ଡେପୁଟୀ ଜେନେରାଲ ହେଡ୍ ସୁଦୀପ ଡାକୁଆ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଏଜିଏମ୍ ନାବାର୍ଡ ଶାନ୍ତିପ୍ରକାଶ ମହାପାତ୍ର, ନିର୍ଦ୍ଦେଶକ କେଭିଆଇସି ଆଞ୍ଚଳିକ ପରିଚାଳକ, ସରକାରୀ କ୍ଷେତ୍ର ବିଭାଗୀୟ ଅଧିକାରୀ, ବିଭିନ୍ନ ବ୍ୟାଙ୍କ ଶାଖା ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଜଣେ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରୁଛନ୍ତି।

## 'କୃଷି ଓ କୃଷକଙ୍କ ପାଇଁ କାଳିଆ ଆଣିଛି ଖୁସି'

ରଘୁନାଥପୁର, ୨୦।୨ (ଡି.ଏନ୍.ଏ.)

ଜନସାଧାରଣ ପ୍ରଥମେ ଯୋଜନାର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଜାଣିବା ଉଚିତ। କାରଣ ଲୋକଙ୍କ ଉନ୍ନତି ପାଇଁ ସରକାର ବହୁବିଧ ଯୋଜନାମାନ ପ୍ରଣୟନ କରିଛନ୍ତି। ନିକଟରେ ସରକାର କୃଷକ ଭାଇମାନଙ୍କ ଉନ୍ନତି ପାଇଁ ଆଣିଥିବା କାଳିଆ ଯୋଜନା ସମସ୍ତଙ୍କ ମନରେ ଭରି ଦେଇଛି ଖୁସି। ସ୍ଥାନୀୟ ଦ୍ୱୀପାଞ୍ଚଳରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ପଞ୍ଚାୟତରେ ବୁଧବାର ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ରଖିଛନ୍ତି। ଆହୁରି ମଧ୍ୟ ଏହି ଯୋଜନା ସାରା ଭାରତ ବର୍ଷରେ ଏକ ଲୋକପ୍ରିୟତା ଲାଭ ସହ ସୁଦୂରପ୍ରସାରୀ ହୋଇଛି। ବହୁ ରାଜ୍ୟ ମଧ୍ୟ ଏହାକୁ ପ୍ରଶଂସା କରିଥିବା ସମ୍ପର୍କରେ ମନ୍ତ୍ରୀ ବେହେରା କହିଥିଲେ। ସରପଞ୍ଚ ସରୋଜ କୁମାର ବେହେରାଙ୍କ ପରିଚାଳନାରେ ଆୟୋଜିତ ସଭାରେ ପୂର୍ବତନ ଚେୟାରମ୍ୟାନ ନରେନ୍ଦ୍ର ବାରିକ ପୌରୋହିତ୍ୟ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ସମିତିସଭ୍ୟା ଶୋଭାମଞ୍ଜରୀ ବେହେରା, ଉତ୍ତରକୂଳ ସରପଞ୍ଚ ଦିଲୀପ ବିଶ୍ୱାଳ, ମନୋଜ କୁମାର ମହାନ୍ତି ଓ ନେମାଳ ଥାନା ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭା ଆରମ୍ଭ ହେବା ପୂର୍ବରୁ ଜମ୍ମୁ ଓ କଶ୍ମୀର ପୁଲଓ୍ୱାମାରେ ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା ସହ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ୧୭ ଜଣ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ପ୍ରଦାନ, ୪୦ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା, ୩୪ ଜଣଙ୍କୁ ରାଶନକାର୍ଡ ଏବଂ ହଜାରେ ଏଲ୍‌ଇଡି ବଲବ ଅତିଥିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୁ ଯୁବବାହିନୀ ସଦସ୍ୟ ସହଯୋଗ କରିଥିବାବେଳେ ସ୍ଥାନୀୟ ପଞ୍ଚାୟତବାସୀଙ୍କ ସମେତ ବାହାର ପଞ୍ଚାୟତର ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବିରିଡ଼ି,୨୦।୨ (ଡି.ଏନ.ଏ.)

ବିରିଡ଼ି ବ୍ଲକ ହାଜିପୁରସ୍ଥିତ ଜେନେସିସ ନର୍ସିଂସ୍କୁଲ, ଆଇଟିଆଇ ଓ ନେକଟାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ହାଜିପୁର ଜେନେସିସ କ୍ୟାମ୍ପସ ପରିସରରେ ଅନୁଷ୍ଠିତ ଶିବିରକୁ ବିରିଡ଼ି ଅତିରିକ୍ତ ତହସିଲଦାର ସୌମ୍ୟା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଜେନେସିସ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ତୋଫାନ କୁମାର ଜେନା ପୌରୋହିତ୍ୟ କରିଥିଲେ। ବିରିଡ଼ି ଆଇଆଇସି ରଞ୍ଜିତ କୁମାର ମହାନ୍ତି, ମଧୁମେହ ବିଭାଗର ଡା. ବିଭୁତି ଭୁଷଣ ଜେନା, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡା. ଯାଜ୍ଞସେନୀ ପଣ୍ଡା, ଭେଷଜ ବିଭାଗର ଡା. ବିକାଶ ଜେନା, ଚକ୍ଷୁ ବିଭାଗର ଡା. ସିଦ୍ଧିକା ଗୋୟେଙ୍କା, ଶିଶୁ ରୋଗ ବିଭାଗର ଡା. ବିଜୟଲକ୍ଷ୍ମୀ ବଳିୟାରସିଂ ଓ ଡା. ଜୟଶ୍ରୀ କେତନ ମହାପାତ୍ର, ଦନ୍ତ ବିଭାଗର ଡା. ଶୁଭଜିତ ବହିଦାର ଯୋଗ ଦେଇଥିଲେ। ୧୮୬ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ୧୧ ଜଣଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ଜେପିଏମ ରୋଟାରୀ ଆଇ ହସପିଟାଲ କଟକକୁ ପଠାଯାଇଥିଲା। ସିଏସଆର ସହକାରୀ ପରିଚାଳକ ସୁଶାନ୍ତ କୁମାର ମହାନ୍ତିଙ୍କ ସହ ଦିଗାମ୍ବର ସ୍ୱାଇଁ, ଗଗନ ବିହାରୀ ମହାନ୍ତି, ରଏବର ଅଲ୍ଲୀ, ପ୍ରତାପ କୁମାର ମହାନ୍ତି, ଅଭୟ ଜେନା ଓ ଜେନେସିସର ନର୍ସିଂ ଛାତ୍ରୀମାନେ ପରିଚାଳନା କରିଥିଲେ।




ଧାରଣାରତ ନାଗରିକ ମଞ୍ଚର କର୍ମକର୍ତ୍ତା।

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ଆଗରେ ଧାରଣା

ପାରାଦୀପ, ୨୦।୨ (ସ୍ୱ.ପ୍ର.)

ପାରାଦୀପରେ ବର୍ଦ୍ଧିତ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଦାବିରେ ପାରାଦୀପ ନାଗରିକ ମଞ୍ଚ ସଭାପତି ତଥା ପ୍ରକୃତିବନ୍ଧୁ ଅୟସକାନ୍ତ ରାୟଙ୍କ ନେତୃତ୍ୱରେ ବିରୋଧ ଜାରି ରହିଛି। ଗତ ୮ ରେ ଧୂଳି ସତ୍ୟାଗ୍ରହ କରାଯିବା ସହ ୧୦ ଦିନ ମଧ୍ୟରେ କେତେକ ପଦକ୍ଷେପ ନେବାକୁ ଦାବିପତ୍ର ଦିଆଯାଇଥିଲା। ଏଥିରେ କୌଣସି ପଦକ୍ଷେପ ନ ନେଲେ ଧାରଣା ଦେବେ ବୋଲି ରାୟ କହିଥିଲେ। ସେହି ଅନୁଯାୟୀ ବୁଧବାର ନାଗରିକ ମଞ୍ଚ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଆରମ୍ଭ ହୋଇଛି। ସର୍ବନିମ୍ନ ୩ଟି ଦାବି ଯଥା–ପରିବେଶ କମିଟି ଗଠନ କରାଯାଇ ସମୀକ୍ଷା କରିବା, ସିଏସ୍‌ଆର ଖର୍ଚ୍ଚକୁ ସାର୍ବଜନୀନ କରିବା ଏବଂ ପ୍ରତ୍ୟେକ ଶିଳ୍ପ ସଂସ୍ଥା କେତେ ଗଛ ଲଗାଇଛନ୍ତି ତାକୁ ଗଣତି କରିବାକୁ ମଞ୍ଚ ପକ୍ଷରୁ ଦାବି ହୋଇଛି। ଏ ପ୍ରସଙ୍ଗରେ ବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶ ଏକ୍କା କୁହନ୍ତି, ଏହା ମଧ୍ୟରେ ପ୍ରଶାସନିକ ସ୍ତରରେ ଅଦଳବଦଳ ଓ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ କିଛିଟା କାମ ବିଳମ୍ବ ହୋଇଛି। କିନ୍ତୁ ମଞ୍ଚର ଦାବି ଉପରେ ଏବେ ସମସ୍ତ ଶିଳ୍ପ ଓ ପ୍ରଶାସନକୁ ଚିଠି ଯୋଗେ ଅବଗତ କରାଯାଇଛି।

## 'କାଳିଆ ଯୋଜନାର ସୁବିନିଯୋଗ କର'

ରଘୁନାଥପୁର, ୨୦।୨ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ସାଦେଇପୁର ପଞ୍ଚାୟତରେ ଆୟୋଜିତ ସରକାରୀ ସଚେତନତା କାର୍ଯ୍ୟକ୍ରମରେ କାଳିଆ ଯୋଜନାର ଅର୍ଥର ସୁବିନିଯୋଗ ପାଇଁ ପରାମର୍ଶ ଦିଆଯାଇଛି। ଏହାଛଡା ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଯୋଜନାର ସଫଳ ରୂପାୟନ କିପରି ହୋଇପାରିବ ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଛି। ସରପଞ୍ଚ ଉମ୍ବରୁଧର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ବିଡିଓ ପଞ୍ଚାନନ ପଟାୟତ, ଏବିଡିଓ ଅଶୋକ କୁମାର ମହାନ୍ତି, ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳ, ସିଡିପିଓ ଜ୍ୟୋସ୍ନାରାଣୀ ମଲ୍ଲିକ, ମିଶନ ଶକ୍ତିର ସ୍ନେହପ୍ରିୟା ସ୍ୱାଇଁ, ଜେଇ ଇନ୍ଦ୍ରତନୟ ସାମଲ, ସୁପରଭାଇଜର ସୋନାଲୀ ପ୍ରିୟଦର୍ଶିନୀ ଓ ଲିପ୍‌ସା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ହୋଇ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାଛଡ଼ା ସରପଞ୍ଚ ଉପସ୍ଥିତ ଜନସାଧାରଣଙ୍କ ନିକଟକୁ ଯାଇ କାଳିଆ ଯୋଜନାର ବାସ୍ତବତା ତଥା ଏହା କିପରି କୃଷକ ଭାଇମାନଙ୍କ ପାଖରେ ଆଦୃତ ହୋଇପାରିଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନେକ ଏସ୍‌ଏଚ୍‌ଜି ମହିଳା ମଧ୍ୟ ସେମାନେ କିପରି ଗ୍ରୁପ ଗଠନ କରି ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି ସେ ସମ୍ପର୍କରେ ପ୍ରକାଶ କରିଥିଲେ। ଏହି ଅବସରରେ ୩୦ ଗୋଟି ପୁରାତନ ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କ ଆକାଉଣ୍ଟକୁ ସ୍ମାର୍ଟ ଫୋନ୍ ପାଇଁ ୩ ହଜାର ଟଙ୍କା ପ୍ରଦାନ, ୧୨ ହିତାଧିକାରୀଙ୍କୁ ନୂତନ ଭତ୍ତା ଓ ୨୫୦ ପରିବାରକୁ ଏଲ୍‌ଇଡି ବଲବ ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ସରକାରଙ୍କ ଜନକଲ୍ୟାଣ ମୂଳକ କାର୍ଯ୍ୟକୁ ଗୀତ ମାଧମରେ ପରିବେଷଣ କରାଯାଇଥିଲା। ଏଥିରେ ବିଜୁ ଯୁବବାହିନୀର ସଦସ୍ୟ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଓ ସାଧାରଣ ଜନତା ସହଯୋଗ କରିଥିଲେ।



କାଳିଆ ସମାବେଶରେ ଉପସ୍ଥିତ ଲୋକମାନେ।

## ବିଧାୟିକାଙ୍କ ଦ୍ୱାରା ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ

ତିର୍ତ୍ତୋଲ,୧୯।୨(ଡି.ଏନ.ଏ.)

ତିର୍ତ୍ତୋଲ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ ବୁଧବାର ଏକାଧିକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ତିର୍ତ୍ତୋଲ ତହସିଲ କାର୍ଯ୍ୟାଳୟ ନିକଟରେ ପୂର୍ବାହ୍ନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ ନିର୍ମାଣ ପାଇଁ ବିଧାୟିକା ଶିଳାନ୍ୟାସ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧରେ ଜଗତ୍‌ସିଂହପୁର ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ଜିଲାପରିଷଦ ସଭ୍ୟ ପ୍ରବୀର କୁମାର ରାୟ, ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା, ସମିତିସଭ୍ୟ ମଞ୍ଜୁଶୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ତିର୍ତ୍ତୋଲ ନେହେରୁ ବଜାର ନିକଟରେ ବିଧାୟିକା ଡା.ମଲ୍ଲିକ ବଜ୍ରମହାକାଳି ହାଟ ଗୃହ ଉଦ୍‌ଘାଟନ, ହାଟପିଣ୍ଡିର ଶିଳାନ୍ୟାସ ଏବଂ ବଜ୍ରମହାକାଳୀ ବାଇକ ଓ ସାଇକେଲ ଷ୍ଟାଣ୍ଡର ଶୁଭଉଦ୍‌ଘାଟନ କରିଥିଲେ। ଏଠାରେ ଜଗତ୍‌ସିଂହପୁର ଏମପି ଡା.କୁଳମଣି ସାମଲ, ଜିଲାପରିଷଦ ଅଧକ୍ଷା ବିଶ୍ୱାଳ, ସରପଞ୍ଚ ମନୋରଞ୍ଜନ ମହାପାତ୍ର, ବ୍ଲକ ଅଧକ୍ଷା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜିତ ସଭାରେ ସରପଞ୍ଚ ମନୋରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିଲେ। ବିଧାୟିକା ଡା.ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାଳିଆ ଯୋଜନା ସମେତ ବିଭିନ୍ନ ସରକାରୀ ଯୋଜନା କିଭଳି ଲୋକମାନଙ୍କ ନିକଟରେ ପହଞ୍ଚିପାରିବ ସେଥିପାଇଁ ଉପସ୍ଥିତ ଲୋକମାନଙ୍କୁ ସଚେତନ କରାଇଥିଲେ। ଜିପିଓ ସଞ୍ଜୟ ଦାସ, ସିଡିପିଓ ତନୁପ୍ରଭା ବେଉରା, ନିତ୍ୟାନନ୍ଦ ଜେନା ପ୍ରମୁଖ ଉପସ୍ଥିତଥିଲେ। ସମିର ମହାପାତ୍ର, ରାକେଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ସେଖ ମାଜୁଦ ଅଲ୍ଲୀ ଧନ୍ୟବାଦ ଦେଇଥିଲେ।



ବିଧାୟିକା ରାଜଶ୍ରୀ ମଲ୍ଲିକ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

## ପୌର କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ

ଜଗତ୍‌ସିଂହପୁର ଅଫିସ,୨୦।୨

ଜଗତ୍‌ସିଂହପୁର ପୌର କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିଭିନ୍ନ ସମସ୍ୟା ନେଇ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଅନେକ ସରକାରୀ ଯୋଜନାରେ ଲୋକଙ୍କୁ ପରିଷଦ ପକ୍ଷରୁ ଠିକ ସମୟରେ ସେବା ଦିଆଯାଉନାହିଁ। ଏଥିସହ ପିଠା ଯୋଜନାକୁ ବିଜେଡିକରଣ କରାଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଠିକ ସମୟରେ ସହାୟତା ରାଶି ପ୍ରଦାନ କରାଯାଉନି। ଭୂମିହୀନ ପରିବାରକୁ ଘରଡିଅ ପ୍ରଦାନରେ ଅହେତୁକ ବିଳମ୍ବ କରାଯାଉଛି। ରାଶନ କାର୍ଡ ପାଇବା ପାଇଁ ଅନେକ ଯୋଗ୍ୟ ହିତାଧିକାରୀ ଥିଲେ ସୁଦ୍ଧା ସେମାନଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଉନାହିଁ। ଇତିମଧ୍ୟରେ ଡିପିଆର୍ (ଡିଟେଲ୍‌ଡ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ ହେବା ଦୀର୍ଘଦିନ ହୋଇଥିଲେ ସୁଦ୍ଧା କାର୍ଯ୍ୟକାରିତାରେ ବିଳମ୍ବ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଘର ମିଳୁନାହିଁ। ତେଣୁ ଏସବୁ ସମସ୍ୟାର ସମାଧାନ ତୁରନ୍ତ ହେବା ଦରକାର ବୋଲି ଦାବି କରାଯାଇଛି। ଏଥିସହ ବିଜେଡି କର୍ମୀ ଓ ଡିଲରଙ୍କୁ ବାଦଦେଇ ପୌର ପରିଷଦର କର୍ମଚାରୀଙ୍କ ଦ୍ୱାରା ଏଲ୍‌ଇଡି ବଲ୍‌ବ ବଣ୍ଟନ, ପାଇଖାନା କରିଥିବା ସମସ୍ତ ହିତାଧିକାରୀଙ୍କୁ ଚିହ୍ନଟ କରି ତୁରନ୍ତ ଅର୍ଥ ରାଶି ପ୍ରଦାନ, ବିଜୁ ଯୁବ ବାହିନୀକୁ ରାଜନୀତିକରଣ କରା ନ ଯିବାକୁ ଦାବି କରାଯାଇଛି। ବିକ୍ଷୋଭ ଯୋଗୁ ପୌର କାର୍ଯ୍ୟାଳୟରେ ହେବାକୁ ଥିବା ନିର୍ବାଚନ ପ୍ରଶିକ୍ଷଣ ଶିବିର ବନ୍ଦ ହୋଇଯାଇଥିଲା। ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକ, ନଗର କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ସାହୁ, ସଞ୍ଜୀବ ସ୍ୱାଇଁ, ରବୀନ୍ଦ୍ର ନାଥ ଦାସ, ଜିଲା କଂଗ୍ରେସ ସଂଖ୍ୟାଲଘୁ ସେଲ ସଭାପତି ସେଖ୍ ଅମିନୁସ ସାଜେଦିନ, ଅତୁଲ୍ୟ ବିଶ୍ୱାଳ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାଲ, ଆଇଆଇସି ରଜନୀକାନ୍ତ ମିଶ୍ର ପ୍ରମୁଖ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ପରିଷଦ ନିର୍ବାହୀ ଅଧିକାରୀ ବଳଦେବ ବେହେରା ଆସନ୍ତା ୨୫ ତାରିଖ ସୁଦ୍ଧା ସମସ୍ୟା ସମାଧାନ କରିବାକୁ ପଦକ୍ଷେପ ନେବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଆନ୍ଦୋଳନ ଯୋଗୁ କେତେକ ସ୍ଥାନରେ ପିଠା କାର୍ଯ୍ୟକ୍ରମ ବ୍ୟାହତ ହୋଇଥିଲା।



ପୌର ପରିଷଦ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା କଂଗ୍ରେସ କର୍ମକର୍ତ୍ତା।

— ଅପେରା ହାଲଚାଲ —

# ଆଶାରେ ମାମା

ପ୍ରଥମେ ରେକର୍ଡ ଡ୍ୟାନ୍ସ ଆଉ ତା'ପରେ ଆକ୍ଟିଂର ଲମ୍ବା କ୍ୟାରିୟର। ମାତ୍ର ୧୨ ବର୍ଷ ବୟସରେ ସେ ଏଣ୍ଟ୍ରି କରିଥିଲେ ଜଲିଉଡ୍‌ରେ। ଯାତ୍ରା ସଚ୍ଚିଦାନନ୍ଦମରେ ତାଙ୍କୁ ମିଳିଥିଲା ଏକ ଛୋଟ ଭୂମିକା। ବାସ୍, ତା'ପରେ ସେ ଅଭିନୟ ମାୟାରେ ପଡିଯାଇଥିଲେ। ସେହି ନାୟିକା ଜଣକ ହେଲେ ପ୍ରଭାସିନୀ ପାଣିଗ୍ରାହୀ ଓରଫ ମାମା। ବର୍ତ୍ତମାନ ଯାତ୍ରାଶ୍ରୀ ବିଶ୍ୱ ଦରବାରରେ ନିଜ କ୍ୟାରିୟରକୁ ସେ ଆଗେଇ ନେଉଛନ୍ତି। କେବଳ ସେତିକି ନୁହେଁ, ଏଥର ଖଣ୍ଡଗିରି ଅପେରା ମେଳାରେ ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନ କରିବାକୁ ତୟାର ବୋଲି କହନ୍ତି ଏହି ଅଭିନେତ୍ରୀ। ଶିବାନୀ ଗଣନାଟ୍ୟରେ ଅଭିନୟ କରିବା ସମୟରେ ବିଶିଷ୍ଟ ଅଭିନେତା କୈଳାଶ ବେହେରାଙ୍କ କେଇ ପଦ କଥା ନାୟିକା ସାଜିବା ପାଇଁ ତାଙ୍କର ମନୋବଳକୁ ଆହୁରି ଦୃଢ଼ କରିଥିଲା। 'ପ୍ରଥମେ ମୋତେ ଛୋଟ ଭୂମିକାଟିଏ ମିଳିଥିଲା ଆଉ ସେଠାରୁ ଜାଣିଥିଲି ଜଣେ କଳାକାରର ଜୀବନ କେତେ ଚ୍ୟାଲେଞ୍ଜିଂ। ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଦର୍ଶକଙ୍କ ଭଲପାଇବା ମୋତେ ଆଜି ଏଠାରେ ଠିଆ କରାଇଛି ବୋଲି କହନ୍ତି ମାମା।' ତାଙ୍କ ଅଭିନୀତ ପ୍ରମୁଖ ନାଟକ ମଧ୍ୟରେ ରହିଛି 'ପବିତ୍ର ପାପ, କେମିତି କହିବି କିଏ ନିଜର, ଅଧା ରହିଗଲା ମଥା ଓଢ଼ଣି, ହେ ଈଶ୍ୱର ନମସ୍କାର, ବାଦାମବାଡିର ବଦମାସ ଝିଅ, ତୋ ବିନା କାହାଣୀ ଅଧା, ସୁନା କଣ୍ଢେଇ, ଗୁପ୍ତ ସମ୍ପର୍କ ଏବଂ ରାଜଧାନୀ ଗୋରୀ ନୁହେଁ କାହାରି (ବିଶ୍ୱ ଦରବାର)'। ଚଳିତ ଖଣ୍ଡଗିରି ମେଳାରେ ବିଶ୍ୱଦରବାର ତାହାର ଇନିଂସ (ଫେବୃୟାରୀ ୧୯-୨୫, ମହତାବ ପେଣ୍ଡାଲ) ଆରମ୍ଭ କରିଦେଇଛି। ଏଥର ଉକ୍ତ ପାର୍ଟିର ନାଟକ 'ଭଲ ପାଇବାକୁ ଭୟ ଲାଗୁଛି' ଏବଂ 'ଚଉଠି ରାତିର ଚଉଦ କଥା' ଦର୍ଶକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବ।



ମାମା



ପ୍ରିୟଙ୍କା

# ସେଲ୍‌ଫି ପାଇଁ

ତାଙ୍କର ମନ ସିନା ହଲିଉଡ୍‌ରେ ହେଲେ ସେ ବଲିଉଡ୍ ପ୍ରଶଂସକଙ୍କୁ ଭୁଲି ପାରୁନାହାନ୍ତି। ନିକଟରେ ସେ ଶପିଂ ଶେଷ କରି ଫେରିବା ବେଳେ କେତେ ଜଣ ପ୍ରଶଂସକଙ୍କ ସହ ସାମନା ସାମନି ହୋଇଯାଇଥିଲା। ବାସ୍ କିଛି ସମୟ କଥାବାର୍ତ୍ତା ପରେ ଆରମ୍ଭ ହୋଇଥିଲା ସେଲ୍‌ଫି ପର୍ବ। ପ୍ରଶଂସକଙ୍କ ସହ ସେଲ୍‌ଫି ଦେବାରେ ପ୍ରିୟଙ୍କା ଏମିତି ମଜ୍ଜି ଯାଇଥିଲେ ଯେ କେତେବେଳେ ଘଣ୍ଟାଏ ବିତିଗଲାଣି ତାହା ଜାଣିପାରି ନ ଥିଲେ। ହେଲେ ଯେତେବେଳେ ସେ ଯିବାକୁ ବାହାରିଲେ ପ୍ରଶଂସକମାନେ ଛାଡିବାକୁ ନାରାଜ। ସେଲ୍‌ଫି ପାଇଁ ସେଦିନ ପ୍ରିୟଙ୍କାଙ୍କୁ ସେଠାରେ ପାଖାପାଖି ଦେଢ଼ଘଣ୍ଟା ବିତାଇବାକୁ ପଡିଥିଲା।

# ହାତକୁ ଦି' ହାତ ହେବେ ସମ୍ବିତ

ଏଥର ସେ ମିଛିମିଛିକା ନୁହେଁ ସତସତିକା ବର ସାଜିବେ। ବରଯାତ୍ରୀଙ୍କ ସହ ଧୁମଧାମରେ ରୋଶଣି କରି ପହଞ୍ଚିବେ ବିବାହ ସ୍ଥାନରେ। ଆଉ ଦୀର୍ଘଦିନର ପ୍ରେମିକାଙ୍କୁ ସ୍ତ୍ରୀ ରୂପରେ ଗ୍ରହଣ କରି ଫେରିବେ ନିଜ ଘରକୁ। ସେ ହେଲେ ସମ୍ବିତ ଆଚାର୍ଯ୍ୟ। ଓଡିଆ ସିନେମାର ଅନ୍ୟତମ ବ୍ୟସ୍ତ ନାୟକ ଏଥର ହାତକୁ ଦି' ହାତ ହେଉଛନ୍ତି। ଚଳିତ ମାସ ୨୨ରେ ସେ ସାୟୋନା ମହାପାତ୍ରଙ୍କୁ ବିବାହ କରିବାକୁ ଯାଉଛନ୍ତି। ନିଜର ଏହି ନୂଆ ଲାଇଫ ବିଷୟରେ ସମ୍ବିତ କହନ୍ତି, 'ମ୍ୟାରେଜକୁ ନେଇ ତ ସମସ୍ତେ ବେଶ୍ ଉତ୍ସାହିତ ଥାଆନ୍ତି। ମୁଁ ବା ସେଥିରୁ ବାଦ୍ ପଡିବି କିପରି ? ମୁଁ ଦୁଇ ଗୁଣା ଖୁସି, କାରଣ ଯାହାଙ୍କୁ ଦୀର୍ଘ ପାଞ୍ଚବର୍ଷ ହେଲା ଭଲ ପାଇ ଆସୁଥିଲି ତାଙ୍କ ସହ ଘର ସଂସାର କରିବାକୁ ଯାଉଛି। ଦୁହେଁ ଦୁହିଁଙ୍କୁ ବେଶ୍ ଭଲ ଭାବରେ ଜାଣିଛୁ। ଗୁରୁଜନଙ୍କ ଆଶୀର୍ବାଦ ତଥା ମୋର ପ୍ରଶଂସକଙ୍କ ସ୍ନେହ ମୋ ବୈବାହିକ ଜୀବନକୁ ନିଶ୍ଚୟ ସୁଖମୟ କରିବ।' କଟକରେ ଜନ୍ମିତା ସାୟୋନା ବିବିଏ ଶେଷ କରିବା ପରେ ଏବେ ଏମବିଏ ଆଡମିଶନ କରିଛନ୍ତି। ସମ୍ବିତଙ୍କର ଓଲିଉଡ୍ କ୍ୟାରିୟର ଆରମ୍ଭ ହୁଏ ୨୦୧୧ରେ। ଫିଲ୍ମଟି ଥିଲା 'ପ୍ରେମ ଓ୍ୱେଡ୍‌ସ ପ୍ରିୟା'। ତା'ପରେ ସେ ଓଡ଼ିଆ ସିନେମା 'ଚଉକା ଛକା', 'ଗାଞ୍ଜା ଲଢ଼େଇ', 'ଇସ୍କ', 'ଓମ୍', 'ହାପି ଲକି' ଏବଂ ନିକଟରେ ରିଲିଜ ହୋଇଥିବା 'ପ୍ରେମ ପାଇଁ ମହାଭାରତ'ରେ ତାଙ୍କର ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। ଏହା ବ୍ୟତୀତ ତାଙ୍କ ହାତରେ ଏବେ ୩-୪ଟି ଅଫର ରହିଛି।



ସାୟୋନା-ସମ୍ବିତ୍

— ନୂଆ ସିନେମା —

# ଭାଲେଣ୍ଟାଇନ୍ : ଦ ମେମୋରେବ୍‌ଲ ଡେ

ପିଲାଟିର ଜନ୍ମ ନୋଳିଆ ବସ୍ତିରେ। ସରଳ ହୃଦୟ। ମନରେ ଟିକେ ହେଲେ ଛନ୍ଦ, କପଟ ନାହିଁ। ପରିବାର କହିଲେ ସେ ଆଉ ତାଙ୍କ ରୋଗଣା ମା'। ପରିସ୍ଥିତି ତାକୁ ବାଧ୍ୟ କରେ ଗାଁ ଛାଡି ସହରକୁ ଆସିବାକୁ। ସହର ଆସିବା ପରେ ସେ ଜଣେ ସୁନ୍ଦରୀ ପ୍ରେମରେ ପଡିଯାଏ। ଆଉ ତା'ପରେ ? ଯେଉଁ ଲକ୍ଷ୍ୟ ନେଇ ସେ ସହର ଆସିଥିଲା ତାହା ପୂରଣ ହେଉଛି କି ? ଅନ୍ୟପକ୍ଷରେ ନିଜ ପ୍ରେମର ଶେଷ କିପରି ହେଉଛି ? ଏସବୁର ଉତ୍ତରକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଭାଲେଣ୍ଟାଇନ୍ : ଦ ମେମୋରେବ୍‌ଲ ଡେ'। ଚିତ୍ରଟିର ପ୍ରଯୋଜନା କରୁଛନ୍ତି ଚନ୍ଦ୍ରାବତୀ ଭିଜନ। ଏହାର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦେବେ ସମ୍ବିତ କୁମାର। କେବଳ ସେତିକି ନୁହେଁ, ଫିଲ୍ମର ନାୟକ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ସମ୍ବିତ। ସଂଳାପ ରଚନା କରିଛନ୍ତି ପପୁ ବ୍ରହ୍ମା। ଗୋବିନ୍ଦ ସେନାପତି, ଗଗନ ବେଉରା ଏବଂ ଶ୍ରୀନିବାସ ବିଶ୍ୱାଳଙ୍କ ସ୍ୱର ସଂଯୋଜନାରେ ସଂଯୋଜିତ ଗୀତଗୁଡିକ ପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ପ୍ରଜ୍ଞା, ସବିଶେଷ, ତାରିକ, ସଞ୍ଜୁ, ଟି. ସୌରୀ, କିଶୋର, ଅରୁନ୍ଧତୀ ଓ ଏନ୍‌ଜେଲା। ଏଥିରେ ସମ୍ବିତଙ୍କ ଅପୋଜିଟ୍‌ରେ ଫିମେଲ୍ ଲିଡ୍‌ରେ ଅଛନ୍ତି ପାୟଲ। ରୋହିତ, ବୁଲବୁଲ, ଶାଶ୍ୱତ, ଅନୁପମ, ସିପୁ, ଟନିଆ, ପ୍ରଜ୍ଞା, କାଳିଆ, ଚାନ୍ଦିନୀ, ମାନସ, ସଞ୍ଜୟ ଆଦି କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିବେ। ଫିଲ୍ମର ଶୁଟିଂ ଆସନ୍ତା ମାସରେ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ।



ସମ୍ବିତ୍ କୁମାର-ପାୟଲ

**N.A.C. OFFICE, CHAMPUA**
Ph.No.06767-240050, E-Mail- champuanac@gmail.com

**E-PROCUREMENT NOTICE**

No.531 Date:19.02.2019

**BID IDENTIFICATION NO. EOCHaMPUANAC NO.19/2018-19. AND TENDER ID NO.2019_ORULB_53857**

Bid document consisting of specification the schedule of quantities and the set of terms & conditions of contract and other necessary documents can be seen in the Govt. website i.e. **www.tendersorissa.gov.in.**

1. Nature of the work : Civil
2. No. of works : 05 nos.
3. Estimated Cost : As per DTCN
4. Period of completion : As per DTCN
5. Date & time of availability of the bid documents in the portal : From 11.00 hours of 20.02.2019 to 17.00 hours of 01.03.2019
6. Last Date / Time for receipt of bids in the portal : 01.03.2019 up to 17.00 hours
7. Bids received online shall be opened on : 07.03.2019 at 11.00 hours
8. Name & address of the officer inviting Bid : Executive Officer, N.A.C., Champua

Further the details can be seen from the procurement portal : **www.tendersorissa.gov.in.**

Sd./- Executive Officer, N.A.C., Champua

# ବିଶ୍ୱ ମାତୃଭାଷା ଦିବସ

## ଫେବ୍ରୁଆରୀ ୨୧ ତାରିଖ

No.49-RR

"ମାତୃଭୂମି ମାତୃଭାଷା ଉଭୟେ ଜନନୀ
ସେବି ତାଙ୍କୁ ଭକ୍ତିଭରେ ଦିବସ ରଜନୀ"
-ଭକ୍ତକବି ମଧୁସୂଦନ ରାଓ

ମାଆ, ମାତୃଭୂମି ଓ ମାତୃଭାଷା ସ୍ୱର୍ଗଠାରୁ ଗରିୟସୀ।
ଆମ ମାତୃଭାଷା ଓଡ଼ିଆ ଅସାଧାରଣ ଓ ଅନନ୍ୟ।
*ସବୁ କ୍ଷେତ୍ରରେ ଗର୍ବର ସହ ଆମ ମାତୃଭାଷା ବ୍ୟବହାର କରିବା।*

**ଆମ ମାତୃଭାଷା ଓଡ଼ିଆ ପାଇଁ ଆମେ ଗର୍ବିତ**

## ଓଡ଼ିଆ ଭାଷା ପ୍ରତିଷ୍ଠାନ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪,
ଇମେଲ୍ : odiabhasa@nic.in
27009/11/0001/1819

GOVERNMENT OF ODISHA
RURAL WATER SUPPLY & SANITATION ORGANISATION

**OFFICE OF THE EXECUTIVE ENGINEER**
**RWS&S DIVISION, ANGUL, AT-TALCHER**
At- Baghuabole, Po.- Hatatota, Talcher, Dist.- Angul, Pin- 759100, (Ph. No./ Fax - 06760-240762, E-mail: eerwssang@gmail.com)

**National Competitive Bidding through e-procurement**
**Bid Identification No. 13/EE/RWSS/ANGUL/2018-19 Dt. 16.02.2019 (Basudha)**

No.1747-O:- The Executive Engineer, RWS&S Division, Angul:at:Talcher on behalf of Governor of Odisha invites Item Rate/ Percentage bid through e-procurement in double/single cover system according to norm of e-Procurement system in on-line mode.
Nature of Work : Rural Piped Water Supply Schemes.

| | | | |
|---|---|---|---|
| 1. | No. of Tenders | : | 9 Nos. |
| 2. | Tender Paper Cost | : | Rs. 10,000.00 |
| 3. | Value of work | : | Rs. 148.33 Lakhs to Rs. 81.50 Lakhs |
| 4. | Class of Contractor | : | "B" & "A" Class |
| 5. | Date & time of availability of bid document in portal | : | 23.02.2019 at 17.00 hours to 01.03.2019 upto 17.00 hours |
| 6. | Date & time of seeking tender clarification | : | 27.02.2019 upto 17.00 hours |
| 7. | Date & time of opening of tender & verification of original document | : | 02.03.2019 at 15.00 hours in the office of the Executive Engineer, RWS&S Division, Angul, At:Talcher |
| 8. | Time of completion | : | 6 (Six) Calendar Months |
| 9. | The bidders have to participate in online bidding only. Further details can be seen from the website https://www.tendersodisha.gov.in. | | |
| 10. | Corrigendum if any shall be published in the above website only. | | |

Sd./- Executive Engineer,
RWS&S Division, Angul, at Talcher
25019/11/0042/1819

**OFFICE OF THE EXECUTIVE ENGINEER, RWS&S DIVISION, ROURKELA**
AT/PO-Panosh, Rourkela-4, Phone-8280408065,
e-mail id-eerwssrkl@gmail.com No.1742-O

**Govt. of Odisha "e"-Procurement Notice**
**Bid Identification No. 18 of 2018-19, Dt.16.02.2019**

1. Executive Engineer, RWS&S Division, Rourkela on behalf of governor of Odisha invites bids from bidders registered with the Odisha State Government and bidders of equivalent Grade / Class registered with central government / MES / Railways for the works detailed in the table below on turnkey basis (i.e. with design and execution ). The bidders may submit bids for any or all of the pipe Water Supply works.
2. Nature of work : Rural Piped Water Supply Schemes.
3. No.of Tender : 02 Nos.
4. Tender Cost : Rs.10000/-
5. Class of Contractor : 'B', 'A', 'Special' class (As annexed)
6. Date and Time of availability of bid document in the portal : Dt.23.02.2019 at 11.00 AM. to Dt.02.03.2019 up to 5.00 PM.
7. Date of opening of technical Bid : Dt.06.03.2019 at 11.00 AM.
8. Date of opening of Financial Bid : To be intimated after Technical evaluation of the Bidder
9. Period of completion : (11 months) As annexed

The bidders have to participate in online bidding only. Further details and any type of corrigendum can be seen from the Govt. Website **http://www.tendersodisha.gov.in.** The authority reserves the right to reject or all the tenders without assigning any reason thereof.

Sd./- Executive Engineer, RWS&S Division, Rourkela
25038/11/0018/1819

DSPL-405

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ

କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

# କୁଷ୍ଠ ରୋଗ ଚିହ୍ନଟ ଅଭିଯାନ - ୨୦୧୯

**ଏହି ଅଭିଯାନ ଚଳିତ ମାସ ଫେବୃଆରୀ ୧୫ ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠରୋଗ ସର୍ବେକ୍ଷଣ କରିବେ । ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ ।**

## ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁଲେ ବ୍ୟାପିନଥାଏ କିମ୍ବା ଏହା ଏକ ଅଭିଶାପ ନୁହେଁ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଗୁଳି ସୃଷ୍ଟି ହେବା, ହାତ ଗୋଡ଼ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୂର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ ।
- ଶୀଘ୍ର ଚିକିତ୍ସା ଆରମ୍ଭ କଲେ ବିକଳାଙ୍ଗ ହେବ ନାହିଁ ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ ।
- ଏମ୍.ଡି.ଟି. ଔଷଧ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ ।



**ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
10003/13/0106/1819
facebook.com/HFWOdisha http://www.health.odisha.gov.in/ @HFWOdisha

## ସଂକ୍ଷେପରେ

### ଏଫ୍‌ଡିଆଇ ନିବେଶ ୭% ହ୍ରାସ

**ନୂଆଦିଲ୍ଲୀ,୨୦-୨:** ଦେଶରେ ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଡିସେମ୍ବର ମଧ୍ୟରେ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ୭% ଅର୍ଥାତ୍ ୩୩.୪୯ ବିଲିୟନ ଡଲାରକୁ ହ୍ରାସ ପାଇଛି ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ତଥ୍ୟ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଗତବର୍ଷ ସମାନ ଅବଧିରେ ଦେଶରେ ୩୫.୯୪ ବିଲିୟନ ଡଲାର ଏଫ୍‌ଡିଆଇ ଆସିଥିଲା। ସେବା କ୍ଷେତ୍ରରେ ୫.୯୧ ବିଲିୟନ, କମ୍ପ୍ୟୁଟର ସଫ୍ଟୱେର ଏବଂ ହାର୍ଡୱେରରେ ୪.୭୫ ବିଲିୟନ, ଟେଲିକମ୍‌ରେ ୨.୨୯ ବିଲିୟନ, ଟ୍ରେଡିଂରେ ୨.୩୩ ବିଲିୟନ, ରସାୟନରେ ୬.୦୫ ବିଲିୟନ ଏବଂ ଗାଡ଼ି ଉଦ୍ୟୋଗରେ ୧.୮୧ ବିଲିୟନ ଡଲାର ଏଫ୍‌ଡିଆଇ ଆସିଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରୁ ଜଣାପଡିଛି ଯେ, ଚଳିତ ଆର୍ଥିକ ବର୍ଷର ୯ମାସ ମଧ୍ୟରେ ସିଙ୍ଗାପୁରରୁ ଭାରତକୁ ସର୍ବାଧିକ ଏଫ୍‌ଡିଆଇ ଆସିଛି। ଏହା ସର୍ବାଧିକ ୧୨.୯୭ ବିଲିୟନ ଡଲାର ନିବେଶ କରିଥିବା ବେଳେ ମରିସସ୍ ୬ ବିଲିୟନ ଡଲାର, ନେଦରଲାଣ୍ଡ ୨.୯୫ ବିଲିୟନ, ଜାପାନ ୨.୨୧ ବିଲିୟନ, ଆମେରିକା ୨.୩୪ ବିଲିୟନ ଏବଂ ବ୍ରିଟେନ ୧.୦୫ ବିଲିୟନ ଡଲାର ନିବେଶ କରିଛି।

### ଏନ୍‌ପିସିଆଇର ଡିଜିଟାଲ ପେମେଣ୍ଟ ସୁରକ୍ଷା ପଦକ୍ଷେପ

**ନୂଆଦିଲ୍ଲୀ,୨୦-୨:** ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ପକ୍ଷରୁ ଡ଼ିଜିଟାଲ ପେମେଣ୍ଟ ସୁରକ୍ଷା ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। ବର୍ଦ୍ଧିତ ଡିଜିଟାଲ ପେମେଣ୍ଟ ଇକୋସିଷ୍ଟମରେ ଗ୍ରାହକମାନେ ନେଣଦେଣ ବେଳେ କିଭଳି ଭାବେ ସୁରକ୍ଷିତ ରହିପାରିବେ ସେ ଉପରେ ଏନ୍‌ପିସିଆଇ ଗୁରୁତ୍ୱାରୋପ କରିଛି। ଡିଜିଟାଲ ପେମେଣ୍ଟକୁ ନେଇ ନିକଟରେ ରିଜର୍ଭ ବ୍ୟାଙ୍କ ଦେଶର ବ୍ୟାଙ୍କଗୁଡ଼ିକୁ ସତର୍କ କରାଇଥିଲା। ରିମୋଟ ସ୍କ୍ରିନ ଆକସେସ ଆପ୍‌ଗୁଡ଼ିକରେ ଲୋକଙ୍କୁ ଠକେଇ ସମ୍ଭାବନା ରହିଥିବା ଏହା କହିଛି। ଏହା ସହ ଭିନ୍ନ ଉପାୟରେ ଠକେଇ ସମ୍ଭାବନା ମଧ୍ୟ ସୂଚନା ରହିଛି। ପ୍ଲେଷ୍ଟୋର କିମ୍ବା ଆପ ଷ୍ଟୋରରୁ ଏନି ଡେସ୍କ ନାମକ ଆପ୍ ଡାଉନଲୋଡ ନ କରିବାକୁ ବାରଣ କରାଯାଇଛି। ଇ-ଟ୍ରାଞ୍ଜାକ୍‌ସନକୁ ସୁରକ୍ଷିତ କରିବା ଦିଗରେ ନିରନ୍ତର କାର୍ଯ୍ୟଧାରା ଲାଗି ରହିଥିବା ଏନ୍‌ପିସିଆଇର ରିସ୍କ ମ୍ୟାନେଜମେଣ୍ଟ ମୁଖ୍ୟ ଭାରତ ପାଞ୍ଚାଲ କହିଛନ୍ତି।

**ଅନିବାର୍ଯ୍ୟ କାରଣବଶତଃ 'ଅର୍ଥର ଅର୍ଥ' ସ୍ତମ୍ଭ ପ୍ରକାଶ ପାଇପାରୁନାହିଁ।**



> ସରକାରଙ୍କ ନୂଆ ପୁଞ୍ଜି ସହ ଚଳିତ ତ୍ରୈମାସରେ ପିସିଏରୁ ବାହାରକୁ ବାହାରିବାକୁ ସକ୍ଷମ ହେବା ନେଇ ଆଶାବାଦୀ ।
>
> **-ପି.ଭି. ଭାରତୀ, ଏମ୍‌ଡି, କର୍ପୋରେଶନ ବ୍ୟାଙ୍କ**



> ବଜାରରେ ଆଇପିଓ ଜାରି କରିବା ଲାଗି ପିଏନ୍‌ବି ମେଟ୍ ଲାଇଫ ଠିକ୍ ସମୟକୁ ଅପେକ୍ଷା କରିଛି ।
>
> **- ସୁନୀଲ ମେହେଟ୍ଟା, ଏମ୍‌ଡି, ପିଏନ୍‌ବି**

# ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପାଇବେ ୪୮,୨୩୯ କୋଟିର ପୁଞ୍ଜି

**ନୂଆଦିଲ୍ଲୀ,୨୦-୨**

ଦେଶର ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୪୮,୨୩୯ କୋଟି ଟଙ୍କାର ପୁଞ୍ଜି ଲାଭ କରିବେ। ବ୍ୟାଙ୍କଗୁଡ଼ିକୁ ଏହି ପୁଞ୍ଜି ପ୍ରଦାନ କରିବା ଲାଗି ବୁଧବାର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ପୁନଃପୁଞ୍ଜୀକରଣ ଯୋଜନା ମୁତାବକ ଏଭଳି ବ୍ୟବସ୍ଥା କରାଯାଇଥିବା ବେଳେ ଏହା ବ୍ୟାଙ୍କଗୁଡ଼ିକର ଆର୍ଥିକ ଅଭିବୃଦ୍ଧି ଯୋଜନା ଏବଂ ନିୟାମକ ବିଧି ବ୍ୟବସ୍ଥା ଅନୁସାରେ ଆର୍ଥିକ ଆବଶ୍ୟକତା ପାଳନରେ ସହାୟକ ହେବ। ସରକାର କର୍ପୋରେଶନ ବ୍ୟାଙ୍କକୁ ୯,୦୮୬ କୋଟି ଏବଂ ଆଲ୍ଲାହାବାଦ ବ୍ୟାଙ୍କକୁ ୬,୮୯୬ କୋଟି ଟଙ୍କା ଦେବେ ବୋଲି ଆର୍ଥିକ ସେବା ସଚିବ ରାଜୀବ କୁମାର କହିଛନ୍ତି। ଏହି ଦୁଇ ବ୍ୟାଙ୍କ ବର୍ତ୍ତମାନ କାରବାର କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରୁଥିବା ବେଳେ ଆର୍‌ବିଆଇର ପ୍ରମ୍ପ୍ଟ କରେକ୍ଟିଭ ଆକ୍ସନ (ପିସିଏ) ପରିସରରେ ଅଛନ୍ତି।



- ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା
- କର୍ପୋରେଶନ ବ୍ୟାଙ୍କକୁ ସର୍ବାଧିକ ୯,୦୮୬ କୋଟି
- ପିସିଏରେ ଥିବା ୪ ବ୍ୟାଙ୍କକୁ ମିଳିବ ୧୨,୫୩୫ କୋଟି
- ଡିସେମ୍ବରରେ ୭ ବ୍ୟାଙ୍କ ପାଇଥିଲେ ୨୮,୬୧୫ କୋଟି

ଏହା ବାଦ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ ମହାରାଷ୍ଟ୍ରକୁ ଯଥାକ୍ରମେ ୪,୬୩୮ କୋଟି ଏବଂ ୨୦୫ କୋଟି ଟଙ୍କା ପୁଞ୍ଜି ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଏହି ବ୍ୟାଙ୍କଗୁଡ଼ିକ ପିସିଏ ପରିସରରୁ ବାହାରି ଆସିବାକୁ ସକ୍ଷମ ହୋଇଛନ୍ତି। ସେହିଭଳି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କକୁ ୫,୯୦୮ କୋଟି, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ୪୧୧୨ କୋଟି, ଆନ୍ଧ୍ର ବ୍ୟାଙ୍କକୁ ୩,୨୫୨ କୋଟି, ସିଣ୍ଡିକେଟ ବ୍ୟାଙ୍କ ୧୬୦୩ କୋଟି ଟଙ୍କା ପୁଞ୍ଜି ପାଇବେ। ପିସିଏରେ ଥିବା ୪ ଅନ୍ୟ ବ୍ୟାଙ୍କରେ ସରକାର ୧୨,୫୩୫ କୋଟି ଟଙ୍କା ପୁଞ୍ଜି ଖଟାଇବେ। ଏହି ବ୍ୟାଙ୍କଗୁଡ଼ିକ ମଧ୍ୟରେ ସେଣ୍ଟ୍ରାଲ ବ୍ୟାଙ୍କ, ୟୁନାଇଟେଡ ବ୍ୟାଙ୍କ, ୟୁକୋ ବ୍ୟାଙ୍କ ଏବଂ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ରହିଛନ୍ତି। ସରକାର ଡିସେମ୍ବରରେ ୭ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ପୁନଃପୁଞ୍ଜୀକରଣ ବଣ୍ଡ ମାଧ୍ୟମରେ ୨୮,୬୧୫ କୋଟି ଟଙ୍କା ପୁଞ୍ଜି ପ୍ରଦାନ କରିଥିଲେ।

## ହୋଣ୍ଡାର ନୂଆ ସିବିଆର୍ ୬୫୦ ଆର୍




**ନୂଆଦିଲ୍ଲୀ,୨୦-୨**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ସିବିଆର୍ ୬୫୦ ଆର୍ ବଜାରକୁ ଆସିଛି। ଏହା କମ୍ପାନୀର ସ୍ପୋର୍ଟସ ବର୍ଗରେ ମଧ୍ୟମ ଓଜନର ବାଇକ। କମ୍ପାନୀ ଏଥିଲାଗି ବୁକିଙ୍ଗ ଘୋଷଣା କରିଛି। ହୋଣ୍ଡାର ୱିଙ୍ଗ ୱାର୍ଲଡ ଡିଲରଶିପରେ ୧୫ ହଜାର ଟଙ୍କା ଦେଇ ଗ୍ରାହକ ଏହାର ବୁକିଂ କରିପାରିବେ। ମିଲାନଠାରେ ଅନୁଷ୍ଠିତ ଇଆଇସିଏମ୍‌ଏ ଶୋ'ରେ କମ୍ପାନୀ ଏହାକୁ ପ୍ରଦର୍ଶନ କରିଛି। ଏହି ବାଇକରେ ୪ ସିଲିଣ୍ଡର ବିଶିଷ୍ଟ ଇଞ୍ଜିନ ରହିଛି। ସେହିଭଳି ଫୁଲ ଏଲଇଡି ଲାଇଟ ଆଉଟଲାଇନ ମଡେଲଟିକୁ ଶକ୍ତିଶାଳୀ ଆଉଟଲୁକ ପ୍ରଦାନ କରୁଛି। ଏହାର ମୂଲ୍ୟକୁ ୮ ଲକ୍ଷ ଟଙ୍କା ମଧ୍ୟରେ ସୀମିତ ରଖାଯାଇଛି। ମେଡ ଇନ ଇଣ୍ଡିଆ ସିବିଆର୍ ୬୫୦ ଆର୍ ଭାରତରେ କୌତୁକ ବାଇକକୁ ଆଗକୁ ବଢାଇବ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦ୍‌ବିନ୍ଦର ସିଂ ଗୁଲେରିଆ କହିଛନ୍ତି। ଏହା ସାରା ଦେଶର ୨୨ ଗୋଲ୍ଡ ୱିଙ୍ଗ୍ ଡିଲରଶିପରେ ଉପଲବ୍ଧ ହେଉଥିବାବେଳେ ଭୁବନେଶ୍ୱରର ରାମଜୀ ଏଣ୍ଟରପ୍ରାଇଜେସରେ ଗ୍ରାହକ ଏହାର ବୁକିଂ କରିପାରିବେ।

## ଫେରିଗଲା ପାକିସ୍ତାନରୁ ଆସୁଥିବା ୮୦୦ କଣ୍ଟେନର ସିମେଣ୍ଟ

**ଇସଲାମାବାଦ,୨୦-୨**

ପୁଲଓ୍ୱାମାରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନକୁ ଉଚିତ୍ ଶିକ୍ଷା ଦେବା ଲାଗି କେନ୍ଦ୍ରର ଏନ୍‌ଡିଏ ସରକାର ଅର୍ଥନୈତିକ ଓ ରାଜନୈତିକ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ପାକିସ୍ତାନଠାରୁ ଭାରତ ମୋଷ୍ଟ ଫେଭର୍ଡ ନେସନ୍ସ ମାନ୍ୟତା ପ୍ରତ୍ୟାହାର କରିବା ପରେ ଏବେ ଭାରତୀୟ ବ୍ୟବସାୟୀମାନେ ମଧ୍ୟ ପଡୋଶୀ ଦେଶକୁ ଜବାବ ଦେବା ଆରମ୍ଭ କରିଛନ୍ତି। ଭାରତର ସିମେଣ୍ଟ ବ୍ୟବସାୟୀମାନେ ପାକିସ୍ତାନରୁ ଆସିବାକୁ ଥିବା ପ୍ରାୟ ୮୦୦ କଣ୍ଟେନରକୁ ଫେରାଇ ଦେଇଛନ୍ତି। ଏ ସମ୍ପର୍କରେ ପାକିସ୍ତାନ ଖବରକାଗଜ 'ଦି ଡନ୍' ଏକ ରିପୋର୍ଟ ପ୍ରକାଶ କରିଛି। ଏଥିରେ କୁହାଯାଇଛି ଯେ, ଭାରତୀୟ ସିମେଣ୍ଟ ବ୍ୟବସାୟୀମାନେ ପାକିସ୍ତାନରୁ ଆସୁଥିବା ସିମେଣ୍ଟ ନେବାକୁ ମନା କରିଦେଇଛନ୍ତି। ଏହି ସିମେଣ୍ଟ ଭର୍ତ୍ତି କଣ୍ଟେନରଗୁଡ଼ିକ ଏବେ କରାଚୀ, କଲମ୍ବୋ ଏବଂ ଦୁବାଇ ବନ୍ଦରରେ ରଖାଯାଇଛି। ପାକିସ୍ତାନରୁ ଭାରତ ବାର୍ଷିକ ପ୍ରାୟ ୭୦ରୁ ୮୦ ମିଲିୟନ ଡଲାର ମୂଲ୍ୟର ସିମେଣ୍ଟ କିଣିଥାଏ। ପାକିସ୍ତାନର ସିମେଣ୍ଟ ରପ୍ତାନିକାରୀଙ୍କ ବୟାନକୁ ଭିତ୍ତି କରି ଡନ୍ ଲେଖିଛି ଯେ, ୱାଘା ସୀମା ଦେଇ ଭାରତକୁ ମୋଟ ସିମେଣ୍ଟର ୭୫% ରପ୍ତାନି କରାଯାଇଥାଏ। ଅବଶିଷ୍ଟ ସମୁଦ୍ର ବାଟେ ପଠାଯାଏ। ଚଳିତ ଆର୍ଥିକ ବର୍ଷର ଜୁଲାଇରୁ ଜାନୁୟାରୀ ମଧ୍ୟରେ ପଡୋଶୀ ରାଷ୍ଟ୍ରରୁ ୬,୪୮,୧୦୮ ଟନ ସିମେଣ୍ଟ ଭାରତକୁ ରପ୍ତାନି କରାଯାଇଥିଲା। ଅଲ୍ ପାକିସ୍ତାନ ସିମେଣ୍ଟ ମାନୁଫାକ୍‌ଚରର୍ସ ଆସୋସିଏଶନର ତଥ୍ୟ ଅନୁଯାୟୀ ୨୦୦୭-୦୮ରେ ପାକିସ୍ତାନରୁ ପ୍ରଥମ ଥର ୭,୮୬,୬୭୨ ଟନ ସିମେଣ୍ଟ ଭାରତକୁ ରପ୍ତାନି କରାଯାଇଥିଲା। ସେବେଠାରୁ କ୍ରମାଗତ ଭାବେ ଭାରତକୁ ସିମେଣ୍ଟ ରପ୍ତାନି ହୋଇଆସୁଛି।



## ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲାରେ ଇଡିର ତଦନ୍ତ

**ମୁମ୍ବାଇ,୨୦-୨:** ଇନଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡଏଫ୍‌ଏସ୍)ରେ ହୋଇଥିବା ଅନୀୟମିତତା ନେଇ ଅଭିଯୋଗ ହେବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଏହାର ତଦନ୍ତ ଆରମ୍ଭ କରାଯାଇଛି। ତେବେ ଏହି ଏଜେନ୍ସି ଏବେ ମନିଲଣ୍ଡରିଂ ମାମଲା ଦାଏର କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ହୋଇଥିବା ଅନୀୟମିତତା ନେଇ ଦିଲ୍ଲୀ ପୋଲିସର ଆର୍ଥିକ ଅପରାଧ ଶାଖା ସ୍ୱତନ୍ତ୍ର ଭାବେ ତଦନ୍ତ କରୁଛି। ଶାଖା ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି।

## ଅର୍ବାନ କାର ଆୱାର୍ଡ ଲାଗି ନୂଆ ସାଣ୍ଟ୍ରୋ ମନୋନୀତ

**ନୂଆଦିଲ୍ଲୀ,୨୦-୨**

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ନୂଆ ସାଣ୍ଟ୍ରୋ ଅର୍ବାନ କାର ଆୱାର୍ଡ ୨୦୧୯ ଲାଗି ମନୋନୀତ ହୋଇଛି। ଏହି ଆୱାର୍ଡ ପାଇଁ ପ୍ରଥମ ଭାରତୀୟ କାର ଭାବେ ଏହା ମନୋନୟନ ଲାଭ କରିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ୱାର୍ଲଡ ଅର୍ବାନ କାର ବର୍ଗରେ ବିଶ୍ୱର ପ୍ରମୁଖ ୫ କାର ମଧ୍ୟରେ ଏହା ସ୍ଥାନିତ ହୋଇଛି। ବର୍ତ୍ତମାନ ସୁଦ୍ଧା ନୂଆ ସାଣ୍ଟ୍ରୋ ୧୨ ସମ୍ମାନଜନକ ପୁରସ୍କାର ଲାଭ କରିଛି। ଏହା ସହ ମୋଷ୍ଟ ଆୱାର୍ଡେଡ କାର ଅଫ ଦି ଇୟର ଭାବେ ଏହା ପରିଗଣିତ ହୋଇଛି। ସାଣ୍ଟ୍ରୋର ମନୋନୟନକୁ ନେଇ ଅତ୍ୟନ୍ତ ଖୁସି ବୋଲି ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଏମ୍‌ଡି ତଥା ସିଇଓ ଏସ୍.ଏସ୍.କିମ୍ ସୂଚନା ଦେଇଛନ୍ତି।




■ ଅଧୁରା ରହିଲା ଶସ୍ତା ଘର କିଣା ସ୍ୱପ୍ନ

# ଘୁଞ୍ଚିଲା ଜିଏସ୍‌ଟି କାଉନସିଲ୍ ନିଷ୍ପତ୍ତି

**ନୂଆଦିଲ୍ଲୀ,୨୦-୨**

ଜିଏସ୍‌ଟି କାଉନସିଲ ରିୟଲ ଇଷ୍ଟେଟ ଓ ଲଟେରି ଉପରେ ଜିଏସ୍‌ଟି ହାରରେ ହେବାକୁ ଥିବା ସଂଶୋଧନ ନିଷ୍ପତ୍ତିକୁ ଆସନ୍ତା ରବିବାର ଯାଏ ଟାଳି ଦେଇଛନ୍ତି। ଫଳରେ ଶସ୍ତାରେ ଘର କିଣିବାକୁ ଅପେକ୍ଷା କରୁଥିବା କୋଟି କୋଟି ଗ୍ରାହକଙ୍କୁ ରବିବାର ଯାଏ ଅପେକ୍ଷା କରିବାକୁ ହେବ। ତେବେ କାଉନସିଲ ଜାନୁୟାରୀ ଲାଗି କମ୍ପାନୀଙ୍କ ବିକ୍ରି ରିଟର୍ନ ଦାଖଲ କରିବା ସମୟସୀମାକୁ ଶୁକ୍ରବାର ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଏହି ବୈଠକରେ ସିମେଣ୍ଟର ଜିଏସ୍‌ଟି ହାରକୁ ୨୮%ରୁ ୧୮%କୁ ହ୍ରାସ କରିବା ଲାଗି ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଥିଲେ ହେଁ ତାହା ସମ୍ଭବ ହୋଇନାହିଁ। ସୂଚନାଥାଉ କି, କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ବୁଧବାର ଏଠାରେ ଜିଏସ୍‌ଟି କାଉନସିଲ ବୈଠକ ବସିଥିଲା। ଅଧିକାଂଶ ରାଜ୍ୟର ଅର୍ଥମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ଏହି ବୈଠକରେ ସାମିଲ ହୋଇଥିଲେ। ସେମାନେ ସାମ୍ନାସାମ୍ନି ଭାବେ ବସି ରିୟଲ ଇଷ୍ଟେଟ ସମ୍ପର୍କରେ ନିଷ୍ପତ୍ତି ନେବାକୁ ଇଚ୍ଛାବ୍ୟକ୍ତ କରିଛନ୍ତି ବୋଲି ବୈଠକ ଶେଷରେ ଜେଟ୍‌ଲୀ ଏଠାରେ ସୂଚନା ଦେଇଛନ୍ତି। ରିଟର୍ନ ଦାଖଲରେ ହେଉଥିବା ଅତ୍ୟନ୍ତ ଭିଡ଼କୁ ଦେଖି ଜମ୍ମୁ-କଶ୍ମୀର ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟ ଲାଗି ଅନ୍ତିମ ଦିବସକୁ ୨୨ ତାରିଖ ଯାଏ ବଢ଼ାଇ ଦିଆଯାଇଛି ବୋଲି ସେ କହିଛନ୍ତି। ଜମ୍ମୁ-କଶ୍ମୀର ପାଇଁ ଏହି ସମୟସୀମା ୨୮ ତାରିଖ ଯାଏ ବଢ଼ାଯାଇଛି। ସୂଚନାଥାଉ କି, କମ୍ପାନୀଙ୍କ ପାଇଁ ଜିଏସ୍‌ଟିଆର-୩ବି ରିଟର୍ନ ଦାଖଲ କରିବାର ଅନ୍ତିମ ଦିବସ ବୁଧବାର ଶେଷ ହୋଇଛି।




**OFFICE OF THE ASKA COOP. SUGAR INDUSTRIES LTD., NUAGAM (ASKA)**
**PO: Naugam (Aska)-761111, Ganjam District, Odisha, Phones: 06822-273464, email: askasugar@yahoo.co.in, website: askasugar.com**

**QUOTATION CALL NOTICE**

**No. Mktg./3293** **Date: 19.02.2019**

The Aska Cooperative Sugar Industries Ltd., at Nuagam (Aska) in Ganjam District of Odisha State intends to procure the Extra Neutral Alcohol (ENA) for production of country Liquor for the period from 01.04.2019 to 31.03.2020. Please visit our website: www.askasugar.com for detailed Quotation Call Notice. The last date for submission of tender is 5.00 PM on 07.03.2019 and the same will be opened at 11.30 AM on 08.03.2019.

**Sd./-**
**Managing Director**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,RURAL WORKS ELECTRICAL DIVISION,BHUBANESWAR**
Ph. No.-0674-2301829, **NOTICE INVITING TENDERS,** E.Mail I.D.-eerwel_bbsr@yahoo.co.in

No.352
No.1732-O:-
**NATIONAL COMPETITIVE BIDDING THROUGH e-Procurement**
**No:-Tender - Online - Electrical Divn. BBSR - 39 / 2018-19**
Dt.16.02.2019
**e-Procurement Notice**

1. Name of the work : Power supply including service connection to District Audit office building at Chandikhole (1 x 63 KVA, 11/0.4 KV DP mounted Sub-Station)
2. Total No. of Projects : 1 No. Individual project
3. Class of contractor : Valid electrical contractor registered as H.T/E.H.T under electrical licensing Board of Odisha, Govt. of Odisha.
4. Estimated cost of Individual Projects : Rs.7,14,964.00 (Exclusive of GST)
5. Time of completion : 3 (Three) calendar months.
6. Other details

| Procurement Officer | Bid Identification No. | Availability of tender on-line for bidding | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Electrical Division, Bhubaneswar | Tender Online-R.W Elect. Divn. BBSR-39 | 25.02.2019 at 11.00 A.M. | 15.03.2019 up to 5.00 P.M. | 16.03.2019 at 03.00 PM |

7. Further details can be seen from the website **www.tendersorissa.gov.in (8)** Corrigendum if any / shall be published in the above website. 25063/11/0006/1819 **Sd./- Executive Engineer, Rural Works Elect. Divn. BBSR**

**ODISHA LIFT IRRIGATION CORPORATION LTD., BHUBANESWAR**
**(A Government of Odisha Undertaking)**
**OFFICE OF THE EXECUTIVE ENGINEER L.I. DIVISION, PHULBANI**
**E-Procurement Notice**
**e-mail I.D: eeolicplb@gmail.com, Ph: 06842-253297**
**Bid Identification No. EE OLIC PLB No. 07/18-19**
**Dated 19.02.2019**

The Executive Engineer, Lift Irrigation Division, Phulbani invites % (Percentage) rate bids in ONLINE MODE for the following works from reputed firms/contractors having valid H.T. Electrical license issued by ELBO & Civil license of appropriate class having valid registration with the State PWD/WR/RD.

1. Name of the work: "Installation of New Community L.I. Projects under OPELIP (KKDA) Grant inKandhamal District under L.I. Division, Phulbani.
2. Estimated cost: The approximate value of Package Rs. 21.63 lakh comprising of 01 Package.
3. Period of completion: 120 days.
4. Date and time of availability of bid documents in the portal for online bidding from 11.00 hrs dated-22.02.2019 to 17.00 hrs. dated- 02.03.2019.
5. Date of clarification upto 28.02.2019.
6. Last date and time of receipt of bids in the portal-upto 17.00 hrs. dated- 02.03.2019.
7. Submission of original documents in the office of Executive Engineer, L.I. Division, Phulbani on or before 17.00 hrs. dated 06.03.2019.
8. Date of opening of bid at 11.00 hrs. dated 07.03.2019.
9. Further details can be seen from the e-procurement portal of Govt. Odisha i.e. www.tendersodisha.gov.in.
10. Bidders are requested to visit the portal regularly for any subsequent corrigendum/ addendum.

**Sd./-**
**Executive Engineer**

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
**(A Government of Odisha Undertaking)**
**Regd. Office: Janapath Bhubaneswar-751022**
**OFFICE OF THE G.M. (ELECT.) E.H.T. (O&M) CIRCLE, JAJPUR ROAD,**
**At: TTS Colony, PO: Sobra, Jajpur Road, Dist: Jajpur,**
**Pin: 755019 (Odisha), Phone/Fax No: 06726-220965(off) (off),**
**E-mail: ehtm.cle.jjp@optcl.co.in, CIN: U40102OR2004SGC007553**

**No. 246** **Dated: 19.02.2019**

**Notification**

In accordance with Section 164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10/2006, dated 9th March 2006, the following transmission schemes, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of General public that any person interested in making representation regarding the execution of the above scheme, may submit such representation in writing so as to reach the General Manager (Elect.), EHT (O&M) Circle, Jajpur Road, Odisha Power Transmission Corporation Limited, PO-Sobra, District-Jajpur-755019 within two(02) months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.) as mentioned against the work, on any working day during office hours.

| Sl. No. | Name of the work and scope | Name of the Revenue villages in which the line will pass | Tentative Estimated amount (Rs. in Crore) | Name of the Executive Engineer to be contacted | Perceived benefit that may accrue |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Diversion of 400KV Rengali-Kolaghat S.C line from existing location No.64 to 68 for construction of proposed Talcher-Bimalagarh Railway line. | **Tahasil:- Pallahara** RI Circle:- Khamara. Revenue Village:- Jenapada Pataramunda Nathuripasi | 5.97 | Dy. General Manager (Elect.) EHT (O&M) Division, Joda | To make adequate clearance for construction of proposed Talcher-Bimalagarh Railway line. |

**Sd./- General Manager (Elect), EHT (O&M) Circle, Jajpur Road**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS CIRCLE, SUNDARGARH**
**E-Procurement Notice, Online – RWSESNG – 32 of 2018-19 Letter No.370 /Dtd.16.02.2019**
**No.1731-O:-** **E-mail address-serw_sundargarh@yahoo.com**

1. Type of the Work: Road Work (DMF)
2. Total No. of works: 08 Nos. of Road
3. Estimated cost: Varies from Rs.96.68 Lakh to Rs.162.35 Lakh
4. Class of contractor: 'B' Class and 'A' Class
5. Period of completion: Nine Calendar Months
6. Cost of tender paper: The Bidder shall transfer online the cost of bid document for Rs.10,000/- towards cost of Bid through a process as mentioned under DTCN.
7. EMD Required: The Bidder shall transfer online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to transfer online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha.
8. APS: Additional Performance Security shall be obtained from the Bidder when the bid amount is less than estimated cost put to tender. In such an event, only the successful bidder who has quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of Term Deposit Receipt pledged in favour of Division Officer / Bank Guarantee in favour of the Divisional Officer from any Nationalized / Scheduled Bank in India counter guaranteed by its local branch at Bhubaneswar within seven days of issue of Letter of Acceptance (LoA) by the Divisional Officer (by e-mail) to the successful bidder otherwise the bid of the successful bidder shall be cancelled and the Earnest Money Deposit / Bid Security shall be forfeited. Further, proceeding for blacklisting shall be initiated against the bidder".
9. GST: Rate quoted by the Contractor shall be excluding GST. The GST as applicable for the work contract shall be payable to the contractor on each bill amount on production of tax invoice. The prevailing rate of GST on the gross amount of bill will be deducted from the contractor bill as tax deduction at source (TDS) as per rule.
10. Other details:

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking Tender Clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sundargarh | RWSESNG-30 of 2018-19 | 25.02.2019 11:00 AM | 18.03.2019 3:00 PM | 16.03.2019 3:00 PM | 25.03.2019 11:00 AM | 30.03.2019 11:00 AM |

Further details can be seen from the website www.tendersorissa.gov.in.
N.B: Corrigendum if any may be seen in this website: www.tendersorissa.gov.in.
Authority reserves the right to reject any or all the tenders without assigning any reasons thereof.
**25133/11/0049/1819** **Sd./- Superintending Engineer, Rural Works Circle, Sundargarh**



“ଗଲ୍ଫ ଖେଳରେ ମାନସିକ ପ୍ରସ୍ତୁତି ଅତି ଗୁରୁତ୍ୱପୂର୍ଣ୍ଣ, ଏହାଦ୍ୱାରା ଆତ୍ମବିଶ୍ୱାସ ବଢ଼ିଥାଏ। ଏହି ଗେମ୍‌ରେ ସବୁବେଳେ ଶ୍ରେଷ୍ଠ ପ୍ରଦର୍ଶନ ସମ୍ଭବ ହୋଇ ନ ଥାଏ ।

– ଶୁଭଙ୍କର ଶର୍ମା, ଭାରତୀୟ ଗଲ୍ଫର



“ଅଷ୍ଟ୍ରେଲିଆ ଲୋକମାନେ କ୍ରିକେଟ ପ୍ରିୟ ହୋଇଥିବାରୁ ୨୦୨୦ ମହିଳା ଟି୨୦ ବିଶ୍ୱକପ ଫାଇନାଲ ୯୨୦୦୦ ଦର୍ଶକଙ୍କ ସମ୍ମୁଖରେ ଏମସିଜିରେ ଖେଳାଯିବ।

– ଡେଭିଡ ରିଚାର୍ଡଶନ, ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ

## ସଂକ୍ଷେପରେ

### ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରୁ ଫିଲାଣ୍ଡର ବାଦ୍

ପୋର୍ଟ ଏଲିଜାବେଥ,୨୦।୨: ପ୍ରଥମ ଟେଷ୍ଟରେ ଅଳ୍ପକେ ପରାଜିତ ହୋଇଥିବା ଦକ୍ଷିଣ ଆଫ୍ରିକା ଦଳକୁ ଦ୍ୱିତୀୟ ମ୍ୟାଚ୍‌ରେ ଵର୍ନନ ଫିଲାଣ୍ଡରଙ୍କ ବିନା ଖେଳିବାକୁ ପଡ଼ିବ। ମାଂସପେଶୀ ଜନିତ ସମସ୍ୟା ଯୋଗୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏଥିରୁ ମୁକୁଳିବା ଲାଗି ଫିଲାଣ୍ଡରଙ୍କୁ ୧୦ରୁ ୧୨ ଦିନ ଲାଗିବ। ଏଥିଯୋଗୁ ଦକ୍ଷିଣ ଆଫ୍ରିକା ଦଳରେ ୨୧ ବର୍ଷୀୟ ମିଡିୟମ ପେସର ଭ୍ୱିଆନ ମୁଲ୍ଡରଙ୍କୁ ସୁଯୋଗ ମିଳିପାରେ। ସେ ୨୦୧୭ରେ ଜାତୀୟ ଦଳ ପାଇଁ ପଦାର୍ପଣ କରିଥିଲେ ମଧ ଟେଷ୍ଟ ମ୍ୟାଚ୍‌ରେ ଏପର୍ଯ୍ୟନ୍ତ ସୁଯୋଗ ପାଇନାହାନ୍ତି। ତାଙ୍କ ସହ ଅଭିଜ୍ଞ ପେସର ଡେଲ ଷ୍ଟେଇନ, କାଗିସୋ ରାବାଡା ଓ ଡୁଆନେ ଓଲିଭର ଦଳର ଫାଷ୍ଟ ବୋଲିଂ ବିଭାଗ ସମ୍ଭାଳିବେ। ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହେବ।

### ପିଏସ୍‌ଏଲକୁ ମିଳିଲା ନୂଆ ପ୍ରସାରଣକାରୀ ସଂସ୍ଥା

ଦୁବାଇ,୨୦।୨(ଏଏଫ୍‌ପି): ଆଇଏମ୍‌ଜି-ରିଲାଏନ୍ସ ପ୍ରସାରଣରୁ ଓହରିବାର ଦୁଇ ଦିନ ପରେ ପାକିସ୍ତାନ ସୁପର ଲିଗ (ପିଏସ୍‌ଏଲ) ୪ର୍ଥ ସଂସ୍କରଣକୁ ନୂଆ ପ୍ରସାରଣକାରୀ ସଂସ୍ଥା ମିଳିଯାଇଛି। ଚଳିତ ଲିଗ୍‌ର ଅବଶିଷ୍ଟ ମ୍ୟାଚ୍‌ଗୁଡ଼ିକୁ ବ୍ଲିଟ୍ ଓ ଟ୍ରାନ୍ସ ଗ୍ରୁପ୍ ଟିଭି କଭରେଜ ଦେବ। ଚଳିତ ପିଏସ୍‌ଏଲ ପାଇଁ ବ୍ଲିଟ ଓ ଟ୍ରାନ୍ସ ଗ୍ରୁପକୁ ପ୍ରସାରଣ ଦାୟିତ୍ୱ ଦିଆଯାଇଥିବା ପିସିବି ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ବ୍ଲିଟ ହେଉଛି ପାକିସ୍ତାନରେ ପିସିବିର ପ୍ରସାରଣକାରୀ ପାର୍ଟନର ଓ ଟ୍ରାନ୍ସ ଗ୍ରୁପ ଇଭେଣ୍ଟ ମ୍ୟାନେଜମେଣ୍ଟ ପାର୍ଟନର। ଏହି ସଂସ୍ଥା ବୁଧବାରଠାରୁ ମ୍ୟାଚ୍‌ର ସିଧା ପ୍ରସାରଣ କରିବ। ଉଲ୍ଲେଖଥାଉ କି, ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ କମ୍ପାନୀ ଆଇଏମ୍‌ଜି-ରିଲାଏନ୍ସ ପିଏସ୍‌ଏଲର ପ୍ରସାରଣ ଚୁକ୍ତିରୁ ଓହରି ଯାଇଥିଲା। ଏହା ସହିତ ଟିଭି ଚ୍ୟାନେଲ ଡି ସ୍ପୋର୍ଟ୍ସ ଓ ଅନ୍‌ଲାଇନ ପ୍ରସାରଣ କରୁଥିବା ୱେବସାଇଟ୍ ‘କ୍ରିକେଟଗେଟ୍‌ୱେ’ ମଧ ଲାଇଭ ଟେଲିକାଷ୍ଟ କରିବାକୁ ମନା କରିଦେଇଥିଲା। ଏଥିଯୋଗୁ ପିଏସ୍‌ଏଲରୁ ରାଜସ୍ୱ ଆଦାୟ ହୋଇପାରିବ କି ନାହିଁ ଅନିଶ୍ଚିତତା ସୃଷ୍ଟି ହୋଇଥିଲା।

### ପ୍ରଥମ ମ୍ୟାଚ୍ ହାରିଲେ ଓସାକା

ଦୁବାଇ,୨୦।୨(ଏଏଫ୍‌ପି)- ଚଳିତ ସିଜନରେ ଅଷ୍ଟ୍ରେଲିଆନ୍ ଓପନ ଜିତିବା ପରେ ନାଓମି ଓସାକା ପ୍ରଥମ ଥର ପାଇଁ ପରାଜୟର ସମ୍ମୁଖୀନ ହୋଇଛନ୍ତି। ବିଶ୍ୱର ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ଦୁବାଇ ଚାମ୍ପିୟନଶିପ୍‌ର ୨ୟ ରାଉଣ୍ଡରୁ ପରାଜୟ ସହ ବିଦାୟ ନେଇଛନ୍ତି। ତାଙ୍କୁ ୩-୬, ୩-୬ ସେଟ୍‌ରେ ଫ୍ରେଞ୍ଚ ଖେଳାଳି କ୍ରିଷ୍ଟିନା ମାଡେନୋଭିକ ହରାଇ ଦେଇଛନ୍ତି। ଏହି ମ୍ୟାଚ୍‌ରେ ଓସାକା ଏକ ଘଣ୍ଟା ମଧ ଲଢ଼େଇ କରିପାରି ନ ଥିଲେ। କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ପରେ ମଧ ଓସାକା କୋଚ ସାଶ୍ଚ ବାଜିନଙ୍କ ସହ ସମ୍ପର୍କ ଛିନ୍ନ କରି ସଭିଙ୍କୁ ନିକଟରେ ଚକିତ କରି ଦେଇଥିଲେ।

# ‘ବିଶ୍ୱକପ୍ ପରେ ବୋର୍ଡ ପରୀକ୍ଷା ଥିବାରୁ ଅତିରିକ୍ତ ପରିଶ୍ରମ କରୁଛି’

ନୂଆଦିଲ୍ଲୀ, ୨୦।୨(ପି.ଟି.)

ଦିଲ୍ଲୀର ଡ. କର୍ନି ସିଂ ରେଞ୍ଜଠାରେ ବୁଧବାରଠାରୁ ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍ ଆରମ୍ଭ ହୋଇଛି। ଆସନ୍ତା ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଟିକେଟ୍ ହାସଲ ପାଇଁ ଏହା ବର୍ଷର ପ୍ରଥମ ପ୍ରତିଯୋଗିତା ହେବ। ଉଦୀୟମାନ ଭାରତୀୟ ଶୁଟର୍ ମନୁ ଭାକର ଏହି ପ୍ରତିଯୋଗିତା ମାଧ୍ୟମରେ ଟୋକିଓ ଅଲିମ୍ପିକ୍ସକୁ ଟିକେଟ୍ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ୧୭ ବର୍ଷୀୟା ମନୁ ପୂର୍ବରୁ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ୟୁଥ୍ ଅଲିମ୍ପିକ୍ସ ପରି ବଡ଼ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିସାରିଥିବାରୁ ଅଲିମ୍ପିକ୍ସ ଟିକେଟ୍ ଦାବିଦାର ଦୌଡ଼ରେ ସେ ରହିଛନ୍ତି। ତେବେ ଆଗକୁ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଥିବାରୁ ହରିୟାଣାର ଏହି ଷ୍ଟାର୍ ଶୁଟର୍‌ଙ୍କୁ ଏଥିପାଇଁ ଅତିରିକ୍ତ ପରିଶ୍ରମ କରିବାକୁ ପଡୁଛି। ‘ବିଶ୍ୱକପ ପରେ ପରେ ମୋର ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଆରମ୍ଭ ହେଉଯାଉଥିବାରୁ ମୋତେ ଅଧିକ ପରିଶ୍ରମ କରିବାକୁ ପଡୁଛି। ପ୍ରାକ୍ଟିସ କରିସାରିଲା ପରେ ପରୀକ୍ଷା ପାଇଁ ପଢ଼ାରେ ଟାଇମ୍ ଦେଉଛି’ ବୋଲି ଭାକର ଏକ ସାକ୍ଷାତକାର ଅବସରରେ କହିଛନ୍ତି।



ମନୁ ଭାକର

ଭାକର ଓ ସାଥୀ ଶୁଟର୍ ବିଜୟବୀର ସିଦ୍ଧୁଙ୍କ ଲାଗି ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ନିକଟରେ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ନିକଟକୁ ପତ୍ର ଲେଖି ଦ୍ୱାଦଶ ଶ୍ରେଣୀ ପରୀକ୍ଷାର କାର୍ଯ୍ୟସୂଚୀ ପରିବର୍ତ୍ତନ କରିବା ପାଇଁ ଅନୁରୋଧ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଦିଲ୍ଲୀ ବିଶ୍ୱକପ୍‌ରେ ୫୮ ଦେଶର ୫୦୩ ଶୁଟର୍ ଅଂଶଗ୍ରହଣ କରିବେ। ଯେଉଁଥିରେ ୧୦ଟି ଇଭେଣ୍ଟରୁ ୧୬ଟି ସ୍ଥାନ ୨୦୨୦ ଅଲିମ୍ପିକ୍ସ ପାଇଁ ସୁରକ୍ଷିତ ରହିଛି।

# ୟୁଏଇ କୋଚ୍ ୧୦ ବର୍ଷ ପାଇଁ ବାସନ୍ଦ

ଦୁବାଇ,୨୦।୨(ପିଟି)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୟୁଏଇରେ ରହୁଥିବା କୋଚ୍ ଇରଫାନ ଅନସାରିଙ୍କୁ ୧୦ ବର୍ଷ ଲାଗି ବସନ୍ଦ କରିଛି। ସେ ୨୦୧୭ରେ ପାକିସ୍ତାନ ଦଳର ଅଧିନାୟକ ସର୍‌ଫରାଜ ଅହମ୍ମଦଙ୍କୁ ଦୁର୍ନୀତି କରିବାକୁ ପ୍ରେରିତ କରିଥିଲେ। ଏହି ମାମଲାର ତଦନ୍ତ କରିବା ପରେ ଆଇସିସି ଆଣ୍ଟି କରପଶନ ୟୁନିଟ (ଏସିୟୁ) ଇର୍ଫାନଙ୍କୁ ୧୦ ବର୍ଷ ବାସନ୍ଦ କରିବା ଲାଗି ନିଷ୍ପତ୍ତି ନେଇଥିବା କୁହାଯାଇଛି। ଖେଳୁଆଡ଼ ମନୋଭାବ ପ୍ରଦର୍ଶନ କରିଥିବା ସର୍‌ଫରାଜଙ୍କୁ ଧନ୍ୟବାଦ ଜଣାଇବୁ। ସେ ଇରଫାନଙ୍କ ପ୍ରସ୍ତାବକୁ ଅସ୍ୱୀକାର କରିବା ସହ ସଙ୍ଗେ ସଙ୍ଗେ ସୂଚନା ଦେଇଥିଲେ ବୋଲି ଆଇସିସି ଏସିୟୁ ଜେନେରାଲ ମ୍ୟାନେଜର ଆଲେକ୍ସ ମାର୍ଶାଲ କହିଛନ୍ତି। ପାକିସ୍ତାନ ଅଧିନାୟକ ତଦନ୍ତ ପ୍ରକ୍ରିୟାରେ ମଧ ସହାୟତା କରିଥିଲେ। ଅନସାରୀ ୨୦୧୭ରେ ୟୁଏଇଠାରେ ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯାଉଥିବାବେଳେ ସର୍‌ଫରାଜଙ୍କୁ ଦୁର୍ନୀତି ପାଇଁ ପ୍ରବର୍ତ୍ତାଇଥିଲେ। ଅନ୍‌ସାରି ଦୀର୍ଘ ୩୦ ବର୍ଷ ହେଲା ଶାରଜା ଷ୍ଟାଡିୟମ୍‌ର ମୁଖ୍ୟ କୋଚ୍ ଦାୟିତ୍ୱରେ ଥିଲେ।

■ ସୟଦ ମୁସ୍ତାକ ଅଲି ଟି୨୦ ଆଜିଠାରୁ

# ବାରବାଟୀରେ ଛତିଶଗଡ଼କୁ ଭେଟିବ ଓଡ଼ିଶା

ଭୁବନେଶ୍ୱର, ୨୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ବିଜୟ ହଜାରେ ଟ୍ରଫି, ରଣ୍‌ଜୀ ଟ୍ରଫି ପରେ ଏବେ ଘରୋଇ କ୍ରିକେଟର ଅନ୍ତିମ ପ୍ରତିଯୋଗିତା ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟ ଗୁରୁବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ବିସିସିଆଇ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ଟି୨୦ ଟୁର୍ନାମେଣ୍ଟରେ ୫ଟି ଗ୍ରୁପ୍‌ରେ ମୋଟ୍ ୩୭ଟି ଟିମ୍ ସ୍ଥାନ ପାଇଛନ୍ତି। କଟକର ବାରବାଟୀ ଓ ଡ୍ରିମ୍ସ ଗ୍ରାଉଣ୍ଡରେ ଗ୍ରୁପ୍-ଡି’ର ସମସ୍ତ ମ୍ୟାଚ୍ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି। ଗ୍ରୁପ୍-ଡି’ରେ ସ୍ଥାନ ପାଇଥିବା ଘରୋଇ ଓଡ଼ିଶା ଏହିକ୍ରମରେ ପ୍ରଥମ ମ୍ୟାଚ୍‌ରେ ଗୁରୁବାର ପଡ଼ୋଶୀ ଛତିଶଗଡ଼ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

ବିଜୟ ହଜାରେ ଟ୍ରଫି ଓ ରଣ୍‌ଜୀ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ସେତେଟା ଉତ୍ସାହଜନକ ନ ଥିଲା। ରଣଜୀ ଟ୍ରଫିରେ ଗ୍ରୁପ୍-ସି’ରେ ସ୍ଥାନ ପାଇଥିବା ଓଡ଼ିଶା ୯ ମ୍ୟାଚ୍‌ରୁ ୪ ବିଜୟ, ୩ ପରାଜୟ ଓ ୨ ଡ୍ର ସହ ୨୬ ପଏଣ୍ଟ ପାଇ ଟେବୁଲ ତାଲିକାର ୪ର୍ଥ ସ୍ଥାନରେ ରହି ନକ୍‌ଆଉଟ୍‌ରୁ ବଞ୍ଚିତ ହୋଇଥିଲା। ତେଣୁ ସିଜନର ଏହି ଅନ୍ତିମ ପ୍ରତିଯୋଗିତାରେ ଓଡ଼ିଶା ଦଳ ପ୍ରଦର୍ଶନର ଛାପ ଛାଡ଼ିବା ଲକ୍ଷ୍ୟରେ ରହିଛି। ରଣଜୀ ଟ୍ରଫିରେ ଦମ୍‌ଦାର ବ୍ୟାଟିଂ କରିଥିବା ଯୁବ ତଥା ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ସେନାପତିଙ୍କୁ ଓଡ଼ିଶା ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଓଡ଼ିଶା ଦଳ ବେଶ୍ ସନ୍ତୁଳିତ ରହିଛି। ଦଳରେ ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଅନୁରାଗ ଷଡ଼ଙ୍ଗୀ, ଅଭିଷେକ ରାଉତଙ୍କ ପରି ଅଭିଜ୍ଞ ଖେଳାଳି ରହିଛନ୍ତି। ରଣଜୀ ଟ୍ରଫିରେ ନିରାଶ କରିଥିବା ଗୋବିନ୍ଦଙ୍କ ନିକଟରୁ ଦଳୀୟ ମ୍ୟାନେଜମେଣ୍ଟ ଉନ୍ନତ ପ୍ରଦର୍ଶନ ଆଶାରଖିଛି। ଓଡ଼ିଶା ଓ ଛତିଶଗଡ଼ ବ୍ୟତୀତ ମନୋଜ ତିୱାରୀଙ୍କ ନେତୃତ୍ୱାଧୀନ ଶକ୍ତିଶାଳୀ ବେଙ୍ଗଲ, ମନୀଷ ପାଣ୍ଡେଙ୍କ ନେତୃତ୍ୱାଧୀନ କର୍ଣ୍ଣାଟକ, ଆସାମ, ହରିୟାଣା, ଅରୁଣାଚଳ ପ୍ରଦେଶ ଓ ମିଜୋରାମ ଗ୍ରୁପ୍-ଡିରେ ସ୍ଥାନ ପାଇଛନ୍ତି।

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ଅଭିଷେକ ରାଉତ, ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଅରବିନ୍ଦ ସିଂ, ସୂର୍ଯ୍ୟକାନ୍ତ ପ୍ରଧାନ, ଅନୁରାଗ ଷଡ଼ଙ୍ଗୀ, ଶୁଭମ ନାୟକ, ସନ୍ଦୀପ ପଟ୍ଟନାୟକ, ଦେବବ୍ରତ ପ୍ରଧାନ, ରାଜେଶ ଧୂପର (ଉଇକେଟ୍‌କିପର), ପପୁ ରାୟ, ରାଜେଶ ମହାନ୍ତି।



ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଖେଳାଳିଙ୍କ ଅଭ୍ୟାସ।

### ଓଡ଼ିଶାର ମ୍ୟାଚ୍ କାର୍ଯ୍ୟସୂଚୀ

| ତାରିଖ | ବନାମ | ଭେନ୍ୟୁ | ସମୟ |
|---|---|---|---|
| ଫେବୃୟାରୀ ୨୧ | ଛତିଶଗଡ଼ | ବାରବାଟୀ | ସକାଳ ୯:୩୦ |
| ଫେବୃୟାରୀ ୨୨ | ହରିୟାଣା | ବାରବାଟୀ | ଅପରାହ୍ନ ୧:୩୦ |
| ଫେବୃୟାରୀ ୨୪ | ମିଜୋରାମ | ଡ୍ରିମ୍ସ | ଅପରାହ୍ନ ୧:୩୦ |
| ଫେବୃୟାରୀ ୨୫ | ଅରୁଣାଚଳ ପ୍ରଦେଶ | ବାରବାଟୀ | ଅପରାହ୍ନ ୧:୩୦ |
| ଫେବୃୟାରୀ ୨୭ | ଆସାମ | ଡ୍ରିମ୍ସ | ସକାଳ ୯:୩୦ |
| ଫେବୃୟାରୀ ୨୮ | କର୍ଣ୍ଣାଟକ | ବାରବାଟୀ | ଅପରାହ୍ନ ୧:୩୦ |
| ମାର୍ଚ୍ଚ ୨ | ବେଙ୍ଗଲ | ବାରବାଟୀ | ଅପରାହ୍ନ ୧:୩୦ |

### ଆଜିର ମ୍ୟାଚ୍

- ■ ଓଡ଼ିଶା ବନାମ ଛତିଶଗଡ଼- ବାରବାଟୀ (ସକାଳ ୯:୩୦)
- ■ ଆସାମ ବନାମ କର୍ଣ୍ଣାଟକ- ଡ୍ରିମ୍ସ (ସକାଳ ୯:୩୦)
- ■ ହରିୟାଣା ବନାମ ଅରୁଣାଚଳ ପ୍ରଦେଶ- ଡ୍ରିମ୍ସ (ଅପରାହ୍ନ ୧:୩୦)
- ■ ବେଙ୍ଗଲ ବନାମ ମିଜୋରାମ- ବାରବାଟୀ (ଅପରାହ୍ନ ୧:୩୦)

**୧୯ ବର୍ଷରୁ କମ୍ ପ୍ରଥମ ଯୁବ ଟେଷ୍ଟ**

# ଭାରତର ପ୍ରଭାବୀ ପ୍ରଦର୍ଶନ

ଥିରୁଭାନନ୍ତପୁରମ୍,୨୦।୨

ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଆନ୍ତର୍ଜାତିକ ଷ୍ଟାଡିୟମରେ ବୁଧବାରଠାରୁ ଆରମ୍ଭ ହୋଇଥିବା ୪ ଦିନିଆ ୧୯ ବର୍ଷରୁ କମ୍ ପ୍ରଥମ ଯୁବ ଟେଷ୍ଟରେ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିଛନ୍ତି। ପ୍ରଥମ ଦିବସରେ ଭାରତୀୟ ଦଳ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୬୭.୫ ଓଭରରେ ୧୯୭ ରନ ସଂଗ୍ରହ କରି ଅଲ୍‌ଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଭାରତ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୧୯.୨ ଓଭରରେ ୩ ଉଇକେଟ ହରାଇ ୯୫ ରନ ସଂଗ୍ରହ କରିଛି। ଫଳରେ ଭାରତ ୭ ଉଇକେଟ ବାକି ରଖି ୧୦୨ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଦିବ୍ୟାଂଶ ସାକ୍‌ସେନା ୪୪ ରନ କରି ଅପରାଜିତ ରହିଛନ୍ତି। ଅନ୍ୟତମ ଓପନର ବରୁଣ ନାୟାନାର ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ସେହିପରି ବତ୍‌ସାଲ ଗୋବିନ୍ଦ ୨୩ ଓ ଯସସ୍ୱୀ ଜୟସୁଆଲ ୨୪ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଦକ୍ଷିଣ ଅଫ୍ରିକା ତରଫରୁ ଲିଫା ଏନ୍‌ଟାଞ୍ଜି, ମାର୍କୋ ଜାନ୍‌ସେନ୍ ଓ ବ୍ରାଏସ୍ ପାର୍ସନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ତରଫରୁ ଅଧିନାୟକ ମାଥ୍ୟୁ ମଣ୍ଟୋଗୋମେରୀ ୫୭ ଓ ବ୍ରାଏସ୍ ପାର୍ସନ ୫୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ଆଣ୍ଡିଲ ମୋକଗାକେନ ୨୦, ବୋଙ୍ଗା ମଖାଖା ୩୧ ଓ ଅଚିଲ କ୍ଲୋଏଟ୍ ୧୫ ରନ କରି ଆଉଟ ହୋଇଥିବାବେଳେ ବାକି ୬ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ପକ୍ଷରୁ ହ୍ରିତିକ ଶୋକିନ୍ ସର୍ବାଧିକ ୪, ଅଂଶୁଳ କାମ୍ବୋଜ୍ ଓ ସବୀର ଖାଁ ଦୁଇଟି ଲେଖାଏ, ମାନବ ସୁଥାର ଗୋଟିଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**
ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୬୭.୫ ଓଭରରେ ୧୯୭ ଅଲ୍‌ଆଉଟ (ମୋଣ୍ଟେଗୋମେରୀ- ୫୭, ପର୍ସନ- ୫୮, ହ୍ରିତିକ- ୪/୫୦)।
ଭାରତ ପ୍ରଥମ ଇନିଂସ- ୧୯.୨ ଓଭରରେ ୯୫ (ଦିବ୍ୟାଂଶ- ୪୪*, ଜୟସୁଆଲ- ୨୪, ଗୋବିନ୍ଦ- ୨୩)।

# ନ୍ୟୁଜିଲାଣ୍ଡର ସିରିଜ୍ କ୍ଲିନସୁଇପ୍

ଡନଡିନ,୨୦।୨(ଏଏଫ୍‌ପି)

ସ୍ଥାନୀୟ ୟୁନିଭର୍ସିଟି ଓଭାଲଠାରେ ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଦଳ ୮୮ ରନ୍‌ରେ ବିଜୟ ହାସଲ କରିଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଘରୋଇ ଦଳ ୩-୦ ବ୍ୟବଧାନରେ ପୋଛି ନେଇଛି। ଘରୋଇ ବ୍ୟାଟ୍ସମ୍ୟାନଙ୍କ ମିଳିତ ଉଦ୍ୟମରେ ନ୍ୟୁଜିଲାଣ୍ଡ ୩୩୦ ରନ୍ କରିଥିଲା। ଜବାବରେ ସବିର ରେହମାନଙ୍କ କ୍ୟାରିୟରର ପ୍ରଥମ ଶତକ ସତ୍ତ୍ୱେ ବାଂଲାଦେଶ ୨୪୨ ରନ୍‌ରେ ସୀମିତ ରହିଥିଲା। ମ୍ୟାଚ୍‌ରେ ସର୍ବାଧିକ ଉଇକେଟ ନେଇଥିବା ଟିମ୍ ସୌଦି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ହେନ୍‌ରୀ ନିକୋଲାସ (୬୪), ରସ ଟେଲର (୬୯) ଓ ଟମ ଲଥାମ (୫୯)ଙ୍କ ଅର୍ଦ୍ଧଶତକୀୟ ଇନିଂସ ଯୋଗୁ ନିର୍ଦ୍ଧାରିତ ୫୦ ଓଭରରେ ୩୩୦ ରନ୍ କରିଥିଲା। ଭ୍ରମଣକାରୀ ଦଳ ପାଇଁ ମୁସ୍ତାଫିଜୁର ରେହମାନ ଦୁଇ ଉଇକେଟ ନେଇଥିଲେ। ବିଶାଳ ବିଜୟ ଲକ୍ଷ୍ୟ ନେଇ ପିଛା କରୁଥିବା ବାଂଲାଦେଶ ଦଳ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏକଦା ଦଳ ୬୧ ରନ୍ ମଧ୍ୟରେ ୫ ଉଇକେଟ ସଙ୍କଟରେ ପଡ଼ିଥିଲା। ହେଲେ ସବିର ନିମ୍ନକ୍ରମର ବ୍ୟାଟ୍ସମ୍ୟାନଙ୍କ ସହ ମିଶି ଦଳୀୟ ସ୍କୋରକୁ ୨୪୨ ରନ୍‌ରେ ପହଞ୍ଚାଇଥିଲେ। ଦଳ ପକ୍ଷରୁ ସବିର ସର୍ବାଧିକ ୧୦୨, ମହମ୍ମଦ ସାଇଫୁଦ୍ଦିନ ୪୪ ଓ ମେହେଦି ହାସନ ୩୭ ରନ୍ କରିଥିଲେ। ବିଜୟ ଦଳ ଲାଗି ସୌଦି ୬ ଓ ଟ୍ରେଣ୍ଟ ବୋଲ୍ଟ ୨ ଉଇକେଟ ଅକ୍ତିଆର କରିଥିଲେ।

**ରସ ଟେଲରଙ୍କ ରେକର୍ଡ**

ନ୍ୟୁଜିଲାଣ୍ଡର ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲର ଏଠାରେ ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଏକ ସ୍ୱତନ୍ତ୍ର ରେକର୍ଡ ଅଧିକାରୀ ହୋଇଛନ୍ତି। ସେ ୬୯ ରନ୍‌ର ଇନିଂସ ଖେଳି ଦିନିକିଆ ଫର୍ମାଟରେ ୮ ହଜାର ରନ୍ ପୂରଣ କରିଛନ୍ତି। ଏଥିସହ ନ୍ୟୁଜିଲାଣ୍ଡ ପାଇଁ ସର୍ବାଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନ ରେକର୍ଡ ନିଜ ନାମରେ କରିଛନ୍ତି। ବୁଧବାର କ୍ୟାରିୟରର ୪୭ତମ ଅର୍ଦ୍ଧଶତକ ହାସଲ କରିଥିବା ଏହି ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ ଏପର୍ଯ୍ୟନ୍ତ ୪୮.୩୪ ହାରରେ ୮,୦୨୬ ରନ୍ କରିଛନ୍ତି। ଏହି ଧାରାରେ ସେ ପୂର୍ବତନ ଅଧିନାୟକ ଷ୍ଟିଫେନ ଫ୍ଲେମିଂ(୮,୦୦୭ ରନ)ଙ୍କୁ ଅତିକ୍ରମ କରିଛନ୍ତି। ୨୦୦୬ରେ କ୍ୟାରିୟର ଆରମ୍ଭ କରିଥିବା ଟେଲର ୨୦୩ତମ ମ୍ୟାଚ୍‌ରେ ୮ ହଜାର ରନ୍ ପୂରଣ କରିଛନ୍ତି। ତେବେ ସେ ଦେଶର ଦ୍ୱିତୀୟ କ୍ରିକେଟର ଭାବେ ଏହି ମାଇଲଷ୍ଟୋନ ସ୍ପର୍ଶ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**
ନ୍ୟୁଜିଲାଣ୍ଡ ୫୦ ଓଭରରେ ୩୩୦/୬ (ଟେଲର- ୬୯, ନିକୋଲ୍ସ- ୬୪, ଲଥାମ- ୫୯, ନିଶାମ- ୩୭, ଗ୍ରାଣ୍ଡହୋମ- ୩୭*, ଗୁପ୍ଟିଲ- ୨୯, ମୁସ୍ତାଫିଜୁର- ୨/୯୩)।
ବାଂଲାଦେଶ ୪୭.୨ ଓଭରରେ ୨୪୨ ଅଲଆଉଟ୍ (ସବିର- ୧୦୨, ସୈଫୁଦ୍ଦିନ- ୪୪, ମିରାଜ- ୩୭, ସୌଦି- ୬/୬୫, ବୋଲ୍ଟ- ୨/୩୭)।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ରସ ଟେଲର।

**Expression of Interest (EOI) is sought for Agency for running of One Stop Centre (OSC) in Angul District**

Notice No. 350 Date 16.02.2019

Sealed applications are invited from organizations for selection of Agency to run One Stop Centre (OSC) in Angul District. Details of eligibility criteria, selection procedure and application form is available in Angul District website www.angul.nic.in. The application complete in all respect should be reached to the office of the District Social Welfare Officer, Angul on or before 11.03.2019 by 1.00 PM through Speed Post/ Registered Post only.

Sd./- Collector, Angul

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
Office Of The Deputy General Manager (Electrical)
EHT (O&M) Division, Chatrapur, At-Puti-Gopalpur, Chatrapur, Dist- Ganjam (Odisha),Pincode-761020 CIN:U40102OR2004SGC007553

Advt. No. 06/2018-19 NOTICE INVITING TENDER

Sealed tenders are invited by the undersigned from the Contractors having both valid H.T contract license and Civil contract license along with I.T. PAN, GST Registration certificate for "Shifting & Commissioning of 1 no. of existing 250KVA, 33/0.4KV Station Transformer along with provision of new DP structure nearer to 33Kv Main Bus Side at 132/33Kv Grid S/s Ganjam under EHT (O&M) Division Chatrapur". **Cost of Tender Paper:** - Rs2000/-+ GST @12% (Rs2240/-) **EMD @ 1% of estimated cost:** -Rs 3340/- **Sale of Tender documents:** From Dt 21.02.19 to Dt. 07.03.19 up to 5.00PM on working days only. **Last date of submission of tender:** Dt. 08.03,19 up to 2,00 PM. **Date of opening of tender:** Dt. 08.03.19 at 4.00 PM. For details please visit our web site : **www.optcl.co.in**. Corrigendum if any will be published in the web site only

Dy.General Manager, EHT(O&M) Div.

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd.Office: Janpath, Bhubaneswar-751022, CIN:U4102OR2004SGC007553

**e-TENDER NOTICE NO. CPC-58/2018-19**

For and on behalf of ODISHA POWER TRANSMISSION CORPORATION LTD., C.G.M. (CPC) invites bids from reputed manufacturers in two part bidding system for supply of Porcelain long rod insulators. The interested bidders would be required to enroll themselves on the tender portal **www.tenderwizard.com/OPTCL.** Complete set of bidding documents are available at **www.tenderwizard.com/OPTCL** from **21.02.2019 (11.00 hr)** to **14.03.2019 (13.00 hr).** Interested manufacturers may visit OPTCL's official website **http://www.optcl.co.in** and **www.tenderwizard.com/OPTCL** for detail specification.

**N.B:** All subsequent addendum/corrigendum to the tender shall be hosted in the OPTCL's official website **http://www.optcl.co.in, www.tenderwizard.com/OPTCL** only.

CR-Advt.No.- 80/18-19 Chief General Manager (CPC)

Please connect us: optcl.odisha optcl_odisha energyodisha

OFFICE OF THE MUNICIPAL COUNCIL, TITILAGARH

No. 135 Dated : 19.02.2019

**"e"- Tender Notice**

BID Identification No. MUN-TIG No. 008/2018-19

Bid Documents consisting of work, Estimated Cost, Cost of Tender Paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in.

| | | | |
|---|---|---|---|
| 1. | Name of the work | : | Civil Construction works as mentioned in website |
| 2. | No. of works | : | 2 Nos. |
| 3. | Estimated Cost | : | 2.22 lakhs to 4.29 Lakhs |
| 4. | Period of Completion | : | 60 Days to 90 Days. |
| 5. | Date & Time of availability of Bid Documents in the Portal | : | From 20.02.2019, 11.00 AM to 26.02.2019, 5.00 PM |
| 6. | Last date & time for receipt of bids in the portal | : | On 26.02.2019 at 5.00 PM. |
| 7. | Last date & time for deposit of Fees & Documents (in sealed envelope) at Office | : | On 27.02.2019 at 12.00 PM |
| 8. | Bids received online shall be opened on | : | On 28.02.2019 at 11.00 AM. |
| 9. | Name and address of the officer inviting Bid | : | Executive Officer, Titilagarh Municipality. |

Further details c an be seen from the procurement portal i.e. https://tendersodisha.gov.in.

Sd./- Executive Officer, Titilagarh Municipality

GOVT. OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, CENTRAL IRRIGATION CIRCLE, BHUBANESWAR**

No.1295-A:- ‘e’ Procurement Notice No. SECIC - 20 / 2018-19

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security(Rs.) E.M.D. | Cost of Bid documents (Rs) | Class of Contractors | Bid documents available online for bidding: From | Bid documents available online for bidding: To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| SE, CIC, Bhubaneswar | SECIC/ PID-06 of 2018-19 | Construction of Dry Weather control structure at 85 M U/S of Railway Bridge across Dhaudia Nallah near Malatipatapur. | 379.96 | 380000/- (On-line) | 10000/- (On-line) | “A” Class & “Special” Class | 25.02. 2019 at 11.00 A.M. | 11.03.2019 up to 5.00 P.M | 12 .03.2019 at 11.00 A.M. | 06 (Six) Calendar Months |

e-mail ID:- secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.
32160/11/0034/1819 Sd./- Superintending Engineer, Central Irrigation Circle

ଧରିତ୍ରୀ
DHARITRI
ଗୁରୁବାର, ୨୧ ଫେବୃୟାରୀ, ୨୦୧୯



> ହେନରି ନିକୋଲାସ ନ୍ୟୁଜିଲାଣ୍ଡର ଜଣେ ପ୍ରତିଭାଧାରୀ ଖେଳାଳି । ତାଙ୍କ ଉପସ୍ଥିତିରେ ଆମ ବ୍ୟାଟିଂ ଲାଇନ୍ଅପ୍ ସନ୍ତୁଳିତ ହୋଇ ପାରିଛି ।
> – ଗ୍ୟାରୀ ଷ୍ଟେଡ୍, ନ୍ୟୁଜିଲାଣ୍ଡ କ୍ରିକେଟ କୋଚ୍



> ଏପ୍ରିଲ ଶେଷଭାଗରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ସମ୍ପୂର୍ଣ୍ଣଭାବେ ଫିଟ୍ ହେବା ମୋର ପ୍ରଥମ ଲକ୍ଷ୍ୟ ।
> – ପ୍ରଣବ ଜେରୀ ଚୋପ୍ରା, ଭାରତୀୟ ବ୍ୟାଡ୍ମିଣ୍ଟନ ଖେଳାଳି



## ସଂକ୍ଷେପରେ

### ଭାରତ- ପାକିସ୍ତାନ ମ୍ୟାଚ୍ ବାତିଲ ଦାବିରେ ଯଥାର୍ଥତା ରହିଛି: ରବି ଶଙ୍କର

ନୂଆଦିଲ୍ଲୀ, ୨୦।୨(ପି.ଟି.)- ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ- ପାକିସ୍ତାନ କ୍ରିକେଟ ମ୍ୟାଚ ବାତିଲ୍ ହେବା ନେଇ ଚର୍ଚ୍ଚା ହେଉଥିବା ବେଳେ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଏ ସଂକ୍ରାନ୍ତରେ ମୁହଁ ଖୋଲିଛନ୍ତି। ଆଗାମୀ ବିଶ୍ୱକପ୍‌ରେ ଭାରତ- ପାକିସ୍ତାନ ମ୍ୟାଚ୍ ବାତିଲ ନେଇ ବିଭିନ୍ନ ମହଲରୁ ଦାବି ହେଉଛି। ତେବେ ଏହି ଦାବିରେ କିଛିଟା ଯଥାର୍ଥତା ରହିଛି ବୋଲି ପ୍ରସାଦ କହିଛନ୍ତି। ଦୁଇଦେଶ ମଧ୍ୟରେ ସମ୍ପର୍କରେ ଭଲ ନ ଥିବାରୁ ଏପରି ଦାବି ହେବା ସ୍ୱାଭାବିକ୍ ବୋଲି ସେ କହିଛନ୍ତି। ମେ ୩୦ ତାରିଖରୁ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ଜୁନ୍ ୧୬ ତାରିଖରେ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। କ୍ରିକେଟ ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇପାରିବି ନାହିଁ। ତେବେ ଏ ଭଳି ଦାବିରେ ଯଥାର୍ଥତା ରହିଛି ବୋଲି ମୁଁ ଭାବୁଛି। ଏ ସଂକ୍ରାନ୍ତରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ପରିସ୍ଥିତି ଅନୁଧ୍ୟାନ କରିବେ ଓ ସେହି ଅନୁସାରେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ପୂର୍ବରୁ ମହମ୍ମଦ ସାମି ଓ ହରଭଜନ ସିଂଙ୍କ ଭଳି କ୍ରିକେଟର ଭାରତ- ପାକିସ୍ତାନ ମ୍ୟାଚ୍ ବାତିଲ ନେଇ ଦାବି କରିଥିଲେ। ଉଲ୍ଲେଖଥାଉ କି, ଦୀର୍ଘ ବର୍ଷ ଧରି ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ସିରିଜ ଖେଳାଯାଇ ନ ଥିଲେ ମଧ୍ୟ ଆଇସିସି ଟୁର୍ନାମେଣ୍ଟରେ ଭାରତ ଓ ପାକିସ୍ତାନ ନିୟମିତ ବ୍ୟବଧାନରେ ମ୍ୟାଚ୍ ଖେଳି ଆସୁଛନ୍ତି। ପୁଣି ସମାନ କାରଣ ଯୋଗୁ ନୂଆଦିଲ୍ଲୀରେ ଆରମ୍ଭ ହେବାକୁ ଥିବା ଶୁଟିଂ ବିଶ୍ୱକପ୍‌ରେ ପାକିସ୍ତାନ ବାଦ୍ ପଡିଛି। ଭାରତ ଭିଜା ଦେବାକୁ ମନା କରିଛି ବୋଲି ପାକିସ୍ତାନ ଶୁଟିଂ ଫେଡେରେଶନ କହିଛି। ପୁଣି ଦେଶର ବିଭିନ୍ନ ରାଜ୍ୟ ଆସୋସିଏଶନ ସେମାନଙ୍କ ଗ୍ୟାଲେରୀ ତଥା ଫ୍ୟାସିଲିଟିରେ ଇମ୍ରାନ ଖାନ୍‌ଙ୍କ ସମେତ ପାକିସ୍ତାନ କ୍ରିକେଟରଙ୍କ ଫଟୋ ହଟାଇ ଦେଇଛନ୍ତି।

### ଅଜୟ୍ ଏଆଇବିଏ ଏଲିଟ୍ ଫାଉଣ୍ଡେଶନ ମୁଖ୍ୟ

ନୂଆଦିଲ୍ଲୀ, ୨୦।୨ (ପି.ଟି.): ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍ଆଇ) ଅଧ୍ୟକ୍ଷ ଅଜୟ୍ ସିଂଙ୍କୁ ଏକ ନୂଆ ଗୁରୁଦାୟିତ୍ୱ ମିଳିଛି। ସେ ଆନ୍ତର୍ଜାତିକ ବକ୍ସିଂ ଆସୋସିଏଶନ (ଏଆଇବିଏ)ର ଏଲିଟ୍ ଫାଉଣ୍ଡେଶନ ବା ଫାଉଣ୍ଡେଶନ ବୋର୍ଡ ଫର୍ ବେଟର ବକ୍ସିଂର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏଆଇବିଏର ଗତ କାର୍ଯ୍ୟକାରୀ ବୈଠକରେ ଫାଉଣ୍ଡେଶନ ଫର ବେଟର ବକ୍ସିଂ ସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଶ୍ୱରେ ବକ୍ସିଂର ପ୍ରଚାର, ପ୍ରସାର ତଥା ବିକାଶ ପାଇଁ ଏହା ଗଠିତ ହୋଇଥିଲା। ମଙ୍ଗଳବାର ଅଜୟ୍ ଏହି ଗୁରୁତ୍ୱପୂର୍ଣ୍ଣ ପଦକୁ ନିର୍ବାଚିତ ହୋଇଥିଲେ ଓ ସେ ଆଗାମୀ ୪ ବର୍ଷ ପାଇଁ କାର୍ଯ୍ୟ କରିବେ। ନୂଆ ପଦରେ ନିଯୁକ୍ତି ପାଇଥିବାରୁ ମୁଁ ଗର୍ବିତ ଓ ବକ୍ସିଂର ଉନ୍ନତି ପାଇଁ କାର୍ଯ୍ୟ କରିବି ବୋଲି ବୋଲି ଅଜୟ୍ କହିଛନ୍ତି। ଏଆଇବିଏକୁ ଅଜୟ୍ କୃତଜ୍ଞତା ଜଣାଇଛନ୍ତି।

# ରିୟଲ ମୁକାବିଲା ପାଇଁ ଆରୋଜ୍ ପ୍ରସ୍ତୁତ

ଭୁବନେଶ୍ୱର, ୨୦।୨(କ୍ରୀଡ଼ା ପ୍ରତିନିଧି)– ଆଇ-ଲିଗ୍ ଫୁଟବଲ ପ୍ରତିଯୋଗିତାରେ ଇଣ୍ଡିଆନ ଆରୋଜ ଏହାର ଶେଷ ଘରୋଇ ମ୍ୟାଚ ଆସନ୍ତା ୨୪ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଖେଳିବ। ଏଥରର ପ୍ରତିଦ୍ୱନ୍ଦ୍ୱୀ ହେଉଛି ରିୟଲ କଶ୍ମୀର। ଚଳିତ ସିଜନରେ ରିୟଲ କଶ୍ମୀର ଚମତ୍କାର ପ୍ରଦର୍ଶନ କରି ଫର୍ମରେ ଥିବା ପରିଚୟ ଦେଇଛି। ତେବେ ଗତ କେତୋଟି ମ୍ୟାଚରେ ଉତ୍ସାହୀ ପ୍ରଦର୍ଶନ କରିଥିବାରୁ ଆରୋଜ ରିୟଲ ମୁକାବିଲା ପାଇଁ ପ୍ରସ୍ତୁତ ହେଉଛି। ସୂଚନା ଅନୁସାରେ ରିୟଲ କଶ୍ମୀର ଦଳ ୨୧ରେ ଭୁବନେଶ୍ୱରରେ ପହଞ୍ଚିବ ଏବଂ ୨୫ରେ ପ୍ରତ୍ୟାବର୍ତ୍ତନ କରିବ।

ଭାରତର ଯୁବ ଖେଳାଳିଙ୍କୁ ନେଇ ଗଠିତ ଇଣ୍ଡିଆନ ଆରୋଜ ଏପର୍ଯ୍ୟନ୍ତ ୧୮ଟି ମ୍ୟାଚ ଖେଳି ସାରିଥିବାବେଳେ ୫ଟିରେ ବିଜୟ ହାସଲ କରିଛି, ୨ଟି ମ୍ୟାଚ ଡ୍ର ରଖିଛି ଏବଂ ୧୧ଟିରେ ପରାଜିତ ହୋଇଛି। ଦଳ ୧୪ ଗୋଲ ଦେଇଥିବାବେଳେ ୨୫ ଗୋଲ ବରଣ କରିଛି। ମୋଟ ୧୭ ପଏଣ୍ଟ ସହ ଦଳ ୭ମ ସ୍ଥାନ ଅଧିକାର କରି ଆଇଜଲ ଏଫସି, ଗତଥରର ଚାମ୍ପିୟନ ମିନର୍ଭା ପଞ୍ଜାବ, ଗୋକୁଲମ୍ କେରଳ ଓ ଶିଲଂ ଲାଜଂ ଆଦି ଦଳକୁ ପଛରେ ପକାଇ ଦେବାରେ ସକ୍ଷମ ହୋଇଛି।



ଇଣ୍ଡିଆନ ଆରୋଜ୍ ଦଳର ଅଭ୍ୟାସ।

ଚେନ୍ନାଇ ସିଟି ବିପକ୍ଷ ମ୍ୟାଚକୁ ୧–୪ରେ ହାରି ଅଭିଯାନ ଆରମ୍ଭ କରିଥିବା ଆରୋଜ ଶିଲଂ ଲାଜଂ ବିପକ୍ଷ ଦ୍ୱିତୀୟ ମ୍ୟାଚରେ ୧–୦ ଗୋଲରେ ବିଜୟୀ ହୋଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ତେବେ ପରବର୍ତ୍ତୀ ମ୍ୟାଚରେ ମୋହନ ବାଗାନଠାରୁ ଦଳ ୦–୨ ଗୋଲରେ ପରାଜିତ ହୋଇଥିଲା। ଜମ୍ମୁ କଶ୍ମୀରର ଟିଆରସି ପୋଲୋ ସିନ୍ଥେଟିକ୍ ଟର୍ଫ ଗ୍ରାଉଣ୍ଡରେ ନଭେମ୍ବର ୨୫ରେ ଅନୁଷ୍ଠିତ ମ୍ୟାଚରେ ଦଳ ୦–୨ ଗୋଲରେ ପରାସ୍ତ ହୋଇଥିଲା। ଏହାପରେ ମିନର୍ଭା ପଞ୍ଜାବ ବିପକ୍ଷ ମ୍ୟାଚକୁ ୦–୧ ଓ ନେରୋକା ଏଫସିଠାରୁ ୦–୩ ଗୋଲରେ ହାରିଥିଲା। ଆଇଜଲ୍ ଏଫସି ବିପକ୍ଷ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିବାବେଳେ ଗୋକୁଲମ୍ ଏଫସିକୁ ୧–୦ ଗୋଲରେ ହରାଇ ବିଜୟ ସ୍ୱାଦ ପାଇଥିଲା। ଏହାପରେ ଦଳ ଚର୍ଚ୍ଚିଲ ବ୍ରଦର୍ସଠାରୁ ୦–୧ ଗୋଲରେ ହାରିଥିଲେ ହେଁ ଆଇଜଲ ଏଫସିକୁ ୧–୦ ଗୋଲରେ ହରାଇ ଅଭିଯାନ ଜାରି ରଖିଥିଲା। ପରେ ଇଷ୍ଟ ବେଙ୍ଗଲଠାରୁ ୧–୨ ଗୋଲରେ ହାରିଥିଲା

**ଆଇ-ଲିଗ୍ ଫୁଟବଲ**

ଏବଂ ଶିଲଂ ଲାଜଂକୁ ୩–୦ ଗୋଲରେ ପରାସ୍ତ କରିଥିଲା। ପରବର୍ତ୍ତୀ ୩ଟି ମ୍ୟାଚରେ ଆରୋଜ ଇଷ୍ଟବେଙ୍ଗଲଠାରୁ ୦–୧, ଚର୍ଚ୍ଚିଲ ବ୍ରଦର୍ସଠାରୁ ୧–୨ ଓ ନେରୋକା ଏଫସିଠାରୁ ୨–୩ ଗୋଲରେ ହାରି ଯାଇଥିଲା। ଚାମ୍ପିୟନ ମିନର୍ଭା ପଞ୍ଜାବକୁ କଡ଼ା ଟକ୍କର ଦେଇ ଘରୋଇ ପରିବେଶରେ ୨–୧ ଗୋଲରେ ହରାଇ ଦଳ ପଏଣ୍ଟ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଥିଲା। ଏହାପରେ ଚେନ୍ନାଇ ସିଟିଠାରୁ ୦–୧ ଗୋଲରେ ହାରିଥିବାବେଳେ ଗୋକୁଲମ୍ କେରଳ ସହ ମ୍ୟାଚକୁ ୧–୧ ଗୋଲରେ ଡ୍ର ରଖି ଆଗାମୀ ରିୟଲ କଶ୍ମୀର ମୁକାବିଲା ପାଇଁ ପ୍ରସ୍ତୁତ ହେଉଛି।

ଚେନ୍ନାଇ ସିଟି ୧୭ ମ୍ୟାଚରୁ ୧୧ ବିଜୟ ସହ ୩୭ ପଏଣ୍ଟ ସହିତ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଇଷ୍ଟବେଙ୍ଗଲ ଓ ରିୟଲ କଶ୍ମୀର ୧୬ ମ୍ୟାଚରୁ ୩୨ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ଗୋଲ ବ୍ୟବଧାନରେ ଇଷ୍ଟବେଙ୍ଗଲ ଦ୍ୱିତୀୟ ଓ ରିୟଲ କଶ୍ମୀର ୩ୟ ସ୍ଥାନରେ ରହିଛି। ୩୧ ପଏଣ୍ଟ ସହ ଚର୍ଚ୍ଚିଲ ବ୍ରଦର୍ସ ୪ର୍ଥ ସ୍ଥାନ ଅଧିକାର କରିଛି।

## ଆଜିଠୁ ମହିଳା ଟି୨୦ ବିଶ୍ୱକପ୍ ଟିକେଟ୍ ବିକ୍ରି

ଦୁବାଇ,୨୦।୨(ପିଟି)

ଆଗାମୀ ବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍ ପାଇଁ ଗୁରୁବାରଠାରୁ ଟିକେଟ୍ ବିକ୍ରି ଆରମ୍ଭ ହେବ। ଏକ ବର୍ଷ ପୂର୍ବରୁ ମହିଳା ବିଶ୍ୱକପ୍ ଟିକେଟ ବିକ୍ରି ହେବା ପ୍ରଥମ ଘଟଣା। ପ୍ରଶଂସକମାନେ ଫାଇନାଲ, ସେମିଫାଇନାଲ ସମେତ ୨୩ ମ୍ୟାଚ୍‌ର ଟିକେଟ୍ କିଣିପାରିବେ। ମହିଳା ଟି୨୦ ବିଶ୍ୱକପ୍‌ର ୭ମ ସଂସ୍କରଣ ଅଷ୍ଟ୍ରେଲିଆରେ ଫେବୃୟାରୀ ୨୧ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଇଭେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଘରୋଇ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଖେଳାଯିବ। ବିଶ୍ୱକପ୍ ପୂର୍ବରୁ ଫେବୃୟାରୀ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ୱାର୍ମଅପ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ୱାର୍ମଅପ୍ ମ୍ୟାଚ୍ ଟିକେଟର ମୂଲ୍ୟ ୧୦ ଆମେରିକୀୟ ଡଲାର ଧାର୍ଯ୍ୟ କରାଯାଇଛି। ଏହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୭୧୧ ଟଙ୍କା। ଏହି ମ୍ୟାଚ୍‌କୁ କୁନି ପ୍ରଶଂସକମାନେ ମାଗଣା ଦେଖିପାରିବେ। ଏହାବାଦ୍ ଟୁର୍ନାମେଣ୍ଟର ଫାଇନାଲ ସମେତ ଲିଗ୍ ମ୍ୟାଚ୍‌ଗୁଡ଼ିକର ଟିକେଟ ମୂଲ୍ୟ ୨୦ ଡଲାର ଧାର୍ଯ୍ୟ କରାଯାଇଛି। ଏ ନେଇ ଆଇସିସି କାର୍ଯ୍ୟକାରୀ ମୁଖ୍ୟ ଡେଭିଡ ରିଚାର୍ଡସନ ସୂଚନା ଦେଇଛନ୍ତି।

### ■ ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପ୍ରଭାବ

## ଇଣ୍ଡୋ–ପାକ୍ ବିଶ୍ୱକପ୍ ମ୍ୟାଚ୍ ନେଇ ଆଶଙ୍କା

ନୂଆଦିଲ୍ଲୀ,୨୦।୨

କଶ୍ମୀରର ପୁଲଓ୍ୱାମାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣ ପରେ ଏବେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଆଗାମୀ ଦିନିକିଆ ବିଶ୍ୱକପ୍ ମ୍ୟାଚ୍ ନେଇ ଆଶଙ୍କା ପ୍ରକାଶ ପାଇଛି। ଇଂଲଣ୍ଡରେ ଆୟୋଜନ ହେବାକୁ ଥିବା ଏହି ବିଶ୍ୱକପ୍‌ରେ ଭାରତ ଓ ପାକସ୍ତାନ ଜୁନ୍ ୧୬ ତାରିଖରେ ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ତେବେ ପାକିସ୍ତାନ ବିପକ୍ଷରେ ଭାରତ ମ୍ୟାଚ ନ ଖେଳିବା ଉଚିତ ବୋଲି କେତେକ ମତ ଦେଇଛନ୍ତି। ପୂର୍ବତନ ସ୍ପିନର ହରଭଜନ ସିଂ ଏ ନେଇ ତାଙ୍କ ମତ ରଖି ସାରିଛନ୍ତି। ଭାରତ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବା ଉଚିତ୍ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ସହିତ ନ ଖେଳିଲେ ମଧ୍ୟ ଭାରତ ବିଶ୍ୱକପ୍ ଜିତିବାକୁ ସକ୍ଷମ ବୋଲି ସେ କହିଛନ୍ତି। ତେବେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବା ପାଇଁ ଟିକେ ସମୟ ଲାଗିବ ବୋଲି କୁହାଯାଇଛି।

ଉପମହାଦେଶର ଏହି ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ନେଇ ପୁନର୍ବିଚାର କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏ ନେଇ ଆନୁଷ୍ଠାନିକ ଭାବେ କୌଣସି ଅନୁରୋଧ କରିନାହିଁ। ଦୁବାଇରେ ଆସନ୍ତା ସପ୍ତାହରେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି)ର କୋଟେଟି ବୈଠକ ବସିବ। ଏକ ସପ୍ତାହ ଧରି ଏହି ବୈଠକ ଚାଲିବ। ଏହି ଘଟଣା ଆଇସିସି ଫୋରମରେ ଆଲୋଚନା କରାଯିବ ବୋଲି ଆଶା କରାଯାଉଛି। କିନ୍ତୁ ଏ ସଂକ୍ରାନ୍ତରେ ବିସିସିଆଇର ଆଭିମୁଖ୍ୟ କ'ଣ ଏପର୍ଯ୍ୟନ୍ତ ଜଣା ପଡିନାହିଁ।

ଏହି ଆତଙ୍କବାଦୀ ଘଟଣାରେ ମୃତ୍ୟୁବରଣ କରିଥିବା ଭାରତୀୟ ସୈନିକ ଓ ସେମାନଙ୍କ ପରିବାର ପ୍ରତି ଆମର ସମବେଦନା ରହିଛି। ଏହି ଘଟଣା ଉପରେ ଆମେ ନଜର ରଖିଛୁ। ତେବେ ଯୋଜନା ଓ କାର୍ଯ୍ୟକ୍ରମ ଅନୁସାରେ ବିଶ୍ୱକପ୍‌ର କୌଣସି ମ୍ୟାଚ୍ ବାତିଲ ହେବା ଭଳି ଲାଗୁନାହିଁ। କ୍ରୀଡ଼ା, ବିଶେଷ କରି କ୍ରିକେଟ ସମସ୍ତଙ୍କୁ ଏକାଠି କରିବାର ଅଦ୍ଭୁତ କ୍ଷମତା ରଖିଥାଏ। ତେଣୁ ପୁଣି ଥରେ ସବୁ ସଦସ୍ୟ ଏକାଠି ହୋଇ କାର୍ଯ୍ୟ କରିବେ ବୋଲି ଆଇସିସି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡେଭ ରିଚାର୍ଡସନ କହିଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମଧ୍ୟ ବିସିସିଆଇର ଆଭିମୁଖ୍ୟକୁ ଆଇସିସି ବୈଠକ ଉପସ୍ଥାପନା କରିବ ବୋଲି ସ୍ପଷ୍ଟ କରିଛି। ପୁଲଓ୍ୱାମା ଘଟଣା ପରେ କେତେକ ଭାରତୀୟ ଷ୍ଟେକହୋଲ୍ଡର ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍)ରୁ ଓହରିଯାଇଛନ୍ତି। ତେଣୁ ଆଇସିସି ବୈଠକରେ ପିସିବି ଏ ନେଇ ପ୍ରସଙ୍ଗ ଉପସ୍ଥାପନା କରିବ ବୋଲି କହିଛି। ଅପରପକ୍ଷରେ ଆଗକୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। କେତେକ ପୂର୍ବତନ ଭାରତୀୟ ଖେଳାଳି ଓ ବୋର୍ଡର କେତେକ ପ୍ରଶାସକ ପାକିସ୍ତାନ ବିପକ୍ଷରୁ ଓହରିଯିବାକୁ ମତ ଦେଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ଅନ୍ତିମ ତଥା ପଞ୍ଚମ ଦିନିକିଆ ମ୍ୟାଚ୍ ଅବସରରେ ଦିଲ୍ଲୀରେ ବିସିସିଆଇର ବୈଠକ ବସିବ ଓ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି। ଏହି ବୈଠକରେ ମଧ୍ୟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବାକୁ ଥିବା ଭାରତୀୟ କ୍ରିକେଟରଙ୍କ ବ୍ୟସ୍ତ ବହୁଳତା ତଥା କାର୍ଯ୍ୟଭାର ନେଇ ଆଲୋଚନା କରାଯିବ ବୋଲି ଆଶା କରାଯାଉଛି।

## ଜାତୀୟ ସିନିୟର ଥ୍ରୋ ବଲ୍‌ରେ ଭାଗନେବ ଓଡ଼ିଶା



ଜାତୀୟ ସିନିୟର ଥ୍ରୋବଲ୍‌ରେ ଭାଗନେବାକୁ ଥିବା ଓଡ଼ିଶା ଦଳର ଖେଳାଳିମାନେ।

ଭୁବନେଶ୍ୱର, ୨୦।୨(କ୍ରୀଡ଼ା ପ୍ରତିନିଧି)

ହରିୟାଣାର ରୋହତକ୍‌ଠାରେ ଚଳିତମାସ ୨୩ରୁ ମାର୍ଚ୍ଚ ୧୪ ପର୍ଯ୍ୟନ୍ତ ଜାତୀୟ ସିନିୟର ଥ୍ରୋବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ମହିଳା ଓ ପୁରୁଷ ଦଳ ଘୋଷଣା କରାଯାଇଛି। ପ୍ରତି ଦଳରେ ୧୪ ଜଣ ଲେଖାଏ ଖେଳାଳି ଏବଂ ୨ ଜଣେ ଲେଖାଏ କୋଚ୍ ଓ ମ୍ୟାନେଜର ରହିଛନ୍ତି। ତେଣୁ ଏକ ୩୨ ଜଣିଆ ଓଡ଼ିଶା ଦଳ ସହ ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ ସମ୍ପାଦକ ଜୀତେନ୍ଦ୍ରନାଥ ଦାସ ବୁଧବାର ରୋହତକ ଅଭିମୁଖେ ଯାତ୍ରା କରିଛନ୍ତି ବୋଲି ସହ ସମ୍ପାଦକ ଯଶୋବନ୍ତ ପରମଗୁରୁଙ୍କ ସୂତ୍ରରୁ ପ୍ରକାଶ। ଆସୋସିଏଶନ ସଭାପତି ଭୁପିନ୍ଦର ସିଂ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। **ମହିଳା ଦଳ:** ନିବେଦିତା ପ୍ରଧାନ, ନିର୍ଲିପ୍ତା ବାରିକ, ଦୀପ୍ତିମୟୀ ସାହୁ, ଏ.ରାଜେଶ୍ୱରୀ, ଏ.ବୁଜି, ଶୁଭସ୍ମିତା ଜେନା, ଅଞ୍ଜଳି ଏକ୍କା, ମମତା ସିଂ, ଅସୀମା ବେହେରା, ଶୁଭସ୍ମିତା ସାହୁ, ମଧୁସ୍ମିତା ସାହୁ, ଭାଗ୍ୟଶ୍ରୀ ଦଣ୍ଡସେନା, ଅହଲ୍ୟା ସିଂ, ଶୁଭଦ୍ରା ମହାନ୍ତି। କୋଚ୍: ସତୀକାନ୍ତ ପଟ୍ଟନାୟକ, ମ୍ୟାନେଜର: ନିବେଦିତା ନାୟକ। ପୁରୁଷ ଦଳ: ଶୁଭମ୍ ନାୟକ, ଉମେଶ କୁମାର ବଳିୟାର ସିଂ, ସନ୍ତୋଷ କୁମାର ମହାପାତ୍ର, ଆର.ବୁଲୁ ରେଡ୍ଡୀ, ସତ୍ୟଜିତ ଚମ୍ପତି, ପ୍ରତ୍ୟୁଷ କୁମାର ପ୍ରଧାନ, ରତିକାନ୍ତ ପଟ୍ଟନାୟକ, ରାଜା ସିଂ, ଆଶୁତୋଷ ନାୟକ, ସୁଶୀଲ କୁମାର ବେହେରା, କ୍ଷୀରୋଦ କୁମାର ହାତୀ, ସୁବାସ ଜେନା, ଶୁଭକାନ୍ତ ଭୋଇ, ସଂଗ୍ରାମ କେଶରୀ ହରିଚନ୍ଦନ। କୋଚ୍: ରାଜେଶ କୁମାର ପ୍ରଧାନ, ମ୍ୟାନେଜର: ଦେବାଶିଷ ସ୍ୱାଇଁ।

## ମାଡ୍ରିଡ୍ ଓପନ୍ ଖେଳିବେ ଫେଡରର

ମାଡ୍ରିଡ୍,୨୦।୨(ଏ.ଏଫ.ପି)

ଅଭିଜ୍ଞ ସୁଇଜରଲାଣ୍ଡ ଟେନିସ୍ ତାରକା ରୋଜର ଫେଡେରର ଆଗାମୀ ମାଡ୍ରିଡ ଓପନ୍ ଟେନିସ ଟୁର୍ନାମେଣ୍ଟ ଖେଳିବେ। ଫଳରେ ୨୦୧୫ ପରେ ସେ ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। କ୍ଲେ- କୋର୍ଟରେ ଖେଳାଯାଉଥିବା ଏହି ଇଭେଣ୍ଟରେ ୩୭ ବର୍ଷୀୟ ଫେଡରର ଗତ ଦୁଇ ବର୍ଷ ହେବ ନ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଫେଡେରର ମଧ୍ୟ ଚଳିତ ବର୍ଷ ଫ୍ରେଞ୍ଚ୍ ଓପନ୍ ଖେଳିବେ ବୋଲି ଗତ ଜାନୁୟାରୀରେ ସୂଚନା ଦେଇଥିଲେ। ପୂର୍ବରୁ ସେ ୩ଥର ମାଡ୍ରିଡ୍ ଓପନ୍ ଟାଇଟଲ ହାସଲ କରିଥିଲେ। ସେ ୨୦୦୬, ୨୦୦୯ ଓ ୨୦୧୨ରେ ମାଡ୍ରିଡ ଓପନ୍ ଟାଇଟଲ ହାସଲ କରିଥିଲେ। ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଫେଡରର ଗତ ଅଷ୍ଟ୍ରେଲିଆନ୍ ଓପନରେ ଚତୁର୍ଥ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ସେ ଥରେ ଫ୍ରେଞ୍ଚ୍ ଓପନ୍ ଟାଇଟଲ ହାସଲ କରିଥିଲେ ଓ ୨୦୧୨ ପରେ ଏହି ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ପାର କରିପାରିନାହାନ୍ତି।




କଟକର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର କୁସ୍ତିରେ ଚାମ୍ପିୟନ ହରିୟାଣା ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ବକ୍ସର ଅମିତ ପାଙ୍ଘାଲ

ନୂଆଦିଲ୍ଲୀ,୨୦।୨(ପିଟି)

ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ମୋତେ ଅଧିକ କଷ୍ଟ ଦେଇଛି। କାରଣ ମୁଁ ସେମାନଙ୍କ ମଧ୍ୟରୁ ଜଣେ ବୋଲି ଭାରତୀୟ ବକ୍ସର ଅମିତ ପାଙ୍ଘାଲ କହିଛନ୍ତି। ସମ୍ମାନଜନକ ବକ୍ସିଂ ଇଭେଣ୍ଟ ଷ୍ଟ୍ରାଣ୍ଡଜା ମେମୋରିଆଲ ଟୁର୍ନାମେଣ୍ଟରେ ଜିତିଥିବା ସ୍ୱର୍ଣ୍ଣ ପଦକଙ୍କୁ ବକ୍ସର ଶହୀଦ ଯବାନଙ୍କ ପାଇଁ ଉତ୍ସର୍ଗ କରିଛନ୍ତି। ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକଧାରୀ ଅମିତ କ୍ରମାଗତ ଦ୍ୱିତୀୟ ଥର ପାଇଁ ୟୁରୋପର ସର୍ବପୁରାତନ ବକ୍ସିଂ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେ ମଙ୍ଗଳବାର କାଜାଖସ୍ତାନର ଟେମିର୍ଟାସ ଝୁସୁପୋଭଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଭାରତୀୟ ସେନାରେ ନାଏବ ସୁବେଦାର ପଦରେ ଥିବା ୨୩ ବର୍ଷୀୟ ବକ୍ସର କହିଛନ୍ତି, ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ବେଳେ ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ସମ୍ପର୍କରେ ମୁଁ ଚିନ୍ତା କରୁଥିଲି। ମୁଁ ନିଜେ ଆର୍ମିରେ କାର୍ଯ୍ୟରତ। ଏଥିଯୋଗୁ ଅଧିକ ଦୁଃଖିତ। ମୋ ପରିବାରବର୍ଗ ପୁଲଓ୍ୱାମା ଘଟଣା ସମ୍ପର୍କରେ ସୂଚନା ଦେବା ସହ ଯବାନଙ୍କ ସମ୍ମାନ ପାଇଁ ସ୍ୱର୍ଣ୍ଣପଦକ ଜିତିବାକୁ ପଡ଼ିବ ବୋଲି କହିଥିଲେ। ଏହା ମୋ ଉତ୍ସାହକୁ ଦ୍ୱିଗୁଣିତ କରିଥିଲା। ଏହାବାଦ୍ ୪୯ କିଗ୍ରା ବର୍ଗରେ ଏହା ମୋ ପାଇଁ ଅନ୍ତିମ ଟୁର୍ନାମେଣ୍ଟ ଥିଲା। କାରଣ ଏହି ଓଜନ ବର୍ଗକୁ ଅଲିମ୍ପିକ୍ସରେ ସ୍ଥାନ ମିଳିନାହିଁ। ଏଥିଯୋଗୁ ମୋତେ ବାଧ ହୋଇ ୫୨ କିଗ୍ରା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିବ। ଭାରତ ଉକ୍ତ ଟୁର୍ନାମେଣ୍ଟରେ ମୋଟ ୭ ପଦକ ଜିତିଥିଲା। ତାଲିକାରେ ୩ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ରହିଛି। ମହିଳାଙ୍କ ମଧ୍ୟରେ ନିଖତ ଜାରିନ (୫୧ କିଗ୍ରା) ମଧ୍ୟ ସ୍ୱର୍ଣ୍ଣ ପଦକକୁ ଶହୀଦ ଯବାନଙ୍କ ପାଇଁ ଉତ୍ସର୍ଗ କରିଛନ୍ତି।

### ■ ଗୁରୁକୁଳ ୫୦କେ ଟେନିସ୍

## ସିଙ୍ଗଲ୍ସ, ଡବଲ୍ସ ସେମିରେ ଅଂଶୁ

ଭୁବନେଶ୍ୱର, ୨୦।୨(କ୍ରୀଡ଼ା ପ୍ରତିନିଧି)

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଏଆଇଟିଏ–ଓଟିଏ ପୁରୁଷ ୫୦କେ ଟେନିସ ଟୁର୍ନାମେଣ୍ଟର ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲରେ ଓଡ଼ିଶାର ଅଂଶୁକୁମାର ଭୂୟାଁ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ ଅଂଶୁ ୬ଷ୍ଠ ସିଡ୍ ଆନ୍ଧ୍ର ପ୍ରଦେଶର ଉମର ଶେଖ୍‌ଙ୍କୁ ୬–୪, ୬–୧ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ତଥା ୭ମ ସିଡ୍ ଅମୃତଜୟ ମହାନ୍ତି ୪ର୍ଥ ସିଡ୍ ପଶ୍ଚିମବଙ୍ଗର ଅର୍ଘ୍ୟ ଦାସଙ୍କୁ ୬–୨, ୪–୬, ୬–୨ ସେଟ୍‌ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ଦ୍ୱିତୀୟ ସିଡ୍ ଓଡ଼ିଶାର ଚିନ୍ମୟ ପ୍ରଧାନ କିନ୍ତୁ ୫ମ ସିଡ୍ ଆସାମର ଶେଖ୍ ମହମ୍ମଦ ଇଫ୍‌ତିକାର୍‌ଙ୍କଠାରୁ ୩–୬, ୬–୧, ୩–୬ ସେଟ୍‌ରେ ହାରି ବିଦାୟ ନେଇଛନ୍ତି। ୩ୟ ସିଡ୍ ପଶ୍ଚିମବଙ୍ଗର ରୋହିତ ରାମପୁରିଆ ଅଣସିଡେଡ କର୍ନାଟକର ରିଭାଭ ରବିକିରଣଙ୍କୁ ୬–୩, ୬–୨ ସେଟ୍‌ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଡବଲ୍ସରେ ଓଡ଼ିଆ ଖେଳାଳି ପ୍ରତ୍ୟୁଷ ମହାନ୍ତିଙ୍କୁ ସାଥିକରି ଖେଳୁଥିବା ଅଂଶୁ କ୍ୱାର୍ଟର ଫାଇନାଲରେ ଅନ୍ୟତମ ଓଡ଼ିଆ ଯୋଡ଼ି ଚିନ୍ମୟ ପ୍ରଧାନ ଓ ଆଦିତ୍ୟ ଶତପଥୀ ଯୋଡ଼ିଙ୍କୁ ୭–୬(୫), ୬–୪ ସେଟ୍‌ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ଓଡ଼ିଶାର ସତୀର୍ଥ ପଟ୍ଟନାୟକ–ଆଶୁତୋଷ ଦାସ ଯୋଡ଼ି ମଧ୍ୟ ଆନ୍ଧ୍ର ପ୍ରଦେଶର ବୁରା ରାନସାଇ ଓ ଭେଙ୍କଟସ୍ୱାମୀ ଏନ.ଗନ୍ଧାମ ଯୋଡ଼ିଙ୍କୁ ୬–୧, ୬–୩ ସେଟ୍‌ରେ ହରାଇ ସେମିରେ ପ୍ରବେଶ କରିଛନ୍ତି। ଆନ୍ଧ୍ର ପ୍ରଦେଶର ଉମର ଶେଖ୍ ଓ ଆସାମର ଶେଖ୍ ମହମ୍ମଦ ଇଫ୍‌ତିକାର୍ ଏବଂ କର୍ନାଟକର ଏମ.ଏସ. କ୍ରିଥିକ ଓ ପଶ୍ଚିମବଙ୍ଗର ରୋହିତ ରାମପୁରିଆ ଯୋଡ଼ି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

**ସଂକ୍ଷେପରେ**

୧୮ ତମ ରାଜ୍ୟସ୍ତରୀୟ ମା' ତାରିଣୀ ଫୁଟବଲ ଟୁର୍ନାମେଣ୍ଟ

## ଭଦ୍ରକ ଚାମ୍ପିୟନ

**କୋରେଇ,୨୦।୨(ସ୍ୱ.ପ୍ର):** ପାଣିକୋଇଲିସ୍ଥିତ ମା' ତାରିଣୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ୧୮ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ୟୁନାଇଟେଡ ଭଦ୍ରକ ବନାମ ଧର୍ମଶାଳା ମଧ୍ୟରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଭଦ୍ରକ ୩-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଏହି ଅବସରରେ ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମାଜସେବୀ ଅଶୋକ ବଳ, ଇଫ୍‌କୋର ମାର୍କେଟିଂ ମ୍ୟାନେଜର କିଶୋର ଜେନା, ସୌମ୍ୟରଞ୍ଜନ ହାତୀ, ଗୋପ ପ୍ରସାଦ ପାଢ଼ୀ ଅତିଥିଭାବେ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଖେଳକୁ ଜିତେନ୍ଦ୍ର ବାରିକ ପରିଚାଳନା କରିଥିବାବେଳେ ଉତ୍ତମ କୁମାର ବାରିକ, ମାନସ ବିଶ୍ୱାଳ ଲାଇନ୍ସ ମ୍ୟାନଭାବେ ସହଯୋଗ କରିଥିଲେ। କ୍ଲବର ଉପଦେଷ୍ଟା ରଘୁନାଥ ମାଝୀ, ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ଅବଦୁଲ ସୟଦ ଖାଁ, ବିପିନ ବିହାରୀ ଦାସ, ଟିକନ ଦାସ, ବାରିଜ ନୟନ ଦାସ, ସୌଭାଗ୍ୟ ସାହୁ, ମଣ୍ଟୁ ମହାପାତ୍ର, ରବୀନ ଘଡାଇ, ମାନସ ରାୟ, ଅରୁଣ ଧଳଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

■ ସୁନା ନଦୀରେ ବେଆଇନ ବନ୍ଧ ନିର୍ମାଣ

# ଚାପରେ ଭାଙ୍ଗିଲା ଟାଟା କମ୍ପାନୀ

**ଯୋଡ଼ା, ୨୦।୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଭୂୟାଁ ରୋଇଡ଼ା ପଞ୍ଚାୟତର ଖଣ୍ଡବନ୍ଧ ନିକଟରେ ଥିବା ଚୋର ମାଲଦା ୧୦ନଂ ଖଣି ସଂରକ୍ଷଣ ସୁନା ନଦୀ ଉପରେ ପଲ୍ଲିସଭା ନ କରି ଟାଟା କମ୍ପାନୀ ଏକ ବନ୍ଧ ନିର୍ମାଣ କରିଥିଲା। ଏ ନେଇ ଧରିତ୍ରୀରେ ଗତ ୦୬।୦୫।୨୦୧୮ରେ 'ପଲ୍ଲିସଭା ନ ହୋଇ ସୁନା ନଦୀରେ ବନ୍ଧ ତିଆରି' ଏବଂ ୦୫।୦୬।୨୦୧୮ରେ 'ସୁନା ନଦୀରେ ବନ୍ଧ ନିର୍ମାଣକୁ ବିରୋଧ' ଶୀର୍ଷକ ଖବର ପ୍ରକାଶିତ ହେବା ପରେ ରାଜ୍ୟ ମହାନଦୀ ବଞ୍ଚାଓ ଆନ୍ଦୋଳନ ମଞ୍ଚ, ଆଗାମୀ ଓଡ଼ିଶା ଓ ବଡବିଲ୍ ସିଭିଲ ସୋସାଇଟି ପକ୍ଷରୁ ଏହାକୁ ଦୃଢ ବିରୋଧ କରାଯାଇଥିଲା। ଯୋଡ଼ା ବ୍ଲକ ଓ ସହରର ଜୀବନରେଖା କୁହାଯାଉଥିବା ସୁନା ନଦୀରେ ଇନ୍‌ଟାକ୍ ୱେଲ୍ ବନ୍ଧ ନିର୍ମାଣ କରି ଏହାର ଜଳକୁ ନିଜ ଖଣି ଓ ଶିଳ୍ପ କାର୍ଯ୍ୟରେ ଲଗାଇବାକୁ ଟାଟା କମ୍ପାନୀ ଉଦ୍ଦେଶ୍ୟ ରଖିଥିଲା। ମାତ୍ର ବନ୍ଧ ନିର୍ମାଣ ହେଲେ ଚିରସ୍ରୋତା ସୁନା ନଦୀରେ ଜଳସ୍ରୋତ ହ୍ରାସ ହେବା ସହିତ ସ୍ଥାନୀୟ ଭୂୟାଁ ରୋଇଡା-କୁନ୍ଦୁରୁପାଣି, କେଥ ହଟିଂ, ମାଙ୍କଡ ହଟିଂ, ବାରୁ ହଟିଂ ସମେତ ଯୋଡ଼ା ପୌରପାଳିକାର ୧୪ ନଂ ୱାର୍ଡ ବିଟାକୁଣ୍ଡିର



ଯୋଡ଼ା ସୁନା ନଦୀରେ କମ୍ପାନୀ ବନ୍ଧ ଭଙ୍ଗାଯାଇଛି।

ଲୋକେ ଜଳ ସଙ୍କଟର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ ସମ୍ପୃକ୍ତ ଗ୍ରାମବାସୀ ଏହାକୁ ବିରୋଧ କରି ଟାଟା କମ୍ପାନୀର ପ୍ରୋଜେକ୍ଟକାର୍ଯ୍ୟକୁ ଭଙ୍ଗାରୁଜା ଓ ଜଳାପୋଡ଼ା କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ଆନ୍ଦୋଳନ ଏବଂ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଟାଟା କମ୍ପାନୀ ପକ୍ଷରୁ ନିର୍ମାଣାଧୀନ ସୁନା ନଦୀର ବନ୍ଧ ପ୍ରୋଜେକ୍ଟକୁ ବନ୍ଦ କରାଯାଇଥିଲା। ଆଉ ଏବେ ଉକ୍ତ ନିର୍ମାଣାଧୀନ ବନ୍ଧକୁ ବଡ଼ ମେଶିନ୍ ଓ ଯନ୍ତ୍ର ସାହାଯ୍ୟରେ ଭଙ୍ଗା ଯାଉଥିବା ବୁଧବାର ଦେଖିବାକୁ ମିଳିଛି। ଏନେଇ ଟାଟାଷ୍ଟିଲ କମ୍ପାନୀର କର୍ପୋରେଟ୍ କମ୍ୟୁନିକେଶନ ଅଧିକାରୀ ସୁନୀଲ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବନ୍ଧ ନିର୍ମାଣରେ ହୋଇଥିବା ଇଞ୍ଜିନିୟରିଂରେ ରେକ୍ଟିଫାଏ କରି ଆଉ ଏକ ଟ୍ୟାଙ୍କ ନିର୍ମାଣ କରାଯାଉଛି। ସେହିପରି ଯୋଡ଼ା ଟାଟା ଷ୍ଟିଲର ମୁଖ୍ୟ ପ୍ରକଳ୍ପ ଅଧିକାରୀ ମୁକେଶ ରଞ୍ଜନଙ୍କୁ ପଚାରିବାରୁ ବନ୍ଧର ଡିଜାଇନକୁ ପରିବର୍ତ୍ତନ କରାଯାଉଛି ବୋଲି କହିଛନ୍ତି।

ପ୍ରକାଶ ଯେ, ସୁନା ନଦୀରେ ଏହି ବନ୍ଧ ନିର୍ମାଣ ହେଲେ ତଳ ମୁଣ୍ଡରେ ବସବାସ କରୁଥିବା ଭୂୟାଁରୋଇଡ଼ା, କଣ୍ଡରା ଓ ବିରିକଳା ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ପ୍ରଭାବିତ ହେବା ସହିତ ଓଡ଼ିଶାର ଦ୍ୱିତୀୟ ସର୍ବବୃହତ ନଦୀବନ୍ଧ ଯୋଜନା ବୈତରଣୀ ନଦୀ ଉପରେ ନିର୍ମାଣାଧୀନ କାନପୁର ଡ୍ୟାମ ଏହା ଦ୍ୱାରା ପ୍ରଭାବିତ ହେବ। ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗ ହେଲା ଯେ, କମ୍ପାନୀ ବିନା ପଲ୍ଲୀସଭା ଏବଂ ବିନା ସରକାରୀ ଅନୁମୋଦନରେ ଟାଟା କମ୍ପାନୀ ଏହି ବନ୍ଧ ନିର୍ମାଣ କରିଛି। ଏହାକୁ ବିରୋଧ କରିବାରୁ କମ୍ପାନୀ ପକ୍ଷରୁ ଗ୍ରାମବାସୀଙ୍କ ନାମରେ ଥାନାରେ ମାମଲା ରୁଜୁ କରାଯିବା ସହିତ ଟାଟା କମ୍ପାନୀରେ କାର୍ଯ୍ୟ କରୁଥିବା ଗ୍ରାମର କିଛି କର୍ମଚାରୀଙ୍କୁ ଚାକିରିରୁ ମଧ୍ୟ ବହିଷ୍କାର କରାଯାଇଥିଲା। ରାଜ୍ୟ ମହାନଦୀ ଆନ୍ଦୋଳନ ବଞ୍ଚାଓ ମଞ୍ଚ, ଆଗାମୀ ଓଡ଼ିଶା ଓ ବଡ଼ବିଲ୍ ସିଭିଲ ସୋସାଇଟି ପକ୍ଷରୁ ଏହାକୁ ବିରୋଧ କରି ଭୁବନେଶ୍ୱରସ୍ଥିତ ଟାଟା କମ୍ପାନୀର କାର୍ଯ୍ୟାଳୟଠାରେ ଦାବିପତ୍ର ଦିଆଯାଇଥିଲା। ଏସମ୍ପର୍କରେ ମହାନଦୀ ବଞ୍ଚାଓ ମଞ୍ଚର ଆବାହକ ସୁଦର୍ଶନ ଦାସଙ୍କୁ ପଚାରିବାରୁ ଯେହେତୁ ସୁନା ନଦୀ ଯୋଡ଼ା ଅଞ୍ଚଳର ଜୀବନ ରେଖା, ମଣିଷ ସମେତ ଜୀବଜନ୍ତୁ, ଗଛଲତା ସମସ୍ତଙ୍କର ଜୀବନର ଆଧାର ତେଣୁ ସୁନା ନଦୀକୁ ବହିବାକୁ ଦିଆଯାଉ। ନଦୀରୁ ଜଳ ହ୍ରାସ ପାଇଲେ ଭୟଙ୍କର ଜୈବ ବିବିଧତା ଦେଖାଯିବା ସହିତ ସମ୍ପୂର୍ଣ୍ଣ ଯୋଡ଼ା ବ୍ଲକ ଜଳକ୍ଲିଷ୍ଟ ହୋଇପଡିବ ଏବଂ ଶୁଷ୍କ ମରୁଭୂମି ସଦୃଶ ହୋଇଯିବ। ତେଣୁ ଏହି ବନ୍ଧକୁ ଆଗାମୀ ଦିନରେ ବିରୋଧ କରାଯିବ ଓ ପ୍ରତିବାଦର ସ୍ୱର ଉଠିବ ବୋଲି ସେ କହିଛନ୍ତି।

■ ଓଏପିଏଫଙ୍କୁ ଥାନାଧିକାରୀଙ୍କ ଦୁର୍ବ୍ୟବହାର ଘଟଣା

# ଅଭିଯୁକ୍ତଙ୍କୁ ଗିରଫ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କୋରେଇ,୨୦।୨(ସ୍ୱ.ପ୍ର.)**

ପାଣିକୋଇଲି ଟୋଲ୍‌ଗେଟ ନିକଟରେ କାର୍ଯ୍ୟରତ ଦଳିତ ଶ୍ରେଣୀର ଓଏପିଏଫ(ଓଡିଶା ଅକ୍ଜୁଲାରୀ ପୋଲିସ ଫୋର୍ସ) ରବୀନ୍ଦ୍ର ପୂର୍ତ୍ତିଙ୍କୁ ଯାଜପୁରରୋଡ ଥାନାଧିକାରୀଙ୍କ ଦୁର୍ବ୍ୟବହାର ଓ ଜାତିଆଣ ଆକ୍ଷେପ ମାମଲାକୁ ନେଇ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏହି ମର୍ମରେ ଗତ ୧୯।୨।୨୦୧୯ରେ ସିଆର୍‌ଏଲ୍‌ଏମ୍‌ପି ୯୦/୨୦୧୯ ନମ୍ବର ମାମଲାର ଶୁଣାଣି ହୋଇଛି। ଏହି ଘଟଣାକୁ ନେଇ ପାଣିକୋଇଲି ଥାନାରେ ଯଦି ମାମଲା ରୁଜୁ ହୋଇଛି ତେବେ ତୁରନ୍ତ ଅଭିଯୁକ୍ତ ଯାଜପୁରରୋଡ ଥାନାଧିକାରୀ ଅମିତାଭ ମହାପାତ୍ରଙ୍କୁ ଗିରଫ କର, ଆଉ ଯଦି ମାମଲା ରୁଜୁ ହୋଇନାହିଁ ତେବେ କୋର୍ଟଙ୍କ ନିର୍ଦ୍ଦେଶ ପାଇବାର ୧୫ ଦିନ ମଧ୍ୟରେ ଅଭିଯୋଗକାରୀଙ୍କ ଆବେଦନ ପଞ୍ଜିକରଣ କରି ମାମଲା ରୁଜୁ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପରେ ଥାନାଧିକାରୀ ମହାପାତ୍ର ହରଡ଼ଘଣାରେ ପଡିଛନ୍ତି। ସୂଚନାଯୋଗ୍ୟ ଯେ, ଅକ୍ଟୋବର ୨୪ତାରିଖ ସନ୍ଧ୍ୟା ୭ଟା ସମୟରେ ପାଣିକୋଇଲି ଥାନା ପକ୍ଷରୁ ଓଏପିଏଫ ରବୀନ୍ଦ୍ର ପୂର୍ତ୍ତିଙ୍କୁ ପାଣିକୋଇଲି ଟୋଲ୍ ଗେଟରେ ନିୟୋଜିତ କରାଯାଇଥିଲା। ସେଠାରେ ଆମ୍ବୁଲାନ୍ସ ଗାଡି ପାଇଁ ଉଦ୍ଦିଷ୍ଟ ଲେନରେ ଯାଜପୁରରୋଡ ଥାନାଧିକାରୀ ମହାପାତ୍ର ସାଧା ପୋଷାକରେ ଏକ ଘରୋଇ ଗାଡିରେ ପଶି ଆସିବାରୁ ରବୀନ୍ଦ୍ର ତାଙ୍କୁ ବିରୋଧ କରିଥିଲେ। ଏଥିରେ ଥାନାଧିକାରୀ ଉତ୍‌କ୍ଷିପ୍ତ ହୋଇ ଜାତିଆଣ ଆକ୍ଷେପ କରିବା ସହ ଅଭଦ୍ର ଭାଷାରେ ଗାଳିଗୁଲଜ କରି ମାଡ ମାରିବାକୁ ଉଦ୍ୟମ କରିଥିଲେ ବୋଲି ପାଣିକୋଇଲି ଥାନାରେ ରବୀନ୍ଦ୍ର ଲିଖିତ ଅଭିଯୋଗ କରିଥିଲେ। ତେବେ ଅଭିଯୋଗ ଗ୍ରହଣ ନ ହେବାରୁ ସେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଓଡ଼ିଶା ପୋଲିସ ଅନ୍‌ଲାଇନରେ ୨୪୫୦୩୦୭୩୦୭୧୮୦୦୦୦୬ ନମ୍ବରରେ ଅଭିଯୋଗ ପଞ୍ଜିକରଣ କରିଥିଲେ। ତେବେ ପାଣିକୋଇଲି ଥାନା ପୋଲିସ ପକ୍ଷରୁ ଅଭିଯୋଗ ପଞ୍ଜିକରଣ ହୋଇ ନ ଥିଲା। ଏହାପରେ ଗତ ୧୭।୧।୨୦୧୯ ତାରିଖରେ ଓଏପିଏଫ ରବୀନ୍ଦ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ଏଥିରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସଚିବ, ଡିଜି ପୋଲିସ, ଏସ୍‌ପି ଯାଜପୁର ଓ ଆଆଇସି ପାଣିକୋଇଲିଙ୍କୁ ପକ୍ଷଭୁକ୍ତ କରିଥିଲେ। ଆବେଦନର ଶୁଣାଣି କରି ହାଇକୋର୍ଟ ଉକ୍ତ ରାୟ ପ୍ରଦାନ କରିଛନ୍ତି।

■ ଗୁରୁତର ଅବସ୍ଥାରେ ନାବାଳିକା ଉଦ୍ଧାର ଘଟଣା

## ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କଲା ପୋଲିସ

**କୋରେଇ,୨୦।୨(ସ୍ୱ.ପ୍ର.)**

ଗୁରୁତର ଅବସ୍ଥାରେ ମଙ୍ଗଳବାର କୋରେଇ ପୋଲିସ ଜଣେ ଅପରିଚିତ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ବୁଧବାର ସକାଳେ ଉକ୍ତ ନାବଳିକାଙ୍କ ପରିଚୟ ମିଳିଛି। ପୋଲିସ ଏନେଇ ଜିଲା ଶିଶୁ ମଙ୍ଗଳ କିମିଟିକୁ ଖବର ଦେବା ପରେ ଶିଶୁ ମଙ୍ଗଳ କମିଟିର ଅଧିକାରୀ ରୀତା ବେହେରା, ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ଦେବତା ଓ ଏଡିଇଓ ସେକ୍ ତସ୍‌ଲିମ ମହମ୍ମଦ ପ୍ରମୁଖ ପହଁଚି ନାବାଳିକାଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ କରାଇଛନ୍ତି। ଉଦ୍ଧାର ନାବାଳିକା ଜଣକ କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ନୂଆପଡ଼ା ଗ୍ରାମର ବୋଲି ଜଣାପଡିଛି।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ

**କୋରେଇ,୨୦।୨(ସ୍ୱ.ପ୍ର)**

କୋରେଇସ୍ଥିତ କାହ୍ନୁଚରଣ ମହାବିଦ୍ୟାଳୟର ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ ହୋଇଛି। ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତି ରଞ୍ଜନ ରାୟଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭାରେ ବାଳିକା ଆତ୍ମରକ୍ଷା କୌଶଳ ଜିଲା ସଂଯୋଜକ ବିରଜା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଖିଳ ରଞ୍ଜନ ପାଢୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମୋହନ ଚରଣ ଖୁଣ୍ଟିଆ ଯୋଗ ଦେଇଥିଲେ। ସଂଯୋଜକ ମନୋଜ କୁମାର ଜେନା ଆୟୋଜନ ସମେତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅନୀଲ କୁମାର ସାହୁ, ବିକ୍ରମ କେଶରୀ ପାତ୍ର ରବୀନ୍ଦ୍ର କୁମାର ବିଶ୍ୱାଳ, ଅନୁସୟା ପାତ୍ର, ପ୍ରଶାନ୍ତ କୁମାର ଦ୍ୱିବେଦୀ ପ୍ରମୁଖ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଓ ଏହାର ଉପଯୋଗିତା ସମ୍ପର୍କରେ ସଚେତନତା କରିଥିଲେ।




ଆତ୍ମରକ୍ଷା ଶିବିରରେ ଜଣେ ଛାତ୍ରୀଙ୍କୁ ଅତିଥି ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

## ଆଜି ରାଜରାସ୍ତାକୁ ଓହ୍ଲାଇବ ନବନିର୍ମାଣ କୃଷକ ସଂଗଠନ

**ରସୁଲପୁର,୨୦।୨(ଡି.ଏନ୍.ଏ.):** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ଓଡିଶା ବନ୍ଦ ଡାକରାକୁ ସଫଳ କରିବା ପାଇଁ ସଂଗଠନ ପକ୍ଷରୁ ଜୋରଦାର ପ୍ରୟାସ ଜାରି ରହିଛି। ଏହି ବନ୍ଦ ଡାକରାକୁ ରାଜ୍ୟସରକାର ଭଣ୍ଡୁର କରିବା ପାଇଁ ହାଇସ୍କୁଲ ପରୀକ୍ଷାକୁ ଆଳକରି କାର୍ଯ୍ୟାନୁଷ୍ଠାନ ଧମକ ଦେଇଛନ୍ତି। ତେବେ ସରକାରଙ୍କ ଏହି ନାଲିଆଖିକୁ ସଂଗଠନ ଭ୍ରୂକ୍ଷେପ କରିବ ନାହିଁ ବୋଲି ରସୁଲପୁର ବ୍ଲକ ସଂଯୋଜକ ମୁକୁନ୍ଦଦେବ ମହାନ୍ତି ପ୍ରକାଶ କରିଛନ୍ତି । ବିରୋଧୀ ଉଭୟ ଭାଜପା, କଂଗ୍ରେସ ସଂଗଠନର ବନ୍ଦ ଡାକରାକୁ ସମର୍ଥନ କରୁଛନ୍ତି। ଫଳରେ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ମନୋବଳ ଦୃଢ ହୋଇଛି। ଏଥର ଆନ୍ଦୋଳନ ଜୋରଦାର ହେବ ବୋଲି ଆଶା କରାଯାଉଛି। ପୂର୍ବଥର ଭଳି ଚଳିତ ଥର ପୋଲିସ ଆକ୍ରମଣାତ୍ମକ କୌଶଳ ଅବଲମ୍ବନ କଲେ ପୋଲିସ ଓ ସଂଗଠନ ମଧ୍ୟରେ ଖଣ୍ଡଯୁଦ୍ଧ ସୃଷ୍ଟି ଦେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ। ଧନୀ ମଧ୍ୟ ଦରିଦ୍ର ଉପରେ ନିର୍ଭର କରେ।
-ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ଶାଗୁଆନ କାଠ ଜବତ, ଜଣେ ଗିରଫ



**କଳିଙ୍ଗନଗର/କୋରେଇ, ୨୦।୨(ଡି.ଏନ୍.ଏ/ସ୍ୱ.ପ୍ର.):** ଯାଜପୁରରୋଡ ରେଞ୍ଜ ବନ ବିଭାଗ ବୁଧବାର ଧବଳଗିରିଠାରେ ଚଢଉ କରି ଗାଡି ସହ ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ କରିଛି। ଏଥିସହ ଗାଡି ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଜଣଙ୍କ ଚାନ୍ଦମା କାଚ ହୁଡି ଅଞ୍ଚଳର ସେକ୍ ଅଫସର ଅଲ୍ଲି । ବନବିଭାଗ ଅଧିକାରୀ ଦେବେନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ଚଢାଉବେଳେ ୭ ଗଣ୍ଡି ତଥା ୩୫ରୁ ୪୦ ସିଫ୍ଟ ଶାଗୁଆନ କାଠ ସମେତ ଟାଟା ଏସ୍ଇ ଗାଡି(ଓଆର୍-୦୫-୭୧୫୫)କୁ ଜବତ କରାଯାଇଥିଲା।

### ଯାଜପୁର ଜିଲାରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**ଯାଜପୁର ଅଫିସ,୨୦।୨:** ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମାର୍ଚ୍ଚ ୯ତାରିଖରେ ପ୍ରଥମ ରାଷ୍ଟ୍ରୀୟସ୍ତରୀୟ ଲୋକ ଅଦାଲତ ଯାଜପୁର ସହରସ୍ଥିତ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ବିଭିନ୍ନ ମକଦ୍ଦମାର ଫଇସଲା କରାଯିବ। ଏଥିରେ ବିଭିନ୍ନ ବିଭାଗ ପକ୍ଷରୁ ବକେୟା ଥିବା ମାମଲା ଗୁଡିକରେ ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସମ୍ପାଦକ ସୁଷମା ସ୍ୱାଇଁ ଅବଗତ କରାଇଛନ୍ତି।

### ନୂଆ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ

**ଯାଜପୁର ଅଫିସ,୨୦।୨:** ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ମନୋଜ କୁମାର ବେହେରା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ପ୍ରକଳ୍ପ ନିର୍ଦ୍ଦେଶକ ରହିଥିବା ଇନ୍ଦ୍ରମଣି ନାୟକଙ୍କୁ ଜଗତପୁରସ୍ଥିତ ଜିଲା ଶିଳ୍ପ କେନ୍ଦ୍ରର ଆଞ୍ଚଳିକ ପରିଚାଳକ ଭାବେ ବଦଳି କରାଯାଇଛି। ପୂର୍ବରୁ ବେହେରା ସେହି ସ୍ଥାନରେ ଅବସ୍ଥାପିତ ଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକୁ ତ୍ୱରାନ୍ୱିତ କରିବା ସହ ସାଧାରଣ ଲୋକଙ୍କ ବିବିଧ ସମସ୍ୟା ସମାଧାନକୁ ଅଗ୍ରାଧିକାର ଦିଆଯିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ବେହେରା କହିଛନ୍ତି।

### ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

**ବିରଜାକ୍ଷେତ୍ର,୨୦।୨(ଡି.ଏନ୍.ଏ):** ଜମ୍ମୁ କଶ୍ମୀରର ପୁଲୱାମାଠାରେ ଶହୀଦ ଯବାନ ଓ ଦୁଇ ଆତଙ୍କବାଦୀଙ୍କୁ ଧରିବାକୁ ଯାଇ ଶହୀଦ ହୋଇଥିବା ୬ ଜଣ ଯବାନଙ୍କ ସ୍ମୃତିରେ ଯାଜପୁର ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏଶନ୍ ପକ୍ଷରୁ ବୁଧବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ୍ର ସଭାପତି ପ୍ରବୀର ରାୟଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସାଧାରଣ ସମ୍ପାଦକ ଦୀପ୍ତିରଞ୍ଜନ ମହାନ୍ତି, ଆଇନଜୀବୀ ପ୍ରତାପ ରାୟ, ଦିଲ୍ଲୀପ ଦାସ, ଲକ୍ଷ୍ମୀଧର ପାଢ଼ୀ, ସମରେନ୍ଦ୍ର ଦାସ, ଆଲୋକ ପାଣି, କୁମାର କେଶରୀ ନାୟକ, ଅକ୍ଷୟ ବଳ, ଅନନ୍ତ ବାସୁଦେବ ମିଶ୍ର, ରାଜୀବ ମହାନ୍ତି, ରାଜେଶ ଦାସ, ଅଳିତା ନାୟକ, ଶିଶିର ମାନଧାତା, ପାର୍ଥସାରଥୀ ନାୟକ, ପ୍ରଶାନ୍ତ ସାମନ୍ତ, କୁଳମଣି ନାୟକ, ନଗେନ ମହାନ୍ତି, ରାଜେଶ ମହାନ୍ତି, ଆକାଶଦୀପ ମହାନ୍ତି, ପ୍ରିୟବ୍ରତ ଦାଶ, ଶ୍ରୀନିବାସ ସାହୁଙ୍କ ସମେତ ଶତାଧିକ ଆଇନଜୀବୀ ଯୋଗଦେଇଥିଲେ।

### ଧର୍ମ, ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର

**ଧର୍ମଶାଳା,୨୦।୨(ଡି.ଏନ୍.ଏ.):** ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ସଭାପତି ଜଗନ୍ନାଥ ଜେନାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜାରକାସ୍ଥିତ କଳିଙ୍ଗ କ୍ଲବ ପରିସରରେ ଧର୍ମ ଓ ସାହିତ୍ୟ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ପଣ୍ଡିତ କାମଦେବ ଶତପଥୀ ଯୋଗଦେଇ ବଞ୍ଚିବା ପାଇଁ ଯାହା ଧରାବନ୍ଧା ଥାଏ ତାହା ଧର୍ମ, ମହତର ଭାବହିଁ ସାହିତ୍ୟ ଏହା ଜୀବନ ସହିତ ସମାନ ଭାବରେ ତାଳଦେଇ ଗତିକରେ ବୋଲି କହିଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। କାହ୍ନୁ ଚରଣ ଦାଶ, ନୃସିଂ ଚରଣ ମିଶ୍ର, ଅର୍ଜୁନ ପୃଷ୍ଟୀ, କୃଷ୍ଣ ଚନ୍ଦ୍ର ତ୍ରିପାଠ, ଗୋଲଖ ଚନ୍ଦ୍ର ପଲେଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। ଶହୀଦ ଯବାନ ଓ ଦୁର୍ଘଟଣା ଶିକ୍ଷୟିତ୍ରୀ ରେଣୁବାଳା ସାହୁଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

■ ପାଣିକୋଇଲିରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

# ସାମୟିକ ସ୍ଥଗିତ ହେଲା ଗଣଧାରଣା

**କୋରେଇ,୨୦।୨(ସ୍ୱ.ପ୍ର)**

ଯାଜପୁର ଜିଲା ପାଣିକୋଇଲିଠାରେ ସରକାରଙ୍କ ପ୍ରସ୍ତାବିତ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୦୧ଦିନ ଧରି ଚାଲିଥିବା ଶାନ୍ତିପୂର୍ଣ୍ଣ ଗଣଧାରଣାକୁ ବୁଧବାର ସାମୟିକଭାବେ ସ୍ଥଗିତ ରଖାଯାଇଛି। ବିଧାୟକ ଆକାଶ ଦାସନାୟକ ଗଣଧାଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପାଣିକୋଇଲିରେ ମେଡିକାଲ କଲେଜ ସ୍ଥାପନା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ସେ ନିଶ୍ଚିତ ରୂପେ ଉପଯୁକ୍ତ ପଦକ୍ଷପ ନେବେ। ତେଣୁ ଏନେଇ ଆଉ ଧାରଣା ଦିଆଯିବାର ଆବଶ୍ୟକ ନାହିଁ ବୋଲି ବିଧାୟକ କହିବା ସହ ଧାରଣା ପ୍ରତ୍ୟାହୃତ କରିବାକୁ ମିଳିତ କ୍ରିୟାନୁଷ୍ଠାନର ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ବିଧାୟକଙ୍କ ଅନୁରୋଧକ୍ରମେ ମେଡିକାଲ କ୍ରିୟାନୁଷ୍ଠାନ କମିଟି ତାହାର ସହଯୋଗୀ ସଙ୍ଗଠନମାନଙ୍କ ସହ ବିଚାର ବିମର୍ଶ କରି ଧାରଣାକୁ ସମାୟିକଭାବେ ସ୍ଥଗିତ କରିଥିବା ଘୋଷଣା କରିଥିଲା।



କ୍ରିୟାନୁଷ୍ଠାନ କମିଟିର ସଦସ୍ୟଙ୍କ ସହ ବିଧାୟକ ଆକାଶ ଦାସନାୟକ।

ପ୍ରକାଶ ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ପ୍ରସ୍ତାବିତ ମେଡିକାଲ କଲେଜ ଜିଲାର କେନ୍ଦ୍ରସ୍ଥଳୀ ପାଣିକୋଇଲିଠାରେ ନିର୍ମାଣ କରାଯିବାକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧରଣା ଓ ସତ୍ୟାଗ୍ରହ କରାଯାଇଥିଲା। ଏହାକୁ ସମର୍ଥନ କରି ପୂର୍ବରୁ ପିସିସ ସଭାପତି, ବରିଷ୍ଠ ନାଗରିକ ମଞ୍ଚ, ଆଇନଜୀବୀ, ସାମ୍ବାଦିକ ସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, କିନ୍ନର ସଂଘ, କୃଷକ ମଞ୍ଚ, ମହିଳା ସମିତି, ଆମେ ବିପଦର ସାଥୀ ଭଳି ଆଞ୍ଚଳିକ ଗଣସଙ୍ଗଠନ ଆଦି ମେଡ଼ିକାଲ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଆହୁତ ଗଣଧାରଣାରେ ସ୍ୱେଚ୍ଛାକୃତ ଭାବେ ସାମିଲ ହୋଇ ସମର୍ଥନ ଜଣାଇଥିଲେ। ୧୦୦ଦିନରୁ ଉର୍ଦ୍ଧ୍ୱ ଗଣଧାରଣା ଚାଲିଥିଲାବେଳେ ସରକାର କି ପ୍ରଶାସନ ଦିନେ ହେଲେ ଧରଣାସ୍ଥଳକୁ ଆସି ଆଲୋଚନା ନ କରିବା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ସତ୍ୟାଗ୍ରହ ଚାଲିଥିବାବେଳେ ବୁଧବାର ଧାରଣାସ୍ଥଳରେ କ୍ରିୟାନୁଷ୍ଠାନର ଆବାହକ ଧରଣୀଧର ଘଡ଼େଇ ଓ ଯୁଗ୍ମଆବାହକ ସୁବାସ ଧଳ ଅନଶନରେ ବସିଥିଲେ। ଅନ୍ୟପକ୍ଷରେ ଅଞ୍ଚଳବାସୀଙ୍କ ଭାବାବେଗ ଓ ପାଣିକୋଇଲି ଉଚିତ୍ ସ୍ଥାନ ବୋଲି ଅନୁଭବ କରି କୋରାଇ ବିଧାୟକ ଆକାଶ ଦାସନାୟକ ଗତ ସୋମବାର କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାଙ୍କୁ ନେଇ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ଦେଇଥିଲେ। ବୁଧବାର ପୁଣି ବିଧାୟକ ଧାରଣା ସ୍ଥଳରେ ପହଞ୍ଚି ଗଣଧାରଣାକୁ ସ୍ଥଗିତ ରଖିବାକୁ ଅନୁରୋଧ କରିବା ପରେ କ୍ରିୟାନୁଷ୍ଠାନ କମିଟିର ଆବାହକ ଧରଣୀଧରଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଯୁଗ୍ମ ଆବାହକ ସୁବାସ ଧଳଙ୍କ ସଞ୍ଚାଳନାରେ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ବିବେକାନନ୍ଦ ମହାନ୍ତି, ସଦାଶିବ ଦାସ, ପ୍ରଫୁଲ୍ଲ ନାୟକ,ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ସୁରେନ୍ଦ୍ର ରାୟ, ଚନ୍ଦ୍ରମଣି ସାମଲ, ଅକ୍ଷୟ ଜେନା ପ୍ରମୁଖ ଯୋଗଦେଇ ପାଣିକୋଇଲି ଜିଲାର ମଧ୍ୟସ୍ଥଳୀ ହୋଇଥିବାବେଳେ ଉଭୟ ଭୌଗୋଳିକ ଓ ଗମନାଗମନ ଦୃଷ୍ଟିରୁ ଏଠାରେ ମେଡିକାଲ କଲେଜ ସ୍ଥାପନା ନିମନ୍ତେ ସର୍ବୋତ୍ତମ ସ୍ଥାନ ଅଟେ। କଲେଜ ନିମନ୍ତେ ଆବଶ୍ୟକ ହେଉଥିବା ଜମି ନିମନ୍ତେ ଏଠାରେ ଶହ ଶହ ଏକର ସରକାରୀ ଜମି ରହିଛି । ମାତ୍ର ଜିଲା ପ୍ରଶାସନ ଜିଲା ଖଣିଜ ପାଣ୍ଠିର ଅର୍ଥରେ ଦୁଇ ଗୁଣା ମୂଲ୍ୟ ପ୍ରଦାନ କରି ବେସରକାରୀ ଜମି କ୍ରୟ କରି ଉକ୍ତ ମେଡିକାଲକୁ ଆଙ୍କୁଲାଠାରେ ନିର୍ମାଣ କରିବା ଲାଗି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଯାଇଥିବା ଏକ ନୀତିବିରୁଦ୍ଧ କଥା ବୋଲି ବକ୍ତବ୍ୟ ଦେଇଥିଲେ। ଶେଷରେ ପାଣିକୋଇଲି ସମିତିସଭ୍ୟ ସେକ ଜହର ଅଲ୍ଲୀ ଦୀର୍ଘ ୧୦୧ଦିନ ଧରି ଧାରଣାକୁ ଚାଲଇଥିବାରୁ ସମସ୍ତଙ୍କ ଧୈର୍ଯ୍ୟକୁ ପ୍ରଶଂସା କରି ଧନ୍ୟବାଦ ଦେଇଥିଲେ।

### ୪୭ ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ

**ଢୁବୁରୀ,୨୦।୨(ଡି.ଏନ୍.ଏ.)**

ଦାନଗଦୀ ବ୍ଲକ ଚାନ୍ଦିଆ ପଞ୍ଚାୟତ ଅଙ୍କୁରାପାଳ ଠାକୁରାସାହିର ୪୭ ଆଦିବାସୀ ପରିବାରକୁ ବୁଧବାର ଘରବାଡି ପଟ୍ଟା ପ୍ରଦାନ କରାଯାଇଛି। ଏ ନେଇ ଠାକୁରାସାହିରେ ଆୟୋଜିତ ଏକ ଉତ୍ସବରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ୪୭ ପରିବାରକୁ ପଟ୍ଟା ବଣ୍ଟନ କରିଛନ୍ତି। ତେବେ ପରବର୍ତ୍ତି ସମୟରେ ଅବଶିଷ୍ଟ ପରିବାରଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯିବ ବୋଲି କହିଛନ୍ତି। ଠାକୁରା ସାହି ବାସିନ୍ଦା ଘରବାଡି ପଟ୍ଟା ପାଇଁ ଦୀଘବର୍ଷ ଧରି ଦାବି କରିଆସୁଥିଲେ। ଜିଲା ପରିଷଦ ସଭ୍ୟ ସୁଶାନ୍ତ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ୱାର୍ଡ ସଭ୍ୟ ନନ୍ଦ ଆଙ୍ଗରାଇ, ବିଜୁ ଯୁବ ବାହିନୀ ଚାନ୍ଦିଆ ପଞ୍ଚାୟତ ସଭାପତି ମାଧବାନନ୍ଦ ବେହେରା ଉପସ୍ଥିତ ଥିଲେ।

■ ସରକାରଙ୍କ ନିବେଦନକୁ ଅଗ୍ରାହ୍ୟ

# ଆଜି ନବନିର୍ମାଣ କୃଷକ ସଙ୍ଗଠନର ଓଡ଼ିଶା ବନ୍ଦ

**ଚଣ୍ଡିଖୋଲ,୨୦।୨(ଡ଼ି.ଏନ.ଏ)**

ନବ ନିର୍ମାଣ କୃଷକ ସଂଗଠନ ତରଫରୁ ଗୁରୁବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ମାଟ୍ରିକ୍ ପରୀକ୍ଷା ଶୁକ୍ରବାର ଆରମ୍ଭ ହେଉଥିବାରୁ ରାଜ୍ୟ ସରକାର ବନ୍ଦ ଡାକରାକୁ ପ୍ରତ୍ୟାହାର କରିବାକୁ ସଂଗଠନକୁ ନିବେଦନ କରିଥିଲେ ସୁଦ୍ଧା କୃଷକ ସଂଗଠନ ଏହାକୁ ଗ୍ରହଣ କରିନାହିଁ। ଗୁରୁବାର ସାରା ଓଡ଼ିଶା ବନ୍ଦ କରାଯିବ ବୋଲି ରାଜ୍ୟସଂଗଠନର ସହ ସଂଯୋଜକ ନିମାଇ ରାୟ ଘୋଷଣା କରିଛନ୍ତି। ବୁଧବାର ଚଣ୍ଡିଖୋଲଠାରେ ଏହି ଘୋଷଣା କରିବା ସହ ନିଆଳିଭା ଗାଡ଼ି, ଆମ୍ବୁଲାନସ, ପରୀକ୍ଷାର୍ଥୀଙ୍କ ଗାଡ଼ି ସହ ଅତ୍ୟାବଶ୍ୟକୀୟ ସାମଗ୍ରୀକୁ ଏହି ବନ୍ଦରୁ ବାଦ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ପୋଲିସ ବନ୍ଦ ଡାକରା ପୂର୍ବରୁ ଚାଷୀମାନଙ୍କୁ ଗିରଫ କରିବା ଆରମ୍ଭ କରିଦେଇଛି। ସରକାର ଚାଷୀଙ୍କ ପ୍ରାଇସ, ପ୍ରେଷ୍ଟିଜ୍ ଓ ପେନସନକୁ ଅଣଦେଖା କରି ବାରମ୍ବାର ଭୁବନେଶ୍ୱରରେ କୃଷକ ସଂଗଠନକୁ ସମାବେଶ କରିବାକୁ ଦେଉ ନାହାଁନ୍ତି। ଚାଷୀଙ୍କ ପ୍ରକୃତ ହକ୍ ନ ଦେଇ କାଳିଆ ଯୋଜନା ମାଧ୍ୟମରେ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି। ଯେପର୍ଯ୍ୟନ୍ତ ଚାଷୀର ହକ୍ ନ ମିଳିଛି ସେପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ରାୟ ପ୍ରକାଶ କରିଛନ୍ତି।

### ବରଦା ବିଦ୍ୟାଳୟ ନିଗମାନନ୍ଦ ପ୍ରହ୍ଲାଦ ବିଦ୍ୟାପୀଠରେ ନାମିତ

**ଚଣ୍ଡିଖୋଲ, ୨୦।୨(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ତରଫରୁ ବରଦାସ୍ଥିତ ନିଗମାନନ୍ଦ ବିଦ୍ୟାପୀଠର ନାମ ପରିବର୍ତ୍ତନ କରାଯାଇ ନିଗମାନନ୍ଦ ପ୍ରହ୍ଲାଦ ନୋଡ଼ାଲ ବିଦ୍ୟାପୀଠ କରାଯାଇଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ବରଦାସ୍ଥିତ ଏହି ବିଦ୍ୟାଳୟ ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟ ଗୋଟିଏ ପରିଧି ଭିତରେ ରହିଥିବାରୁ ଏହାକୁ ମିଶ୍ରଣ କରାଯାଇ କେବଳ ନିଗମାନନ୍ଦ ବିଦ୍ୟାପୀଠ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ନିବେଦନ ପରେ ଗଣଶିକ୍ଷା ବିଭାଗ ଗତ ୧୫ତାରିଖରେ ଚିଠି ନଂ ୩୭୦୮ରେ ଏହାର ନାମକୁ ନିଗମାନନ୍ଦ ପ୍ରହ୍ଲାଦ ନୋଡ଼ାଲ ବିଦ୍ୟାପୀଠ ବରଦା କରି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏଥିପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ବଡ଼ଚଣା କଂଗ୍ରେସର ସନ୍ଦେଶ ପଦଯାତ୍ରା

**ଚଣ୍ଡିଖୋଲ,୨୦।୨(ଡି.ଏନ୍.ଏ)**

ବଡ଼ଚଣା କଂଗ୍ରେସ ତରଫରୁ ବୁଧବାର ସମିଆ ପଞ୍ଚାୟତ ପରିକ୍ରମା କରିବା ସହ ସନ୍ଦେଶ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରାରେ କଂଗ୍ରେସ ତରଫରୁ ଲୋକମାନଙ୍କୁ ୧୩ଦଫା ସମ୍ବଳିତ ନିର୍ବାଚନୀ ଇସ୍ତାହାର ପତ୍ର ଲୋକମାନଙ୍କୁ ବାଣ୍ଟିଛି। ଏହି ପଦଯାତ୍ରାରେ ପ୍ରଦେଶ କଂଗ୍ରେସ କମିଟି ଉପ ସଭାପତି ଶୁଭେନ୍ଦୁ ମହାନ୍ତି ଯୋଗଦେଇ କଂଗ୍ରେସ ସରକାର ଆସିଲେ କୃଷି ଋଣ ଛାଡ଼, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୬ଶହ ଟଙ୍କାକୁ ବୃଦ୍ଧି, ମୁଗ ବିରି , ଚିନାବାଦାମ ଆଦି ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ବୃଦ୍ଧାବୃଦ୍ଧ, ବିଧବା ଓ ଶାରିରୀକ ଅକ୍ଷମଙ୍କ ଭତ୍ତା ହଜାର ଟଙ୍କାରୁ ଆରମ୍ଭ କରି ୧୫ ଶହ ଟଙ୍କା ପର୍ଯ୍ୟନ୍ତ ଦିଆଯିବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ୧୬ ନଂ ଜୋନ୍ ସଭାପତି ବିବେକ ରଞ୍ଜନ ସୁବୁଦ୍ଧିଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ଉଜ୍ଜ୍ୱଳ ପ୍ରତାପ ନାରାୟଣ ମହାପାତ୍ର, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରତିକାନ୍ତ ପ୍ରଧାନ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଅଜୟ ସାମଲ, କିଶାନ ମୋର୍ଚ୍ଚାର ଫକିର ମୋହନ ବଳ, ଜିଲା ସେବା ଦଳର ଅଧ୍ୟକ୍ଷ ଶ୍ରୀକାନ୍ତ ମଲିକ, ମତ୍ସ୍ୟଜୀବୀ କଂଗ୍ରେସର ଅଧ୍ୟକ୍ଷ ଏକାଦଶୀ ସେଠୀ, ପୂର୍ବତନ ସରପଞ୍ଚ ବିରଞ୍ଚି ନାରାୟଣ ସ୍ୱାଇଁ, ଦିଲ୍ଲୀପ ଦାସ, ନାରାୟଣ ଭୋଇ, ପ୍ରଭାକର ଦାସ, ଗଙ୍ଗାଧର ଦାସ, ଦେବଦତ୍ତ ଜେନା, ଶିଶିର କୁମାର ସାମଲ, ସଞ୍ଜୟ ପାଲ ପ୍ରମୁଖ ୫ଶହ ଉର୍ଦ୍ଧ୍ୱ କର୍ମୀ ଏହି ଯାତ୍ରାରେ ସାମିଲ ହୋଇଥିଲେ। ଏହି ପଦଯାତ୍ରା ସମିଆ ପଞ୍ଚାୟତର ବେଲ ମଲ୍ୟାଣି ପୀଠରୁ ଯାତ୍ରା ଆରମ୍ଭ ହୋଇ ଚମ୍ପାପୁର, ଭାଲୁମରା, କୋହ୍ଲା, ପୂର୍ଣ୍ଣଚନ୍ଦ୍ରପୁର, ଦେହୁରୀଗଡ଼ା, ସାତମାଣ, ରାଇଝର, ବୁଢାକେନ୍ଦୁଆ ଅତିକ୍ରମ କରି ବଡ଼ଶୀଳାରେ ସନ୍ଦେଶ ଯାତ୍ରା ଉଦ୍ଯାପିତ ହୋଇଥିଲା।



ବଡ଼ଚଣା କଗ୍ରେସ ତରଫରୁ ସମିଆ ପଞ୍ଚାୟତରେ ସନ୍ଦେଶ ପଦଯାତ୍ରା।

■ ବ୍ୟାସ ସରୋବର ମହୋତ୍ସବର ଷଷ୍ଠ ସନ୍ଧ୍ୟା

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

**ଯାଜପୁର ରୋଡ, ୨୦।୨(ନି.ପ୍ର.)**

ବ୍ୟାସ ସରୋବର ମହୋତ୍ସବ ବୁଧବାର ଷଷ୍ଠ ଦିନରେ ପହଞ୍ଚିଛି। ଏହି ଅବସରରେ ସନ୍ଧ୍ୟାରେ ଅୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଦର୍ଶକ ବେଶ୍ ମଜା ଉଠାଇଥିବା ଦେଖିବାକୁ ମିଳିଛି। ସଂଗ୍ରାମ ଓ ସସ୍ମୀତା ଡ୍ୟାନ୍ସ ଗ୍ରୁପର ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନୀ ଦର୍ଶକଙ୍କ ମନ ମୋହପାରିଛି। ଏଥିସହ ମଳୟ ପବନରେ ଆମ୍ବ ବଉଳର ବାସନା ସମଗ୍ର ଉତ୍ସବସ୍ଥଳୀକୁ ମହକିତ କରିଥିବାବେଳେ ସମ୍ବଲପୁରୀ ନାଚ ଦର୍ଶକଙ୍କୁ ବାନ୍ଧି ରଖିପାରିଥିଲା। ସ୍ପେସ ଏକାଡେମୀ ତରଫରୁ ନାଚ ପରିବେଷଣ ହୋଇଥିଲା । କ୍ରିକେଟ ବ୍ୟାଟ୍ ଧରି ଛୋଟ ପିଲାଙ୍କ ନୃତ୍ୟ ଅନ୍ୟତମ ଆକର୍ଷଣ କେନ୍ଦ୍ର ପାଲିଟିଥିଲା। ଅପରପକ୍ଷେ ଘରକରଣା ସାମଗ୍ରୀ ଦୋକାନରେ ବେଶ୍ ଭିଡ ଦେଖିବାକୁମିଳିଥିଲା। ଖାଲିପଡିରହିଥିବା ଷ୍ଟଲଗୁଡିକ ଖୋଲାଯାଇଥିବାବେଳେ ସମ୍ବଲପୁରୀ ଶାଢୀ, ବେତ ସୋଫା ସେଟ୍ ଆଦିର ଚାହିଦା ବେଶଦେଖିବାକୁ ମିଳିଛି। ଫାଷ୍ଟ ଫୁଡ ଦୋକାନ ଛୋଟପିଲାଙ୍କ ଭିଡ ଦେଖିବାକୁ ମିଳିଛି। ତେବେ ଆଲୁଦମ, ଗୁପଚୁପ ଦୋକାନଗୁଡିକରେ ଅପରିଷ୍କାର ହୋଇଥିବାରୁ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଶାନ୍ତି ଶୃଙ୍ଖଳା ପାଇଁ ଯାଜପୁର ରୋଡ ପୋଲିସ ପକ୍ଷରୁ ସିସି ଟିଭି କ୍ୟାମେରା ଲଗାଯାଇଥିଲା।



ମଞ୍ଚରେ ଜଣେ କଳାକାର ସଙ୍ଗୀତ ପରିବେଷଣ କରୁଛନ୍ତି।

■ ସରକାରୀ କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କୁ ଅଣଦେଖା

# ବିଡିଓଙ୍କୁ ଫେରାଦ ହେଲେ ସମିତିସଭ୍ୟ

**ରସୁଲପୁର,୧୦।୨(ଡି.ଏନ୍.ଏ.)**

ତ୍ରି-ସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାର ନିୟମକାନୁନକୁ କଡାକଡ଼ି ଭାବରେ ପାଳନ କରାଯାଉ ନାହିଁ। ପ୍ରଶାସନିକ ଅଧିକାରୀମାନେ ଏ ଦିଗରେ ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି। ପଞ୍ଚାୟତସ୍ତରରେ ସରକାରୀ କାର୍ଯ୍ୟକ୍ରମ ଆୟୋଜନ ସମୟରେ ସମିତିସଭ୍ୟାସଭ୍ୟଙ୍କୁ ଅଣଦେଖା କରାଯାଉଛି। ଏହାକୁ ବିରୋଧ କରି ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତର ସମିତିସଭ୍ୟ ଚୈତନ୍ୟ ନାୟକ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ବିଡିଓ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି।

ପ୍ରକାଶ ଯେ, ବୁଧବାର ଏହି ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଗତ୩ମାସଧରିପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଆସୁଛି। ପିଠା(ପିପୁଲସ ଏମପାୱାରମେଣ୍ଟ ଏନାବେଲିଂ,ଟ୍ରାନ୍ସପାରେନ୍ସି ଆଣ୍ଡ ଆକାଉଣ୍ଟେବିଲିଟି) କାର୍ଯ୍ୟକ୍ରମ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ବି ସମିତିସଭ୍ୟଙ୍କୁ ଅଣଦେଖା କରାଯାଇଥିଲା। ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସଲାସୁତୁରରାରେ ସମତିସଭ୍ୟମାନଙ୍କୁ କାର୍ଯ୍ୟକ୍ରମରେ ଉଦ୍ଦେଶ୍ୟମୂଳକ ଭାବରେ ସାମିଲ କରାଯାଉ ନାହିଁ। ସରକାରୀ ଦଳର ଦଳୀୟ ପଦପଦବୀଧାରୀଙ୍କୁ ନେଇ ସରକାରୀ ଅର୍ଥରେ ଦଳର ପ୍ରଚାର କରାଯାଉଛି। ନିର୍ବାହୀ ଅଧିକାରୀ ନିରଞ୍ଜନ ବଳଙ୍କୁ ଏନେଇ ପଚାରିବାରୁ ସେ ସମିତିସଭ୍ୟଙ୍କୁ ଫୋନଯୋଗେ ଜଣାଇଛନ୍ତି ବୋଲି ପ୍ରକାଶ କରିଥିବାବେଳେ ସମିତିସଭ୍ୟ ନାୟକ କୌଣସି ସୂଚନା ପାଇ ନ ଥିବା କହିଛନ୍ତି।

### ବିଏସ୍ଏନ୍ଏଲ୍ ସେବା ବ୍ୟାହତ




**ଯାଜପୁର ରୋଡ, ୨୦।୨(ନି.ପ୍ର.)**

ସର୍ବଭାରତୀୟ ସ୍ତରରେ ବିଏସ୍ଏନ୍ଏଲ୍ କର୍ମଚାରୀଙ୍କ ଆହ୍ୱାନ କ୍ରମେ ଯାଜପୁର ରୋଡ ଟେଲିଫୋନ ଉପଖଣ୍ଡ କର୍ମଚାରୀ କାର୍ଯ୍ୟ ବନ୍ଦ କରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ବିଏସ୍ଏନ୍ଏଲ୍ରେ ୪ଜି ସିଷ୍ଟମ କାର୍ଯ୍ୟ କରିବା, ଅବସର ନେଇଥିବା କର୍ମଚାରୀଙ୍କ ପେନସନ ପ୍ରାଦନ, ପିଆରସି (ଦରମା ରିଭାଇଜ) କରିବା ପ୍ରବୃତ୍ତି ଦାବିରେ ଦିନ ଧରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରହିଛି। ଫଳରେ ବିଭିନ୍ନ ବ୍ୟାଙ୍କ ଲିଙ୍କ ଫେଲ ହୋଇଯିବାରୁ ବ୍ୟାଙ୍କ ସେବା ବ୍ୟାହତ ହୋଇଛି। ଏଥିସହ ମାବାଇଲ ବିଏସ୍ଏନ୍ଏଲ୍ ସିମ କାର୍ଯ୍ୟକରୁ ନ ଥିବା ଅଭିଯୋଗ ହୋଇଛି।

# ଖଏରା ପଞ୍ଚାୟତରେ ଏଲ୍ଇଡି ବଲ୍ବ ବଣ୍ଟନ

**ଚଣ୍ଡିଖୋଲ, ୨୦।୨(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଏରା ପଞ୍ଚାୟତରେ ଏଲ୍ଇଡି ବଲ୍ବ ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଯୁବନେତା ଗଣେଶ୍ୱର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଖଏରା ସରପଞ୍ଚ ହରପ୍ରିୟା ବରାଳ, ବଡ଼ଘୁମୁରୀ ପଞ୍ଚାୟତ ସରପଞ୍ଚ ନିବେଦିତା ସାହୁ, ଚଣ୍ଡିତଳ ସରପଞ୍ଚ ମମ୍ମିନ ଅଲ୍ଲୀ ଖାଁ, ସମିତି ସଭ୍ୟ ସ୍ୱର୍ଣ୍ଣରେଖା ପୃଷ୍ଟି, ସୁଲୋଚନା ବାରିକ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଜ୍ଞାନଦା ନାୟକ, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ନାୟକ, ଯୁବନେତା ବିନୟ ପୃଷ୍ଟି, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଆଦିକନ୍ଦ ଜେନା ପ୍ରମୁଖ ଯୋଗଦେଇ ରାଶନକାର୍ଡ଼ ହିତାଧିକାରୀଙ୍କୁ ଏଲ୍ଇଡି ବଲ୍ବ ବଣ୍ଟନ କରିଥିଲେ।



ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଖଏରା ଠାରେ ହିତାଧିକାରୀଙ୍କୁ ଏଲ୍ଇଡି ବଲ୍ବ ବଣ୍ଟନ କରାଯାଉଛି।

# ମହିଳା ସଶକ୍ତୀକରଣ, ଜନସଚେତନତା କାର୍ଯ୍ୟକ୍ରମ

**ରସୁଲପୁର,୧୦।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତରେ ବୁଧବାର ମହିଳା ସଶକ୍ତିକରଣ ଓ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଞ୍ଚାୟତର ଶିଶୁ କଳାକାରଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ନୃତ୍ୟ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ସୁରଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତତନା କାର୍ଯ୍ୟକ୍ରମରେ ଯାଜପୁର ଏମ୍ପିଙ୍କ ପ୍ରତିନିଧି ପ୍ରକାଶ ସାମଲ, ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି ଅରୁଣ ରାଉତ, କନିଷ୍ଠ ଯନ୍ତ୍ରୀ ରଜତ କୁମାର ମହାପାତ୍ର, ପୂର୍ବତନ ଜିଲାପରିଷଦ ସଦସ୍ୟ ଆକୁଳାନନ୍ଦ ଜେନାମଣୀ, ପୂର୍ବତନ ସରପଞ୍ଚ ମୋଇଉଦ୍ଦିନ ମହମ୍ମଦ, ସୁବାଷ ଖୁଂଟିଆ, ବିନୋଦ ରାଉତ, ବିଦ୍ୟୁତ ବିଭାଗ ପକ୍ଷରୁ ଜିତେନ୍ଦ୍ର ଓଝା, ରମାକାନ୍ତ ବେହେରା, ବରିଷ୍ଠ ନାଗରିକ ଗୋବିନ୍ଦ ମଳିକ, ବିଦ୍ୟାଧର ବିଶ୍ୱାଳ, ଯୁବନେତା ନିହାରରଂଜନ ମହାନ୍ତି, ମନୋଜ ରାଉତ,ଜ୍ଞାନରଞ୍ଜନ ରଥ, ନିତ୍ୟାନନ୍ଦ ମହାନ୍ତି ପ୍ରମୁଖ ଅତିଥିଭାବରେ ଯୋଗଦେଇ ସରକାରଙ୍କ ଜନହିତକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିସହ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାକୁ ନେଇ ନାରୀନେତ୍ରୀ ମନୋରମା ବେହେରା, ଅଞ୍ଜନା ବେହେରା ସୂଚନା ପ୍ରଦାନ କରିଥିଲେ। ମହିଳାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ନବୀନ ସରକାରଙ୍କ ବିଭିନ୍ନ ଯୋଜନା, ସଦ୍ବ୍ୟବହାର ଓ ଉପକାରିତା ସମ୍ପର୍କରେ ବୁଝାଇ କହିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ବଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ୧୦୦୦ ପରିବାରକୁ ଏଲଇଡି ବଲ୍ବ ପ୍ରଦାନ କରାଯାଇଥିଲା । ଏହାଛଡା ପଞ୍ଚାୟତର ୧୪୫ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନ୍ସନ ଯୋଜନାରେ ଭତ୍ତା ଓ ୧୦୦ ପରିବାରକୁ ରାଶନ କାର୍ଡ ମିଳିପାରିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଯୁବବାହିନୀ ପକ୍ଷରୁ କାର୍ଯ୍ୟକ୍ରମ ସ୍ଥଳରେ ପାନୀୟଜଳ ପ୍ରଦାନ ଓ ଶାନ୍ତିଶୃଙ୍ଖଳାକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୧୦୦୦ରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।




ପିଠା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ସଂକ୍ଷେପରେ

### ବାଇଁଶିରିଆରେ ଭାଜପାର ଜନ ପରାମର୍ଶ ପଦଯାତ୍ରା

ବରୀ/ରତ୍ନଗିରି,୨୦।୨(ସ୍ୱ.ପ୍ର./ ଡି.ଏନ୍.ଏ.)- ବରୀ ନିର୍ବାଚନମଣ୍ଡଳୀର ବରୀ ବ୍ଲକ ଅଧୀନ ବାଇଁଶିରିଆ ପଞ୍ଚାୟତରେ ବୁଧବାର ଭାଜପାର ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଇଚ୍ଛାପୁରସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରୁ ପଦଯାତ୍ରା ଆରମ୍ଭ ହୋଇ ଜାଗୁଲେଇ ପଡ଼ିଆରେ ଉଦ୍‌ଯାପିତ ହୋଇଥିଲା। ଜାଗୁଲେଇ ପଡିଆ ଲୋକାରଣ୍ୟ ହୋଇଥିବାବେଳେ ଆଗାମୀ ୨୦୧୯ ନିର୍ବାଚନରେ ବରୀରେ ପରିବର୍ତ୍ତନ ହେବ ବୋଲି ସ୍ଲୋଗାନ ଦିଆଯାଇଥିଲା। ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ଦେବେନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ଦିଲ୍ଲୀପ ମହାନ୍ତି। ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁବୋଧ ଜେନା, ସୁଲଭ ମଲିକ, ହେମନ୍ତ ମହାପାତ୍ର, ହିମାଂଶୁ ଶେଖର ଦାସ, ଲକ୍ଷ୍ମଣ ସାହୁ, ଦୁଷ୍ମନ୍ତ ସେଠୀ, ଗୌରାଙ୍ଗ ସାହୁ, ଦୁର୍ଗାମାଧବ ନନ୍ଦ, କାଞ୍ଚନ ଲେଙ୍କା, ଭରତ ସେଠୀଙ୍କ ସହିତ ଶତାଧିକ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ।

### ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ରତ୍ନଗିରି,୨୦।୨(ଡି.ଏନ୍.ଏ)- ବ୍ଲକର ସ୍ୱାଇଁଖଣ୍ଡ ପଞ୍ଚାୟତରେ ବୁଧବାର ବରୀ ବିଧାୟକ ଦେବାଶିଷ ନାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଗୋପିନାଥ ଜୀୟୁ ଗୋଷ୍ଠୀକେନ୍ଦ୍ର ଖରିପଡ଼ିଆ, ସ୍ୱାଇଁଖଣ୍ଡର ୨ ନମ୍ବର ଅଙ୍ଗନୱାଡି କେନ୍ଦ୍ର, ଖରିପଡ଼ିଆଠାରୁ ଜଳ ସମ୍ପଦ ବିଭାଗ ତରଫରୁ ମଞ୍ଜୁର ହୋଇଥିବା ଖରିପଡ଼ିଆ ରାସ୍ତାର ଶୁଭ ଦେଇଥିଲେ। ଏଥିସହ ବାଲିଆ ପଞ୍ଚାୟତ ସାହୁ ସାହି ଗୋଷ୍ଠୀକେନ୍ଦ୍ର, ଅଭିମନ୍ୟୁ ଜୟନ୍ତୀ ମଣ୍ଡପ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ କିରଣବାଳା ଜେନା, ସମିତ ସଭ୍ୟ ସୁପ୍ରଭା ନାୟକ, ବରୀ ବ୍ଲକ ବିଜେଡି ସଭାପତି ସେଖ୍ ସଫିକ୍‌ଉଦ୍ଦିନ, ପରିଷଦ ସଭ୍ୟ ଅଶୋକ ସାମଲ, ବିଜୟ ନାୟକ, ବିଜୟ ଜେନା, ବାଲିଆ ସରପଞ୍ଚ ପ୍ରବୀର ଜେନା, ଅଭିନ ଜେନା, ଗୋଲଖ ମଲିକ, ଅକ୍ଷୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ବିଧାୟକ ମହାପ୍ରଭୁଙ୍କୁ ଦର୍ଶନ କରିବା ସହିତ ଆଗାମୀ ଦିନରେ ଜଗନ୍ନାଥ ମନ୍ଦିରଠାରୁ ବ୍ରାହ୍ମଣୀ ନଦୀ ଉପରେ ବରୀ-କଳାମାଟିଆ ରାସ୍ତାକୁ ସଂଯୋଗୀ କରଣ ପାଇଁ ଏକ ନୂତନ ସେତୁ ନିର୍ମାଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ପ୍ରତଶ୍ରୁତି ଦେଇଛନ୍ତି।

## ଅଙ୍ଗନୱାଡି କେନ୍ଦ୍ରରେ ତାଲା ଝୁଲିବା ଘଟଣା

# ଗ୍ରାମସଭାରେ ବାହାରିଲା ସମାଧାନ ବାଟ

- ସରପଞ୍ଚଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ
- ଆଜି ଅଙ୍ଗନୱାଡି କେନ୍ଦ୍ରରେ ଫିଟାଯିବ ତାଲା

ସୁକିନ୍ଦା,୨୦।୨(ଡି.ଏନ୍.ଏ.)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଦୁଧୁଯୋରି ପଞ୍ଚାୟତର ପୁବୋଳ ନିୟୁ ଅଙ୍ଗନୱାଡି କେନ୍ଦ୍ରରେ ୭ ଦିନ ଅଚଳାବସ୍ଥା ଜାରି ରହିଥିଲା। ଏ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରାଯାଇଥିଲେ ମଧ୍ୟ ସମାଧାନ ହୋଇପାରି ନ ଥିଲା। ବୁଧବାର ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୁରୁବାର ଅଙ୍ଗନୱାଡି କେନ୍ଦ୍ରରୁ ତାଲା ଫିଟାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ସଭାରେ ସରକାରଙ୍କ ତରଫରୁ ମିଳୁଥିବା ଅଣ୍ଡା,ଛତୁଆ ଓ ଡ୍ରେସ୍‌ଗୁଡିକୁ ଅଙ୍ଗନୱାଡି କର୍ମୀ ନିୟମିତ ପ୍ରଦାନ କରିବାକୁ ଗ୍ରାମବାସିଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ପ୍ରକାଶ ଯେ, ପୁବଳ ଗ୍ରାମରେଥିବା ପୁବୋଳ ନିୟୁ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କ ପାଇଁ ଆସୁଥିବା ଅଣ୍ଡା, ଛତୁଆ ଠିକ ପରିମାଣରେ ପ୍ରଦାନ କରାଯାଉ ନାହିଁ। ଏପରିକି ରନ୍ଧାଖାଦ୍ୟ ମଧ୍ୟ ପ୍ରଦାନ କରାଯାଉ ନା ଥିବା ଘଟଣାକୁ ବିରୋଧ କରି ଗତ ଗୁରୁବାର ଅଭିଭାବକମାନେ କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଫଳରେ ୬ ଦିନ ଧର ପାଠପଢା ସହ ମଧ୍ୟାହ୍ନ ଭୋଜନ ବନ୍ଦ ରହିଥିଲା। ଏ ନେଇ ଗ୍ରାମର ଜଣେ ବ୍ୟକ୍ତି ସିଡିପିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା। ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସିଡିପିଓ ଉକ୍ତ ଅଙ୍ଗନୱାଡି କେନ୍ଦ୍ର ଦାୟିତ୍ୱରେଥିବା ସୁପରଭାଇଜରଙ୍କୁ ଦାୟିତ୍ୱ ଦେଇଥିଲେ। ତେବେ ଅଙ୍ଗନୱାଡି କେନ୍ଦ୍ରରେ ଅବଶ୍ୟକଠାରୁ ଅଧିକ ପିଲା ଆସୁଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଅଙ୍ଗନୱାଡି କର୍ମୀ କହିଥିଲେ। ସୁପରଭାଇଜର ଅଙ୍ଗନୱାଡି କର୍ମୀଙ୍କ ସପକ୍ଷରେ ସଫେଇଦେଇ ଦାୟିତ୍ୱ ସାରିଦେଇଥିଲେ। ଫଳରେ ଏ ଦିଗରେ କୌଣସି ସମାଧାନ ସୂତ୍ର ବାହାରି ପାରି ନ ଥିବାରୁ ୭ ଦିନଧରି ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିଥିଲା।

## ଏଲଇଡି ବଲ୍ବ, ବର୍ଦ୍ଧିତ ଭତ୍ତା ପ୍ରଦାନ



ସଭାରେ ମଞ୍ଚାସୀନ ଅତିଥି ।

ବିରଜାକ୍ଷେତ୍ର,୨୦।୨(ଡି.ଏନ୍.ଏ)

ଯାଜପୁର ବ୍ଲକ୍ ବିଚିତ୍ରପୁର ପଞ୍ଚାୟତରେ ବୁଧବାର ହିତାଧିକାରୀଙ୍କୁ ଏଲ୍‌ଇଡି ବଲ୍ବ ଓ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି । ଏ ନେଇ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ନାୟକ, ସରପଞ୍ଚ ଇନ୍ଦ୍ରଜିତ ସାହୁ, ସମିତି ସଭ୍ୟା ପଦ୍ମାସିନୀ ନାୟକ, ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ, ସମାଜିକ କର୍ମୀ ଅଚ୍ୟୁତାନନ୍ଦ ନାୟକ ପ୍ରମୁଖ ଯୋଗଦେଇ ୪ ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏଲ୍‌ଇଡି ବଲ୍ ଓ ଭତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ନୃତ୍ୟ, ପାଲା ଓ ସଙ୍ଗୀତ ମାଧ୍ୟମରେ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ବିଷୟରେ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରାଯାଇଛି। ପଞ୍ଚାୟତର ୧୨୦ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଉତ୍ସବରେ ଯୋଗଦାନ କରିଥିଲେ । ଟୁଲୁ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ବରୀ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦର ଆନ୍ଦୋଳନ

# ଧାରଣାସ୍ଥଳକୁ ଆସିଲେନି ଅଧିକାରୀ

ବରୀ/ରତ୍ନଗିରି,୨୦।୨(ସ୍ୱ.ପ୍ର./ ଡି.ଏନ୍.ଏ.)

ବରୀ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦର ପକ୍ଷରୁ ଆନ୍ଦୋଳନ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଧାରଣାସ୍ଥଳକୁ ପ୍ରଶାସନିକ ଅଧିକାରୀ ଆସି ନ ଥିବାରୁ କୌଣସି ସମାଧାନର ସୂତ୍ର ବାହାରି ପାରି ନ ଥିବା ଜଣାପଡିଛି। ସମସ୍ୟାର ସମାଧାନ ନ ହେବାଯାଏ ଆନ୍ଦୋଳନ ଜାରି ରହିବ ବୋଲି ପରିଷଦର ସଭାପତି କୁଳମଣି ଶୁକ୍ଳ କହିଛନ୍ତି। ଶାନ୍ତି ଶୃଙ୍ଖଳା ପାଇଁ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ମଙ୍ଗଳବାର ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ପରିଷଦ ପକ୍ଷରୁ ତହସିଲର ମୁଖ୍ୟ ଫାଟକରେ



ଧାରଣା ସ୍ଥଳରେ ବସିଥିବା ଆନ୍ଦୋଳନକାରୀ ।

ତାଲା ପକାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କାହ୍ନୁ ଚରଣ ବେଉରା, ନଟବର ବେହେରା, ଦାମୋଦର ବେହେରା, ହଳଧର ଶତପଥୀ, ପୁଷ୍ପଲତା ପରିଡା, ମମତା ପରିଡା, କାଞ୍ଚନବାଳା ଯତି, ଶୁଭଶ୍ରୀ ରାଏ, ଦେବକୀ ସାହୁ, ପୂର୍ଣ୍ଣିମା ମଲିକ, ନିର୍ମଳା ମଲ୍ଲ, ତିଳୋତମା ବାରିକ, ରଶ୍ମୀ ଜେନା, ଭାରତୀ ଜେନାଙ୍କ ସହିତ ଶତାଧିକ ମହିଳା ଓ ପୁରୁଷ, ବୁଦ୍ଧିଜୀବି, ସାମାଜିକ କର୍ମୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

## ୯୬ ହିତାଧିକାରୀଙ୍କୁ ଏଲ୍‌ଇଡିବଲ୍ବ ବଣ୍ଟନ

ଧର୍ମଶାଳା,୨୦।୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତସ୍ଥିତ ମଙ୍ଗଳପୁର ଗ୍ରାମରେ ବୁଧବାର ରାଜ୍ୟ ସରକାରଙ୍କ ବିଭିନ୍ନ ସହାୟତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୂଚିସ୍ମିତା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଏମ୍‌ପି ରୀତା ତରାଇ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡି ସଭାପତି ଜଳଧର ମହାନ୍ତି, ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ସଭ୍ୟା ସୁରେଖା ନାୟକ, ପ୍ରଣତୀ ଲଙ୍କା, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ସମିତି ସଭ୍ୟା ଗୀତାଞ୍ଜଳୀ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ୯୬ ହିତାଧିକାରୀଙ୍କୁ ଏଲ୍‌ଇଡି ବଲ୍ବ ୧୦ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି। ବାଦ୍‌ପଡିଥିବା ଅନ୍ୟ ହିତାଧିକାରୀଙ୍କୁ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ଓ ଏଲ୍‌ଇଡି ବଲ୍ ପ୍ରଦାନ କରାଯିବ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି। ଅଙ୍ଗନୱାଡି କର୍ମୀ ଓ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବ୍ଲକ ପ୍ରଶାସନ ତରଫରୁ ଭିଏଲଡବ୍ଲ୍ୟୁ ରବୀନ୍ଦ୍ର କୁମାର ଦାସ ଓ କୋଷାଧ୍ୟକ୍ଷ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଯୁବସଂଗଠକ ମଦନ ସାମଲ ସହଯୋଗ କରିଥିଲେ।

# କନ୍ୟା ଶିବିର ଅନୁଷ୍ଠିତ



ଶିବିରରେ ଜଣେ ଛାତ୍ରୀ ବକ୍ତୃତା ପ୍ରଦାନ କରୁଛନ୍ତି ।

କାଳିଆପାଣି,୨୦।୨(ଡି.ଏନ୍.ଏ.)

ସରସ୍ୱତୀ ଶିଶୁବିଦ୍ୟାମନ୍ଦିର କଲରଙ୍ଗୀଅଠା ପକ୍ଷରୁ ବୁଧବାର ଏକ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଟାଟାଷ୍ଟିଲ ଗ୍ରାମୀଣ ବିକାଶ ସଂସ୍ଥା ରିସ୍ତା ପ୍ରୋଜେକ୍ଟର ସଞ୍ଚାଳିକା ରଚିତା ଯୋସେଫ ମୁଖ୍ୟ ଅତିଥିଭାବେ ଯୋଗଦେଇ ନାରୀଶିକ୍ଷା ଓ ଅଧିକାର ଉପରେ ଆଲୋକପାତ କରିବା ସହ କୌଶଳାତ୍ମକ ଓ ଆତ୍ମରକ୍ଷା ଶିକ୍ଷା ଉପରେ ନାରୀର ଭୂମିକା ଉପରେ ଉପସ୍ଥିତ ଛାତ୍ରୀଙ୍କୁ କହିଥିଲେ। ଶିବିରରେ ସ୍କୁଲର ୯୦ ଜଣ ଛାତ୍ରୀଙ୍କୁ ନେଇ ଝୋଟି, ହୁଳହୁଳି, ମାଣବସା, ଶାଢିପିନ୍ଧିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଅଭିରାମ ସେଠୀଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରେ ଭୁବନ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ମମତା ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା, ଅର୍ଥନୀତି, ରାଜନୀତି ଓ ସମାଜ ସେବାରେ ନାରୀର ଭୂମିକା ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ଯତୀନ୍ଦ୍ର ମୋହନ ପଣ୍ଡା ଅତିଥିପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଆଚାର୍ଯ୍ୟ ଶରତ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସୁନିତା ମହାନ୍ତି , ସସ୍ମିତା ସାହୁ, ଲଳିତାରାଣୀ ସାହୁ, ପ୍ରଭାଷ ବେଜ, ଦୁର୍ଗାଚରଣ ରାଉତ, ସୁବାସ ରଣା, ଅଜୟ କୁମାର ରଥ, ପ୍ରସନ୍ନ ଆରୁକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲେଖକ ସମ୍ମିଳନୀର ପ୍ରତିଭା ପ୍ରଣାମ କାର୍ଯ୍ୟକ୍ରମ

ବିରଜାକ୍ଷେତ୍ର,୨୦।୨(ଡି.ଏନ୍.ଏ)

ଯାଜପୁର ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତର ସ୍ୱପ୍ନେଶ୍ୱରପୁର ବିଦ୍ୟାଳୟ ପରିସରରେ ବୁଧବାର ଯାଜପୁର ସଦର ସାହିତ୍ୟ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଜିଲା ଲେଖକ ସମ୍ମେଳନର ପ୍ରତିଭା ପ୍ରଣାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲେଖକ ସମ୍ମେଳନର ସଭାପତି ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପଣ୍ଡିତ ସୂର୍ଯ୍ୟମଣି ଖଣ୍ଟିଆ, ଗୁଣନିଧୀ ଗୁରୁ ସଦର ବରିଷ୍ଠ ନାଗରିକ ମଞ୍ଚ ସଭାପତି ଗଦାଧର ରାଉତ, ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଓଝା, ସଦର ସାହିତ୍ୟ ପରିଷଦର ସଭାପତି ସମର ବିଜୟ ଶରଣ, ସମ୍ପାଦକ ପର୍ଶୁରାମ ସାହୁ ଓ ବରିଷ୍ଠ ସାହିତ୍ୟିକ ପାଣ୍ଡବ ଚରଣ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମାଜିକ କର୍ମୀ ଗଦାଧର ରାଉତ, ଶିଶୁ କବି ପ୍ରଭାକର ସାହୁ, ବ୍ୟଙ୍ଗ କବି ପର୍ଶୁରାମ ସାହୁ, କବୟିତ୍ରୀ ମିନାକ୍ଷୀ ବାରିକ ଓ କାର୍ତ୍ତିକ ଚନ୍ଦ୍ର ସାହୁଙ୍କୁ ଲେଖକ ସମ୍ମେଳନ ତରଫରୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହିପରି ଯାଜପୁର ସଦର ସାହିତ୍ୟ ସଂସ୍କୃତି ପରିଷଦ ତରଫରୁ ରୁଦ୍ରନାରାୟଣ ପୃଷ୍ଟି, ପଣ୍ଡିତ ସୂର୍ଯ୍ୟନାରାୟଣ ଖୁଣ୍ଟିଆ, ଗୁଣନିଧୀ ଗୁରୁ, ଶିକ୍ଷାବିତ୍ ସୁରେନ୍ଦ୍ର ରାୟ, କୈଳାଶ ଚନ୍ଦ୍ର ବାରିକ ଓ ଦୟାନିଧୀ ଓଝା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅରୁଣ ପାଢୀ, ଉପେନ୍ଦ୍ର ଜେନା, ଭାସ୍କର ଚନ୍ଦ୍ର ଦାସ, ବିନୋଦ ଶତପଥୀ, ଗୁରୁଚରଣ ସାହୁ, କୁଞ୍ଜବିହାରୀ ଦାସ, ଅଜୟ ମହାନ୍ତି, ଗାୟତ୍ରୀ ନାୟକ, ଶୁଭଲକ୍ଷ୍ମୀ ରାଉତ୍, ଉପମନ୍ୟୁ ପତି, ଦିଲ୍ଲୀପ କୁମାର ତରାଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ମନୋଜ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୨୭ | ୧୭୫ | ୨୧୦ | ୦.୪୩ | ୦.୦୨ | ରଙ୍ଗାଧର ବେହେରା, ପିତା: ମଣି ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୧୨୮ | ୧୮୦ | ୫୪୩ | ୦.୬୭ | ୦.୦୮ | ଲକ୍ଷ୍ମଣ ଦାସ, ପିତା: ଦିନବନ୍ଧୁ ଦାସ, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୨୯ | ୧୯୦ | ୯୮୭ | ୧.୫୪ | ୦.୫୨ | ଶଙ୍କର୍ଷଣ ଧିର ଓଗେର, ପିତା: ପରିକ୍ଷିତ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୩୦ | ୧୯୨ | ୧୦୧୫ | ୦.୪୭ | ୦.୦୮ | ସଦାଶିବ ଧିର, ପିତା: ବେଣୁଧର ଧିର ଓଗେର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୩୧ | ୧୯୬ | ୨୨୩ | ୦.୭୫ | ୦.୧୪ | ସହଦେବ ଚକ୍ର ଓଗେର, ପିତା: ଧରଣୀଧର ଚକ୍ର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୩୨ | ୧୯୬ | ୨୨୪ | ୦.୮୫ | ୦.୧୬ | ସହଦେବ ଚକ୍ର ଓଗେର, ପିତା: ଧରଣୀଧର ଚକ୍ର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୩୩ | | ୨୫୧ | ୦.୬୬ | ୦.୫୪ | ସହଦେବ ଚକ୍ର ଓଗେର, ପିତା: ଧରଣୀଧର ଚକ୍ର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୩୪ | ୧୯୮ | ୧୭୩ | ୦.୬୪ | ୦.୨୬ | ଶ୍ୟାମସୁନ୍ଦର ବାରିକ, ପିତା: ନାଭ ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୩୫ | | ୧୮୦ | ୦.୩୭ | ୦.୧୮ | ଶ୍ୟାମସୁନ୍ଦର ବାରିକ, ପିତା: ନାଭ ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୩୬ | ୨୦୩ | ୧୮୧ | ୦.୦୮ | ୦.୦୧ | ଶିରେଇ ବେହେରା, ପିତା: କାହ୍ନୁ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୩୭ | ୨୦୪ | ୨୪୧ | ୦.୨୩ | ୦.୦୧ | ଶ୍ରୀଧର ନାଏକ, ପିତା: ଅନନ୍ତ ନାଏକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୮ | | ୪୨୭ | ୦.୩୩ | ୦.୩୦ | ଶ୍ରୀଧର ନାଏକ, ପିତା: ଅନନ୍ତ ନାଏକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୯ | ୨୦୯ | ୨୪୮ | ୦.୨୭ | ୦.୧୫ | ହରିଶ୍ଚନ୍ଦ୍ର ରଣା, ପିତା: ଭୀମସେନ ରଣା ଓଗେର, ଜା: ମାଳି, ବା: ନିଜଗାଁ | |
| ୧୪୦ | ୨୧୦ | ୫୩୧ | ୦.୧୩ | ୦.୦୪ | ହାଡ଼ିବନ୍ଧୁ ଭୂୟାଁ, ପିତା: ନିଶାକର ଭୂୟାଁ ଓଗେର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୪୧ | | ୫୪୦ | ୦.୧୧ | ୦.୧୧ | ହାଡ଼ିବନ୍ଧୁ ଭୂୟାଁ, ପିତା: ନିଶାକର ଭୂୟାଁ ଓଗେର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୪୨ | ୨୧୧ | ୩୦୯ | ୦.୧୨ | ୦.୦୭ | ହାଡ଼ିବନ୍ଧୁ ବେହେରା, ପିତା: ମାଧ ବେହେରା ଓଗେର, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୩ | ୨୧୧ | ୩୧୦ | ୦.୩୯ | ୦.୨୯ | ହାଡ଼ିବନ୍ଧୁ ବେହେରା ଓଗେର, ପିତା: ମାଧ ବେହେରା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୪ | | ୩୧୧ | ୦.୧୯ | ୦.୧୬ | ହାଡ଼ିବନ୍ଧୁ ବେହେରା ଓଗେର, ପିତା: ମାଧ ବେହେରା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୫ | | ୧୭୬ | ୦.୧୪ | ୦.୧୪ | ହାଡ଼ିବନ୍ଧୁ ବେହେରା ଓଗେର, ପିତା: ମାଧ ବେହେରା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୬ | ୨୩୨ | ୯୯୩ | ୦.୪୩ | ୦.୦୬ | ମେନକା ଧିର, ସ୍ୱାମୀ: ବଳରାମ ଧିର ଓଗେର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୪୭ | ୨୩୩ | ୧୦୧୬ | ୦.୫୩ | ୦.୪୮ | ସଦାଶିବ ଧିର, ପିତା: ବେଣୁଧର ଧିର ଓଗେର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୪୮ | ୨୧୨/୧ | ୧୭୭ | ୦.୪୬ | ୦.୪୦ | ବାବାଜୀ ଚରଣ ସେନାପତି ଓଗେର, ପିତା: କାର୍ତ୍ତିକ ଚରଣ ସେନାପତି, ଜା: କୁମ୍ଭାର, ବା: ପୁରୁଣାବାନ୍ଧଗୋଡ଼ା | |
| ୧୪୯ | ୨୧୨/୨ | ୯୮୬ | ୨.୫୨ | ୦.୭୩ | କାମିନୀ ଧିର, ସ୍ୱାମୀ: ଚନ୍ଦ୍ରଶେଖର ଧିର, ଜା: କ୍ଷତ୍ରୀୟ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୫୦ | ୨୧୨/୩ | ୫୦୬ | ୦.୩୮ | ୦.୧୧ | ମଙ୍ଗୁଳି ଚରଣ ବେହେରା, ପିତା: ବୈଷ୍ଣବ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୫୧ | ୨୧୨/୧୫ | ୨୦୨ | ୦.୪୨ | ୦.୦୭ | ରଞ୍ଜନ କୁମାର ନାୟକ ଓଗେର, ପିତା: ଦୀନବନ୍ଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୫୨ | ୨୧୨/୧୬ | ୫୪୨ | ୦.୪୦ | ୦.୨୩ | ସାବିତ୍ରୀ ବେହେରା, ସ୍ୱାମୀ: ବନମାଳି ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୫୩ | ୨୧୨/୨୮ | ୫୫୨ | ୦.୨୨ | ୦.୦୧ | ବଳରାମ ବେହେରା ଓଗେର, ପିତା: ଯୁଧିଷ୍ଠିର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୫୪ | | ୫୪୮ | ୦.୨୦ | ୦.୦୨ | ବଳରାମ ବେହେରା ଓଗେର, ପିତା: ଯୁଧିଷ୍ଠିର ବେହେରା, ଜା: ଗୋପାଳ, ବା: ନିଜଗାଁ | |

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୫୫ | ୨୧୨/୩୩ | ୧୦୧୧ | ୦.୨୭ | ୦.୨୭ | ରଞ୍ଜନ କୁମାର ବେହେରା ଓଗେର, ପିତା: ବଟକୃଷ୍ଣ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୫୬ | ୨୧୨/୩୩ | ୧୦୧୨ | ୦.୨୯ | ୦.୧୯ | ରଞ୍ଜନ କୁମାର ବେହେରା ଓଗେର, ପିତା: ବଟକୃଷ୍ଣ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୫୭ | ୨୧୨/୪୨ | ୩୮୩ | ୦.୨୮ | ୦.୧୧ | ହିମାଂଶୁ ଶେଖର ପଟ୍ଟନାୟକ ଓଗେର, ପିତା: ସୁବାସ ଚନ୍ଦ୍ର ପଟ୍ଟନାୟକ, ଜା: କରଣ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୫୮ | ୨୧୨/୪୪ | ୧୩୨ | ୦.୩୭ | ୦.୨୮ | ଶ୍ରୀମତୀ ଚନ୍ଦ୍ରମଣି ବେହେରା, ସ୍ୱାମୀ: ରଙ୍ଗାଧର ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୫୯ | ୨୧୨/୬୫ | ୨୮୬ | ୦.୬୭ | ୦.୦୨ | ରଞ୍ଜନ କୁମାର ବେହେରା ଓଗେର, ପିତା: ବଟକୃଷ୍ଣ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୬୦ | ୨୧୨/୬୮ | ୫୨୯ | ୦.୧୫ | ୦.୧୫ | ନିରଞ୍ଜନ ସାହୁ ଓଗେର, ପିତା: କ୍ଷେତ୍ରବାସୀ ସାହୁ, ଜା: ତେଲି, ବା: ଅଳତି | |
| ୧୬୧ | ୨୧୨/୮୨ | ୨୫୭ | ୦.୨୮ | ୦.୨୩ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ, ଜା: ଗୋପାଳ, ବା: ତିଗିରିଆ | |
| ୧୬୨ | | ୨୬୦ | ୦.୨୫ | ୦.୧୫ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ, ଜା: ଗୋପାଳ, ବା: ତିଗିରିଆ | |
| ୧୬୩ | | ୪୦୬ | ୦.୧୭ | ୦.୦୧ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ, ଜା: ଗୋପାଳ, ବା: ତିଗିରିଆ | |
| ୧୬୪ | ୨୧୨/୮୩ | ୨୫୩ | ୦.୪୦ | ୦.୪୦ | ତିଳୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୫ | ୨୧୨/୮୩ | ୨୪୭ | ୦.୫୪ | ୦.୫୪ | ତିଳୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୬ | | ୨୪୯ | ୦.୬୬ | ୦.୦୯ | ତିଳୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୭ | | ୨୫୦ | ୦.୧୦ | ୦.୧୦ | ତିଳୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୮ | ୨୧୨/୧୦୩ | ୪୨୫ | ୧.୫୦ | ୦.୩୮ | ଶୈଳେନ୍ଦ୍ର ବାରିକ, ପିତା: ଗଙ୍ଗାଧର, ଜା: ଗୋପାଳ, ବା: ନିଜଗାଁ | |
| ୧୬୯ | | ୪୨୫/ ୧୧୮୯ | ୦.୫୮ | ୦.୩୨ | ଶୈଳେନ୍ଦ୍ର ବାରିକ, ପିତା: ଗଙ୍ଗାଧର, ଜା: ଗୋପାଳ, ବା: ନିଜଗାଁ | |
| ୧୭୦ | ୨୧୨/ ୧୦୪ | ୧୭୪ | ୦.୪୦ | ୦.୪୦ | ଇନ୍ଦୁମତୀ ସାହୁ, ସ୍ୱାମୀ: ଶୈଳେନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୭୧ | | ୧୭୫ | ୦.୨୦ | ୦.୨୦ | ଇନ୍ଦୁମତୀ ସାହୁ, ସ୍ୱାମୀ: ଶୈଳେନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୭୨ | ୨୧୨/ ୧୧୧ | ୨୧୬ | ୦.୧୬ | ୦.୧୬ | ମଧୁସୂଦନ ରାଉତ, ପିତା: ଜାଇଗ ରାଉତ, ଜା: ମାଟିବଂଶ ତନ୍ତି, ବା: ନିଜଗାଁ | |
| ୧୭୩ | ୨୧୨/ ୧୧୩ | ୨୯୪/ ୧୩୦୬ | ୧.୦୦ | ୦.୫୯ | ସୀତାଞ୍ଜଳି ନାୟକ, ପିତା: ରାଜକିଶୋର ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୭୪ | ୨୧୨/ ୧୧୪ | ୫୩୭ | ୦.୨୫ | ୦.୧୩ | କାର୍ତ୍ତିକ ଚନ୍ଦ୍ର ବେହେରା, ପିତା: ନିତ୍ୟାନନ୍ଦ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୫ | ୨୧୨/ ୧୧୭ | ୪୯୨ | ୦.୭୫ | ୦.୩୫ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୬ | | ୫୩୮ | ୦.୨୩ | ୦.୨୩ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୭ | | ୫୨୭ | ୦.୪୦ | ୦.୩୩ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୮ | | ୫୩୦ | ୦.୪୫ | ୦.୧୬ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୯ | ୨୧୨/ ୧୧୮ | ୨୮୯ | ୦.୨୩ | ୦.୨୧ | କାଞ୍ଚନବାଳା ନାୟକ, ସ୍ୱାମୀ: କୃପାସିନ୍ଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୮୦ | ୨୧୨/ ୧୪୩ | ୯୯୪ | ୦.୧୩ | ୦.୦୩ | ପ୍ରମିଳା ସେନାପତି, ସ୍ୱାମୀ: ବିଷ୍ଣୁଚରଣ ସେନାପତି ଓଗେର, ଜା: ମାଳାକାର, ବା: ନିଜଗାଁ | |
| ୧୮୧ | ୨୧୨/ ୧୪୪ | ୨୨୧ | ୦.୨୭ | ୦.୧୨ | ପ୍ରସନ୍ନ କୁମାର ବେହେରା ଓଗେର, ପିତା: ହରିହର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୮୨ | ୨୧୨/ ୧୪୪ | ୨୧୨/ ୧୨୦୫ | ୦.୦୧ | ୦.୦୧ | ପ୍ରସନ୍ନ କୁମାର ବେହେରା ଓଗେର, ପିତା: ହରିହର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୮୩ | ୨୨୪ | ୫୨୨ | ୦.୬୭ | ୦.୨୩ | ସେକ୍ ବୁଲା, ପିତା: ସେକ୍ ଜାନ, ଜା: ମୁସଲମାନ, ବା: ଗଡ଼ବାନ୍ଧଗୋଡ଼ା | |
| ୧୮୪ | ୧୨୦ | ୯୫୬ | ୨.୦୩ | ୦.୯୦ | ବିନୋଦିନୀ ଧିର, ସ୍ୱାମୀ: ରଘୁନାଥ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | ଗୋଚର ବଦଳି |
| ୧୮୫ | ୫୦ | ୫୬୭ | ୦.୬୯ | ୦.୦୯ | ଗିରିଧାରୀ ରଣା, ପିତା: ଶିବ ରଣା, ଜା: ମାଳି, ବା: ନିଜଗାଁ | ଦେବ ସ୍ଥଳୀ ବଦଳି |
| ୧୮୬ | ୧୫୩ | ୫୨୮ | ୦.୨୨ | ୦.୦୩ | ମଙ୍ଗଳୁ ବେହେରା, ପିତା: ବୈଷ୍ଣବ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| | | | ମୋଟ | ୩୬.୫୬ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୧୮୩ (ଏକ ଶହ ତେୟାଅଶୀ), ମୋଟ ଅଧିଗୃହୀତ ଜମି: ୩୬.୫୬ ଏକର ।

24046/14/0002/1819



ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ। ଧନୀ ମଧ୍ୟ ଦରିଦ୍ର ଉପରେ ନିର୍ଭର କରେ।
–ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ରାଜସୁନାଖଳା କପ୍ ଫୁଟ୍‌ବଲ ଉଦ୍‌ଯାପିତ: ଅନୁଗୋଳ ଚାମ୍ପିୟନ



ବୋଲଗଡ଼,୨୦।୨(ଡି.ଏନ.ଏ.): ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଫ୍ରେଣ୍ଡସ କ୍ଲବ୍ ଆନୁକୂଲ୍ୟରେ ୧୮ତମ ରାଜ୍ୟସ୍ତରୀୟ ରାଜସୁନାଖଳା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ଢେଙ୍କାନାଳ ପପୁଲାର୍ କ୍ଲବ୍(ଢେଙ୍କାନାଳ)କୁ ୪-୧ଗୋଲ୍‌ରେ ହରାଇ ପତାକା କ୍ଲବ୍(ଅନୁଗୋଳ) ଚାମ୍ପିୟନ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଅନୁଗୋଳ ଟିମ୍ ୨ଟି ଗୋଲ୍ ସ୍କୋର କରିଥିଲା । ଦ୍ୱିତୀୟାର୍ଦ୍ଧ ମ୍ୟାଚ୍‌ରେ ଢେଙ୍କାନାଳ ଟିମ୍ ଗୋଟିଏ ଗୋଲ୍ କରିଥିବାବେଳେ ଅନୁଗୋଳ ଟିମ୍ ମଧ୍ୟ ଆଉ ଗୋଟିଏ ଗୋଲ୍ ସ୍କୋର କରି ମ୍ୟାଚ୍ ବିଜୟୀ ହୋଇଥିଲା। ଅନୁଗୋଳ ଟିମ୍‌ର ଅଖିଳେଶ ଟପୋ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଢେଙ୍କାନାଳ ଟିମ୍‌ର ଅମ୍ରିତ ନାୟକଙ୍କୁ ଉତ୍ତମ ଗୋଲ୍‌କିପର୍ ଭାବେ ପୁରସ୍କୃତ କରାଯାଇଛି। ଜାତୀୟସ୍ତରୀୟ ରେଫରି ଶିବଶଙ୍କର ପଣ୍ଡା ଖେଳ ପରିଚାଳନା କରିଥିବା ବେଳେ ଏମ୍ଏସ୍ ବେଗ୍ ଓ ସୁଶାନ୍ତ ମିଶ୍ର ଲାଇନ୍ସରେ ସହାୟତା କରିଥିଲେ। ଭଞ୍ଜ କିଶୋର ଯତି ୪ର୍ଥ ରେଫରି ଦାୟିତ୍ୱରେ ରହିଥିଲେ। ରଣପୁର ବିଧାୟକ ରବି ନାରାୟଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଗୋଳକୁ ଚାମ୍ପିୟନ ଟ୍ରଫି ସହିତ ପୁରସ୍କାର ରାଶି ପ୍ରଦାନ କରିଥିଲେ । ସେହିପରି ସ୍ୱତନ୍ତ୍ର ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ଢେଙ୍କାନାଳ ଟିମ୍‌କୁ ରନର୍ସ ଅପ୍ ଟ୍ରଫି ଓ ପୁରସ୍କାର ଅର୍ଥରାଶି ପ୍ରଦାନ କରିଥିଲେ ।

### ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୧୦୫ ୟୁନିଟ୍ ରକ୍ତ ସଂଗ୍ରହ

ନୟାଗଡ଼ ଅଫିସ,୨୦।୨- ଜମ୍ମୁ ଓ କଶ୍ମୀରର ପୁଲୱାମାଠାରେ ଶହୀଦ୍ ହୋଇଥିବା ଭାରତୀୟ ଯବାନ୍‌ଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୟାଗଡ଼ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ମଙ୍ଗଳବାର ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଜୀବନ ବିନ୍ଦୁ ସଂଯୋଜକ ସତ୍ୟ ନାରାୟଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୁ ଛାତ୍ର ଜନତା ଦଳର ସଭାପତି ନୀଳମାଧବ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୧୦୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମାନସ କୁମାର ସାହୁ, ରବି ନାୟକ, ଦିଲୀପ ତ୍ରିପାଠୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



■ ଜହ୍ନିପଦା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

# ଦରକାର ୧୦ ଶ୍ରେଣୀଗୃହ, ଅଛି ୪

■ ବାରଣ୍ଡାରେ ପଢୁଛନ୍ତି ପିଲା
■ ୨୦୧୦ରେ ହୋଇଥିଲା ଅପ୍‌ଗ୍ରେଡ୍

ନୟାଗଡ଼ ଅଫିସ,୨୦।୨

ନୟାଗଡ଼ ଜିଲା ସଦର ବ୍ଲକ ଜହ୍ନିପଦା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସମ୍ପ୍ରତି ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଏଠାରେ ପ୍ରଥମରୁ ଦଶମ ଶ୍ରେଣୀ ଥିଲେ ମଧ୍ୟ ଏମାନଙ୍କ ପାଇଁ ରହିଛି ମାତ୍ର ୪ଟି ଶ୍ରେଣୀଗୃହ। ଶ୍ରେଣୀଗୃହ ଅଭାବରୁ କିଛି ଛାତ୍ରୀଛାତ୍ର ବାରଣ୍ଡାରେ ପାଠ ପଢୁଛନ୍ତି। ଏ ନେଇ ବିଦ୍ୟାଳୟ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କଠାରେ ଅଭିଯୋଗ କରାଯାଇଥିଲା। ହେଲେ ଏହାର ସମାଧାନ ନେଇ ଯେପରି କାହାରି ଆନ୍ତରିକତା ନ ଥିବା ପରିଲକ୍ଷିତ ହେଉଛି।

ପ୍ରକାଶ ଯେ, ୧୯୫୩ ମସିହାରେ ଜହ୍ନିପଦାଠାରେ ପ୍ରତିଷ୍ଠା ଲାଭ କରିଥିଲା ପ୍ରାଥମିକ ବିଦ୍ୟାଳୟ। ପରେ ୨୦୧୦ରେ ଏହାକୁ ଅପଗ୍ରେଡ୍ କରାଯାଇ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କରାଗଲା। ଅପଗ୍ରେଡ୍ ହେବାର ୮ବର୍ଷ ବିତିଯାଇଥିଲେ ମଧ୍ୟ ଏହି ବିଦ୍ୟାଳୟରେ ଶ୍ରେଣୀଗୃହଟିଏ ହୋଇ ନ ପାରିବା ବିଭାଗୀୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବର୍ତ୍ତମାନ ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୮୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୩୯ ଛାତ୍ରୀ ୪୩ ଜଣ ଛାତ୍ର। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲା ଗୋଟିଏ ଶ୍ରେଣୀ ଗୃହରେ ପଢୁଥିବାବେଳେ ତୃତୀୟ ଓ ଚତୁର୍ଥ ଗୋଟିଏ, ନବମ ଶ୍ରେଣୀ ଗୋଟିଏ ଓ ଦଶମ ଶ୍ରେଣୀର ପିଲା ଗୋଟିଏ ଗୃହରେ ପଢୁଛନ୍ତି। ଅନ୍ୟ ଶ୍ରେଣୀର ଛାତ୍ରୀଛାତ୍ର ବାରଣ୍ଡାରେ ପଢ଼ନ୍ତି। ବର୍ଷା ଋତୁରେ ବର୍ଷା ଲାଗିରହିଲେ ବାଧ୍ୟ ହୋଇ ଗୋଟିଏ ଗୃହରେ ଏକାଧିକ ଶ୍ରେଣୀର ପିଲା ବସନ୍ତି। ଏହି ସମୟରେ ପାଠପଢା କିପରି ହେଉଥିବ ତାହା ସହଜରେ ଅନୁମେୟ। ଶୌଚାଳୟ କଥା ନ କହିବା ଭଲ। ଶୌଚାଳୟ ଥିଲେ ମଧ୍ୟ ଏହା ଜରାଜୀର୍ଣ୍ଣ ଅବସ୍ଥାରେ, କେତେବେଳେ ଯେ ଏହା ଭୁଶୁଡ଼ି ପଡ଼ିବ ତାହା କହିବା ମୁସ୍କିଲ। ଶୌଚାଳୟର ଏଭଳି ଅବସ୍ଥା ଯୋଗୁ ପିଲାମାନେ ବାଧ୍ୟ ହୋଇ ବାହାରକୁ ପରିସ୍ରା କରିବାକୁ ଯାଉଛନ୍ତି। ବିଦ୍ୟାଳୟର ରୋଷେଇ ଘରଟିଏ ମଧ୍ୟ ନାହିଁ। ଅନ୍ୟପଟେ ସ୍କୁଲ ନିକଟରେ ଗ୍ରାମର ପୋଖରୀ ରହିଛି। ବିଦ୍ୟାଳୟର ପାଚେରି ନ ଥିବାରୁ ପୋଖରୀ ଚାରିପଟେ ତାର ବାଡ଼ ଘେରାଯାଇଛି। ଏହା ସତ୍ତ୍ୱେ କୌଣସି ସମୟରେ ଅଘଟଣକୁ ଏଡ଼ାଇ ଦିଆଯାଇ ନ ପାରେ। ବିଦ୍ୟାଳୟରେ ଅନୁମୋଦନ ହୋଇଥିବା ସମସ୍ତ ୧୦ ଶିକ୍ଷୟିତ୍ରୀଶିକ୍ଷକ ରହିଥିଲେ ମଧ୍ୟ ଶ୍ରେଣୀଗୃହ ଅଭାବରୁ ପାଠପଢ଼ା ବ୍ୟାହତ ହେଉଛି। ଏ ନେଇ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଶତପଥୀ କହନ୍ତି, ବିଦ୍ୟାଳୟର ଅବ୍ୟବସ୍ଥା ନେଇ ୧୧ ଅକ୍ଟୋବର ୨୦୧୭ରେ ଜିଲା ଶିକ୍ଷା ଅଧିକାରୀଙ୍କଠାରେ ଅଭିଯୋଗ କରାଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। କୋମଳମତି ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବି ହେଉଛି।



ବାରଣ୍ଡାରେ ପଢୁଛନ୍ତି ଛାତ୍ରୀଛାତ୍ର।

# ୧୭ ଦିନରେ ଓପେପା କର୍ମଚାରୀ ସଂଘର କାର୍ଯ୍ୟବନ୍ଦ

ନୟାଗଡ଼ ଅଫିସ,୨୦।୨

ସ୍ଥାୟୀ ନିଯୁକ୍ତି ଦାବିରେ ରାଜ୍ୟ ଓପେପା କର୍ମଚାରୀ ସେବା ସଂଘ ଡାକରାରେ ନୟାଗଡ଼ ଜିଲା ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଫେବୃୟାରୀ ୪ ତାରିଖଠାରୁ ସମୂହ ଛୁଟିରେ ଯାଇ ଲୋୟର ପିଏମ୍‌ଜିଠାରେ ଧାରଣା ଦେଉଛନ୍ତି। ବୁଧବାର ଏହି ଆନ୍ଦୋଳନ ୧୭ ଦିନରେ ପହଞ୍ଚିଛି। କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ ଏକପ୍ରକାର ଠପ୍ ହୋଇଯାଇଛି। ଶିକ୍ଷକଙ୍କଠାରୁ ଆରମ୍ଭ କରି ଜନସାଧାରଣ, ଶିକ୍ଷା ବିଭାଗର କର୍ମଚାରୀମାନେ କାର୍ଯ୍ୟାଳୟକୁ ଯାଇ ନିରାଶରେ ଫେରୁଛନ୍ତି। ପ୍ରକାଶ ଯେ, ଓପେପା କର୍ମଚାରୀମାନେ ଦୀର୍ଘ ୨୨ବର୍ଷ ଧରି ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରାଥମିକ ଶିକ୍ଷାର ଉନ୍ନତି ତଥା ସାର୍ବଜନୀନ ଶିକ୍ଷାର ବିକାଶ ପାଇଁ କାର୍ଯ୍ୟ କରିଆସୁଛନ୍ତି। କର୍ମଚାରୀମାନେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିବା ଦ୍ୱାରା ରାଜ୍ୟ ସରକାର ରାଷ୍ଟ୍ରୀୟ, ଅନ୍ତଃରାଷ୍ଟ୍ରୀୟ ପୁରସ୍କାର ପାଇ ପ୍ରଶଂସିତ ହେଉଛନ୍ତି। ସର୍ବଶିକ୍ଷା ଅଭିଯାନ ଅଧୀନରେ ଶିକ୍ଷା ସହାୟକ, ଗଣଶିକ୍ଷକ ନିଯୁକ୍ତି ପାଇ ସରକାରଙ୍କ ଦ୍ୱାରା ନିୟମିତ ହୋଇସାରିଛନ୍ତି। ଏହା ସତ୍ତ୍ୱେ କାର୍ଯ୍ୟାଳୟର କର୍ମଚାରୀମାନେ ସ୍ଥାୟୀ ହୋଇପାରି ନାହାନ୍ତି। ଏହା ଦ୍ୱାରା କର୍ମଚାରୀମାନଙ୍କର ଚାକିରି ନିରାପତ୍ତା ନେଇ ପ୍ରଶ୍ନ ଉଠୁଛି। ବିଗତ ଦିନରେ ୬ ବର୍ଷ ଚାକିରି କଲା ପରେ ବାର୍ଷିକ ଚୁକ୍ତି ନବୀକରଣ ପ୍ରଥାକୁ ବନ୍ଦ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ହେଲେ ପୁନର୍ବାର ଏହାକୁ ପ୍ରଚଳନ କରିବା ଦ୍ୱାରା କର୍ମଚାରୀ ମାରଣ ନୀତି ଅବଲମ୍ବନ କରାଯାଉଛି ବୋଲି ଓପେପା କର୍ମଚାରୀ ସେବା ସଂଘର ନୟାଗଡ ଶାଖା ସଭାପତି ରଙ୍କନାଥ ସାହୁ ପ୍ରକାଶ କରିଛନ୍ତି। ଦାବିପୂରଣ ନ ହେଲା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଜିଲା ସମ୍ପାଦକ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।




ଓପେପା କର୍ମଚାରୀମାନେ ଧାରଣାରେ ବସିଛନ୍ତି।

■ ଚାଷୀଙ୍କୁ ପ୍ରତାରଣା କରୁଛି ଉଦ୍ୟାନ ବିଭାଗ

# କାର୍ଯ୍ୟାଳୟରେ ପଶି ହୋହଲ୍ଲା କଲେ



ଚାଷୀମାନେ ଡିଡ଼ିଏଚ୍ କାର୍ଯ୍ୟାଳୟରେ ହୋ ହଲ୍ଲା କରୁଛନ୍ତି।

ନୟାଗଡ଼ ଅଫିସ,୨୦।୨

ପ୍ରାପ୍ୟ ପାଇଁ ଆଜି ଓ କାଲି ଆସ କହି ଚାଷୀଙ୍କୁ ଭଣ୍ଡାଇବାରେ ଲାଗିଛି ଉଦ୍ୟାନ ବିଭାଗ। ଏପରି କି ଅର୍ଥମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମଧ୍ୟ ଫୁ କରି ଦେଇଛନ୍ତି ବିଭାଗର ଅଧିକାରୀମାନେ। ରାଜ୍ୟ ଅର୍ଥ, କୃଷିମନ୍ତ୍ରୀ ଶଶିଭୂଷଣ ବେହେରା ୭ ଦିନ ଭିତରେ ଚାଷୀଙ୍କ ଅର୍ଥ ଦେବାକୁ କହିଥିଲେ ମଧ୍ୟ ତାହା ମିଳିପାରି ନାହିଁ। ଫଳରେ ବୁଧବାର ଚାଷୀମାନେ ଡିଡ଼ିଏଚ୍ (ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକଙ୍କ) କାର୍ଯ୍ୟାଳୟକୁ ଆସି ହୋ ହଲ୍ଲା କରିବା ସହିତ ତୁରନ୍ତ ଟଙ୍କା ଦେବାକୁ ଅଡ଼ି ବସିଥିଲେ। ପରେ ଡିଡ଼ିଏଚ୍ ଭାଗୀରଥି ପ୍ରଧାନ ୩ ଦିନ ଭିତରେ ଆକାଉଣ୍ଟକୁ ଟଙ୍କା ଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଶାନ୍ତ ପଡିଥିଲେ। ପ୍ରକାଶ ଯେ, ଜିଲାର ୮ ବ୍ଲକର ୫୦ରୁ ଊର୍ଦ୍ଧ୍ୱ ଚାଷୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ୨୦୧୬-୧୭ ଆର୍ଥିକ ବର୍ଷରେ ଉଦ୍ୟାନ ବିଭାଗଠାରୁ କାର୍ଯ୍ୟାଦେଶ ପାଇ ପାମ୍ ଅଏଲ ଗଛ ଲଗାଇଥିଲେ। ହେକ୍ଟର ପିଛା ୩ ବର୍ଷ ପାଇଁ ୨.୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା ହେଲେ ଉଦ୍ୟାନ ବିଭାଗ ଏହାକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବଦଳରେ ଏମଆଇଡି ଯୋଜନାରେ କରିଥିବା ନେଇ ଅଧିକାରୀମାନେ ଚାଷୀଙ୍କୁ ଜଣାଇଥିଲେ। ଯାହା ଦ୍ୱାରା ତାଙ୍କୁ ୩ ବର୍ଷରେ ମାତ୍ର ୨୦ ହଜାର ଟଙ୍କା ମିଳିବ। ଏହା ଜାଣିବା ପରେ ଚାଷୀମାନେ ଉଦ୍ୟାନ ବିଭାଗର ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ହେଲେ ସେମାନେ କିଛି କରିପାରିବେ ନାହିଁ, ସରକାରଙ୍କ ତରଫରୁ ଯାହା ନୀତି ନିୟମ ଅଛି ବୋଲି ସଫେଇ ଦେଇଥିଲେ। ଏକାଧିକ ଚାଷୀ ଏ ନେଇ ବାରମ୍ବାର ବିଭାଗକୁ ଜଣାଇଥଲେ ମଧ୍ୟ ଏହାର ସମାଧାନ ହୋଇପାରି ନ ଥିଲା। ଥରେ କି ଦୁଇ ଥର ନୁହେଁ ୫ ଥର ଡିଡ଼ିଏଚ୍ କାର୍ଯ୍ୟାଳୟ ଘେରାଉ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଗଛ ଲଗାଇବାର ୨ବର୍ଷ ବିତିଯାଇଥିଲେ ମଧ୍ୟ ଟଙ୍କା ନ ମିଳିବାରୁ ଜାନୁୟାରୀ ୧୮ ତାରିଖରେ କୃଷିମନ୍ତ୍ରୀ ବେହେରା ନୟାଗଡ଼ ଜିଲା ଗସ୍ତରେ ଆସିଥିବା ଖବର ପାଇ ଚାଷୀମାନେ ତାଙ୍କୁ ଭେଟି ସମସ୍ୟା ବିଷୟରେ ଜଣାଇଥିଲେ। କୃଷିମନ୍ତ୍ରୀ ବେହେରା ୭ ଦିନ ଭିତରେ ଏହାର ସମାଧାନ କରିବାକୁ ପିଡ଼ି (ଗ୍ରାମ୍ୟ ଉନ୍ନୟନ ସଂସ୍ଥା)ଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଶୁକ୍ରବାର ମାଟ୍ରିକ ପରୀକ୍ଷା
### ଓଡ଼ଗାଁ ନୋଡାଲ ସେଣ୍ଟର ଅଧୀନରେ ୨୪୯୨ ପରୀକ୍ଷାର୍ଥୀ

ଓଡ଼ଗାଁ, ୨୦।୨(ସ୍ୱ.ପ୍ର.)

ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ନୟାଗଡ ଜିଲା ଓଡ଼ଗାଁ ରଘୁନାଥ ବିଦ୍ୟାପୀଠ ନୋଡାଲ ସେଣ୍ଟର ଅଧୀନରେ ଥିବା ୧୩ କେନ୍ଦ୍ରରେ ୨୪୯୨ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ନାରାୟଣ ହାଇସ୍କୁଲ ଶରଣକୁଳ କେନ୍ଦ୍ରରେ ୨୩୧, କୁବେର ଲୋକନାଥ ବିଦ୍ୟାପୀଠ ବଡଗୋରଡାରେ ୧୪୮, ଏସ୍ଏଲ ବିଦ୍ୟାପୀଠ କଜଳାଇପଲ୍ଲୀରେ ୧୨୦, ସର୍ଦ୍ଦାର ପଟେଲ ବିଦ୍ୟାପୀଠ ଗୋଡିପଡାରେ ୧୪୫, ରଘୁନାଥ ବିଦ୍ୟାପୀଠ ଓଡ଼ଗାଁରେ ୨୬୧, ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ଓଡ଼ଗାଁରେ ୨୬୩, କୋମଣ୍ଡ ହାଇସ୍କୁଲ କୋମଣ୍ଡରେ ୧୭୮, ଝାଙ୍ଗିରାମ ହାଇସ୍କୁଲ ଗୌଡପୁଟରେ ୧୪୪, ଜବାହରଲାଲ ନୋଡାଲ ବିଦ୍ୟାପୀଠ ନନ୍ଦିଘୋରରେ ୨୩୪, ଭୀମସେନ କୃଷି ବିଦ୍ୟାପୀଠ ବାଉଁଶଗାଡିଆରେ ୧୯୪, ବାହାଡ଼ାଖୋଲା ହାଇସ୍କୁଲ ବାହାଡ଼ାଖୋଲାରେ ୨୧୪, ଗ୍ରାମପଞ୍ଚାୟତ ବିଦ୍ୟାପୀଠ ବେରୁଆଁବାରିରେ ୧୫୦ ଓ କୁରାଳ ନୋଡାଲ ହାଇସ୍କୁଲରେ ୨୧୦ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ନୋଡାଲ ସେଣ୍ଟରର ଅଧୀକ୍ଷକ ପ୍ରସନ୍ନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ବନ୍ଧୁକଧାରୀ ପୋଲିସଙ୍କ ଦ୍ୱାରା ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି। ସେଣ୍ଟର ଅଧୀକ୍ଷକଙ୍କୁ ସହକାରୀ ଅଧୀକ୍ଷକ ପ୍ରଭାତ କୁମାର ସୁତାର ଓ ଅମିତା ରଥ ପରିଚାଳନାରେ ସହଯୋଗ କରୁଛନ୍ତି। ସେହିପରି ସେଣ୍ଟରଗୁଡିକୁ ପ୍ରଶ୍ନପତ୍ର, ଉତ୍ତର ଖାତା ରିସିଭ ଓ ଡେସ୍‌ପାଚ ନିମନ୍ତେ ୩ ଟିମ୍ ଗଠନ କରାଯାଇଛି।

# ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

ନୟାଗଡ଼ ଅଫିସ,୨୦।୨– ନୟାଗଡ଼ ବ୍ଲକ ଅନ୍ତର୍ଗତ ବିରୁଡ଼ା ଗ୍ରାମ ପଞ୍ଚାୟତରେ ମଙ୍ଗଳବାର ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଦ୍ୱାରା ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗ୍ରାମପଞ୍ଚାୟତରେ ୧ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣିଟାଙ୍କି ଓ ୧୭ଲକ୍ଷ ଟଙ୍କା ବ୍ୟୟରେ ଗୋଦାମ ଗୃହର ଉଦ୍‌ଘାଟନ କରିଥିଲେ। ପରେ ୬ଲକ୍ଷ ଟଙ୍କା ବ୍ୟୟରେ ପ୍ରାଣୀ ଚିକିତ୍ସାଳୟ, ୪ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ରାହାସବିହାରୀ କ୍ଲବ୍, ୨ଲକ୍ଷ ୫୦ ହଜାର ବ୍ୟୟରେ ନାଗେରିମୋହନ ପାଟଣା ସାହିରେ ଉତ୍କଳମଣି ୟୁଥ୍ କ୍ଲବ୍, ୫ଲକ୍ଷ ଟଙ୍କା ବ୍ୟୟରେ ଏଏନ୍ଏମ୍ କ୍ୱାର୍ଟର୍ସ ଉଦ୍‌ଘାଟନ କରାଯାଇଥିଲା। ସେହିଭଳି ପାଣ୍ଡେରୀପାଟଣା ଗ୍ରାମରେ ୪ଲକ୍ଷ ଟଙ୍କା ବ୍ୟୟରେ କୋଠଘର, ବାଘେରା ଗ୍ରାମରେ ୭ଲକ୍ଷ ଟଙ୍କା ବ୍ୟୟରେ ଅଙ୍ଗନୱାଡି ଗୃହ, ୨.୫୦ ଲକ୍ଷ ଟଙ୍କା ବ୍ୟୟରେ ଗଣେଶପୂଜା ମଣ୍ଡପ, ୨.୫୦ ଲକ୍ଷ ଟଙ୍କା ବ୍ୟୟରେ ବରକୋଳିପାଟଣା ହରିଜନ ସାହି କୋଠଘର, ୧ଲକ୍ଷ ଟଙ୍କା ବ୍ୟୟରେ ମର୍ଦ୍ଦରାଜପୁର ଗ୍ରାମରେ ରଙ୍ଗଣିସାହି କୋଠଘର, ୧ଲକ୍ଷ ଟଙ୍କା ବ୍ୟୟରେ ଗଡ଼ସାହି କୋଠଘର ଉଦ୍‌ଘାଟିତ ହୋଇଯାଇଛି। ଏହି ସବୁ ପ୍ରକଳ୍ପ ଦ୍ୱାରା ପଞ୍ଚାୟତବାସୀ ଉପକୃତ ହେବେ ବୋଲି ବିଧାୟକ ସାହୁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବିରୁଡ଼ା ଗ୍ରାମପଞ୍ଚାୟତକୁ ରାଜ୍ୟରେ ଏକ ଶ୍ରେଷ୍ଠ ପଞ୍ଚାୟତ ଭାବେ ଗଢିତୋଳିବା ପାଇଁ ଉଦ୍ୟମ ଜାରିରହିଥିବା କହିଥିଲେ। ନିକଟରେ ପିଠା କାର୍ଯ୍ୟକ୍ରମରେ ଭଲ ପ୍ରଦର୍ଶନ କରି ଏହା ଶ୍ରେଷ୍ଠ ପଞ୍ଚାୟତ ଭାବେ ପୁରସ୍କୃତ ହୋଇଥିବାରୁ ବିଧାୟକ ଧନ୍ୟବାଦ ଜଣାଇଥିଲେ। ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ଭାସ୍କର ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମିତି ସଭ୍ୟ ଦୁର୍ଯ୍ୟୋଧନ ଜେନା, ସରପଞ୍ଚ ବିଷ୍ଣୁପ୍ରିୟା ସ୍ୱାଇଁ, ସାମାଜିକ କର୍ମୀ ଗଙ୍ଗାଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ସାହୁ ଏକ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

■ ଓଡ଼ଗାଁ କପ ଫୁଟବଲ ୨୦୧୯ ଉଦ୍‌ଯାପିତ

# ସାଇ ହଷ୍ଟେଲ କଟକ ଚାମ୍ପିୟନ

ଓଡ଼ଗାଁ,୨୦।୨(ସ୍ୱ.ପ୍ର.)

ଓଡ଼ଗାଁ ମିନି ଷ୍ଟାଡିୟମରେ ସପ୍ତାହ ବ୍ୟାପୀ ଚାଲିଥିବା ଓଡ଼ଗାଁ କପ୍-୨୦୧୯ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସାଇ ହଷ୍ଟେଲ କଟକ ୩-୨ ଟାଇବ୍ରେକରରେ ମଙ୍ଗଳା କ୍ଲବ କଟକକୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି । ମଙ୍ଗଳା କ୍ଲବ ଓ ସାଇ ହଷ୍ଟେଲ ଗୋଟିଏ ଲେଖାଏ ଗୋଲ କରିବା ପରେ ମ୍ୟାଚ ଅମୀମାଂସିତ ରହିଥିଲା ଫଳରେ ଆୟୋଜକଙ୍କ ନିଷ୍ପତ୍ତି ଅନୁସାରେ ଟାଇବ୍ରେକର ପଦ୍ଧତି ଅନୁସରଣ କରାଯାଇଥିଲା । ସ୍ଥାନୀୟ ବିଧାୟକ ତଥା ଟୁର୍ଣ୍ଣାମେଣ୍ଟ କମିଟି ସଭାପତି ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ ଉଦ୍‌ଘାଟନ କରିଥିଲେ । ସାଇ ହଷ୍ଟେଲ ଦଳର ପ୍ରଭାତ ଦେବାଶିଷ ମ୍ୟାନ୍ ଅଫ ଦି ସିରିଜ୍ ଓ ମଙ୍ଗଳା କ୍ଲବ ଟିମ୍‌ର ବାପି ଲୋହାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜୟୀ ଟିମକୁ ଚାମ୍ପିୟନ ଟ୍ରଫି ସହ ନଗଦ ୨୫ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ କପ ସହିତ ୧୫ ହଜାର ଟଙ୍କା ପୁରସ୍କାର ମୁଖ୍ୟ ଅତିଥିଙ୍କ ଦ୍ୱାରା ଦିଆଯାଇଥିଲା । ସୁଦୀପ୍ତ ଦାସ, ରୋଶନ ଖାନ, ମହାବୀର ନାଥ, ରାଜେଶ ଭାଇନ୍ସା ମ୍ୟାଚ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ । କୁବେର ବାରିକ, ଜୟକୃଷ୍ଣ ପ୍ରଧାନ, ସରୋଜ କୁମାର ଦାଶ ଓ ଅଜୟ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସ୍ଥାନୀୟ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଧାୟକ ମିନି ଷ୍ଟାଡିୟମ ପରିସରରେ ନିର୍ମିତ ରଘୁନାଥ ଆଥଲେଟିକ ଆସୋସିଏଶନର ନୂତନ କ୍ଲବ ଗୃହକୁ ଉଦ୍‌ଘାଟନ କରିଥିଲେ। କମିଟି ଯୁଗ୍ମ ସମ୍ପାଦକ ଦିବାକର ନାୟକ, ଆବାହକ ଲୋକନାଥ ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ ଓ ସଂଯୋଜକ ପ୍ରଫୁଲ୍ଲ ଡାକୁଆ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।



ଫୁଟବଲ ଖେଳର ଏକ ଦୃଶ୍ୟ।

■ ଫିକା ପଡୁଛି ନୀଳମାଧବ ଜୀଉଙ୍କ ପାରମ୍ପରିକ ମେଳା

# ଫଗୁଣରେ ହେଉଛି ମାଘମେଳା

ଖଣ୍ଡପଡା,୨୦।୨(ସ୍ୱ.ପ୍ର)

କାହିଁ କେଉଁକାଳରୁ ଶ୍ରୀନୀଳମାଧବ ଜୀଉଙ୍କ ମାଘମେଳା ବା ଭୈମୀ ଏକାଦଶୀ ମେଳା ଏକାଦଶୀଠାରୁ ଆରମ୍ଭ ହୋଇ ମାଘପୂର୍ଣ୍ଣମୀ ତଥା ଅଗ୍ନି ଉତ୍ସବ ପୂର୍ଣ୍ଣମୀରେ ଶେଷ ହୋଇଥାଏ। ମାତ୍ର କିଛିବର୍ଷ ହେଲା ଏହି ପରମ୍ପରାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ପୂର୍ଣ୍ଣମୀ ପରେ ବିଭିନ୍ନ ଅପେରା ଦଳଙ୍କୁ ଅଣାଯାଉଥିବାରୁ ସେହିଦିନ ଠାରୁ ଯାତ୍ରା ଆରମ୍ଭ ହେଲା ଭଳି ମନେ ହେଉଛି। ମେଳା ପଡିଆରେ ଉଠା ଦୋକାନ ବଜାର ଖୋଲିବା ସହ ଗହଳି ଲାଗି ରହୁଛି। ଅପରପକ୍ଷେ ପାରମ୍ପରିକ ମେଳା ସମୟରେ ପଡିଆ ଖାଁ ଖାଁ ଲାଗୁଛି । ତେଣୁ ଫଗୁଣରେ ମାଘମେଳା ହେଉଥିବା କୁହାଯାଉଛି।

ପ୍ରକାଶ ଯେ, କଣ୍ଟିଲୋ ନୀଳମାଧବ ଜୀଉଙ୍କ ପବିତ୍ର ଭୈମୀ ଏକାଦଶୀ ବା ମାଘ ମେଳା ପାରମ୍ପରିକ ଭାବେ ଚଳିତମାସ ୧୬ ତାରିଖରୁ ଆରମ୍ଭ ହୋଇ ୧୯ରେ ଶେଷ ହୋଇଯାଇଛି। ମଙ୍ଗଳବାର ଥିଲା ମେଳାର ଅନ୍ତିମ ଦିବସ। ମାତ୍ର ଅପେରା ଦଳ ଏହି ମେଳାକୁ ଆସି ନ ଥିବାରୁ ମେଳା ଶ୍ରୀହୀନ ହୋଇପଡିଥିଲା। ଏପରି କି ମେଳା ପଡିଆକୁ ଆସିଥିବା କୌଣସି ବ୍ୟାବସାୟିକ ଅନୁଷ୍ଠାନ ଖୋଲି ନ ଥିବାରୁ ଦର୍ଶକ ମେଳାକୁ ବୁଲି ଆସିଥିବାର ପରିଲକ୍ଷିତ ହୋଇ ନ ଥିଲା। ଲୋକମାନେ କେବଳ ଅପେରା ଲକ୍ଷ୍ୟରେ ମେଳାକୁ ଆସୁଛନ୍ତି। ଯାତ୍ରା ଦଳ ଆସିଲେ ଯାଇ ଆମର ବେପାର ହେବ ବୋଲି ଦୋକାନୀମାନେ କହୁଛନ୍ତି। ଆସନ୍ତା ୨୬ ତାରିଖଠାରୁ ୩ ଯାତ୍ରାଦଳ କମିଟି ପକ୍ଷରୁ ଆସିଥିବା କୋଣାର୍କ, ତୁଳସୀ, ସ୍ୱର୍ଣ୍ଣ ମହଲ ଓ ଯାତ୍ରା ଗାଁ ଏପରି ୪ ଅପେରା ଦଳ ସେମାନଙ୍କ ଯାତ୍ରା ପରିବେଷଣ କରିବେ । ଆସନ୍ତା ମାର୍ଚ୍ଚ ୫ତାରିଖ ପର୍ଯ୍ୟନ୍ତ ଯାତ୍ରା ଚାଲିବ। ଏହି ମେଳାରେ ଘରକରଣାଠାରୁ ଆରମ୍ଭ କରି ବିବାହ ବ୍ରତ ତଥା ବିଭିନ୍ନ ସୌଖୀନ ସାମଗ୍ରୀ ଉପଲବ୍ଧ ହେଉଥିବାରୁ ପୁରପଲ୍ଲୀଠାରୁ ଆରମ୍ଭ କରି ସହରାଞ୍ଚଳର ଲୋକମାନେ ବିଭିନ୍ନ ସାମଗ୍ରୀ କ୍ରୟ କରିବାକୁ ଏଠାକୁ ଆସିଥାନ୍ତି। ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଶ୍ରୀ ନୀଳମାଧବ ଜୀଉଙ୍କ ଦର୍ଶନ ପାଇଁ ଆସିଥିବାବେଳେ ମେଳା ବୁଲି କିଛି ସାମଗ୍ରୀ କ୍ରୟ କରିଥାନ୍ତି। ପରବର୍ତ୍ତୀ ସମୟରେ ଲୋକମାନଙ୍କ ମନୋରଞ୍ଜନ ପାଇଁ ତଥା ବ୍ୟବସାୟ ଲକ୍ଷ୍ୟରେ ଯାତ୍ରା କମିଟିମାନ ଗଠନ କରାଯାଇ ଯାତ୍ରାଦଳକୁ ପୂର୍ଣ୍ଣମୀ ପରଠାରୁ ଆଣିଥାନ୍ତି। ଯଦି ପ୍ରଶାସନ ପକ୍ଷରୁ ଏହି ବ୍ୟବସ୍ଥାକୁ ପ୍ରଥମରୁ ବନ୍ଦ କରାଯାଇ କେବଳ ମାଘ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଯାତ୍ରା ଦଳଙ୍କୁ ଅନୁମତି ପ୍ରଦାନ କରନ୍ତେ ତାହେଲେ ପାରମ୍ପରିକ ମାଘମେଳାରେ ଜନଗହଳି ହୁଅନ୍ତା। ତେବେ ଏହି ପାରମ୍ପରିକ ମାଘମେଳାକୁ ପୁନର୍ବାର ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଅଞ୍ଚଳବାସୀ, ନୀଳମାଧବ ପୂଜକ ସମାଜ ଏବଂ ଶ୍ରଦ୍ଧାଳୁମାନଙ୍କ ଆବେଗକୁ ଦୃଷ୍ଟିରେ ରଖି ଗତ ୧୩ ତାରିଖରେ ଅନୁଷ୍ଠିତ ମାଘମେଳା ପ୍ରସ୍ତୁତି ବୈଠକରେ ନୀଳମାଧବ ଜୀଉଙ୍କ ମନ୍ଦିର ପରାମର୍ଶଦାତା କମିଟି ଏ ଦିଗରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ନିଷ୍ପତ୍ତିକ୍ରମେ ଆସନ୍ତା ନୀଳମାଧବ ଜୀଉଙ୍କ ଭୈମୀ ଏକାଦଶୀ ତଥା ମାଘମେଳା ମଧ୍ୟରେ ଯେଉଁ ଯାତ୍ରାଦଳ ସେମାନଙ୍କ ଯାତ୍ରା ପରିବେଷଣ କରିବେ, ସେମାନଙ୍କୁ କେବଳ ପ୍ରଶାସନିକ ଅନୁମତି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

### ଅପେରା ଅପେକ୍ଷାରେ ବ୍ୟବସାୟୀ, ଦର୍ଶକ



ପାରମ୍ପରିକ ମାଘମେଳା ଶେଷହୋଇଥିବା ବେଳେ ଖୋଲିନାହିଁ ଅସ୍ଥାୟୀ ଦୋକାନ।

**ସଂକ୍ଷେପରେ**

## ଚଉଠି ପୂର୍ବଦିନ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଲେ ନବବିବାହିତା

**ଭାପୁର,୨୦।୨(ଡି.ଏନ୍.ଏ.):** ଅଗ୍ନିକୁ ସାକ୍ଷୀରଖି ସାତଜନମ ପାଇଁ ଜୀବନସାଥୀ ହୋଇଥିବା ଏକ ଦମ୍ପତିଙ୍କ ଚଉଠି ପୂର୍ବଦିନ ବିଚ୍ଛେଦ ଘଟିଛି। ଖୋଦ୍ ନବବିବାହିତା ସ୍ୱାମୀଙ୍କୁ ନିଶାଖୋର କହି ବିବାହର ତୃତୀୟ ଦିନରେ ଛାଡପତ୍ର ଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣା ଘଟିଛି ନୟାଗଡ଼ ଜିଲା ଫତେଗଡ଼ ଥାନା ବଡ଼ସହରା ପଞ୍ଚାୟତ ନାକଡେଇଁ ଗ୍ରାମରେ। ପୋଲିସ ସୂତ୍ରରୁ ପ୍ରକାଶ ଯେ, ନାକଡେଇଁ ଗ୍ରାମର ଜଣେ ଯୁବକ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାଙ୍କୋଇ ଗ୍ରାମର ଜଣେ ଯୁବତୀଙ୍କୁ ୪ଦିନ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ବନ୍ଧୁବାନ୍ଧବ ସମସ୍ତେ ବିବାହର ଖୁସି ମନାଉଥିବା ସମୟରେ ନବବିବାହିତା ତାଙ୍କ ମା'ଙ୍କୁ ଫୋନ କରି ନିଶାଖୋର ସ୍ୱାମୀ ସହ ଘରସଂସାର କରିବେ ନାହିଁ ବୋଲି ଜଣାଇଥିଲେ। ଏହାସହ ତାଙ୍କୁ ନେଇଯିବାକୁ ଯୁବତୀ ଅଡ଼ିବସିଥିଲେ। ଏଭଳି ଏକ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ତଥା ଯୁବକଙ୍କ ପରିବାର ଓ ବନ୍ଧୁବାନ୍ଧବଙ୍କ ମଧରେ ନୈରାଶ୍ୟ ଦେଖାଦେଇଥିଲା। ନବବିବାହିତାଙ୍କ ମା' ଫତେଗଡ଼ ଥାନାରେ ତାଙ୍କ ଝିଅ ନିଶାଖୋର ସ୍ୱାମୀ ସହ ରହିବାକୁ ଚାହୁଁ ନ ଥିବା ଲିଖିତ ଅଭିଯୋଗ କରିଥିଲେ। ଯୁବକଙ୍କ ପରିବାର ପକ୍ଷରୁ ମଧ ଥାନାରେ ଏତଲା ଦିଆଯାଇଥିଲା। ଏ ନେଇ ଥାନାର ନ୍ୟାୟିକ କମିଟି ଓ ସ୍ଥାନୀୟ ଭଦ୍ରବ୍ୟକ୍ତିମାନେ ବସି ଆଲୋଚନା କରିଥିଲେ। ତଦନୁଯାୟୀ ବରପକ୍ଷକୁ ମିଳିଥିବା ସମସ୍ତ ଯୌତୁକ ସାମଗ୍ରୀ କନ୍ୟାପକ୍ଷଙ୍କୁ ଫେରସ୍ତ କରାଯାଇଥିଲା। ସେହିପରି କନ୍ୟାଙ୍କୁ ବରପକ୍ଷରୁ ଦିଆଯାଇଥିବା ସୁନା ଅଳଙ୍କାର କନ୍ୟା ପକ୍ଷ ଫେରସ୍ତ ଦେଇ ଛାଡ଼ପତ୍ର ଦିଆଯାଇଥିଲା।

## ଅଷ୍ଟପ୍ରହର ନାମଯଜ୍ଞ

**ଭାପୁର,୨୦।୨(ଡି.ଏନ୍.ଏ.):** ଭାପୁର ଗ୍ରାମବାସୀଙ୍କ ଦ୍ୱାରା ଗ୍ରାମର ଆରାଧ ଦେବତା ବାବା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜିତ ହୋଇଯାଇଛି। ଦୀର୍ଘ ୩ବର୍ଷ ଧରି ଗ୍ରାମବାସୀ ଏହି କାର୍ଯ୍ୟକ୍ରମ କରିଆସୁଛନ୍ତି। ସୋମବାର ଏହା ଆରମ୍ଭ ହୋଇଥିବାବେଳେ ବୁଧବାର ଶେଷ ହୋଇଛି। ନଗରକୀର୍ତ୍ତନ ସମୟରେ ସଂକୀର୍ତ୍ତନମଣ୍ଡଳୀ ଗ୍ରାମ ପରିକ୍ରମା କରି ଫଗୁ ଖେଳିଥିଲେ। କାର୍ଯ୍ୟକ୍ରମରେ ପଥୁରିଆ, ଏକଡ଼ାଳ, ବାଉଁଶବାଟି, ବେଣାଗାଡ଼ିଆ, କଳପଙ୍ଗୀ ଓ ଭାପୁର ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଥିଲେ।

### ■ ନିର୍ବାଚନ ପ୍ରଶିକ୍ଷଣ ପାଇଁ ଗଲେ ଶିକ୍ଷକ

# କାର୍ଯ୍ୟଦିବସରେ ବନ୍ଦ ରହିଲା ସ୍କୁଲ

**ନୂଆଗାଁ,୨୦।୨(ଡି.ଏନ.ଏ.)**



କାର୍ଯ୍ୟଦିବସରେ ସ୍କୁଲ ବନ୍ଦ ରହିଛି।

- ■୫ ଶ୍ରେଣୀକୁ ଜଣେ ଶିକ୍ଷକ
- ■୨ ଆଜବେଷ୍ଟସ୍ ଛପର ଘରେ ପାଠପଢ଼ା, ଅଫିସ କାର୍ଯ୍ୟ
- ■ସ୍କୁଲରେ ନାହିଁ ପାଇଖାନା କି ପାଚେରି

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତରେ ଥିବା ସାନତାମନାଡୁ ସେବାଶ୍ରମ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ଫଳରେ ବିଭିନ୍ନ ସମସ୍ୟା ମଧ୍ୟରେ ସ୍କୁଲ ରହିଥିବାବେଳେ ଏହାର ସମାଧାନ ପାଇଁ କାହାରି ଆନ୍ତରିକତା ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଶିକ୍ଷକ ନ ଥିବାରୁ ପ୍ରଶାସନର ଇଙ୍ଗିତରେ ବୁଧବାର କାର୍ଯ୍ୟଦିବସରେ ମଧ୍ୟ ସ୍କୁଲ ବନ୍ଦ ଥିବା ଦେଖିବାକୁ ମିଳିଥିଲା ।

ନୂଆଗାଁ ବ୍ଲକର ଆଦିବାସୀ ଅଧ୍ୟୁଷିତ କାପ୍ତାପଲ୍ଲୀ ପଞ୍ଚାୟତର ବଡ଼ତାମନାଡୁ, ସାନତାମନାଡୁ, କୋରାଗାଙ୍କୁ ଓ କଣ୍ଟିଆମ୍ବା ଚାରିଗୋଟି ଗ୍ରାମର ପିଲାମାନଙ୍କୁ ଶିକ୍ଷିତ କରାଇବା ପାଇଁ ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ୧୯୫୧ ମସିହାରେ ସାନତାମନାଡୁ ସେବାଶ୍ରମ ସ୍ଥାପନ କରାଯାଇଥିଲା । ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୭ ଜଣ ପିଲା ପାଠ ପଢୁଛନ୍ତି। ପିଲାମାନଙ୍କୁ ପଢ଼ାଇବା ପାଇଁ ଗତବର୍ଷ ଜଣେ ଶିକ୍ଷୟିତ୍ରୀ ଓ ଦୁଇଜଣ ଶିକ୍ଷକ ଥିବା ବେଳେ ଚଳିତ ବର୍ଷ ସେଠାରୁ ଦୁଇଜଣଙ୍କୁ ବଦଳି କରି ଦିଆଯାଇଛି । କେବଳ ଜଣେ ଶିକ୍ଷକଙ୍କୁ ନେଇ ଚାଲିଛି ପାଠପଢ଼ା। ସ୍କୁଲରେ ଜଣେ ଶିକ୍ଷକ ନିଯୁକ୍ତି ଥିବା ଜାଣି ମଧ୍ୟ ସେହି ଶିକ୍ଷକଙ୍କୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ନିର୍ବାଚନ ପାଇଁ ସମସ୍ତଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବାରୁ ପ୍ରଶାସନର ନିର୍ଦ୍ଦେଶ ଫଳରେ ତାଙ୍କୁ ସ୍କୁଲରେ ତାଲା ପକାଇ ଯିବାକୁ ପଡିଥିଲା। ଫଳରେ ବୁଧବାର ସ୍କୁଲ ବନ୍ଦ ରହିଥିଲା। ପାଞ୍ଚ ଗୋଟି ଶ୍ରେଣୀକକ୍ଷ ଓ ଅଫିସ୍ ଗୃହ ପାଇଁ ରହିଛି ଆଜବେଷ୍ଟସ ଛପର ହୋଇଥିବା ମାତ୍ର ଦୁଇଗୋଟି ଗୃହ, ଯେଉଁଠି କି ବର୍ଷାଦିନେ ପିଲାମାନଙ୍କୁ ବସାଇ ପାଠ ପଢ଼ାଇବା ସମ୍ଭବ ନୁହେଁ । ସ୍କୁଲକୁ ଯିବା ପାଇଁ ସବୁଦିନିଆ ରାସ୍ତାଟିଏ ନ ଥିବାରୁ ଅନ୍ୟ ଲୋକର ଫସଲ ଜମି ମଧ୍ୟ ଦେଇ ଯିବାକୁ ପଡିଥାଏ। ପିଇବା ପାଣି ପାଇଁ ଅଛି ଗୋଟିଏ ନଳକୂଅ, ଯେଉଁଥିରୁ ପାଣି ପିଇବା ଦ୍ୱାରା ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହେଉଛି । ନଳକୂଅରେ ପ୍ଲାଟ୍‌ଫର୍ମଟିଏ ବି ନାହିଁ । ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଉଥିଲେ ମଧ୍ୟ ରୋଷେଇ କରିବା ପାଇଁ ଘରଟିଏ ନାହିଁ। ଫଳରେ ଝଟିମାଟି ଘର ଉପରେ ଟିଣ ପକାଇ ରୋଷେଇ କରି ପିଲାମାନଙ୍କୁ ଖାଇବାକୁ ଦିଆଯାଉଛି। ସ୍କୁଲରେ ପାଇଖାନାଟିଏ ନାହିଁ କି ସ୍କୁଲର ନିରାପତ୍ତା ଦୃଷ୍ଟିରୁ ପାଚେରିର ଆବଶ୍ୟକତା ଥିଲେ ମଧ୍ୟ ତାହା କରାଯାଉନାହିଁ । ଅନୁସୂଚିତ ଜାତି ଓ ଜନଜାତିର ପିଲାଙ୍କ ଭବିଷ୍ୟତ ଗଠନ ଉଦ୍ଦେଶ୍ୟରେ ସ୍ଥାପିତ ସ୍କୁଲଟି ଏପରି ଅବ୍ୟବସ୍ଥା ମଧ୍ୟରେ ରହିଥିବା ନେଇ ବାରମ୍ବାର ଅଭିଭାବକ, ସ୍ଥାନୀୟ ବାସିନ୍ଦାଙ୍କ ସହ ଶିକ୍ଷକମାନେ ଅଭିଯୋଗ କରିଥିଲେ। ଫଳରେ ଗତ ଡିସେମ୍ବର ମାସରେ ହୋଇଥିବା ମାତାପିତା ଓ ଶିକ୍ଷକ ସଂଘର ବୈଠକରେ ନୂଆଗାଁ ବ୍ଲକ ସମ୍ପ୍ରସାରଣ ଅଧିକାରୀ ମଳୟ ରଞ୍ଜନ ଚିନ୍ନରା ଯୋଗଦେଇଥିଲେ। ସ୍କୁଲର ସମସ୍ତ ସମସ୍ୟା ଖୁବ୍‌ଶୀଘ୍ର ପୂରଣ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି ଗୋଟିଏ ସମସ୍ୟା ବି ସୁଧୁରି ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି । ଏ ନେଇ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଗ୍ରାମବାସୀଙ୍କୁ ନେଇ ଜିଲାପାଳଙ୍କୁ ଆପତ୍ତି କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା କୁହନ୍ତି ସ୍କୁଲ ପରିଚାଳନା କମିଟିର ସଭାପତି ବିଭୀଷଣ ପ୍ରଧାନ। କୌଣସି ରାଜନେତା କିମ୍ବା ସରକାରୀ ଅଧିକାରୀଙ୍କ ଆନ୍ତରିକତା ନ ଥିବାରୁ ବହୁ ପୁରାତନ ବିଦ୍ୟାଳୟଟି ନିଜର ସତ୍ତା ହରାଇବାକୁ ବସିଲାଣି ବୋଲି ଅଭିଭାବକ ପାଣ୍ଡୁ ପ୍ରଧାନ କହିଛନ୍ତି। ଶିକ୍ଷାକ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ ଆଦିବାସୀ ଛାତ୍ରୀଛାତ୍ରଙ୍କ ପ୍ରତି କିପରି ରହିଛି ତାହା ଏହି ସେବାଶ୍ରମରୁ ହିଁ ଜଣାପଡୁଛି ବୋଲି କଣ୍ଟିଆମ୍ବାର ଅଭିଭାବକ ବଳରାମ ଜାନୀ କହିଛନ୍ତି। ଜିଲା ସମ୍ପ୍ରସାରଣ ଅଧିକାରୀ ଜୟଶ୍ରୀ ଦେବୀଙ୍କୁ ପଚାରିବାରେ ସ୍କୁଲର ଉନ୍ନତି ପାଇଁ ଅନେକ ଅନୁଦାନ ଥିଲେ ମଧ୍ୟ କିଛି ଅଧିକାରୀଙ୍କ ଅସହଯୋଗ ଯୋଗୁଁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ । କାର୍ଯ୍ୟଦିବସରେ ସ୍କୁଲ ବନ୍ଦ ନ କରିବା ଦାୟିତ୍ୱ ବ୍ଲକ ସମ୍ପ୍ରସାରଣ ଅଧିକାରୀଙ୍କର। ତେଣୁ ତାଙ୍କ ଅବହେଳାରୁ ଏହା ହୋଇଛି। ସ୍କୁଲର ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବି ବୋଲି ସେ କହିଥିଲେ।

## ଶାଗୁଆନ କାଠ ଜବତ, ଜଣେ ଗିରଫ

**ଦଶପଲ୍ଲା,୨୦।୨(ଡି.ଏନ୍.ଏ.)**

ଦଶପଲ୍ଲା ବ୍ଲକ ପୋଇବାଡି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ପଶି ଶାଗୁଆନ ଗଛ କାଟିନେବାକୁ ଉଦ୍ୟମ କରୁଥିବାବେଳେ ବନ ବିଭାଗ ଚଢାଉ କରି ଜଣଙ୍କୁ ଗିରଫ କରିଛି । ସେ ହେଲେ ପୁରୁଣା ଦଶପଲ୍ଲା ଗ୍ରାମର ହରେକୃଷ୍ଣ ମାଝି (୫୩)। ବନ କର୍ମଚାରୀ ତାଙ୍କଠାରୁ ଦୁଇଟି ଶାଗୁଆନ ଲଗ୍ ଜବତ କରିଛନ୍ତି, ଯାହାର ମୂଲ୍ୟ ୧୦ହଜାର ଟଙ୍କା ହେବ। ହରେକୃଷ୍ଣଙ୍କୁ ଦଶପଲ୍ଲା କୋର୍ଟ ଚାଲାଣ କରଯାଇଥିବା ରେଞ୍ଜରଙ୍କ ସୂତ୍ରରୁ ପ୍ରକାଶ।

## ବିଦାୟକାଳୀନ ସମ୍ବର୍ଦ୍ଧନା

**ଦଶପଲ୍ଲା,୨୦।୨(ଡି.ଏନ୍.ଏ.)**

ବୁଧବାର ଦଶପଲ୍ଲା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ଏନ୍‌ଏସି ଅଧ୍ୟକ୍ଷା ବବିତା ସାହୁ, ସ୍ଥାନୀୟ ତହସିଲଦାର ପ୍ରମୋଦ କୁମାର ଦଳବେହେରା, ଥାନା ଆଇଆଇସି ବିଶ୍ୱଜିତ ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ମତପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ସୁଶାନ୍ତ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ କୁମାର ପଣ୍ଡା, ଡ. ପ୍ରଫୁଲ୍ଲ କୁମାର ଦାସ, ଆଇନଜୀବୀ ଦିଲୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କଞ୍ଚନବିଲି, କ୍ରୀଦାଶପୁରରେ ବ୍ୟାପୁଛି ଜଣ୍ଡିସ୍: ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ନୟାଗଡ଼ ଅଫିସ,୨୦।୨**

ନୟାଗଡ଼ ଜିଲା ସଦର ବ୍ଲକ କଞ୍ଚନବିଲି ଓ କ୍ରୀଦାଶପୁର ଗ୍ରାମରେ ଜଣ୍ଡିସ୍ ବ୍ୟାପିବାରେ ଲାଗିଛି। ୩ଦିନ ମଧ୍ୟରେ ଦୁଇ ଗ୍ରାମରେ ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ଏଥିରେ ଆକ୍ରାନ୍ତ ହୋଇଛନ୍ତି। କ୍ରୀଦାଶପୁର ଗ୍ରାମର ୧୦ ଜଣ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଚିକିତ୍ସିତ ହୋଇ ଘରକୁ ଫେରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କଞ୍ଚନବିଲି ଗ୍ରାମର କେତେଜଣ ଆକ୍ରାନ୍ତ ହୋଇଛନ୍ତି ସେ ସମ୍ପର୍କରେ ସୂଚନା ମିଳିନାହିଁ। ତେବେ ଗୁରୁବାର ଗ୍ରାମକୁ ଏକ ଡାକ୍ତରୀ ଦଳ ଯାଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଏ ନେଇ ସଚେତନତା ସୃଷ୍ଟି କରିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଗୋଟିଏ ମାସରେ କ୍ରୀଦାଶପୁର ଗ୍ରାମରେ ୨୩ ଜଣ ଓ ବାଲୁଗାଁ ପଞ୍ଚାୟତର ୬ରୁ ଊର୍ଦ୍ଧ୍ୱ ଗ୍ରାମରେ ୮୨ ଜଣ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିଲେ। ଡାହୁକା ନଦୀକୂଳରେ ନିର୍ମିତ ପାଣି ଟାଙ୍କି ତଳେ ଶୌଚାଳୟ ଥିବାରୁ ମଇଳା ପାଣି ମିଶି ଏଭଳି ହେଉଥିବା ଜଣାପଡ଼ିଛି। ଏ ନେଇ ଗ୍ରାମ୍ୟ ଜଳଯୋଗାଣ ପରିମଳ ବିଭାଗ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।



ବାଲୁଗାଁ ଗ୍ରାମର କ୍ଲବସାହି।

## ଖଣ୍ଡପଡ଼ା ତହସିଲଦାରଙ୍କ ବଦଳି

**ଖଣ୍ଡପଡା,୨୦।୨(ସ୍ୱ.ପ୍ର.)**

ଖଣ୍ଡପଡା ତହସିଲଦାର ଶୁଭଶ୍ରୀ ରଥଙ୍କୁ ନୟାଗଡ ଜିଲା ଡେପୁଟି କଲେକ୍ଟର ଭାବେ ଏବଂ ଭୁବନେଶ୍ୱରସ୍ଥିତ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥାର ସହକାରୀ ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡାଙ୍କୁ ଖଣ୍ଡପଡା ତହସିଲଦାର ଭାବରେ ବଦଳି କରାଯାଇଛି। ଏନେଇ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସମ୍ପୃକ୍ତ ଅଧିକାରୀମାନେ ଅପରାହ୍ନ ସୁଦ୍ଧା ରିଲିଭ ହୋଇ ଆସନ୍ତା ୨୩ ତାରିଖ ମଧ୍ୟରେ କାର୍ଯ୍ୟରେ ଯୋଗଦେବା ପାଇଁ ବିଜ୍ଞପ୍ତିରେ ଦର୍ଶାଯାଇଛି ।

## ୨୩୫ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା

**ଗଣିଆ,୨୦।୨(ଡି.ଏନ୍.ଏ.)**




ଆଦିବାସୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ନୟାଗଡ଼ ଅଧୀନ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ ବୁଧବାର ବଡ଼ଶିଲିଙ୍ଗା ପଞ୍ଚାୟତର ଛିପିସାହି ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଛିପିସାହି, ଦୁମୁଦୁମା, ଡୁଇସିଂ, ବାଙ୍କଝରି, ଗେରେଗେଡି, ଓସ୍କାମସ୍କା ଆଦି ୧୨ ଗ୍ରାମର ଲୋକମାନେ ଶିବିରରେ ଯୋଗଦେଇଥିଲେ। ବଡ଼ଶିଲିଙ୍ଗା ପଞ୍ଚାୟତର ଏହା ଏକ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଶିବିରରେ ୨୩୫ ଜଣ ମହିଳା, ପୁରୁଷଙ୍କ ସମେତ ବହୁ ଶିଶୁ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଡାକ୍ତର ଦେବାଶିଷ ଦାଶ, ଡାକ୍ତର ସାଇରାମ ମହାପାତ୍ର ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ରୋଗୀମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ବିଶେଷକରି ଜ୍ୱର, ରକ୍ତହୀନତା, ଚର୍ମରୋଗ, ଚକ୍ଷୁ, ଗ୍ୟାଷ୍ଟ୍ରିକ ପୀଡ଼ିତ ରୋଗୀମାନେ ଅଧିକ ସଂଖ୍ୟାରେ ଯୋଗଦେଇ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ବନ୍ୟପ୍ରାଣୀ ବିଭାଗ ତରଫରୁ ଫରେଷ୍ଟର ଲକ୍ଷ୍ମୀନାରାୟଣ ପଣ୍ଡା, ଛିପିସାହି(ଗେରେଗେଡି) ବିଟ୍‌ର ଫରେଷ୍ଟର ଲୋକନାଥ ସେଠୀ ଏବଂ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ଶିବିରକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ।

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୨୭ | ୧୭୫ | ୨୧୦ | ୦.୪୩ | ୦.୦୨ | ରଙ୍ଗାଧର ବେହେରା, ପିତା: ମଣି ବେହେରା ଓଗେର, ଜା: କୁମ୍ଭାର, ବା: ନିଜଗାଁ | |
| ୧୨୮ | ୧୮୦ | ୫୪୩ | ୦.୬୭ | ୦.୦୮ | ଲକ୍ଷ୍ମଣ ଦାସ, ପିତା: ଦିନବନ୍ଧୁ ଦାସ, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୨୯ | ୧୯୦ | ୯୮୭ | ୧.୫୪ | ୦.୫୨ | ଶଙ୍କର୍ଷଣ ଧିର ଓଗେର, ପିତା: ପରିକ୍ଷିତ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୩୦ | ୧୯୨ | ୧୦୧୫ | ୦.୪୭ | ୦.୦୮ | ସଦାଶିବ ଧିର, ପିତା: ବେଣୁଧର ଧିର ଓଗେର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୩୧ | ୧୯୬ | ୨୨୩ | ୦.୭୫ | ୦.୧୪ | ସହଦେବ ଚକ୍ର ଓଗେର, ପିତା: ଧରଣୀଧର ଚକ୍ର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୩୨ | ୧୯୬ | ୨୨୪ | ୦.୮୫ | ୦.୧୬ | ସହଦେବ ଚକ୍ର ଓଗେର, ପିତା: ଧରଣୀଧର ଚକ୍ର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୩୩ | | ୨୫୧ | ୦.୬୬ | ୦.୫୪ | ସହଦେବ ଚକ୍ର ଓଗେର, ପିତା: ଧରଣୀଧର ଚକ୍ର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୩୪ | ୧୯୮ | ୧୭୩ | ୦.୬୪ | ୦.୨୬ | ଶ୍ୟାମସୁନ୍ଦର ବାରିକ, ପିତା: ନାଭ ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୩୫ | | ୧୮୦ | ୦.୩୭ | ୦.୧୮ | ଶ୍ୟାମସୁନ୍ଦର ବାରିକ, ପିତା: ନାଭ ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୩୬ | ୨୦୩ | ୧୮୧ | ୦.୦୮ | ୦.୦୧ | ଶିରେଇ ବେହେରା, ପିତା: କାହ୍ନୁ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୩୭ | ୨୦୪ | ୨୪୧ | ୦.୨୩ | ୦.୦୧ | ଶ୍ରୀଧର ନାଏକ, ପିତା: ଅନନ୍ତ ନାଏକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୮ | | ୪୨୭ | ୦.୩୩ | ୦.୩୦ | ଶ୍ରୀଧର ନାଏକ, ପିତା: ଅନନ୍ତ ନାଏକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୯ | ୨୦୯ | ୨୪୮ | ୦.୨୭ | ୦.୧୫ | ହରିଶ୍ଚନ୍ଦ୍ର ରଣା, ପିତା: ଭୀମସେନ ରଣା ଓଗେର, ଜା: ମାଳି, ବା: ନିଜଗାଁ | |
| ୧୪୦ | ୨୧୦ | ୫୩୧ | ୦.୧୩ | ୦.୦୪ | ହାଡ଼ିବନ୍ଧୁ ଭୂୟାଁ, ପିତା: ନିଶାକର ଭୂୟାଁ ଓଗେର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୪୧ | | ୫୪୦ | ୦.୧୧ | ୦.୧୧ | ହାଡ଼ିବନ୍ଧୁ ଭୂୟାଁ, ପିତା: ନିଶାକର ଭୂୟାଁ ଓଗେର, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୧୪୨ | ୨୧୧ | ୩୦୯ | ୦.୧୨ | ୦.୦୭ | ହାଡ଼ିବନ୍ଧୁ ବେହେରା, ପିତା: ମାଧ ବେହେରା ଓଗେର, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୩ | ୨୧୧ | ୩୧୦ | ୦.୩୯ | ୦.୨୯ | ହାଡ଼ିବନ୍ଧୁ ବେହେରା ଓଗେର, ପିତା: ମାଧ ବେହେରା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୪ | | ୩୧୧ | ୦.୧୯ | ୦.୧୬ | ହାଡ଼ିବନ୍ଧୁ ବେହେରା ଓଗେର, ପିତା: ମାଧ ବେହେରା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୫ | | ୧୭୬ | ୦.୧୪ | ୦.୧୪ | ହାଡ଼ିବନ୍ଧୁ ବେହେରା ଓଗେର, ପିତା: ମାଧ ବେହେରା, ଜା: ଖଣ୍ଡାୟତ, ବା: କରଡ଼ାପାଳ | |
| ୧୪୬ | ୨୩୨ | ୯୯୩ | ୦.୪୩ | ୦.୦୬ | ମେନକା ଧିର, ସ୍ୱାମୀ: ବଳରାମ ଧିର ଓଗେର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୪୭ | ୨୩୩ | ୧୦୧୬ | ୦.୫୩ | ୦.୪୮ | ସଦାଶିବ ଧିର, ପିତା: ବେଣୁଧର ଧିର ଓଗେର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୪୮ | ୨୧୨/୧ | ୧୭୭ | ୦.୪୬ | ୦.୪୦ | ବାବାଜୀ ଚରଣ ସେନାପତି ଓଗେର, ପିତା: କାର୍ତ୍ତିକ ଚରଣ ସେନାପତି, ଜା: କୁମ୍ଭାର, ବା: ପୁରୁଣାବାନ୍ଧଗୋଡ଼ା | |
| ୧୪୯ | ୨୧୨/୨ | ୯୮୬ | ୨.୫୨ | ୦.୭୩ | କାମିନୀ ଧିର, ସ୍ୱାମୀ: ଚନ୍ଦ୍ରଶେଖର ଧିର, ଜା: କ୍ଷତ୍ରୀୟ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୫୦ | ୨୧୨/୩ | ୫୦୬ | ୦.୩୮ | ୦.୧୧ | ମଙ୍ଗୁଳି ଚରଣ ବେହେରା, ପିତା: ବୈଷ୍ଣବ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୫୧ | ୨୧୨/୧୫ | ୨୦୨ | ୦.୪୨ | ୦.୦୭ | ରଞ୍ଜନ କୁମାର ନାୟକ ଓଗେର, ପିତା: ଦୀନବନ୍ଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୫୨ | ୨୧୨/୧୬ | ୫୪୨ | ୦.୪୦ | ୦.୨୩ | ସାବିତ୍ରୀ ବେହେରା, ସ୍ୱାମୀ: ବନମାଳି ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୫୩ | ୨୧୨/୨୮ | ୫୫୨ | ୦.୨୨ | ୦.୦୧ | ବଳରାମ ବେହେରା ଓଗେର, ପିତା: ଯୁଧିଷ୍ଠିର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୫୪ | | ୫୪୮ | ୦.୨୦ | ୦.୦୨ | ବଳରାମ ବେହେରା ଓଗେର, ପିତା: ଯୁଧିଷ୍ଠିର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୫୫ | ୨୧୨/୩୩ | ୧୦୧୧ | ୦.୨୭ | ୦.୨୭ | ରଞ୍ଜନ କୁମାର ବେହେରା ଓଗେର, ପିତା: ବଟକୃଷ୍ଣ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୫୬ | ୨୧୨/୩୩ | ୧୦୧୨ | ୦.୨୯ | ୦.୧୯ | ରଞ୍ଜନ କୁମାର ବେହେରା ଓଗେର, ପିତା: ବଟକୃଷ୍ଣ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୫୭ | ୨୧୨/୪୨ | ୩୮୩ | ୦.୨୮ | ୦.୧୧ | ହିମାଂଶୁ ଶେଖର ପଟ୍ଟନାୟକ ଓଗେର, ପିତା: ସୁବାସ ଚନ୍ଦ୍ର ପଟ୍ଟନାୟକ, ଜା: କରଣ, ବା: ପୁରୁଣାବାନ୍ଧଗୋଡ଼ା | |
| ୧୫୮ | ୨୧୨/୪୪ | ୧୩୨ | ୦.୩୭ | ୦.୨୮ | ଶ୍ରୀମତୀ ଚନ୍ଦ୍ରମଣି ବେହେରା, ସ୍ୱାମୀ: ରଙ୍ଗାଧର ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୫୯ | ୨୧୨/୬୫ | ୨୮୬ | ୦.୬୭ | ୦.୦୨ | ରଞ୍ଜନ କୁମାର ବେହେରା ଓଗେର, ପିତା: ବଟକୃଷ୍ଣ ବେହେରା, ଜା: କୁମ୍ଭାର, ବା: ନିଜଗାଁ | |
| ୧୬୦ | ୨୧୨/୬୮ | ୫୨୯ | ୦.୧୫ | ୦.୧୫ | ନିରଞ୍ଜନ ସାହୁ ଓଗେର, ପିତା: କ୍ଷେତ୍ରବାସୀ ସାହୁ, ଜା: ତେଲି, ବା: ଅଳତି | |
| ୧୬୧ | ୨୧୨/୮୨ | ୨୫୭ | ୦.୨୮ | ୦.୨୩ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ, ଜା: ଗୋପାଳ, ବା: ତିଗିରିଆ | |
| ୧୬୨ | | ୨୬୦ | ୦.୨୫ | ୦.୧୫ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ, ଜା: ଗୋପାଳ, ବା: ତିଗିରିଆ | |
| ୧୬୩ | | ୪୦୬ | ୦.୧୭ | ୦.୦୧ | ଈଶ୍ୱରଚନ୍ଦ୍ର ବାରିକ, ପିତା: ଯୁଧିଷ୍ଠିର ବାରିକ, ଜା: ଗୋପାଳ, ବା: ତିଗିରିଆ | |
| ୧୬୪ | ୨୧୨/୮୩ | ୨୫୩ | ୦.୪୦ | ୦.୪୦ | ତିଳୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୫ | ୨୧୨/୮୩ | ୨୪୭ | ୦.୫୪ | ୦.୫୪ | ତିଳୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୬ | | ୨୪୯ | ୦.୬୬ | ୦.୦୯ | ତିଳୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୭ | | ୨୫୦ | ୦.୧୦ | ୦.୧୦ | ତିଳୋତ୍ତମା ବାରିକ, ସ୍ୱାମୀ: ଈଶ୍ୱର ଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୬୮ | ୨୧୨/୧୦୩ | ୪୨୫ | ୧.୫୦ | ୦.୩୮ | ଶୈଳେନ୍ଦ୍ର ବାରିକ, ପିତା: ଗଙ୍ଗାଧର, ଜା: ଗୋପାଳ, ବା: ନିଜଗାଁ | |
| ୧୬୯ | | ୪୨୫/୧୧୮୯ | ୦.୫୮ | ୦.୩୨ | ଶୈଳେନ୍ଦ୍ର ବାରିକ, ପିତା: ଗଙ୍ଗାଧର, ଜା: ଗୋପାଳ, ବା: ନିଜଗାଁ | |
| ୧୭୦ | ୨୧୨/ ୧୦୪ | ୧୭୪ | ୦.୪୦ | ୦.୪୦ | ଇନ୍ଦୁମତୀ ସାହୁ, ସ୍ୱାମୀ: ଶୈଳେନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୭୧ | | ୧୭୫ | ୦.୨୦ | ୦.୨୦ | ଇନ୍ଦୁମତୀ ସାହୁ, ସ୍ୱାମୀ: ଶୈଳେନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୧୭୨ | ୨୧୨/ ୧୧୧ | ୨୧୬ | ୦.୧୬ | ୦.୧୬ | ମଧୁସୂଦନ ରାଉତ, ପିତା: ଜାଇଗ ରାଉତ, ଜା: ମାଟିବଂଶ ତନ୍ତି, ବା: ନିଜଗାଁ | |
| ୧୭୩ | ୨୧୨/ ୧୧୩ | ୨୯୪/୧୩୦୬ | ୧.୦୦ | ୦.୫୯ | ସୀତାଞ୍ଜଳି ନାୟକ, ପିତା: ରାଜକିଶୋର ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୭୪ | ୨୧୨/ ୧୧୪ | ୫୩୭ | ୦.୨୫ | ୦.୧୩ | କାର୍ତ୍ତିକ ଚନ୍ଦ୍ର ବେହେରା, ପିତା: ନିତ୍ୟାନନ୍ଦ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୫ | ୨୧୨/ ୧୧୭ | ୪୯୨ | ୦.୭୫ | ୦.୩୫ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୬ | | ୫୩୮ | ୦.୨୩ | ୦.୨୩ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୭ | | ୫୨୭ | ୦.୪୦ | ୦.୩୩ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୮ | | ୫୩୦ | ୦.୪୫ | ୦.୧୬ | ଚଞ୍ଚଳା ବେହେରା, ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୭୯ | ୨୧୨/ ୧୧୮ | ୨୮୯ | ୦.୨୩ | ୦.୨୧ | କାଞ୍ଚନବାଳା ନାୟକ, ସ୍ୱାମୀ: କୃପାସିନ୍ଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୮୦ | ୨୧୨/ ୧୪୩ | ୯୯୪ | ୦.୧୩ | ୦.୦୩ | ପ୍ରମିଳା ସେନାପତି, ସ୍ୱାମୀ: ବିଷ୍ଣୁଚରଣ ସେନାପତି ଓଗେର, ଜା: ମାଳାକାର, ବା: ନିଜଗାଁ | |
| ୧୮୧ | ୨୧୨/ ୧୪୪ | ୨୨୧ | ୦.୨୭ | ୦.୧୨ | ପ୍ରସନ୍ନ କୁମାର ବେହେରା ଓଗେର, ପିତା: ହରିହର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୮୨ | ୨୧୨/ ୧୪୪ | ୨୧୨/୧୨୦୫ | ୦.୦୧ | ୦.୦୧ | ପ୍ରସନ୍ନ କୁମାର ବେହେରା ଓଗେର, ପିତା: ହରିହର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୮୩ | ୨୨୪ | ୫୨୨ | ୦.୬୭ | ୦.୨୩ | ସେକ୍ ବୁଲା, ପିତା: ସେକ୍ ଜାନ, ଜା: ମୁସଲମାନ, ବା: ଗଡ଼ବାନ୍ଧଗୋଡ଼ା | |
| ୧୮୪ | ୧୨୦ | ୯୫୬ | ୨.୦୩ | ୦.୯୦ | ବିନୋଦିନୀ ଧିର, ସ୍ୱାମୀ: ରଘୁନାଥ ଧିର, ଜା: ମହାଲାଏକ, ବା: ପୁରୁଣାବାନ୍ଧଗୋଡ଼ା | ଗୋଚର ବଦଳି |
| ୧୮୫ | ୫୦ | ୫୬୭ | ୦.୬୯ | ୦.୦୯ | ଗିରିଧାରୀ ରଣା, ପିତା: ଶିବ ରଣା, ଜା: ମାଳି, ବା: ନିଜଗାଁ | ଦେବ ସ୍ଥଳୀ ବଦଳି |
| ୧୮୬ | ୧୫୩ | ୫୨୮ | ୦.୨୨ | ୦.୦୩ | ମଙ୍ଗଲୁ ବେହେରା, ପିତା: ବୈଷ୍ଣବ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| | | | ମୋଟ | ୩୬.୫୬ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୧୮୩ (ଏକ ଶହ ତେୟାଅଶୀ), ମୋଟ ଅଧିଗୃହୀତ ଜମି: ୩୬.୫୬ ଏକର ।

24046/14/0002/1819

## ସଂକ୍ଷେପରେ

### ଆଜି ପୁରୀ ବାର କାର୍ଯ୍ୟବନ୍ଦ

**ପୁରୀ ଅଫିସ,୨୦।୨:** ଓଡ଼ିଶା ବନ୍ଦକୁ ଦୃଷ୍ଟିରେ ରଖି ପୁରୀ ବାର୍ ଆସୋସିଏଶନ ପକ୍ଷରୁ ଗୁରୁବାର କୋର୍ଟ କାର୍ଯ୍ୟ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିବା ବାର୍ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ ବୁଧବାର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ଏନେଇ ବାର କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା, ଏଥିରେ ଓଡ଼ିଶା ବନ୍ଦ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବନ୍ଦ ଯୋଗୁ କୋର୍ଟ, ଅନ୍ୟ ସରକାରୀ କାର୍ଯ୍ୟାଳୟ ମଧ ବନ୍ଦ ରହିବା ଆଶଙ୍କା ରହିଛି।

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି



**ଖଣ୍ଡପଡା,୨୦।୨(ସ୍ୱ.ପ୍ର.):** ଜମ୍ମୁ-କଶ୍ମୀରର ପୁଲୱାମାରେ ଭାରତୀୟ ସିଆରପିଏଫ୍ ଯବାନଙ୍କ ଉପରେ ଆତଙ୍କବାଦୀମାନଙ୍କ ବର୍ବରୋଚିତ ଆକ୍ରମଣ ସମଗ୍ର ଦେଶକୁ ଦୋହଲାଇ ଦେଇଥିବା ବେଳେ ଶହୀଦ ଯବାନଙ୍କ ପ୍ରତି ଦେଶବ୍ୟାପୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବଡବାଣପୁର ସରପଞ୍ଚ ପ୍ରଦୀପ କୁମାର କରଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ଶହୀଦମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ମହମବତୀ ପ୍ରଜ୍ୱଳନ କରି ପାକିସ୍ତାନ ମୁର୍ଦ୍ଦବାଦ, ଭାରତମାତାକି ଜୟ ଧ୍ୱନୀ ଦେଇଥିଲେ। ସେହିପରି ସିଧାମୂଳା ଗ୍ରାମ ସଭାପତି ଉଦୟ ନାଥ ମିଶ୍ର, ସମ୍ପାଦକ ପୀତବାସ ମନ୍ତ୍ରୀ ଗ୍ରାମସଭାର ସମସ୍ତ ସଦସ୍ୟା ସଦସ୍ୟ, ଜଗନ୍ନାଥ ମାତୃମଣ୍ଡଳୀ ସଦସ୍ୟା, ଅବସରପ୍ରାପ୍ତ ନୌବାହିନୀ କମାଣ୍ଡର ଲକ୍ଷ୍ମୀ ପ୍ରସାଦ ମିଶ୍ର, ସିଆରଏଫ୍ ଯବାନ ପ୍ରକାଶ ଚନ୍ଦ୍ର ଦଳେଇଙ୍କ ସମେତ ୪ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ଗ୍ରାମବାସୀ ଏକ ବିଶାଳ ମହମବତୀ ଶୋଭାଯାତ୍ରାରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଅମରଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସମସ୍ତେ ମହମବତୀ ପ୍ରଜ୍ୱଳନ କରି ଗ୍ରାମ ପରିକ୍ରମା କରି ପାକିସ୍ତାନ ବିରୁଦ୍ଧରେ ନାନା ନାରାବାଜୀ ଦେଇଥିଲେ। ଶହୀଦ ଯବାନ ଅମର ରହେ ଧ୍ୱନୀରେ ଗ୍ରାମ ଦାଣ୍ଡପ୍ରକମ୍ପିତ ହୋଇ ଉଠିଥିଲା।

### ଶାସ୍ତ୍ରୀ ୨ୟ ବର୍ଷ ପରୀକ୍ଷା ଘୁଞ୍ଚିଲା

**ପୁରୀ ଅଫିସ,୨୦।୨:** ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ଶାସ୍ତ୍ରୀ ଦ୍ୱିତୀୟ ବର୍ଷ ପରୀକ୍ଷା କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ଗୁରୁବାର ଓଡ଼ିଶା ବନ୍ଦକୁ ଦୃଷ୍ଟିରେ ରଖି ପରୀକ୍ଷାକୁ ମାର୍ଚ୍ଚ ୧ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ମଧୁସୂଦନ ମିଶ୍ର କହିଛନ୍ତି। ଏତଦ୍ ବ୍ୟତୀତ ଅନ୍ୟାନ୍ୟ ପରୀକ୍ଷା ସୂଚୀ ଅପରିବର୍ତ୍ତିତ ରହିଛି ବୋଲି ସେ କହିଛନ୍ତି।

### ବୋମାମାଡ଼ ଘଟଣାରେ ୨ ଗିରଫ

ଭଞ୍ଜନଗର,୨୦।୨(ଡି.ଏନ.ଏ.)- ଭଞ୍ଜନଗର ପୋଲିସ ୨ଟି ବୋମା ମାଡ଼ ଘଟଣାରେ ୨ଜଣଙ୍କୁ ବୁଧବାର ଗିରଫ କରିଛି। ସନ୍ଧ୍ୟାରେ ଅଭିଯୁକ୍ତମାନଙ୍କୁ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଭଞ୍ଜନଗର ସ୍ୱତନ୍ତ୍ର ଉପ କାରାଗାରକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଗତ ସପ୍ତାହରେ ଭଞ୍ଜନଗର ସହର ପୁରୁଣା ବଜାର ସାହିର ଏମ୍.ଡି. ଇମ୍ରାନ ମୁଖ୍ୟସଡକର ପ୍ରମୁଖ ବ୍ୟବସାୟ ପ୍ରତିଷ୍ଠାନକୁ ଲକ୍ଷ୍ୟ କରି ବୋମା ମାଡ଼ କରିଥିଲେ। ପୋଲିସ ପରବର୍ତ୍ତୀ ପର୍ଯ୍ୟାୟରେ ଇମ୍ରାନଙ୍କୁ ଏନ୍‌କାଉଣ୍ଟର କରି କାବୁ କରିଥିଲେ। ଏବଂ ଏହି ଘଟଣାରେ ସମ୍ପୃକ୍ତ ସଞ୍ଜିତ ନାୟକଙ୍କୁ ବୁଧବାର ଗିରଫ କରାଯାଇଛି। ସେହିଭଳି ଇମ୍ରାନଙ୍କୁ ଗଣ୍ଡିଶୁଳା ନିକଟରେ ଏନକାଉଣ୍ଟର କରି ପୋଲିସ ଧରିବା ସମୟରେ କେଶବ ସାହାଣି ପୋଲିସ ଉପରକୁ ବୋମା ମାଡ଼ କରିଥିଲା। ତେଣୁ ଉକ୍ତ ମାମଲାରେ କେଶବଙ୍କୁ ମଧ ଗିରଫ କରାଯାଇଛି। ଏହି ମାମଲାରେ ଆଉ ଜଣେ ଫେରାର ଅଛନ୍ତି। ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଭଞ୍ଜନଗର ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ ସୂଚନା ଦେଇଛନ୍ତି।

# ୨୩ରୁ ଛୁଟିରେ ଯିବେ ମେଡିକାଲ ଠିକା କର୍ମଚାରୀ

**ପୁରୀ ଅଫିସ,୨୦।୨**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ମେଡିକାଲ ଠିକା କର୍ମଚାରୀ ସଂଘର ସମସ୍ତ ୪୬ କର୍ମଚାରୀ ଆସନ୍ତା ୨୩ତାରିଖରୁ ସମୂହ ଛୁଟିରେ ଯିବେ। ଏନେଇ ସଂଘ ପକ୍ଷରୁ ମେଡିକାଲ ପରିସରରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଜିଲା ସ୍ୱାସ୍ଥ୍ୟ ସମିତି ଓ ରୋଗୀ କଲ୍ୟାଣ ସମିତି ଅଧୀନରେ ୨୦୦୩ ମସିହାରୁ ଆଟେଣ୍ଡାଣ୍ଟ, ସୁଇପର, ୱାସରମ୍ୟାନ, ଇଲେକ୍ଟ୍ରିସିଆନ, ଡ୍ରାଇଭର, ସିକ୍ୟୁରିଟି, ଲିଫ୍ଟମ୍ୟାନ ହେଲପର, ପ୍ଲମ୍ବର, କମ୍ପ୍ୟୁଟର ସହାୟକ, ଗ୍ୟାସ ଟେକ୍‌ନିସିଆନ ପଦବୀରେ ୪୬




ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ମେଡିକାଲ ଠିକା କର୍ମଚାରୀ।

କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଗତ ୧୦ମାସ ହେଲା ଏମାନଙ୍କୁ ଦରମା ପ୍ରଦାନ କରାଯାଇନାହିଁ। ଶ୍ରମ ଆଇନ ଅନୁସାରେ ଅନ୍‌ସ୍କିଲଡ୍ ମାନଙ୍କୁ ଦୈନିକ ୨୮୦ ଏବଂ ସ୍କିଲଡ୍‌ମାନଙ୍କୁ ଦୈନିକ ୩୨୦ଟଙ୍କା ପ୍ରଦାନ ଲାଗି ବ୍ୟବସ୍ଥା ରହିଛି। ଶ୍ରମ ବିଭାଗର ଏହି ଆଇନକୁ ମେଡିକାଲ କର୍ତ୍ତୃପକ୍ଷ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଦୈନିକ ୧୫୦ଟଙ୍କାରେ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି। ବକେୟା ଦରମା ପ୍ରଦାନ ନେଇ ବାରମ୍ବାର ଅନୁରୋଧ ସତ୍ତ୍ୱେ କୌଣସି ପଦକ୍ଷେପ ନେଉନାହାନ୍ତି। ଏହାର ପ୍ରତିବାଦରେ ଗତ ଦୁଇ ସପ୍ତାହ ହେଲା କର୍ମଚାରୀମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟରତ ଅଛନ୍ତି ବୋଲି ସଂଘ ସଭାପତି ଆଇନଜୀବୀ ଶରତ ଚନ୍ଦ୍ର ରାୟଗୁରୁ କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କର୍ମଚାରୀମାନେ ସମୂହ ଛୁଟିରେ ଯିବା ସହ ମେଡିକାଲ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେବେ ବୋଲି ସେ କହିଛନ୍ତି। ଶ୍ରମ ବିଭାଗର ନିୟମାନୁସାରେ ସର୍ବନିମ୍ନ ମଜୁରି, ବକେୟା ଦରମା, ଖାଲିପଡିଥିବା ପଦବୀ ପୂରଣ, ସମାନ କାମକୁ ସମାନ ଦରମା, ଇପିଏଫ ଓ ଇଏସଆଇ, ଛୁଟି ପ୍ରଦାନ, ସମସ୍ତ କର୍ମଚାରୀଙ୍କୁ ବୋନସ ସହ ବର୍ଷକୁ ଦୁଇହଳ ପୋଷାକ ପ୍ରଦାନ ଲାଗି ସେ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ସଂଘ ସମ୍ପାଦକ ଅନିଲ କୁମାର ମୁଦୁଲି ଓ କାର୍ଯ୍ୟକାରୀ ସଭାପତି ତ୍ରିନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ମୁକୁଳା ଡ୍ରେନ୍‌ରେ ପଡ଼ିଲା ହରିଣ
## ଉଦ୍ଧାର ପରେ ବାଲୁଖଣ୍ଡରେ ଛଡ଼ାଗଲା

**ପୁରୀ ଅଫିସ,୨୦।୨**

ବାଲୁଖଣ୍ଡ ଅଭୟାରଣ୍ୟରେ ରହୁଥିବା ହରିଣଙ୍କ ପାଇଁ ମରଣଯନ୍ତା ପାଲଟିଛି ଆଖପାଖର ମୁକୁଳା ଡ୍ରେନ୍। ରାତିରେ ହରିଣପଲ୍ଲ ଜଙ୍ଗଲ ଛାଡି ବାହାରକୁ ବିଚରଣ କରିବାକୁ ଆସିବା ବେଳେ ଅନେକ ସମୟରେ ଡ୍ରେନ୍‌ରେ ପଡ଼ି ମୃତାହତ ହେଉଛନ୍ତି। ଗତ ମାସ ୧୮ ତାରିଖରେ ବାଲିଘାଟ-ଗୋପାଳପୁର ରାସ୍ତାର ତ୍ରିନାଥ ନଗର ଛକ ନିକଟ ଡ୍ରେନରୁ ୨ଟି ହରିଣଙ୍କ ମୃତଦେହ ମିଳିଥିଲା। ବୁଧବାର ପୁଣି ମୁକୁଳା ଡ୍ରେନ୍‌ରେ ପଡିଥିବା ଏକ ହରିଣକୁ ଉଦ୍ଧାର କରାଯାଇ ବାଲୁଖଣ୍ଡ ଅଭୟାରଣ୍ୟରେ ଛଡ଼ାଯାଇଛି। ସୂଚନା ମୁତାବକ, ହେଲିପ୍ୟାଡରୁ ପିକେଆରଆଇଟି କଲୋନୀକୁ ଯାଇଥିବା ରାସ୍ତା ପାର୍ଶ୍ୱରେ ଡ୍ରେନ୍ ମୁକୁଳା ରହିଛି। ପ୍ରାୟ ୪ ଫୁଟରୁ ଅଧିକ ଗଭୀର ଏହି ଡ୍ରେନ୍‌ରେ ବର୍ତ୍ତମାନ ପାଣି ଶୁଖି ଯାଇଥିବାବେଳେ ଅଳିଆ ଆବର୍ଜନା ଗଦା ହୋଇଛି। ବୁଧବାର ସକାଳେ ଏକ ହରିଣ ଏହି ଡ୍ରେନ୍‌ରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବିଭାଗ ଏବଂ ବନ ବିଭାଗକୁ ଖବର ଦେଇଥିଲେ। ବିଭାଗର କର୍ମଚାରୀମାନେ ପହଞ୍ଚି ହରିଣକୁ ଡ୍ରେନରୁ ଉଦ୍ଧାର କରିଥିଲେ। ହରିଣଟିର କୌଣସି କ୍ଷତି ହୋଇ ନ ଥିଲା। ପରେ ଫରେଷ୍ଟର ଭୀମସେନ ଦାଶ, ଫରେଷ୍ଟ ଗାର୍ଡ ସାରିକା ମହାନ୍ତି ଏବଂ ପୋଚିଂ ସ୍କ୍ୱାଡ୍ ସଦସ୍ୟମାନେ ହରିଣଟିକୁ ନେଇ ବାଲୁଖଣ୍ଡ ଅଭୟାରଣ୍ୟରେ ଛାଡିଥିଲେ। ଏହି ମାଈ ହରିଣଟିର ବୟସ ପ୍ରାୟ ୩ ବର୍ଷ ହେବ ବୋଲି ବନ କର୍ମଚାରୀ କହିଛନ୍ତି।



ଉଦ୍ଧାର ହୋଇଥିବା ହରିଣ।

# ମୁଁ ସାଧାରଣ ଯୁବ ଅସାଧାରଣ ଲକ୍ଷ୍ୟ କାର୍ଯ୍ୟକ୍ରମ

**ଭାପୁର,୨୦।୨(ଡି.ଏନ୍.ଏ.)**

ଯୁବତୀଯୁବକଙ୍କ ମଧ୍ୟରେ ଲୁଚିରହିଥିବା ପ୍ରତିଭା ଉନ୍ମୋଚନ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମର ଅଂଶବିଶେଷ ମୁଁ ସାଧାରଣ ଯୁବ ଅସାଧାରଣ ଲକ୍ଷ୍ୟ କାର୍ଯ୍ୟକ୍ରମ ବୁଧବାର ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତରେ ଆୟୋଜିତ ହୋଇଛି। ବ୍ଲକସ୍ତରୀୟ ଏହି କାର୍ଯ୍ୟକ୍ରମକୁ ବିଧାୟକ ଅନୁଭବ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତର ବିଜେଡି ସଭାପତି କାହ୍ନୁ ଚରଣ ମହାପାତ୍ର ଏହାକୁ ଆୟୋଜନ କରିଥିଲେ। ଅତିଥି ଭାବେ ପଞ୍ଚାୟତର ନାଏବ ସରପଞ୍ଚ କୁଳମଣି ମାଝି, ପଞ୍ଚାୟତ ଯୁବବାହିନୀ ସଭାପତି ମାନସ ନାୟକ, ସାଧୁ ଚରଣ ମକୁଟ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥଙ୍କୁ ମୁଁ ହିରୋ ପୁରସ୍କାର ପ୍ରଦାନ କରାଯାଇଥିଲା। ଯୁବବାହିନୀ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ପାଇଁ ପଞ୍ଚାୟତର ଅଖିଳେଶ ନାୟକ, ରାଜୀବ ନାୟକ, ନରେଶ ନାୟକ, ବିଜୟ ନାୟକ ଓ ସୁରଜ କୁମାର ବସନ୍ତରାଙ୍କୁ ବିଧାୟକ କପ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ।




କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଙ୍କୁ ବିଧାୟକ ପୁରସ୍କୃତ କରୁଛନ୍ତି।

## ସ୍ୱତନ୍ତ୍ର ଭୋଟର ତାଲିକା ପଞ୍ଜୀକରଣ ସଚେତନତା

**ଦିଗପହଣ୍ଡି,୨୦।୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ଭୋଟର ତାଲିକାରେ ପଞ୍ଜୀକୃତ ହୋଇଥିବା ଯୁବ ଭୋଟରଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏ ନେଇ ବୁଧବାର ସ୍ଥାନୀୟ ବିଜୁ ପଟ୍ଟନାୟକ ମହିଳା କଲେଜରେ ସଚେତନତା ସଭା ହୋଇଥିଲା। ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ରମାକାନ୍ତ ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସିଡିପିଓ ଯଶୋବନ୍ତୀ ସାହୁ, ଅଙ୍ଗନୱାଡି ସୁପରଭାଇଜର ମନୀଷାରାଣୀ ପଟ୍ଟନାୟକ, କନକଲତା ବେହେରା, କଲେଜ ଅଧକ୍ଷା ସ୍ୱାଗତିକା ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ୧୮ରୁ ୨୦ ବର୍ଷର ମହିଳା ଭୋଟର ସଂଖ୍ୟା ଆନୁପାତିକ କମ୍ ଥିବାରୁ ଏଥିରେ ଛାତ୍ରୀମାନଙ୍କୁ ସାମିଲ କରାଯିବା ପାଇଁ ଗଞ୍ଜାମ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ପରାମର୍ଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ଏଭଳି ଅଭିଯାନ ଆରମ୍ଭ କରାଯାଇଛି ବୋଲି ଗ୍ରାମପଞ୍ଚାୟତ ଅଧିକାରୀ କହିଥିଲେ। ୧ ଜାନୁୟାରୀ ୨୦୧୯ ତାରିଖ ସୁଦ୍ଧା ଯେଉଁ ଛାତ୍ରୀଛାତ୍ର ଓ ଯୁବତୀ ଯୁବକଙ୍କ ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ ସେମାନେ ଫର୍ମ ନଂ. ୬ରେ ବୁଥସ୍ତରୀୟ ଅଧିକାରୀଙ୍କ ନିକଟରେ ନିର୍ଦ୍ଧାରିତ ସମୟ ସୀମା ମଧରେ ଆବେଦନ କରିପାରିବେ। ବ୍ଲକ ଅଧୀନ ଖେମୁଣ୍ଡି କଲେଜ, ଭୀଷ୍ମଗିରି ଗ୍ରାମସ୍ଥିତ ରାମଜୀ କଲେଜ ଏବଂ ବମକେଇ ଗ୍ରାମସ୍ଥିତ ଚିଦାନନ୍ଦ ସରସ୍ୱତୀ କଲେଜରେ ପର୍ଯ୍ୟାୟକ୍ରମେ ଖୁବଶୀଘ୍ର ସଚେତନତା କାର୍ଯ୍ୟକ୍ରମ ହେବ ବୋଲି ଜଣାପଡ଼ିଛି।



ଉପସ୍ଥିତ ଛାତ୍ରୀ ଓ ଅଙ୍ଗନୱାଡି କର୍ମୀ।

# ଅନ୍ନଦାନ ଆଟିକାକୁ ନେଇ କେଁ

**ପୁରୀ ଅଫିସ,୨୦।୨**

ଶ୍ରୀମନ୍ଦିରରେ ସଂସ୍କାର ଏବଂ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେଉଛି ମନ୍ଦିର ପ୍ରଶାସନ। ଏ ସମ୍ପର୍କିତ ମାମଲା ଏବେ ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ସର୍ବୋଚ୍ଚ ଅଦାଲତ ତାଙ୍କ ଅନ୍ତରୀଣ ଆଦେଶରେ ଯେଉଁ ୧୨ ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସେଥିମଧ୍ୟରେ ରହିଛି ଅନ୍ନଦାନ ଆଟିକା। ଏଥିପାଇଁ ସଂଗ୍ରହ କରାଯାଉଥିବା ଦାନ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ତେବେ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଅନ୍ନଦାନ ଆଟିକା ବ୍ୟବସ୍ଥା ଉଲ୍ଲେଖ ଥିବାରୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ ନ କରି ସୁବ୍ୟବସ୍ଥିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଉଦ୍ୟମ କରୁଛି। ହେଲେ ଏହା ଉପରେ କେଉଁ ନିଯୋଗର ହକ୍ ରହିବ ତାହାକୁ ନେଇ ଉଠିଛି କେଁ।

ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନ୍ନଦାନ ଆଟିକା ବ୍ୟବସ୍ଥାର ସୁପରିଚାଳନା ଲାଗି ବୈଠକ ବସିଥିଲା। ଏଥିରେ ସମ୍ପୃକ୍ତ ପ୍ରତିହାରୀ, ସୁଆର ମହାସୁଆର, ପୂଜାପଣ୍ଡା ଏବଂ ଭିତର ସେବାୟତ ନିଯୋଗ କର୍ମକର୍ତ୍ତା ଯୋଗଦେଇଥିଲେ। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ କେବଳ ପ୍ରତିହାରୀ ଏବଂ ସୁଆର ମହାସୁଆର ନିଯୋଗ ସମ୍ପର୍କରେ ଉଲ୍ଲେଖ ଥିବାରୁ ଏ ନେଇ ବହୁ ସମୟ ତର୍ଜମା ଚାଲିଥିଲା। ଅନ୍ୟ ନିଯୋଗ ଅନ୍ନଦାନ ଆଟିକା ସହିତ କାହିଁକି ସଂଶ୍ଳିଷ୍ଟ ରହୁଛନ୍ତି ତାହାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ କୌଣସି ଚୂଡ଼ାନ୍ତ ହୋଇପାରି ନ ଥିଲା। ଏଥିସହିତ ବୈଠକରେ ଯାତ୍ରୀ ପରିଚର୍ଯ୍ୟା କିପରି ଶୃଙ୍ଖଳିତ ହୋଇପାରିବ ତାହା ଉପରେ ଆଲୋଚନା ହୋଇଥିଲା। ବିଶେଷକରି ପରିଚୟପତ୍ର ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ସୂଚନାଥାଉ କି, ଗତବର୍ଷ ସେପ୍ଟେମ୍ବର ୨୨ରେ ପୂର୍ବତନ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍‌ଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସିଥିଲା। ବୈଠକ ପରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ, ଶ୍ରୀମନ୍ଦିର ପରିସରରେ ଅନ୍ନଦାନ ଆଟିକା ଭୋଗ କାର୍ଯ୍ୟାଳୟ ହୋଇପାରିବ ନାହିଁ। ଅନ୍ନଦାନ ଆଟିକା ବ୍ୟବସ୍ଥା ଯଦି ହେବ ଶ୍ରୀମନ୍ଦିର ବାହାରେ ହେବ। ଏଥିରେ ଯେଉଁ ନିଯୋଗ ସମ୍ପୃକ୍ତ ଅଛନ୍ତି ସେମାନେ ନିୟମ ଅନୁସାରେ ତାଙ୍କର ସଭାପତି, ସମ୍ପାଦକ ନିର୍ବାଚିତ କରିବେ। ସେମାନଙ୍କ ଆକାଉଣ୍ଟ ଅଡିଟ୍ କରାଯିବ। ସେମାନେ କେତେ ଟଙ୍କା ଗ୍ରହଣ କରୁଛନ୍ତି ଏବଂ ଶ୍ରୀମନ୍ଦିରକୁ ସେଥିରୁ କେତେ ଟଙ୍କା ଦାନ ଦେଉଛନ୍ତି ତାହାର ଅନୁଧ୍ୟାନ କରାଯିବ।

## ତଜଡ଼ବାଡ଼ିରେ ବସିଲା ବୈଠକ
# ହଳଦୀ ଦର, ଗାଁ ରାସ୍ତା ନିର୍ମାଣ ନେଇ ଆଲୋଚନା

**ଦାରିଙ୍ଗବାଡ଼ି,୨୦।୨(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ପଞ୍ଚାୟତ ତଜଡ଼ବାଡ଼ିରେ ମଙ୍ଗଳବାର ବୈଠକ ଆଞ୍ଚଳିକ ହଳଦୀ ଚାଷୀ ମହାସଂଘର ସମ୍ପାଦକ ବୁଲୁ ଡିଗଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ପ୍ରସଙ୍ଗ ଲୁଦୁବାନ୍ଦାଠାରୁ ତଜଡ଼ବାଡ଼ି ଗ୍ରାମକୁ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ ଓ ଗାଁକୁ ବିଦ୍ୟୁତ, ପାଇପ୍ ଯୋଗ ପିଇବା ପାଣି ଯୋଗାଣ ବ୍ୟବସ୍ଥା ଓ ହଳଦୀ କିଲୋ ପିଚ୍ଛା ଦର ୧୨୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା ଆଦି ଆଲୋଚନା କରାଯାଇଥିଲା। ଗତମାସରେ ଆରଏମସି ପକ୍ଷରୁ ଦାରିଙ୍ଗବାଡ଼ିରେ ଭେଣ୍ଡିଂ ଜୋନ କରାଯାଇ ଚାଷୀଙ୍କଠାରୁ ହଳଦୀ କିଣିବାକୁ ବ୍ଲକରେ ଅନୁଷ୍ଠିତ ଏକ ବୈଠକରେ ଆଲୋଚନା କରାଯାଇଥିଲା। ବାଲିଗୁଡ଼ା ଉପଜିଲାପାଳ ଏବଂ ବ୍ୟବସାୟୀ ସଂଘ ବୈଠକ ରେ ଯୋଗ ଦେଇଥିଲେ। ହେଲେ ଏହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନି। ଏହାକୁ ଶୀଘ୍ର କାର୍ଯ୍ୟକାରୀ କରାଯିବାକୁ ବୁଧବାର ବୈଠକରେ ଆଲୋଚନା ହୋଇଛି। ସେହିପରି ଆସନ୍ତା ୪ ତାରିଖରେ ଦାରିଙ୍ଗବାଡ଼ି ହିଲଭିୟୁପାର୍କ ନିକଟ ପଡ଼ିଆ ଠାରେ ଏକ ବୈଠକ ହେବ। ହଳଦୀ ଦର ପ୍ରସଙ୍ଗ ସମେତ ବିଭିନ୍ନ ସମସ୍ୟା, ଚାଷୀ ପଞ୍ଜୀକରଣ ସମ୍ପର୍କରେ ଉକ୍ତ ବୈଠକରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି। ବୈଠକରେ ଆଞ୍ଚଳିକ ହଳଦୀ ଚାଷୀ ମହାସଂଘର ସଭାପତି ଶୋଭରାଜ ପ୍ରଧାନ, ହିମାଂଶୁ ପ୍ରଧାନ, ସନ୍ତୋଷ ପ୍ରଧାନ, ରାଜେଶ ପ୍ରଧାନ, ଗୁପ୍ତେଶ୍ୱର ପ୍ରଧାନ, ଅରୁଣ ବେହେରା, ରାଜୀବ ପ୍ରଧାନଙ୍କ ସମେତ ବହୁ ଲୋକ ଯୋଗଦେଇଥିଲେ।

## ବାବା ପାତାଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ
# ପାନାସୋନିକ୍ ଚାମ୍ପିୟନ୍

**ଆସିକା,୨୦।୨(ଡି.ଏନ୍.ଏ.)**

ଆସିକା ବ୍ଲକର କେନ୍ଦୁପଦର ପଞ୍ଚାୟତ ଚାଟୁଲାଗ୍ରାମରେ ଚାଲିଥିବା ବାବା ପାତାଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଫାଇନାଲ ମ୍ୟାଚ୍ ଆସିକା ପାନାସୋନିକ୍ ଓ ଚେରମାରିୟା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଆସିକା ପାନାସୋନିକ୍ ଚାମ୍ପିୟନ୍ ହୋଇଛି। ଟସ୍ ଜିଣି ପାନାସୋନିକ୍ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୨୨୦ ରନ୍ କରିଥିବାବେଳେ ଚେରମାରିଆ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୦୨ ରନ୍ କରି ପରାଜିତ ହୋଇଥିଲା। ପାନାସୋନିକ୍ ଦଳର ରାମକୃଷ୍ଣ ସାହୁ ୫୧ ବଲ୍‌ରେ ୧୦୦ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଚେରମାରିଆ ଦଳର ଶିବରାମ ପ୍ରଧାନ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସୁଦାମ ଦୋରା, ସନ୍ତୋଷ ଖଟେଇ, ରାଜେଶ ଜେନା, ବିଦେଶୀ ଖଟେଇ, ଅନୀଲ ଗୌଡ଼ ଓ ବୁଲୁରାମ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଆସିକା ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକ ମୁଖ୍ୟଅତିଥି ରୂପେ ଯୋଗଦେଇ ବିଜୟୀ ଦଳକୁ ୧୫ ହଜାର ୧ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ ଦଳକୁ ୧୦ ହଜାର ୧ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଟୁଟୁ ମଳିକ, ଏମ୍‌ପିସିଏସ୍ ସଭାପତି ସୂର୍ଯ୍ୟକାନ୍ତ ପରିଡ଼ା, ସରପଞ୍ଚ ମନୋଜ ପଲେଇ, ଜିତୁ ବିଷୋୟୀ, କାମରାଜୁ ଭୋଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁବ ନେତା ଟୁଟୁ ମଳିକଙ୍କ ଉଦ୍ୟମରେ ଏହି ଟୁର୍ନାମେଣ୍ଟ ଜାନୁୟାରୀ ୨୬ରୁ ଆରମ୍ଭ ହୋଇଥିଲା। ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରୁ ୧୬ଟି ଦଳ ଏଥିରେ ଭାଗନେଇଥିଲେ।




ବିଜୟୀ ଦଳକୁ ମୁଖ୍ୟଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

## ବୁରାଙ୍ଗିଆ ଗ୍ରାମବାସୀଙ୍କ ଚେତାବନୀ
# ବିଦ୍ୟୁତ୍ ସେବା ନ ମିଳିଲେ ଭୋଟ ବର୍ଜନ

**ଦାରିଙ୍ଗବାଡି,୨୦।୨(ଡି.ଏନ.ଏ)**

ଦାରିଙ୍ଗବାଡ ବ୍ଲକ କିରିକୁଟି ପଞ୍ଚାୟତ ଦୁର୍ଗମ ଗ୍ରାମ ବୁରାଙ୍ଗିଆବାସୀଙ୍କୁ ଅଦ୍ୟାବଧି ବିଦ୍ୟୁତ୍ ସେବା ମିଳିନାହିଁ। ବୁଧବାର ଏନେଇ ଅଞ୍ଚଳବାସୀ ଦାରିଙ୍ଗବାଡି ବିଡିଓଙ୍କୁ ଅଭିଯୋଗ କରିବାକୁ ବ୍ଲକରେ ପହଞ୍ଚିଥିଲେ।

ସେମାନଙ୍କ ଦାବି ହେଲା, ୨୦୧୮ରେ ବିଭିନ୍ନ ଦାବି ନେଇ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବାବେଳେ ବ୍ଲକ ପ୍ରଶାସନ ବୈଠକ କରି ଲୋକଙ୍କୁ ବୁଝାଶୁଝା କରିବା ସହ ତୁରନ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଦାବି ପୂରଣ କରି ନ ଥିଲେ। ଏହାର ପ୍ରତିବାଦରେ ଅଞ୍ଚଳବାସୀ ବୁଧବାର ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା କହିଛନ୍ତି। ବିଦ୍ୟୁତ୍ ସଂଯୋଗ ନହେଲେ ଆସନ୍ତା ସାଧାରଣ ନିର୍ବାଚନକୁ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏଥି ସହ ଗ୍ରାମର ବୁଦେଲପଡି ଗ୍ରାମକୁ ବିକେଜିୱାଇ (ପଛୁଆ ବର୍ଗ ଅନୁଦାନ ପାଣ୍ଠି ଯୋଜନା)ରେ ୨ଲକ୍ଷ ଟଙ୍କା



ବୁରାଙ୍ଗିଆ ଗ୍ରାମବାସୀ ଦାରିଙ୍ଗବାଡି ବ୍ଲକକୁ ଅଭିଯୋଗ କରିବାକୁ ଆସିଛନ୍ତି।

■ବୁଦେଲପଡି ଗାଁ ରାସ୍ତା ନିର୍ମାଣରେ ବିଳମ୍ବ

■ବିଡିଓଙ୍କୁ ଭେଟିବାକୁ ପହଞ୍ଚିଲେ ଲୋକେ

ଅନୁଦାନ ରହିଥିବା ବେଳେ ଏନେଇ ଗ୍ରାମର ବୃନ୍ଦାବନ ସାହୁଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ଏଥିପାଇଁ ଗ୍ରାମସଭାରେ ପାରିତ ହୋଇଥିଲେ ମଧ ବିଡିଓ ତ୍ରିଲୋଚନ ପାତ୍ରଙ୍କ ନିକଟରେ କିଛି ଲୋକ ମିଥ୍ୟା ଦସ୍ତଖତ ମାଧ୍ୟମରେ ଅଭିଯୋଗ କରିଥିଲେ। ଏହାକୁ ରଦ୍ଦକରି ପୂର୍ବରୁ ମିଳିଥିବା କାର୍ଯ୍ୟାଦେଶକୁ କାଏମ ରଖି କାମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ବିଡିଓ ପାତ୍ରଙ୍କୁ ଗ୍ରାମବାସୀ ଭେଟିବା ପରେ ସେ କହିଲେ, ରାସ୍ତା କାର୍ଯ୍ୟରେ ଆସିଥିବା ଅଭିଯୋଗର ତଦନ୍ତ କରି ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ବିଦ୍ୟୁତ୍ ସଂଯୋଗ ନେଇ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି. ଏବଂ ବାଲିଗୁଡା ଉପଜିଲାପଳ ସିନ୍ଧେ ଦତାତ୍ରୋୟ ବାହୁସାହେବଙ୍କୁ ଜଣାଇବାକୁ ସେ ପରାମର୍ଶ ଦେଇଥିଲେ। ଗ୍ରାମର ଅଶୋକ ପ୍ରଧାନଙ୍କ ସମେତ ଧନେଶ୍ୱର ପ୍ରଧାନ, ବୃନ୍ଦାବନ ସାହୁ, ବିଜୟ ନାୟକ, ଅମ୍ବଦଳ ଦଳବେହେରା, କୁଳମଣି ବିଶୋୟୀ, ମାଳି ନାୟକ, ଝୁନୁ ପୂଜାରୀ,ଭାରତୀ ଦଳବେହେରାଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ।